# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଜୁନ୍ ୧୫/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, June 15/2024 | Page 16 | ₹ 7.00 | BALASORE

୫୦ଶ ଭାଗ ୨୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 201 | ମୂଲ୍ୟ ₹୭/-









ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟରେ ଶୁକ୍ରବାର ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ରଜ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପିଲାମାନଙ୍କୁ ଦୋଳି ଖେଳାଉଛନ୍ତି।

# ଅହଂକାରୀଙ୍କୁ ଅଟକାଇଲେ ରାମ

## କହିଲେ ଆର୍‌ଏସ୍‌ଏସ୍‌ର ଇନ୍ଦ୍ରେଶ କୁମାର

**ଜୟପୁର, ୧୪।୬**

ନିକଟରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ସଭାରେ '୪୦୦ ପାର୍' ସ୍ଲୋଗାନ ଦେଉଥିଲେ। କିନ୍ତୁ ଭାରତୀୟ ଜନତା ପାର୍ଟି (ଭାଜପା) ୨୪୦ ଆସନରେ ସୀମିତ ହୋଇ ରହିଯାଇଛି, ଯାହାକି ୨୦୧୯ ନିର୍ବାଚନ ତୁଳନାରେ ୬୩ କମ୍। ଏଭଳି ସ୍ଥିତିରେ ଭାଜପାକୁ ମେଣ୍ଟ ସହଯୋଗୀଙ୍କ ଭରସାରେ ସରକାର ଗଢ଼ିବାକୁ ପଡ଼ିଛି। ଏହାକୁ ନେଇ ଭାଜପାର ବୈଚାରିକ ମାର୍ଗଦର୍ଶକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଭାଜପାକୁ ଲଗାତର ଭାବେ ଟାର୍ଗେଟ କରିଆସୁଛି। ଅହଂକାର ଯୋଗୁ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରିପାରିଲା ନାହିଁ ବୋଲି ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ସୋମବାର ନାଗପୁର ମୁଖ୍ୟାଳୟରେ ସମାଲୋଚନା କରିଥିଲେ। ଏହାର ୩ ଦିନ ପରେ ଜୟପୁରରେ ଅନୁଷ୍ଠିତ ଏକ ସଭାରେ ବରିଷ୍ଠ ଆର୍‌ଏସ୍‌ଏସ୍‌ର ଇନ୍ଦ୍ରେଶ କୁମାର ଗୈରିକ ଦଳର ଅହଂକାରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଭଗବାନ ରାମ ଅଂହକାରୀଙ୍କୁ ୨୪୦ରେ ଅଟକାଇଦେଲେ ବୋଲି ସେ କହିଛନ୍ତି।

ଲୋକ ସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରଠୁ ଭାଜପା ଏବଂ ଆର୍‌ଏସ୍‌ଏସ୍ ମଧ୍ୟରେ ସବୁକିଛି ଠିକ୍ ଚାଲୁ ନ ଥିବା ଚର୍ଚ୍ଚା ହେଉଛି। ରାଜସ୍ଥାନର ଜୟପୁରସ୍ଥିତ କନୋଟାରେ ଗୁରୁବାର ରାମରଥ ଅଯୋଧ୍ୟା ଯାତ୍ରା ଦର୍ଶନ ପୂଜନ ସମାରୋହରେ ସଂଘର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଇନ୍ଦ୍ରେଶ କୁମାର ଯୋଗଦେଇ ଭାଜପାକୁ ପରୋକ୍ଷରେ ଆକ୍ରମଣ କରିଛନ୍ତି। ଇନ୍ଦ୍ରେଶ କହିଛନ୍ତି, ଗଣତନ୍ତ୍ରରେ ରାମରାଜ୍ୟର ବିଧାନକୁ ଦେଖନ୍ତୁ। ରାମଙ୍କୁ ଭକ୍ତି କରୁଥିବା ଦଳ ସର୍ବବୃହତ୍ ଦଳରେ ପରିଣତ ହୋଇଥିଲା। କିନ୍ତୁ ସେମାନଙ୍କ ଅହଂକାର ଯୋଗୁ ଏହି ଦଳ ନିର୍ବାଚନରେ ୨୪୦ରେ ସୀମିତ ରହିଗଲା। ଭଗବାନ ରାମ ସେମାନଙ୍କୁ ଏତିକିରେ ଅଟକାଇଦେଲେ। ଏପରି



ଇନ୍ଦ୍ରେଶ କୁମାର

କି ରାମ 'ରାବଣ' (ବିରୋଧୀ ଇଣ୍ଡିଆ ମେଣ୍ଟ)ର ମଧ୍ୟ ଭଲ କଲେ। ରାମଙ୍କ ବିରୋଧୀମାନେ ନିର୍ବାଚନରେ ଦ୍ୱିତୀୟ ସ୍ଥାନ ହାସଲ କଲେ ବୋଲି କୌଣସି ଦଳର ନାଁ ନ ନେଇ ଇନ୍ଦ୍ରେଶ କହିଛନ୍ତି। ଏହା ପୂର୍ବରୁ ନାଗପୁରସ୍ଥିତ ଆର୍‌ଏସ୍‌ଏସ୍ ମୁଖ୍ୟାଳୟରେ ଉଦ୍‌ବୋଧନ ଦେବା ଅବସରରେ ଭାଗବତ କହିଥିଲେ, ପ୍ରକୃତ ସେବକ ଅହଂକାରୀ ହୋଇପାରିବେ ନାହିଁ। ଲୋକଙ୍କ ସେବା କରିବାରେ ବିନମ୍ରତାକୁ ସେ ଗୁରୁତ୍ୱ ଦେଇଥିଲେ। ସେ ନିର୍ବାଚନ ବେଳେ ଧ୍ରୁବୀକରଣ ପ୍ରଚାର କୌଶଳକୁ ସମାଲୋଚନା କରିଥିଲେ। ଲୋକେ ପରସ୍ପରକୁ କାଦୁଅ ଫିଙ୍ଗି, ଟେକ୍ନୋଲୋଜିର ଦୁରୁପଯୋଗ କରିବା ସହ ମିଥ୍ୟା ପ୍ରଚାର କରିବାକୁ ପଛାଇନାହାନ୍ତି। ନିର୍ବାଚନ ବେଳେ ଏହା ଏକ ଦୁର୍ଭାଗ୍ୟଜନକ ବିଷୟ ବୋଲି ଭାଗବତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଅବସରରେ ସେ ଜାତିଆଣ ହିଂସା ପ୍ରଭାବିତ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଆଇନଶୃଙ୍ଖଳା ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବା ପାଇଁ କହିଥିଲେ। ନିକଟରେ ଆର୍‌ଏସ୍‌ଏସ୍ ସହ ଜଡ଼ିତ ରାଜନୈତିକ ବିଶ୍ଳେଷକ ରତନ ଶାରଦା ମଧ୍ୟ 'ଅର୍ଗାନାଇଜର୍'ର ଏକ ସ୍ତମ୍ଭରେ ନିର୍ବାଚନରେ ☞ପୃଷ୍ଠା-୪

# ଜୁଲାଇ ୧ରୁ ନୂଆ ଆପରାଧିକ ଆଇନ

## ଭର୍ଚୁଆଲ୍ ବୈଠକରେ ଯୋଗଦେଲେ ପୋଲିସ ଡିଜି

**ଭୁବନେଶ୍ୱର, ୧୪।୬ (ସତ୍ୟଜିତ୍ ରାଉତ)**

ଆସନ୍ତା ଜୁଲାଇ ୧ରୁ ଦେଶରେ ୩ ନୂଆ ଆପରାଧିକ ଆଇନ ଲାଗୁ ହେବ। ସେଗୁଡିକ ହେଲା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ। ବ୍ରିଟିଶ୍ ଅମଳରୁ ପ୍ରଚଳିତ ଆପରାଧିକ ଆଇନ ଇଣ୍ଡିଆନ୍ ପେନାଲ କୋଡ୍ (ଆଇପିସି), କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଜିଓର (ସିଆର୍‌ପିସି) ଏବଂ ଇଣ୍ଡିଆନ ଏଭିଡେନ୍ସ ଆକ୍ଟ ପରିବର୍ତ୍ତେ ଦେଶରେ ଉପରୋକ୍ତ ୩ ନୂଆ ଆଇନ କାର୍ଯ୍ୟକାରୀ ହେବ। ତେବେ ଏହାପୂର୍ବରୁ ରାଜ୍ୟଗୁଡିକରେ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଭର୍ଚୁଆଲ୍‌ରେ ଆୟୋଜିତ ବୈଠକରେ ଓଡିଶା ପୋଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ ଯୋଗଦେଇଥିଲେ। ଏଥିସହ ସମସ୍ତ ରାଜ୍ୟର ପୋଲିସ ଡିଜି, ମୁଖ୍ୟ ଶାସନ ସଚିବ, ଗୃହ ସଚିବ ମଧ୍ୟ ଏହି ବୈଠକରେ ଯୋଗଦେଇଥିଲେ। ଏହି ବୈଠକରେ ନୂଆ ଆଇନ କାର୍ଯ୍ୟକାରୀ କରିବାକୁ ବିସ୍ତୃତ ଆଲୋଚନା ହୋଇଛି। ଏନେଇ ଡିଜିପି ଷଡ଼ଙ୍ଗୀ କହିଛନ୍ତି, ଏଥିପାଇଁ ଆମ ପକ୍ଷରୁ ଅଫ୍‌ଲାଇନ ଓ ଅନଲାଇନ୍ ଟ୍ରେନିଂ ଚାଲୁରହିଛି। କ୍ରାଇମ୍ କ୍ରିମିନାଲ ନେଟୱର୍କ ସିଷ୍ଟମରେ ପରିବର୍ତ୍ତନ ଆବଶ୍ୟକ ଥିବାବେଳେ ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ଏହି କାମ କରୁଛି। ରାଜ୍ୟରେ ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏସ୍‌ସିଆର୍‌ବି) ମଧ୍ୟ ସେହି ଦିଗରେ କାର୍ଯ୍ୟ ଚଳାଇଛି। ଏହା ବ୍ୟତୀତ ଏହି ଆଇନକୁ କାର୍ଯ୍ୟକାରୀ କରିବାକୁ ଯେତେସବୁ ପ୍ରାବଧାନ ରହିଛି, ଆମ ପକ୍ଷରୁ ସେଥିପାଇଁ ପ୍ରସ୍ତୁତି ଚାଲିଛି। କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଓ ଅତିରିକ୍ତ ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ମଧ୍ୟ ଏକ ଷ୍ଟିଅରିଂ କମିଟି ଗଠନ ହୋଇଛି। ଏହି ବୈଠକରେ ରାଜ୍ୟ ପୋଲିସ ପକ୍ଷରୁ ଆବଶ୍ୟକତା ଓ ପ୍ରସ୍ତୁତି ବିଷୟରେ ଅବଗତ କରାଯାଇଥିଲା ବୋଲି ଡିଜିପି କହିଛନ୍ତି। ତେବେ ଓଡିଶା ପକ୍ଷରୁ କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି, ଏସ୍‌ସିଆର୍‌ବି ନିର୍ଦ୍ଦେଶକ, ଏସ୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ, ଆଇଜି(ଟ୍ରେନିଂ) ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବର ୨୦ରେ ଲୋକ ସଭା ଓ ୨୧ରେ ରାଜ୍ୟ ସଭାରେ ଏହି ବିଲ୍‌ଗୁଡିକ ଗୃହୀତ ହୋଇଥିଲା। ଡିସେମ୍ବର ୨୫ରେ ରାଷ୍ଟ୍ରପତି ଏହି ୩ଟି ଅଧିନିୟମକୁ ମୋହର ମାରିବା ପରେ ଏଗୁଡିକ ଆଇନରେ ପରିଣତ ହୋଇଥିଲା।

## ୟୁଏପିଏରେ ହେବ ଅରୁନ୍ଧତୀ ରାୟଙ୍କ ବିଚାର



**ନୂଆଦିଲ୍ଲୀ, ୧୪।୬**

କଶ୍ମୀରକୁ ଅଲଗା କରିବା ସପକ୍ଷରେ ମତ ଦେଇଥିବା ଲେଖିକା ଅରୁନ୍ଧତୀ ରାୟଙ୍କ ବିରୋଧରେ ଆତଙ୍କବାଦ ନିରୋଧୀ ଆଇନରେ ବିଚାର ଚାଲିବ। ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ)ରେ ତାଙ୍କ ନାଁରେ ମୋକଦ୍ଦମା ଚଳାଇବା ପାଇଁ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ମଞ୍ଜୁରୀ ଦେଇଛନ୍ତି। କଶ୍ମୀର ୟୁନିଭର୍ସିଟିର ପୂର୍ବତନ ପ୍ରଫେସର ଶୋକତ ହୁସେନ୍‌ଙ୍କ ବିରୋଧରେ ମଧ୍ୟ ଅନୁରୂପ ମାମଲା ଚାଲିବ। କଶ୍ମୀର ପ୍ରସଙ୍ଗରେ ମନ୍ତବ୍ୟ ଦେବା ନେଇସାମାଜିକ କର୍ମୀ ସୁଶୀଲ ପଣ୍ଡିତଙ୍କ ଅଭିଯୋଗକ୍ରମେ ଅରୁନ୍ଧତୀ ଓ ହୁସେନଙ୍କ ବିରୋଧରେ ୨୦୧୦ ଅକ୍ଟୋବରରେ ମାମଲା ରୁଜୁ ହୋଇଥିଲା।

# ଆଜି ମନ୍ତ୍ରୀମାନଙ୍କୁ ବଣ୍ଟାଯାଇପାରେ ବିଭାଗ

**ଭୁବନେଶ୍ୱର, ୧୪।୬ (ସୁନିତ୍ ମିଶ୍ର)**

ଓଡ଼ିଶାରେ ପ୍ରଥମ ଥର ଲାଗି ଭାଜପା ସରକାର ଗଠନ କରିଛି। ଦୀର୍ଘ ୨୪ ବର୍ଷ ଧରି କ୍ଷମତାରେ ରହିଥିବା ବିଜେଡି ସରକାରକୁ ହଟାଇ ରାଜ୍ୟରେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇସାରିବା ପରେ ଗତ ୧୨ ତାରିଖରେ ମୋହନ ଚରଣ ମାଝୀଙ୍କ ସରକାର ଶପଥ ଗ୍ରହଣ କରିଛି। ଇତିମଧ୍ୟରେ ମୋହନ ମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ ତାଙ୍କ ସହ ୨ ଜଣ ଉପମୁଖ୍ୟମନ୍ତ୍ରୀ, ୮ କ୍ୟାବିନେଟ୍ ମନ୍ତ୍ରୀଙ୍କ ସମେତ ୫ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଶପଥପାଠ କରିଛନ୍ତି। ହେଲେ ମନ୍ତ୍ରିମଣ୍ଡଳ ଶପଥ ନେବାର ୨ଦିନ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ମନ୍ତ୍ରୀମାନଙ୍କୁ ବିଭାଗ ବଣ୍ଟନ କରାଯାଇ ନ ପାରିବା ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପଟେ ବିଭାଗ ବଣ୍ଟନ କଥାକୁ ନେଇ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବାକୁ ଯାଉଛି। ସମସ୍ତ ବିଷୟ ମଧ୍ୟ ଗଣମାଧ୍ୟମକୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଜଣେ କ୍ୟାବିନେଟ୍ ପାହ୍ୟାର ମନ୍ତ୍ରୀଙ୍କ କହିବା ମୁତାବକ ଶନିବାର ସୁଦ୍ଧା କେଉଁ ମନ୍ତ୍ରୀଙ୍କୁ କେଉଁ ବିଭାଗ ମିଳିବ ସେନେଇ ଘୋଷଣା କରିଦିଆଯାଇପାରେ।

# ବାଣ ନିଷ୍କ୍ରିୟ କଲାବେଳେ ହାବିଲଦାର ମୃତ

**କଟକ, ୧୪।୬ (କାର୍ତ୍ତିକ ସାହୁ)/ଫୁଲନଖରା (ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ଜିଲା ସଦର ଥାନା ଅନ୍ତର୍ଗତ ଗୋପାଳପୁରସ୍ଥିତ କାଠଯୋଡ଼ି ନଦୀପଠାରେ ଶୁକ୍ରବାର ବାଣ ନିଷ୍କ୍ରିୟ କଲାବେଳେ ଫୁଟିଯିବାରୁ ଜଣେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ପୀରବଜାର ଅଞ୍ଚଳର ପ୍ରଦୀପ ମଲ୍ଲିକ। ସେ କଟକ ରିଜର୍ଭ ପୋଲିସ୍‌ର ବାଣ ନିଷ୍କ୍ରିୟ ଟିମ୍‌ରେ ହାବିଲଦାର ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ଦ୍ୱାରା ଜବତ ବାଣ ନଷ୍ଟ କରିବା ବେଳେ ଏଭଳି ଅଘଟଣ ଘଟିଛି। ହେଲେ ଏହି କାର୍ଯ୍ୟରେ ସାମିଲ ଥିବା ଅନ୍ୟ ୨ ଜଣ କନ୍‌ଷ୍ଟେବଲ୍ ସୌଭାଗ୍ୟକ୍ରମେ ବର୍ତ୍ତି ଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତବର୍ଷ ଦୀପାବଳି ସମୟରେ କଟକ ସଦର ଥାନା ଅଞ୍ଚଳରେ ବେଆଇନ ଭାବେ ଖୋଲିଥିବା ଦୋକାନଗୁଡିକରୁ କିଛି ବାଣ ଜବତ କରାଯାଇଥିଲା। ପରେ ଥାନାର ମାଲ୍‌ଖାନାରେ ରଖାଯାଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ. ୬୬୦/୨୩) ରୁଜୁ କରିଥିଲା। ଆବଶ୍ୟକ ବିଭାଗୀୟ ଅନୁମତି ପରେ ସେହି ବାଣଗୁଡିକୁ ନଷ୍ଟ କରିବା ପାଇଁ ଶୁକ୍ରବାର କଟକ ରିଜର୍ଭ ପୋଲିସ୍‌ର ☞ପୃଷ୍ଠା-୪

# ୧୭ରୁ ବଢ଼ିବ ବର୍ଷା

**ଭୁବନେଶ୍ୱର, ୧୪।୬ (ଅସମାପିକା ସାହୁ)**

ପଶ୍ଚିମ ଓଡ଼ିଶାରେ ଏବେ ତାପମାତ୍ରା ଅଧିକ ରହୁଥିବା ବେଳେ ଉପକୂଳରେ ଗୁଳୁଗୁଳି ଅସହ୍ୟ ହେଉଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ଏହିଭଳି ସ୍ଥିତି ଲାଗି ରହିବ। କିନ୍ତୁ ୧୭ ତାରିଖରୁ ବର୍ଷା ପରିମାଣ ବଢ଼ିବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୧୭ ତାରିଖ ଯାଏ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗୁଳୁଗୁଳି ଲାଗି ରହିବ। ଏଥିପାଇଁ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। କିନ୍ତୁ ଆଗାମୀ ୫ଦିନ ଯାଏ କାଳବୈଶାଖୀ ବର୍ଷା ବିଭିନ୍ନ ସ୍ଥାନରେ ରହିବ। ତେବେ ୧୭ରେ ନୟାଗଡ଼, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ଗଞ୍ଜାମ ଓ ଗଜପତିରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ୧୮ରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସେପଟେ ଶୁକ୍ରବାର ଉପକୂଳରେ ପ୍ରାକ୍ ମୌସୁମୀ ବର୍ଷା ଲାଗି ରହିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମାଲକାନଗିରି, କୋରାପୁଟରେ ପ୍ରବେଶ କରିଥିଲେ ମଧ୍ୟ ଆଗକୁ ଅଗ୍ରସର ହେଉନାହିଁ। ଏବେ ପାଗ ଅନୁକୂଳ ଅଛି। ଆସନ୍ତା ୪ରୁ ୫ ଦିନ ମଧ୍ୟରେ ମୌସୁମୀ ଅନ୍ୟ ଅଞ୍ଚଳକୁ ଅଗ୍ରସର ହୋଇପାରେ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ଶୁକ୍ରବାର ସୂଚନା ଦେଇଛନ୍ତି।


**ଆଜିର ସମ୍ପାଦକୀୟ**

ମେଣ୍ଟ ଗତିଶୀଳତା


# କେନ୍ଦ୍ର, ଏନ୍‌ଟିଏକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

## ଏନ୍‌ଇଇଟି ଅନିୟମିତତାର ସିବିଆଇ ତଦନ୍ତ ଆବେଦନ

**ନୂଆଦିଲ୍ଲୀ, ୧୪।୬ (ପି.ଟି.)**

ଚଳିତ ବର୍ଷର ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜିରେ ପ୍ରଶ୍ନପତ୍ର ଲିକ୍ ଓ ଅନିୟମିତତା ଅଭିଯୋଗର ସିବିଆଇ ତଦନ୍ତ ପାଇଁ ହୋଇଥିବା ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାର ଏବଂ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ଏନ୍‌ଟିଏକୁ ଜବାବ ମାଗିଛନ୍ତି। ହିତେନ ସିଂ କାଶ୍ୟପ ଓ ଅନ୍ୟମାନଙ୍କ ଦ୍ୱାରା ଦାଏର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ୍ ମେହେଟ୍ଟାଙ୍କ ଖଣ୍ଡପୀଠ ସିବିଆଇ ଏବଂ ବିହାର ସରକାରଙ୍କୁ ମଧ୍ୟ ୨ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି। ଅନ୍ୟ ପିଟିଶନଗୁଡ଼ିକ ସହ ଉପରୋକ୍ତ ପିଟିଶନ୍‌ର ଶୁଣାଣି ଜୁଲାଇ ୮ରେ ହେବ।

ଶୁକ୍ରବାର ଶୁଣାଣି ସମୟରେ ଛାତ୍ରମାନଙ୍କ ପକ୍ଷର ଜଣେ ଓକିଲ ସିବିଆଇ ତଦନ୍ତ ଏବଂ ଏନ୍‌ଇଇଟି କାଉନସେଲିଂ ସ୍ଥଗିତ ରଖିବା ପାଇଁ



ଦାବି କରିବା ସହ ରାଜସ୍ଥାନର କୋଟା ଆତ୍ମହତ୍ୟା ପ୍ରସଙ୍ଗ ଉଠାଇବାରୁ ଖଣ୍ଡପୀଠ କ୍ଷୁବ୍ଧ ହୋଇଥିଲେ। ଅନାବଶ୍ୟକ ଭାବାବେଗ ସୃଷ୍ଟିକାରୀ ଯୁକ୍ତି ନ କରିବା ପାଇଁ ଜଷ୍ଟିସ୍ ନାଥ କହିବା ସହ କାଉନ୍‌ସେଲିଂ ଉପରେ ରୋକ୍ ଲଗାଇବାକୁ ମନା କରିଦେଇଥିଲେ। ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବା ପୂର୍ବରୁ ଏନ୍‌ଟିଏର ଜବାବ ଜରୁରୀ। ୧,୫୬୩ ପରୀକ୍ଷାର୍ଥୀଙ୍କ ଗ୍ରେସ୍ ମାର୍କକୁ ବାତିଲ କରାଯାଇଥିବା କେନ୍ଦ୍ର ଏବଂ ଏନ୍‌ଟିଏ ଗୁରୁବାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ସେମାନେ ଚାହିଁଲେ ପୁନର୍ବାର ପରୀକ୍ଷା ଦେଇପାରିବେ ନଚେତ ସେମାନଙ୍କୁ ମିଳିଥିବା ଗ୍ରେସ୍ ମାର୍କ ହରାଇବାକୁ ପଡ଼ିବ। ଏନ୍‌ଇଇଟି-ୟୁଜି ପରୀକ୍ଷା ବିବାଦକୁ ନେଇ ବିଭିନ୍ନ ହାଇକୋର୍ଟରେ ମାମଲାଗୁଡ଼ିକ ବିଚାରାଧୀନ ଥିବାରୁ ସେଗୁଡ଼ିକୁ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ଏନ୍‌ଟିଏ ଆବେଦନ କରିଥିଲା। ଏହାର ଶୁଣାଣି କରି ଖଣ୍ଡପୀଠ ବିଭିନ୍ନ ଘରୋଇ ପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି।

ସୂଚନାଯୋଗ୍ୟ, ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ଗତ ମେ' ୫ରେ ୨୪ ଲକ୍ଷ ଛାତ୍ରୀଛାତ୍ର ଦେଶର ୪,୭୫୦ ସେଣ୍ଟରରେ ଏନ୍‌ଇଇଟି-ୟୁଜି ପରୀକ୍ଷା ଦେଇଥିଲେ। ଜୁନ୍ ୧୪ରେ ପରୀକ୍ଷା ଫଳ ପ୍ରକାଶ ପାଇବା ଆଶା କରାଯାଉଥିବାବେଳେ ୪ ତାରିଖ ଲୋକ ସଭା ନିର୍ବାଚନ ଭୋଟଗଣନା ଦିନ ଘୋଷଣା କରାଯାଇଥିଲା। ବିହାର ଭଳି କେତେକ ରାଜ୍ୟରେ ପ୍ରଶ୍ନପତ୍ର ଲିକ୍ ହେବା ସହ ପରୀକ୍ଷାରେ ଅନିୟମିତତା ନେଇ ଅଭିଯୋଗ ☞ପୃଷ୍ଠା-୪

## ସଂକ୍ଷେପରେ

### ସେନାକୁ ମିଳିଲା ନାଗାସ୍ତ୍ର-୧ ଡ୍ରୋନ୍

ନୂଆଦିଲ୍ଲୀ,୧୪।୬

ନାଗପୁରର ସୋଲାର ଇଣ୍ଡଷ୍ଟ୍ରିଜ୍ ଦ୍ୱାରା ପ୍ରସ୍ତୁତ ନାଗାସ୍ତ୍ର-୧ ଡ୍ରୋନ୍ ଭାରତୀୟ ସେନାକୁ ହସ୍ତାନ୍ତର କରାଯାଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ସୁଇସାଇଡ୍ ଡ୍ରୋନ୍ ନିର୍ଦ୍ଧାରିତ ଟାର୍ଗେଟକୁ ଠାବ କରିବା ସହ ଆକ୍ରମଣ କରିବ। ଜରୁରୀ କ୍ରୟ କ୍ଷମତା ବଳରେ ୪୮୦ଟି ନାଗାସ୍ତ୍ର ଡ୍ରୋନ୍ କିଣିବା ପାଇଁ ସେନା ସୋଲାର ଇଣ୍ଡଷ୍ଟ୍ରିଜ୍‌ର ଇକୋନୋମିକ୍ସ ଏକ୍ସପ୍ଲୋସିଭ୍ସ ଲିଃ(ଇଇଏଲ୍)କୁ ଅର୍ଡର କରିଥିଲା। ଏହି କ୍ରମରେ ଇଇଏଲ୍ ପ୍ରଥମ ଦଫାରେ ସେନା ଗୋଳାବାରୁଦ ଡିପୋକୁ ୧୨୦ଟି ଆତ୍ମଘାତୀ ଡ୍ରୋନ୍ ଯୋଗାଇଦେଇଛି। ନାଗାସ୍ତ୍ର-୧ର ବିଶେଷତ୍ୱ ହେଲା ଏହା ଆକାଶରେ ଉଡ଼ି ନିର୍ଦ୍ଦିଷ୍ଟ ଟାର୍ଗେଟକୁ ଆକ୍ରମଣ କରିଥାଏ। ଆବଶ୍ୟକ ପଡ଼ିଲେ ଆକ୍ରମଣକୁ ବନ୍ଦ କରି ନିରାପଦରେ ଫେରିଆସିପାରିବ। ଟାର୍ଗେଟକୁ ମାଡ଼ କରିବା ପୂର୍ବରୁ ଏହାକୁ ଠାବ କରିବା ପାଇଁ ନାଗାସ୍ତ୍ର-୧ ଆକାଶରେ ଚକ୍କର କାଟୁଥିବାରୁ ଏହାକୁ ଲୋଏଟେରିଂ ମୁନିଶନ ଭାବେ ନାମିତ କରାଯାଇଛି।

### ଦର୍ଶନ ମାମଲାରେ ଟ୍ୟାକ୍ସି ଡ୍ରାଇଭରଙ୍କ ଆତ୍ମସମର୍ପଣ

ନୂଆଦିଲ୍ଲୀ,୧୪।୬

ଲୋକପ୍ରିୟ କନ୍ନଡ ଅଭିନେତା ଦର୍ଶନ ଥୁଗୁଦୀପା ଓ ତାଙ୍କ ବାନ୍ଧବୀ ପବିତ୍ରା ଗୌଡ଼ା ଅଭିଯୁକ୍ତ ଥିବା ଏକ ହତ୍ୟା ମାମଲାର ତଦନ୍ତ ଚାଲିଥିବାବେଳେ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆତ୍ମସମର୍ପଣ ଉକ୍ତ ମାମଲାକୁ ନୂଆ ମୋଡ଼ ଦେଇଛି। ହତ୍ୟାର ଶିକାର ହୋଇଥିବା ରେଣୁକା ସ୍ୱାମୀଙ୍କୁ ସେଦିନ ଡ୍ରାଇଭର ରବି ନିଜ ଟ୍ୟାକ୍ସିରେ କର୍ଣାଟକର ଚିତ୍ରଦୁର୍ଗରୁ ରାଜଧାନୀ ବେଙ୍ଗାଲୁରୁକୁ ନେଇଥିଲେ। ଚିତ୍ରଦୁର୍ଗ ଡିଏସ୍‌ପିଙ୍କ ନିକଟରେ ରବି ରବିବାର ରାତିରେ ଆତ୍ମସମର୍ପଣ କରିଛନ୍ତି। ଗତ ୮ରେ ରେଣୁକାଙ୍କୁ ବେଙ୍ଗାଲୁରୁ ଆଣିବା ପାଇଁ ରଘୁ ଓରଫ ରାଘବେନ୍ଦ୍ର ଓ ଅନ୍ୟମାନେ ଟ୍ୟାକ୍ସି ଯୋଗାଡ଼ କରିଥିଲେ।

# ଭାରତ ଶାନ୍ତିପୂର୍ଣ୍ଣ ସମାଧାନ ଚାହେଁ

## ଜି୭ରେ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସହ ମୋଦି



ଜି-୭ ସମିଟ୍ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସାକ୍ଷାତ କରୁଛନ୍ତି।

ବାରି(ଇଟାଲୀ),୧୪।୬

ଭାରତ ସବୁ ସମସ୍ୟାର ମାନବକୈନ୍ଦ୍ରିକ ସମାଧାନରେ ବିଶ୍ୱାସ କରେ। ଆଲୋଚନା ଓ କୂଟନୀତି ଜରିଆରେ ୟୁକ୍ରେନ୍ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ସମ୍ଭବ। ଏଥିପାଇଁ ଭାରତ ନିଜ ସୀମାରେ ରହି ଯାହାକିଛି ପାରିବ, ସବୁ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ କହିଛନ୍ତି। ଇଟାଲୀର ଅପୁଲିଆରେ ଚାଲିଥିବା ଜି୭ ସମ୍ମିଳନୀରେ ଦୁଇନେତାଙ୍କ ମଧ୍ୟରେ ସାକ୍ଷାତ ବେଳେ ମୋଦି ଜେଲେନ୍‌ସ୍କିଙ୍କୁ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନା ବେଳେ ସୁଇଜରଲାଣ୍ଡରେ ଶନିବାର ଓ ରବିବାର ହେବାକୁ ଥିବା ୟୁକ୍ରେନ୍ ଶାନ୍ତି ସମ୍ମିଳନୀ ବିଷୟ ମଧ୍ୟ ଉଠିଥିଲା। ଏହି କନ୍‌କ୍ଲେଭ୍‌କୁ ଭାରତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପଠାଇଥିବାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜେଲେନ୍‌ସ୍କି ଧନ୍ୟବାଦ ଦେଇଛନ୍ତି।
କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ୍ ଓ ଆମେରିକା ଭଳି ଶିଳ୍ପସମୃଦ୍ଧ ରାଷ୍ଟ୍ରସମୂହକୁ ନେଇ ଜି୭ ଗଠିତ। ଭାରତ ଏହି ଗୋଷ୍ଠୀର ସଦସ୍ୟ ନ ଥିଲେ ମଧ୍ୟ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନିଙ୍କ ନିମନ୍ତ୍ରଣକ୍ରମେ ମୋଦି ସେଠାକୁ ଯାଇଛନ୍ତି। ଜି୭ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ, ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ସମେତ ଅନ୍ୟ ବିଶ୍ୱନେତାଙ୍କୁ ଭେଟିଛନ୍ତି। ଜି୭ରେ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ଯୋଗଦେବା ଅବସରରେ ବିକାଶରେ ମାନବୀୟ ମର୍ଯ୍ୟାଦାକୁ ସର୍ବାଧିକ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଛନ୍ତି। ଶକ୍ତିଶାଳୀ ଟେକ୍ନୋଲୋଜି ମଣିଷର ସମ୍ପର୍କକୁ ଆଲ୍‌ଗୋରିଦିମ୍‌ରେ ପରିଣତ କରିଦେଇଥିବା ନେଇ ସେ ସତର୍କ କରାଇଛନ୍ତି। ଏଥିସହ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଭୟାବହତା ସମ୍ପର୍କରେ ବିଶ୍ୱନେତାଙ୍କୁ ଚେତାଇଦେଇଛନ୍ତି।



ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ଜି୭ ସମ୍ମିଳନୀରେ ଯୋଗଦେବା ପାଇଁ ଇଟାଲୀରେ ପହଞ୍ଚିବା ପରେ ତାଙ୍କ ପ୍ରତିପକ୍ଷ ଜିଓର୍ଜିଆ ମେଲୋନି ଭବ୍ୟ ସ୍ୱାଗତ କରିଥିଲେ। ଫଟୋ ପାଇଁ ପୋଜ୍ ଦେବା ପୂର୍ବରୁ ମେଲୋନି ସୁନକ୍‌ଙ୍କୁ ଆଲିଙ୍ଗନ କରି ଚୁମ୍ବନ ଦେଇଥିଲେ। ଏହାର ଫଟୋ ଓ ଭିଡିଓ କ୍ଲିପ୍‌ଗୁଡ଼ିକ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହା ଉପରେ ୟୁଜର୍ସ ନାନା ପ୍ରତିକ୍ରିୟା ଦେଉଛନ୍ତି।

# ୟୁକ୍ରେନ୍ ପଛଘୁଞ୍ଚା ଦେଲେ ଯୁଦ୍ଧବିରତି

ମସ୍କୋ,୧୪।୬



ଭ୍ଲାଡିମିର ପୁଟିନ୍

ଋଷିଆ-ଅଧିକୃତ ୟୁକ୍ରେନ୍ ଭୂଖଣ୍ଡରୁ କିଭ୍ ପଛଘୁଞ୍ଚା ଦେଇ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସଦସ୍ୟତା ଯୋଜନାରୁ ଓହରିଲେ ମସ୍କୋ ତତ୍କାଳ ଯୁଦ୍ଧବିରତି ଘୋଷଣା କରିବ ବୋଲି ଶୁକ୍ରବାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ସାମରିକ ମେଣ୍ଟ ନାଟୋରେ ସାମିଲହେବାକୁ ଚାହୁଁଥିବା ୟୁକ୍ରେନ୍ ଏହାର ଭୂଖଣ୍ଡରୁ ଋଷିଆ ନିଜ ସେନା ପ୍ରତ୍ୟାହାର କରୁ ବୋଲି ଦାବି କରୁଥିବାରୁ ପୁଟିନ୍‌ଙ୍କ ଘୋଷଣାକୁ ଗମ୍ଭୀରତା ସହ ନେଇନାହିଁ। ପୁଟିନ୍‌ଙ୍କ ପ୍ରସ୍ତାବ ଉପରେ ୟୁକ୍ରେନ୍ କୌଣସି ପ୍ରତିକ୍ରିୟା ଦେଇନାହିଁ। ଇଟାଲୀରେ ୭ ଶିଳ୍ପରାଷ୍ଟ୍ର ଜି୭ ନେତାମାନେ ଏକାଠି ହୋଇଥିବାବେଳେ ସୁଇଜରଲାଣ୍ଡ ଅନେକ ବିଶ୍ୱନେତାଙ୍କୁ ସ୍ୱାଗତ କରିବାକୁ ଯାଉଛି। କିନ୍ତୁ ମସ୍କୋକୁ ଏଥିରେ ସାମିଲ କରାଯାଇ ନାହିଁ। ଇତିମଧ୍ୟରେ ଆମେରିକା ଏବଂ ୟୁକ୍ରେନ୍ ମଧ୍ୟରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହାକୁ ଦେଖି ପୁଟିନ୍ ଏପରି ମନ୍ତବ୍ୟ ଦେଇଥିବା କୁହାଯାଉଛି।

# କୁଏଟ୍‌ରୁ ଫେରିଲା ୪୫ ଭାରତୀୟଙ୍କ ମୃତଦେହ

ନୂଆଦିଲ୍ଲୀ,୧୪।୬

ବାୟୁସେନାର ସାମରିକ ପରିବହନ ବିମାନ ସି-୧୩୦ଜେ କୁଏଟ୍‌ରୁ ୪୫ ଜଣ ଭାରତୀୟଙ୍କ ମୃତଦେହ ଆଣି ଭାରତ ଫେରିଛି। କୁଏଟ୍‌ର ମାନ୍‌ଗଫ୍‌ଠାରେ ଥିବା ଏକ ଶ୍ରମିକ କ୍ୟାମ୍ପରେ ଗତ ବୁଧବାର ଭୟାବହ ଅଗ୍ନିକାଣ୍ଡରେ ୪୫ ଭାରତୀୟଙ୍କ ସମେତ ୪୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ ଜଣ ଆହତ ହୋଇଥିଲେ। ଶୁକ୍ରବାର ସକାଳେ କୋଚି ଏୟାରପୋର୍ଟରେ ବାୟୁସେନା ବିମାନ ଅବତରଣ କରିବା ପରେ ୨୩ ଜଣ କେରଳୀଙ୍କ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ସେମାନଙ୍କ ଜନ୍ମସ୍ଥାନକୁ ପଠାଯାଇଥିଲା। ପରିବାର ସଦସ୍ୟଙ୍କୁ ମୃତଦେହ ହସ୍ତାନ୍ତର କଲାବେଳେ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଥିଲା। କୋଚି ବିମାନବନ୍ଦରରୁ ତାମିଲନାଡୁକୁ ୭ଟି ମୃତଦେହ ପଠାଯିବା ପରେ ଅବଶିଷ୍ଟ ମୃତଦେହ ଧରି ବିମାନ ଦିଲ୍ଲୀ ଫେରିଥିଲା। ଅଗ୍ନିକାଣ୍ଡରେ କେରଳରୁ ସର୍ବାଧିକ ୨୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ତାମିଲନାଡୁରୁ ୭, ଆନ୍ଧ୍ରପ୍ରଦେଶ ଓ ଉତ୍ତରପ୍ରଦେଶରୁ ୩ ଜଣ ଲେଖାଏ, ଓଡ଼ିଶାରୁ ୨, ବିହାର, ପଞ୍ଜାବ, କର୍ନାଟକ, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ହରିୟାଣା ଏବଂ ପଶ୍ଚିମବଙ୍ଗରୁ ଜଣେ ଲେଖାଏ ପ୍ରାଣ ହରାଇଥିବା ଦୂତାବାସ ପକ୍ଷରୁ କୁହାଯାଇଛି। ପରିଚୟ ପ୍ରକ୍ରିୟା ସ୍ୱରୂପ କୁଏଟ୍ କର୍ତ୍ତୃପକ୍ଷ ମୃତଦେହଗୁଡ଼ିକର ଡିଏନ୍‌ଏ ପରୀକ୍ଷା କରାଇବା ପରେ ଭାରତୀୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲେ।
ଅଗ୍ନିକାଣ୍ଡରେ ଆହତଙ୍କ ମଧ୍ୟରୁ ଶୁକ୍ରବାର ଆଉ ଜଣକ ମୃତ୍ୟୁ ଘଟିବା ପରେ ଭାରତୀୟଙ୍କ ମୃତ୍ୟୁସଂଖ୍ୟା ୪୬ରେ ପହଞ୍ଚିଛି। ବିଲ୍ଡିଂର ତଳ ମହଲାରେ ବିଦ୍ୟୁତ୍ ଶର୍ଟ ସର୍କିଟରୁ ୬ ମହଲା ବିଲ୍ଡିଂରେ ନିଆଁ ଲାଗିଥିଲା ବୋଲି କୁଏଟ୍ କର୍ତ୍ତୃପକ୍ଷ କହିଛନ୍ତି। ଶ୍ରମିକମାନେ ଶୋଇଥିବାରୁ ଧୂଆଁରେ ଶ୍ୱାସରୁଦ୍ଧ ହୋଇ ଅଧିକାଂଶଙ୍କର ମୃତ୍ୟୁ ଘଟିଥିଲା।



କୋଚି ବିମାନବନ୍ଦରରେ ମୃତଦେହଗୁଡିକ ପହଞ୍ଚିବା ପରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

# ଆମେରିକା-ସାଉଦି ପେଟ୍ରୋଡଲାର ଚୁକ୍ତିର ଅନ୍ତ

ରିୟାଧ,୧୪।୬

ଡଲାର ବିନିମୟରେ ଅଶୋଧିତ ତୈଳ ବିକ୍ରି ପାଇଁ ଆମେରିକା ଏବଂ ସାଉଦି ଆରବ ମଧ୍ୟରେ ଦୀର୍ଘ ୮୦ ବର୍ଷ ଧରି ଚାଲିଆସିଥିବା ପେଟ୍ରୋଡଲାର ଚୁକ୍ତିର ଅନ୍ତ ଘଟିଛି। ୧୯୭୪ ଜୁନ୍ ୮ରେ ଦୁଇ ଦେଶ ମଧ୍ୟରେ ହୋଇଥିବା ଏହି ଚୁକ୍ତି ସମୟସୀମା ଜୁନ୍ ୯ରେ ଶେଷ ହେବା ପରେ ଏହାକୁ ନବୀକରଣ ନ କରିବା ପାଇଁ ସାଉଦି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଫଳରେ ଏହି ତୈଳସମୃଦ୍ଧ ଦେଶ ଏଣିକି କେବଳ ଡଲାର ପରିବର୍ତ୍ତେ ଚାଇନାର ଆର୍‌ଏମ୍‌ବି, ୟୁରୋ, ୟେନ୍, ୟୁଆନ୍ ଆଦି ବିଭିନ୍ନ ମୁଦ୍ରାରେ ତୈଳ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରିପାରିବ। ଏଥିସହିତ ବିଟ୍‌କଏନ୍ ଭଳି ଡିଜିଟାଲ କରେନ୍ସିର ସମ୍ଭାବ୍ୟ ବ୍ୟବହାର ଉପରେ ମଧ୍ୟ ବିଚାର କରାଯାଇପାରେ ବୋଲି କୁହାଯାଇଛି। ଫଳରେ ବୈଶ୍ୱିକ ଅର୍ଥନୀତିର ଢାଞ୍ଚାରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି।
ପେଟ୍ରୋଡଲାର ହେଉଛି ଅଶୋଧିତ ତୈଳ ବିକ୍ରିରୁ ଡଲାରରେ ହେଉଥିବା ଉପାର୍ଜନ। ସାମରିକ ସହାୟତା ପାଇଁ ଡଲାର ବିନିମୟରେ ତୈଳ ବିକ୍ରି ନିମନ୍ତେ ୧୯୭୪ରେ ଆମେରିକା ଓ ସାଉଦି କର୍ତ୍ତୃପକ୍ଷଙ୍କ ମଧ୍ୟରେ ପେଟ୍ରୋଡଲାର ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ବିଶ୍ୱ ଅର୍ଥନୀତିରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଥିଲା ଏବଂ ବୈଶ୍ୱିକ ଅର୍ଥନୀତିରେ ଡଲାରର ପ୍ରାଧାନ୍ୟ ବଢ଼ିଥିଲା। ଚୁକ୍ତିନାମା ଅନୁଯାୟୀ ସାଉଦି ଆରବ ସହ ଅର୍ଥନୈତିକ ସହଯୋଗ ଏବଂ ଏହି ଦେଶର ସାମରିକ ଆବଶ୍ୟକତା ଆଧାରରେ ଦୁଇଟି ଯୁଗ୍ମ କମିଶନ ଗଢ଼ାଯାଇଥିଲା। ଏହି ଡିଲ୍ ଦ୍ୱାରା ସାଉଦି ଏହାର ତୈଳ ଉତ୍ପାଦନ ବଢ଼ାଇବା ପାଇଁ ପ୍ରୋତ୍ସାହିତ ହେବ ବୋଲି ଆମେରିକା କର୍ତ୍ତୃପକ୍ଷ ସେତେବେଳେ ଆଶା ରଖିଥିଲେ। ୱାଶିଂଟନ ଏବଂ ଅନ୍ୟ ଆରବ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଆର୍ଥିକ ସହଯୋଗ ବଢ଼ାଇବାରେ ଏହା ଏକ ବ୍ଲୁପ୍ରିଣ୍ଟ ହେବ ବୋଲି ସେମାନେ କଳ୍ପନା କରିଥିଲେ।
ଅନ୍ୟପକ୍ଷରେ ସାଉଦି ଆରବ ପ୍ରୋଜେକ୍ଟ ଏମ୍‌ବ୍ରିଜ୍‌ରେ ସାମିଲ ହେବା ନେଇ ନିକଟରେ ଘୋଷଣା କରିଥିଲା। ପ୍ରୋଜେକ୍ଟ ଏମ୍‌ବ୍ରିଜ୍ ହେଉଛି ମଲ୍ଟି-ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ କରେନ୍ସି (ସିବିଡିସି) ପ୍ଲାଟ୍‌ଫର୍ମ, ଯାହା ଅଂଶଗ୍ରହଣକାରୀ କେନ୍ଦ୍ରୀୟ ବ୍ୟାଙ୍କ ଏବଂ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଶେୟାର ହୋଇଛି। ସୀମାପାର ପେମେଣ୍ଟର ତ୍ୱରିତ୍ ସମାଧାନ ଏବଂ ବିଦେଶୀ ବିନିମୟ କାରବାର ପାଇଁ ଆବଣ୍ଟିତ ଲେଜର ଟେକ୍‌ନୋଲୋଜି(ଡିଏଲ୍‌ଟି) ଆଧାରରେ ଏହା ପ୍ରସ୍ତୁତ ହୋଇଛି। ପ୍ରୋଜେକ୍ଟ ଏମ୍‌ବ୍ରିଜ୍‌ରେ ୨୬ରୁ ଊର୍ଦ୍ଧ୍ୱ ରିଜର୍ଭ ବ୍ୟାଙ୍କ ସଦସ୍ୟ ରହିଛନ୍ତି।

# ୟେଦୁରପ୍ପାଙ୍କ ଗିରଫଦାରି ଉପରେ ରୋକ୍

ବେଙ୍ଗାଲୁରୁ,୧୪।୬(ପି.ଟି.)



ପୋକ୍‌ସୋ ମାମଲାରେ ସମ୍ପୃକ୍ତ କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କୁ ଗିରଫ ନ କରିବା ପାଇଁ କର୍ନାଟକ ହାଇକୋର୍ଟ ଶୁକ୍ରବାର ଅପରାଧ ତଦନ୍ତ ବିଭାଗ (ସିଆଇଡି)କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ତଦନ୍ତ ଚଳାଇଥିବା ସିଆଇଡିରେ ଆସନ୍ତା ୧୭ ତାରିଖରେ ହାଜର ହେବା ପାଇଁ ହାଇକୋର୍ଟ ବରିଷ୍ଠ ଭାଜପା ନେତା ୟେଦୁରପ୍ପାଙ୍କୁ କହିଛନ୍ତି। ଗତ ଫେବୃଆରୀରେ ୟେଦୁରପ୍ପା ତାଙ୍କ ବାସଭବନରେ ଜଣେ ୧୭ ବର୍ଷୀୟାଙ୍କୁ ଅସଦାଚରଣ କରିଥିବା ନେଇ ତାଙ୍କ ମା' ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ମାର୍ଚ୍ଚ ୧୪ରେ ୟେଦୁରପ୍ପାଙ୍କ ବିରୋଧରେ ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍‌ସୋ) ଆଇନ ଏବଂ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ କରିଥିଲା। ସିଆଇଡିର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍‌ର ନିବେଦନକ୍ରମେ ଫାଷ୍ଟ ଟ୍ରାକ୍ କୋର୍ଟ ଗୁରୁବାର ୟେଦୁରପ୍ପାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ।

# ପଓ୍ୱନ କଲ୍ୟାଣ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ

ଅମରାବତୀ,୧୪।୬

ଆନ୍ଧ୍ରପ୍ରଦେଶର ମେଣ୍ଟ ସରକାରରେ ଶୁକ୍ରବାର ଜନସେନା ପାର୍ଟି (ଜେଏସ୍‌ପି) ମୁଖ୍ୟ ପଓ୍ୱନ କଲ୍ୟାଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି। ଅଭିନେତାରୁ ରାଜନେତା ସାଜିଥିବା ପଓ୍ୱନଙ୍କୁ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ, ଜଙ୍ଗଲ ଓ ପରିବେଶ, ବିଜ୍ଞାନ ଓ କାରିଗରି ବିଭାଗ ମିଳିଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ମଧ୍ୟ ପଓ୍ୱନଙ୍କ ହାତରେ ରହିବ। ଏନେଇ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ଏକ୍ସ'ରେ ସୂଚନା ଦେବା ସହ ପଓ୍ୱନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଚନ୍ଦ୍ରାବାବୁଙ୍କ ପୁଅ ନର ଲୋକେଶଙ୍କୁ ମାନବ ସମ୍ବଳ ବିକାଶ, ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ ବିଭାଗ ଦିଆଯାଇଛି। ୨୦୧୪ ଓ ୨୦୧୯ରେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସରକାର ଅମଳରେ ମଧ୍ୟ ଲୋକେଶ ଆଇଟି ମନ୍ତ୍ରୀ ଥିଲେ। ଟିଡିପିର ବରିଷ୍ଠ ନେତା ଅନିତା ଭଙ୍ଗାଲାପୁଡ଼ିଙ୍କୁ ଗୃହ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମିଳିଛି। ପ୍ରକାଶ ଯେ, ବୁଧବାର ଚନ୍ଦ୍ରାବାବୁଙ୍କ ସମେତ ୨୪ ମନ୍ତ୍ରୀ ଶପଥ ନେଇଥିଲେ।

## ଚର୍ଚ୍ଚାରେ ଋଷୀୟ ସ୍ତ୍ରୀ ଆନ୍ନା ଲେଝନେଭା

ଆନ୍ଧ୍ରପ୍ରଦେଶର ନୂଆ କ୍ୟାବିନେଟରେ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିବା ଜେଏସ୍‌ପି ସୁପ୍ରିମୋ ପଓ୍ୱନ କଲ୍ୟାଣଙ୍କ ଋଷୀୟ ସ୍ତ୍ରୀଙ୍କୁ ଆନ୍ନା ଲେଝ୍‌ନେଭାଙ୍କୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ୧୯୮୦ରେ ଋଷିଆରେ ଜନ୍ମିତ ଆନ୍ନା ଜଣେ ମଡେଲ ତଥା ଅଭିନେତ୍ରୀ। ୨୦୧୧ରେ ପଓ୍ୱନ 'ତିନ୍ ମାର୍' ଫିଲ୍ମର ଶୁଟିଂ ବେଳେ ଆନ୍ନାଙ୍କୁ ପ୍ରଥମ ଥର ଭେଟିଥିଲେ। ଉଭୟଙ୍କ ଅନ୍‌ସେଟ୍ ରୋମାନ୍ସ ସମ୍ପର୍କର ରୂପ ନେଇଥିଲା। ଦୁଇବର୍ଷର ଡେଟିଂ ପରେ ୨୦୧୩ ସେପ୍ଟେମ୍ବରରେ ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଆନ୍ନା ହେଉଛନ୍ତି ପଓ୍ୱନଙ୍କ ତୃତୀୟ ସ୍ତ୍ରୀ। ଏହି ଦମ୍ପତିଙ୍କର ପୁଅଙ୍କ ନାମ ମାର୍କ ଶଙ୍କର ପଓ୍ୱନୋଭିଚ୍। ଆନ୍ନାଙ୍କ ସିଙ୍ଗାପୁର ହୋଟେଲ, ଋଷିଆ ସମ୍ପତ୍ତିର ମୂଲ୍ୟ ୧୮୦୦ କୋଟି ଟଙ୍କା ହେବ ବୋଲି କୁହାଯାଏ।



ପଓ୍ୱନ କଲ୍ୟାଣଙ୍କ ସହ ଆନ୍ନା ଲେଝ୍‌ନେଭା।

## ଫୁର୍‌ସତ୍

# ପବନ ଶକ୍ତିର ମହତ୍ତ୍ୱ ବତାଏ 'ୱିଣ୍ଡ୍ ଡେ'

### ବିଶ୍ୱ ପବନ ଦିବସ



ପ୍ରତିବର୍ଷ ଜୁନ ୧୫ରେ ଗ୍ଲୋବାଲ ୱିଣ୍ଡ ଡେ(ବିଶ୍ୱ ପବନ ଦିବସ) ପାଳନ କରାଯାଇଥାଏ। ପବନ ଶକ୍ତିର ମହତ୍ତ୍ୱ ବିଷୟରେ ଅବଗତ କରାଇବାକୁ ଏହି ଦିବସର ସୃଷ୍ଟି। ସ୍ଥାୟୀ ଏବଂ ଅକ୍ଷୟ ଶକ୍ତି ଉତ୍ସ ଭାବେ ପବନ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଏହା ଏକ ପ୍ରୟାସ। ତେବେ ଶକ୍ତି ସଂରକ୍ଷଣ ବିଭାଗରେ ଧ୍ୟାନ ଆବଶ୍ୟକ କରୁଥିବା ବିଭିନ୍ନ ସମସ୍ୟା ଉପରେ ନଜର ପକାଇବା ଲାଗି ପବନ ଶକ୍ତି ଦିବସକୁ ପାଳନ କରାଯାଇଥାଏ।
ପବନ ଶକ୍ତିର ଇତିହାସ ସହସ୍ର ବର୍ଷ ପୁରୁଣା। ମିଶରର ନୀଳ ନଦୀରେ ଡଙ୍ଗା ଚଳାଇବା ପାଇଁ ପ୍ରଥମେ ପବନ ମିଲ୍ ବ୍ୟବହାର କରାଯାଇଥିଲା। ପରେ ଚାଇନାରେ ଏହି ଶକ୍ତି ବିକଶିତ ହୋଇଥିଲା, ଯେଉଁଠାରେ ୨୦୦ ବି.ସି.ରେ ପବନ ଚାଳିତ ଜଳ ପମ୍ପ ଉଦ୍ଭାବନ କରାଯାଇଥିଲା। ଆଲେକ୍ସଜାଣ୍ଡ୍ରିଆର ହେରନ୍ ୱିଣ୍ଡ ହ୍ୱିଲ୍ ସୃଷ୍ଟି କରିଥିଲେ, ଏହା ଏକ ପବନ ଚାଳିତ ଚକ ଥିଲା। ଏହି ଚକରେ ଛୋଟ ୱିଣ୍ଡମିଲ୍ ରହିଥିଲା ଯାହା ପିଷ୍ଟନ ଚାଳିତ ଥିଲା, ଯାହାକି ଅର୍ଗାନ ପାଇପ୍ ମାଧ୍ୟମରେ ପବନକୁ ଯିବାକୁ ବାଧ୍ୟ କରୁଥିଲା, ଫଳରେ ବଂଶୀ ପରି ଶବ୍ଦ ହେଉଥିଲା।
ୱିଣ୍ଡମିଲ୍ ପୃଥିବୀର ଅନେକ ସ୍ଥାନରେ ଲୋକପ୍ରିୟ ଉପକରଣ ପାଲଟିଥିଲା। ୧୮୦୦ ଦଶକ ଶେଷରେ ଏବଂ ୧୯୦୦ ଦଶକ ପୂର୍ବରୁ ଆମେରିକାରେ ଏହାର ବ୍ୟବହାର ବ୍ୟାପକ ହୋଇଥିଲା। ୧୯୭୦ରେ ତୈଳ ଅଭାବରୁ ପବନ ଶକ୍ତିର ବିକାଶ ଉପରେ ଅଧିକ ଧ୍ୟାନ ଦିଆଯାଇଥିଲା। ଏହାଫଳରେ ତୈଳ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକ ବିକାଶକୁ ନେଇ ଉତ୍ସାହିତ କରାଯାଇଥିଲା। ୨୦୨୦ରେ ପବନ ଶକ୍ତିକୁ ବିନିଯୋଗ କରି ବିଦ୍ୟୁତ ଉତ୍ପାଦନର ଆମେରିକାର ଅଂଶ ୮.୪%କୁ ବୃଦ୍ଧି ପାଇଥିଲା।
ତେବେ ଗ୍ଲୋବାଲ୍ ୱିଣ୍ଡ ଡେ' ୨୦୨୪ ହେଉଛି ପବନ ଶକ୍ତିର ଅନେକ ଲାଭ ବିଷୟ ଉପରେ ଆଲୋକିତ କରିବାର ଏକ ସୁଯୋଗ। ଏହା ଏକ ସ୍ଥାୟୀ ଏବଂ ଅକ୍ଷୟ ଶକ୍ତିର ଉତ୍ସ ଯାହାକି ଗ୍ରୀନ ହାଉସ୍ ଗ୍ୟାସ୍ ନିର୍ଗମନକୁ ହ୍ରାସ କରିବାରେ ଏବଂ ଡିକାର୍ବନାଇଜେସନ୍‌କୁ ପ୍ରୋତ୍ସାହିତ କରିବାରେ ସାହାର୍ଯ୍ୟ କରିଥାଏ। ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼େଇରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଆମର ଗ୍ରହର ଭବିଷ୍ୟତକୁ ସୁରକ୍ଷିତ ରଖିବା ଲାଗି ଏକ ସ୍ମାରକ ମଧ୍ୟ।

# ଆଲିଆଙ୍କ ଡିପ୍‌ଫେକ୍ ଭିଡିଓ ଭାଇରାଲ

ମୁମ୍ବାଇ





ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଆଉ ଏକ ଡିପ୍‌ଫେକ୍ ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ତାଙ୍କ ଫ୍ୟାନ୍‌ମାନେ ଏହାକୁ ଦେଖିବା ପରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଦୁରୁପଯୋଗକୁ ବିପଜ୍ଜନକ କହି ଚିନ୍ତାବ୍ୟକ୍ତ କରିଛନ୍ତି।
ଏଆଇ ଜେନେରେଟେଡ୍ ଭିଡିଓରେ ଆଲିଆ ଗେଟ୍ ରେଡି ୱିଥ୍ ମି (ଜିଆର୍‌ଡବ୍ଲ୍ୟୁଏମ୍) ଟ୍ରେଣ୍ଡ୍‌ରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ସମୀକ୍ଷା ଅବତାର ନାମରେ ଜଣେ ୟୁଜର ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏହାକୁ ପୋଷ୍ଟ କରିଛନ୍ତି। ଭିଡିଓକୁ ୧୭ ନିୟୁତରୁ ଊର୍ଦ୍ଧ୍ୱ ଥର ଦେଖାଯାଇଛି। ଏହାକୁ ପୋଷ୍ଟ କରିଥିବା ସମୀକ୍ଷା ନିଜ ବାୟୋରେ ଲେଖିଛନ୍ତି, 'ଏଆଇ ପ୍ରୟୋଗରେ ନିର୍ମିତ ସମସ୍ତ ଭିଡିଓ କେବଳ ମନୋରଞ୍ଜନ ପାଇଁ।' ଆଲିଆଙ୍କ ଜଣେ ଫ୍ୟାନ୍ ଏଥିରେ ଲେଖିଛନ୍ତି, ଏଆଇ ଦିନକୁ ଦିନ ବିପଜ୍ଜନକ ହେବାରେ ଲାଗିଛି। ଆଉ ଜଣେ ୟୁଜର ଏଆଇକୁ ନେଇ ଆତଙ୍କିତ ହୋଇଯାଇଥିବା ଉଲ୍ଲେଖ କରିଛନ୍ତି। ଆଲିଆଙ୍କ ଡିପ୍‌ଫେକ୍ ଭିଡିଓ ଭାଇରାଲ ହେବାର ଏହା ପ୍ରଥମ ଘଟଣା ନୁହେଁ। ଗତ ମେ'ରେ ଆଲିଆଙ୍କ ଏକ ଭିଡିଓ ଅନ୍‌ଲାଇନ୍‌ରେ ବହୁଳ ପ୍ରସାରିତ ହୋଇଥିଲା। ସେଥିରେ ତାଙ୍କ ମୁହଁ ଓ ଅଭିନେତ୍ରୀ ୱାମିକା ଗବ୍ବିଙ୍କ ଫିଗର ରହିଥିଲା।




# ବିଭାଗୀୟ ସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ରାଜ୍ୟର ସ୍ଥିତି, ଆହ୍ୱାନ ସମ୍ପର୍କରେ ଅବଗତ କରାଇଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୧୪।୬(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାଜ୍ୟ ଅତିଥି ଭବନ (ଅସ୍ଥାୟୀ କାର୍ଯ୍ୟାଳୟ)କୁ ଅଫିସରମାନଙ୍କୁ ଡାକି ରାଜ୍ୟର ସ୍ଥିତି ଓ ବିଭିନ୍ନ ବିଭାଗର ସମୀକ୍ଷା କରିଛନ୍ତି। ବୈଠକରେ ଦୁଇ ଉପ ମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଓ ପ୍ରଭାତୀ ପରିଡ଼ା ଯୋଗଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓଡ଼ିଶାର ସାମଗ୍ରିକ ବିକାଶ, ସ୍ଥିତି ଓ ଆହ୍ୱାନଗୁଡ଼ିକ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ସରକାରଙ୍କ ପାଇଁ ଥିବା ମୁଖ୍ୟ ଚ୍ୟାଲେଞ୍ଜଗୁଡ଼ିକ ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦିଆଯାଇଛି। ରାଜ୍ୟରେ ପ୍ରଶାସନିକ ଅବ୍ୟବସ୍ଥା ଦେଖି ମୁଖ୍ୟମନ୍ତ୍ରୀ ଚିନ୍ତାପ୍ରକଟ କରିଛନ୍ତି। ଅବସର ପରେ ବିଭିନ୍ନ ବିଭାଗରେ ଅଧିକାରୀଙ୍କୁ ଥଇଥାନ କରାଯାଇଛି। ସମୀକ୍ଷା ବେଳେ ମୁଖ୍ୟମନ୍ତ୍ରୀଙ୍କୁ କେହି ଠିକ୍ ଢଙ୍ଗରେ ସୂଚନା ଦେଇପାରି ନ ଥିବା କୁହାଯାଉଛି। ଏ ନେଇ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଅଫିସରମାନଙ୍କୁ ତାଗିଦ୍ କରିଥିବା ସୂଚନା ମିଳିଛି। ପ୍ରଶାସନିକ ଅବ୍ୟବସ୍ଥା ଦେଖିବା ପରେ ରାଜ୍ୟରେ ଅଫିସର ସ୍ତରରେ ଖୁବ୍‌ଶୀଘ୍ର ବଡ଼ ଧରଣର ଅଦଳବଦଳ ହେବା ନେଇ ସୂଚନା ମିଳିଛି।



ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ପ୍ରଥମ ଔପଚାରିକ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ସାମଗ୍ରିକ ସ୍ଥିତି ଉପରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଯେଉଁଥିରେ ଓଡ଼ିଶାର ଜନସଂଖ୍ୟାଠାରୁ ଆରମ୍ଭ କରି ଭୌଗୋଳିକ ସ୍ଥିତି, ଓଡ଼ିଶାର ଅର୍ଥନୀତି, ଅନ୍ୟାନ୍ୟ କ୍ଷେତ୍ରରେ କ'ଣ ସବୁ ବଡ଼ ବିକାଶ ହେବାକୁ ଅଛି, କେଉଁ କେଉଁ ପ୍ରକାର ଆହ୍ୱାନ ରହିଛି ତାହା ଉପରେ ବିସ୍ତୃତ ଆଲୋଚନା ହୋଇଛି। ଆଗାମୀ ୩ରୁ ୪ ଦିନ ଭିତରେ ଆହୁରି ୨ରୁ ୩ଟି ବୈଠକ ହେବ ବୋଲି ସେ କହିଛନ୍ତି। ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରମୁଖ ଯୋଗଦେଇଥିଲେ।

# ନକଲି ସୁନା ରଖି ଋଣ, ୨ ନିଲମ୍ବିତ

ଯୋଡ଼ା, ୧୪।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ୩ ନଂ. ୱାର୍ଡ ଯୋଡ଼ା ମାର୍କେଟରେ ଥିବା ଏକ ସରକାରୀ ବ୍ୟାଙ୍କରେ ଋଣ ସୁନା ହେରଫେର ଘଟଣାରେ ୨ ଅଧିକାରୀ ନିଲମ୍ବିତ ହୋଇଛନ୍ତି। ଖବର ଯୋଡ଼ା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ବ୍ୟାଙ୍କରେ ଗ୍ରାହକମାନେ ସୁନା ବନ୍ଧକ ଦେଇ ସୁନା ମୂଲ୍ୟର ଋଣ ନେଇଥାଆନ୍ତି। ସୁନା ବନ୍ଧକ ସମୟରେ ସୁନାର ମାନ ଓ ମୂଲ୍ୟ ନିରୂପଣ ପାଇଁ ବ୍ୟାଙ୍କ ପକ୍ଷରୁ ସ୍ୱୀକୃତିପ୍ରାପ୍ତ ସ୍ଥାନୀୟ ବଣିଆଙ୍କୁ ଉକ୍ତ କାର୍ଯ୍ୟରେ ନିୟୋଜିତ କରାଯାଇଥାଏ। ନିଯୁକ୍ତ ବଣିଆ ନକଲି ସୁନାକୁ ଅସଲ ସୁନା ଦର୍ଶାଇ ଚଞ୍ଚକତାକରି ବହୁ କୋଟି ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଛି। କାର୍ଯ୍ୟରେ ବ୍ୟାଙ୍କ ଶାଖା ପରିଚାଳକ ଓ ଅନ୍ୟ ଜଣେ ବ୍ୟାଙ୍କ ଅଧିକାରୀ ସମ୍ପୃକ୍ତ ଥିବା ଜଣାପଡ଼ିଛି।

ବ୍ୟାଙ୍କର ସହକାରୀ ପ୍ରବନ୍ଧକ ଶ୍ରୀଧର ନାୟକ କହିଛନ୍ତି, ଅଡିଟ୍ ଆସିବା ସମୟରେ ସୁନାର ମାନ ଯାଞ୍ଚ ହୋଇଥିଲା। ଯାଞ୍ଚ ପରେ ପ୍ରାୟ ୧୦୦ଟି ପ୍ୟାକେଟ୍‌ରେ ନକଲି ସୁନା ଥିବା ଯାଞ୍ଚ ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଘଟଣା ଜଣାପଡ଼ିବା ପରେ ସମ୍ପୃକ୍ତ ବ୍ୟାଙ୍କର ୨ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିଲା। ନିଲମ୍ବନ ଆଦେଶ ସେଣ୍ଟ୍ରାଲ ଅଫିସରୁ ଆସିଥିବା ବ୍ୟାଙ୍କ କର୍ମଚାରୀ ଜଣକ ସୂଚନା ଦେଇଥିଲେ। ସୁନାର ଯାଞ୍ଚ ପ୍ରକ୍ରିୟାକୁ ସିସି ଟିଭି ଦ୍ୱାରା ରେକର୍ଡିଂ କରାଯାଇଥାଏ। ସମ୍ପୃକ୍ତ ବ୍ୟାଙ୍କ ବାରମ୍ବାର ବଣିଆ ବଦଳାଇବା ମଧ୍ୟ ସନ୍ଦେହ ଘେରକୁ ଆସିଛି। ଏଥିସହ ଯୋଡ଼ା ସହରର ୨ ପ୍ରତିଷ୍ଠିତ ସୁନା ଦୋକାନର ବଣିଆ ଋଣ ପାଇଁ ଜମା ହେଉଥିବା ସୁନାର ମାନ ଯାଞ୍ଚ କରିଥାନ୍ତି। ଏଣୁ ଏମାନଙ୍କର ଭୂମିକା ମଧ୍ୟ ସନ୍ଦେହ ଘେରକୁ ଆସୁଛି। ଅତୀତରେ ଏହିପରି ହେରଫେର ଧରାପଡ଼ିବା ପରେ ଯୋଡ଼ା ସହରର ଜଣେ ବଣିଆଙ୍କୁ ବ୍ୟାଙ୍କ ପରିବର୍ତ୍ତନ କରିଥିଲା। ନିୟୋଜିତ ହୋଇଥିବା ୨ ବଣିଆ ଚଞ୍ଚକତା କରି ପ୍ରାୟ ୧୦୦ ପ୍ୟାକେଟ୍‌ର ଅସଲି ସୁନା ସ୍ଥାନରେ ପ୍ରାୟ ୨ କୋଟି ଟଙ୍କାର ବ୍ୟାଙ୍କରୁ ଋଣ ନେଇ ଯାଇଥିବା ଚର୍ଚ୍ଚା ଜୋର୍ ଧରିଛି। ତଦନ୍ତ ପାଇଁ ବାଲେଶ୍ୱରରୁ ଏକ ଟିମ୍ ଆସି ସମ୍ପୃକ୍ତ ବ୍ୟାଙ୍କରେ ତଦନ୍ତ ଚଳାଇଛି।

# ରଣେନ୍ଦ୍ର କାମଚଳା ବାଚସ୍ପତି



ଭୁବନେଶ୍ୱର, ୧୪।୬(ଅନିଲ ଦାସ)

ବିଜେଡିର ବରିଷ୍ଠ ନେତା ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସପ୍ତଦଶ ବିଧାନସଭାର କାମଚଳା ବାଚସ୍ପତି(ପ୍ରୋଟେମ୍ ସ୍ପିକର) ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ରଘୁବର ଦାସ ଶୁକ୍ରବାର ରାଜଭବନଠାରେ ତାଙ୍କୁ ଶପଥପାଠ କରାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ। କାମଚଳା ବାଚସ୍ପତି ୧୮ ଓ ୧୯ ତାରିଖରେ ବିଧାନସଭାରେ ନବ ନିର୍ବାଚିତ ବିଧାୟକଙ୍କୁ ଶପଥପାଠ କରାଇବେ। ୮ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ରଣେନ୍ଦ୍ର ଗୃହର ଜଣେ ବରିଷ୍ଠ ଓ ଅଭିଜ୍ଞ ସଦସ୍ୟ। ଏଥିସହ ଆସନ୍ତା ୨୦ ତାରିଖରେ ହେବାକୁଥିବା ବାଚସ୍ପତି ନିର୍ବାଚନ ସେ ପରିଚାଳନା କରିବେ।

ନୂତନ ସରକାର ଗଠନ ହେବା ପରେ ବିଧିବ୍ୟବସ୍ଥା ଅନୁଯାୟୀ ସ୍ୱଳ୍ପ ସମୟ ପାଇଁ ବିଧାନସଭା ଗୃହ କାର୍ଯ୍ୟ ପରିଚାଳନା ସକାଶେ ଜଣେ କାମଚଳା ବାଚସ୍ପତିଙ୍କୁ ନିଯୁକ୍ତ କରାଯାଇଥାଏ। ସାଧାରଣତଃ ବରିଷ୍ଠ ବିଧାୟକଙ୍କୁ କାମଚଳା ବାଚସ୍ପତି ଭାବରେ ନିଯୁକ୍ତି ଦିଆଯାଇଥାଏ। ୧୯ ତାରିଖରେ ନୂଆ ବାଚସ୍ପତି ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ହେବ ବୋଲି ଜଣାପଡ଼ିଛି। ଭାଜପାର ବରିଷ୍ଠ ନେତ୍ରୀ ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ନୂଆ ବାଚସ୍ପତି ହେବା ନେଇ ଚର୍ଚ୍ଚା ହେଉଛି। ବିଧାନସଭାରେ ଭାଜପାର ୭୮ ବିଧାୟକ ଓ ୩ ଜଣ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଥିବାରୁ ଉଭୟ ବାଚସ୍ପତି ଓ ଉପବାଚସ୍ପତି ପଦ ଭାଜପା ହାତରେ ରହିବ ବୋଲି ଜଣାପଡ଼ିଛି।

# ଡିଆଇଜିଙ୍କ ତଦନ୍ତ ପରେ ଜମାଦାର ନିଲମ୍ବିତ

## କରଞ୍ଜିଆ ଉପକାରାଗାରରୁ କଏଦୀ ଫେରାର ଘଟଣା

କରଞ୍ଜିଆ(କବିତା ମହାନ୍ତ)/ ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ), ୧୪।୬

ମୟୂରଭଞ୍ଜ ଜିଲା କରଞ୍ଜିଆ ଉପକାରାଗାରରେ ଆଜୀବନ ସଶ୍ରମ କାରାଦଣ୍ଡ ଭୋଗୁଥିବା ଜଣେ କଏଦୀ ଫେରାର ହେବା ଘଟଣାରେ ଜମାଦାର ଗୁମାନ ଜାମୁଡାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଜେଲ ଡିଆଇଜି ଅନୁସୟା ଜେନାଙ୍କ ତଦନ୍ତ ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ଥାନା ସାନ ମହୁଲଡିହା ଗ୍ରାମର ଲକ୍ଷ୍ମଣ ମହାନ୍ତ ୨୦୧୨ରେ ଏକ ନରହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ କରଞ୍ଜିଆ ଉପ କାରାଗାରରେ ଆଜୀବନ ସଶ୍ରମ କାରାଦଣ୍ଡ ଭୋଗୁଥିଲେ। ଗତ ୧୧ତାରିଖରେ ଆମ୍ବ ଗୋଟାଉଥିବା ବେଳେ ସେ ଜେଲରୁ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ସହକାରୀ ଜେଲର କରଞ୍ଜିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧୯୧/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଗୁରୁବାର ଜେଲ ଡିଆଇଜି ଜେନା କରଞ୍ଜିଆ ଆସି ତଦନ୍ତ କରିବା ପରେ ଦାୟିତ୍ୱରେ ଥିବା ଜମାଦାର ଗୁମାନଙ୍କ ଅବହେଳାରୁ କଏଦୀ ଫେରାର ହୋଇଯାଇଥିବା ନେଇ ରିପୋର୍ଟ ଦେଇଥିଲେ।






**ଆଜିର ମନ୍ତବ୍ୟ** ଏକ ସମାବେଶୀ ସମାଜ ପ୍ରତିଷ୍ଠା ପାଇଁ ପ୍ରଯୁକ୍ତିକୁ ଧ୍ୱଂସାତ୍ମକ ନୁହେଁ ସୃଜନାତ୍ମକ କରିବାକୁ ହେବ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଉତ୍କଳ ସମ୍ମିଳନୀ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବାଣୀବିହାର ମୁଖ୍ୟ ଫାଟକ ପାଖ, ସମୟ: ସକାଳ ୮ଟା ୩୦।
- ରଜ ମଉଜ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସକାଳ ୯ଟା ୩୦।
- ବିଜନେସ୍ ଷ୍ଟୋରିଟେଲିଂ କର୍ମଶାଳା, ସ୍ଥାନ: ଏଲ୍‌ୱାଇଏଫ୍ ହୋଟେଲ, ସମୟ: ୩ଟା ୩୦।
- ରାମକୃଷ୍ଣ ପତିଙ୍କ ୩୮ତମ ରାଜ୍ୟସ୍ତରୀୟ ସ୍ମୃତି ବାର୍ଷିକୀ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ଅପରାହ୍ଣ ୫ଟା ୩୦।
- ହାପି ଲିଭିଙ୍ଗ୍ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ରଜ ମହୋତ୍ସବ, ସ୍ଥାନ: ବ୍ଲାଇଣ୍ଡ ଆସୋସିଏଶନ, ବିଗ୍‌ବଜାର ନିକଟ, ସମୟ: ସନ୍ଧ୍ୟା ୬ଟା।
- ରଜ ଉତ୍ସବ ଉପଲକ୍ଷେ ଚଇତାଳି ଘୋଡ଼ାନାଚ ପରିବେଷଣ, ସ୍ଥାନ: ମା'ଉତ୍ତରମୁଖୀ ମନ୍ଦିର ପରିସର, ଭୁବନପୁର, ବାଲିଅନ୍ତା, ସମୟ: ପୂର୍ବାହ୍ଣ ୧୦ଟା।
- ରଜ ଉତ୍ସବ ଅବସରରେ ବାଦିପାଲା ପରିବେଷଣ, ସ୍ଥାନ: ରୁଦ୍ରେଶ୍ୱର ମହାଦେବ ମନ୍ଦିର ପରିସର, ଗଡ଼ନହରକଣ୍ଟା, ସମୟ: ରାତି ୭ଟା।

## କଟକ
- ରଜ ମହୋତ୍ସବର ଦ୍ୱିତୀୟ ଦିନ, ସ୍ଥାନ- କଣ୍ଟାପଡା ବ୍ଲକ ସାନମଳେଇ ଗ୍ରାମ, ସମୟ: ପୂର୍ବାହ୍ଣ ୧୦ଟା।
- ସୁର ମନ୍ଦିର ପକ୍ଷରୁ ୨୬ତମ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ବନ୍ଦେ ଉତ୍କଳ ପକ୍ଷରୁ ରଜ ଉତ୍ସବ, ମା' ଶାରଳା ସଦନ, ବଙ୍ଗାଳିସାହି, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ଲିଟିଲ୍‌ଷ୍ଟାର୍ ଗ୍ରୁପ୍‌ର ୨୨ତମ ପ୍ରତିଷ୍ଠା ଦିବସ ଓ ରଜ ମହୋତ୍ସବ। ସ୍ଥାନ: ନିମାପଡ଼ା ପାଟପୁର ଲୋକନାଥଙ୍କ ପୀଠ, ସମୟ: ପୂର୍ବାହ୍ଣ ୧୧ଟା।
- ଭିଲି ଗ୍ରାମପଞ୍ଚାୟତସ୍ତରୀୟ ୭ମ ରଜ ମହୋତ୍ସବ-୨୦୨୪ର ଦ୍ୱିତୀୟ ଦିବସ, ସ୍ଥାନ: ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସର, ନିମାପଡ଼ା, ସମୟ: ଅପରାହ୍ଣ ୪ଟା।
- .ନୀଳାଦ୍ରି କଲ୍‌ଚରାଲ ଏକାଡେମୀ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ପୁରୀ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀକ୍ଷେତ୍ର ରଜ ମହୋତ୍ସବ, ସ୍ଥାନ: ପୁରୀ ବୁଢୀମା' ତୋଟା ପରିସର, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ରଜ ମହୋତ୍ସବ, ସ୍ଥାନ: ମା'ରାମଚଣ୍ଡୀଙ୍କ ପୀଠ, ଗଡ଼ମାଣତୀର, ବେଗୁନିଆ, ସମୟ: ଅପରାହ୍ଣ ୪ଟା।
- ସାମାଜିକ ଅନୁଷ୍ଠାନ 'ଦିଶାନ୍ତ' ପକ୍ଷରୁ ବରୁଣେଇ ରଜ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ବରୁଣେଇ ପାହାଡ଼ ପାଦଦେଶ, ସମୟ: ଅପରାହ୍ଣ ୫ଟା।
- ରଜ ମହୋତ୍ସବ, ସ୍ଥାନ: ବେଗୁନିଆ ଆମ୍ରକାନନ, ସମୟ: ସନ୍ଧ୍ୟା ୬ଟା।
- ମୁକ୍ତ ମଞ୍ଚ ନାଟକ, କଣ୍ଟାବାଡ଼, ବେଗୁନିଆ, ସମୟ: ରାତି ୯ଟା।

## ଭଦ୍ରକ
- ବିଶ୍ୱଜିତ୍ ତ୍ରିପାଠୀଙ୍କ ସ୍ମୃତିରେ ରକ୍ତଦାନ ଶିବିର, ସ୍ଥାନ: ଭୈରବପୁର ୟୁଜିଏମଇ ସ୍କୁଲ ପରିସର, ବାସୁଦେବପୁର, ସମୟ: ସକାଳ ୯ ଟା।
- ୩ ୟ ବାର୍ଷିକ ରଜ ମହୋତ୍ସବ, ସ୍ଥାନ: ନୀଳମଣି ଟାଉନ ହଲ, ବାସୁଦେବପୁର, ସମୟ: ଅପରାହ୍ଣ ୩ଟା।
- ରଜ ମହୋତ୍ସବ, ସ୍ଥାନ: ଟାଉନ ହଲ, ତିହିଡି, ସମୟ: ଅପରାହ୍ଣ ୩ଟା ।
- ଆଗରପଡ଼ା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ରାମଗଡ ମେଲଣ ପଡିଆ, ଆଗରପଡା, ସମୟ: ଅପରାହ୍ଣ ୪ ଟା।
- କପାଳୀକ୍ଷେତ୍ର ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ସ୍ଥାନ: କପାଳୀକ୍ଷେତ୍ର ନିମପଡ଼ା, ବନ୍ତ, ସମୟ: ଅପରାହ୍ଣ ୫ଟା।

## କେନ୍ଦୁଝର
- ମା' ଗଡ଼ଚଣ୍ଡୀ ମନ୍ଦିରରେ ସଂକ୍ରାନ୍ତି ଉତ୍ସବ ଏବଂ ପୂଜାର୍ଚ୍ଚନା, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ଲକ୍ଷ୍ମୀ ବରାହଙ୍କ ଦ୍ୱିତୀୟ ଦିନ ପୂଜା ଉତ୍ସବ, ସ୍ଥାନ: ଜଳକଳଙ୍ଗ, ହାଟଡିହୀ, ସମୟ: ସକାଳ ୭ ଟା।
- ମା' ରାମଚଣ୍ଡୀ ମନ୍ଦିରରେ ସଂକ୍ରାନ୍ତି ଉପଲକ୍ଷେ ପୂଜାର୍ଚ୍ଚନା ଏବଂ ଯଜ୍ଞ, ସ୍ଥାନ: ପୋଡାସିଙ୍ଗିଡ଼ି, ହାଟଡିହୀ, ସମୟ: ସକାଳ ୭ ଟା
- ଶନି ମନ୍ଦିରରେ ଗ୍ରହରାଜ ଶନିଙ୍କ ମେଳା ଏବଂ ଯଜ୍ଞ, ସ୍ଥାନ: ମୋଟରାଗଡିଆ, ହାଟଡିହୀ, ସମୟ: ସକାଳ ୮ ଟା
- ବାର୍ଷିକ ହରିହାଟ ଉତ୍ସବ, ରାମାୟଣ ପାଠ, ପ୍ରବଚନ, ସ୍ଥାନ: କପୁଣ୍ଡି, ହାଟଡ଼ିହୀ, ସମୟ: ସକାଳ ୯ ଟା।
- ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ରଜ ଉତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ହାଟଡିହୀ, ସମୟ: ସକାଳ ୭ ଏବଂ ସନ୍ଧ୍ୟା ୭ ଘଟିକା

## ମୟୂରଭଞ୍ଜ
- ୬୭ତମ କ୍ରୀଡ଼ା ପ୍ରତିଯୋଗିତା ଅବସରରେ ଆଥଲେଟିକ୍ ଓ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ମୋରଡ଼ା ବ୍ଲକ, ସମୟ:ସକାଳ ୭ଟା।
- ମା'ଗଜଲକ୍ଷ୍ମୀ କ୍ରିକେଟ କ୍ଲବ ପକ୍ଷରୁ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଆମ୍ବଡାଳି, ବଡ଼ସାହି, ସମୟ: ଅପରାହ୍ଣ ୪ଟା।
- ରଜ ଦୋଳି ପ୍ରତିଯୋଗିତା, ସ୍ଥାନ: ବଡ଼ଜାମବଣି ଗ୍ରାମ ପଡ଼ିଆ, ମୋରଡ଼ା, ସମୟ: ଅପରାହ୍ଣ ୪ଟା।
- ବାରିପଦା ସପିଂ ଫେଷ୍ଟିଭାଲ୍, ସ୍ଥାନ:ଛଉ ପଡ଼ିଆ, ସମୟ: ଅପରାହ୍ଣ ୫ଟା।
- ରଜ ଉପଲକ୍ଷେ ଛଉ ନୃତ୍ୟ ଉତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: ପାଞ୍ଚଭାୟା, ଗଡ଼ିଗାଁ ପଞ୍ଚାୟତ, ମୋରଡ଼ା, ସମୟ: ରାତି ୮ଟା।

## ବ୍ରହ୍ମପୁର
- ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋସାଣୀ ନୂଆଗାଁ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ଣ୧୦ଟା୩୦।
- ଜିଲାସ୍ତରୀୟ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଡାଇମଣ୍ଡ ଜୁବୁଲି ଟାଉନ ହଲ, ସମୟ: ଅପରାହ୍ଣ ୩ଟା।
- ଅଙ୍ଗହାର ନୃତ୍ୟାୟନ ପକ୍ଷରୁ ରଜ ଉତ୍ସବ, ସ୍ଥାନ: ପ୍ରକାଶମ ହଲ, ଗିରି ମାର୍କେଟ, ସମୟ: ଅପରାହ୍ଣ ୫ଟା୩୦।
- ଅନ୍ୱେଷା କଳାକେନ୍ଦ୍ର ପକ୍ଷରୁ ରଜ ଉତ୍ସବ, ସ୍ଥାନ: ଅଭିନନ୍ଦନ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ
- ନବ ନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଆସିକା, ସମୟ: ଅପରାହ୍ଣ ୪ଟା।

## କନ୍ଧମାଳ
- ରାମଚରିତ ମାନସ ପାରାୟଣ, ପ୍ରବଚନ ଅଷ୍ଟମ ଦିନ, ସ୍ଥାନ:ନୂଆଗାଁ ମାନସ ପଡିଆ,ସମୟ: ସକାଳ ୭ଟା, ସନ୍ଧ୍ୟା ୭ଟା।
- ବ୍ଲକସ୍ତରୀୟ ସାଧୁ ସମ୍ମିଳନୀ, ସ୍ଥାନ:ନୂଆଗାଁ ଚଣାପଦର ଭାଗବତ ଗୋଷ୍ଠୀ ଆଶ୍ରମ, ସମୟ: ଅପରାହ୍ଣ ୧ଟା।
- ରଜ ଉପଲକ୍ଷେ କ୍ରୀଡ଼ା ଓ ମଞ୍ଚ ପ୍ରତିଯୋଗିତା, ସ୍ଥାନ: ଫୁଲବାଣୀ ପାରିଜାତ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ଣ ୪ଟା।
- ରଜ ଉପଲକ୍ଷେ ଖେଳ ପ୍ରତିଯୋଗିତା, ସ୍ଥାନ: ବିରୁପାକ୍ଷ ମନ୍ଦିର ପଡ଼ିଆ, ଚକାପାଦ. ସମୟ: ଅପରାହ୍ଣ ୫ଟା।

## ଢେଙ୍କାନାଳ
- ରଜ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପରିସର ଗୋବିନ୍ଦପୁର ଢେଙ୍କାନାଳ, ସମୟ:ପୂର୍ବାହ୍ଣ ୧୦ଟା।

## ଅନୁଗୋଳ
- ଅନୁଗୋଳ ରଜ ମହୋତ୍ସବ, ସ୍ଥାନ: ଇକୋ ପାର୍କ ଅନୁଗୋଳ, ସମୟ: ସକାଳ ୭ଟା।

## ଜଗତ୍‌ସିଂହପୁର
- ରଜ ଉତ୍ସବ, ସ୍ଥାନ: ରେଢୁଆ ହାଟ, ରଘୁନାଥପୁର, ସମୟ: ସକାଳ ୬ଟା।
- ବିଶ୍ୱ ରକ୍ତଦାନ ଶିବିର, ସ୍ଥାନ: କୋଷ୍ଟଗାର୍ଡ ମୁଖ୍ୟାଳୟ, ପାରାଦୀପ, ସମୟ: ସକାଳ ୮ଟା
- ଆଞ୍ଚଳିକ ବିକାଶ ପରିଷଦ ରେଢୁଆ ପକ୍ଷରୁ ମୂଲ୍ୟାଙ୍କନ ବୈଠକ, ସ୍ଥାନ: ରେଢୁଆ ବୃନ୍ଦାବନଚନ୍ଦ୍ର ମଠ ପରିସର, ରଘୁନାଥପୁର, ସମୟ: ସକାଳ ୯ଟା।
- ଶୁଶ୍ରୀଶୁଭଶ୍ରୀ ଓ ରେଡିଓ ଆଉଟ୍‌ରିଚର ମିଳିତ ଆନୁକୂଲ୍ୟରେ ରଜ ଉତ୍ସବ ପାଳନ, ସ୍ଥାନ: ଶ୍ରୀରାମପୁର, ତିର୍ତ୍ତୋଲ, ସମୟ: ଅପରାହ୍ଣ ୩ଟା।
- ରଜମହୋତ୍ସବ 'ବସୁନ୍ଧରା' ପାଳନ, ସ୍ଥାନ: ବାଲିପାଟଣା ମେଲଣ ପଡ଼ିଆ, ତିର୍ତ୍ତୋଲ ସମୟ: ଅପରାହ୍ଣ ୪ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ମା' ସାହାଡା ସୁନ୍ଦରୀ ମନ୍ଦିର, ମେଣ୍ଢପୁର, ଆଳି, ସମୟ: ସକାଳ ୫ଟା।
- ମଧୁବାବା ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡା, ସମୟ: ସକାଳ ୭ଟା।
- ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଅଯୋଦ୍ଧାନଗର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୭ଟା।
- ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ବରୁଣେଶ୍ୱର ମନ୍ଦିର ପରିସର, କେରଡାଗଡ଼, ରାଜନଗର, ସମୟ: ସକାଳ ୭ଟା।
- ମା' ପାଟକୁମାରୀ କଳାବିକାଶ ଯୁବ ସଙ୍ଗଠନ ପକ୍ଷରୁ ମେଘ ମହ୍ଲାରର ନୃତ୍ୟ ଓ ସଙ୍ଗୀତ ଆସର, ସ୍ଥାନ: ଏଣ୍ଠୁଳାପୁର, ରାଜନଗର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କାଏମା ପାହାଡ, ସମୟ: ସକାଳ ୭ଟା।
- ରଜ ମହୋତ୍ସବ ଅବସରରେ କୁଇଜ ଓ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ଧର୍ମଶାଳା ବ୍ଲକ କଦମପାଳ ହାଇସ୍କୁଲ ପଡିଆ, ସମୟ: ସକାଳ ୯ଟା।
- ରଜ ମହୋତ୍ସବ, ସ୍ଥାନ: କାଏମା ଅରଖପଦା ଗ୍ରାମ, ସମୟ: ପୂର୍ବାହ୍ଣ ୯ଟା।
- ରଜ ମହୋତ୍ସବ ଉପଲକ୍ଷେ ଯଜ୍ଞ ଓ ମେଳା କାର୍ଯ୍ୟକ୍ରମ, ସ୍ଥାନ: କୋରେଇ ବ୍ଲକ ଅଧୀନ ରଗଡ଼ିର ମା' କାମୁଡେଇ ପୀଠ, ସମୟ: ପୂର୍ବାହ୍ଣ ୧୦ଟା।
- ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୧୮ ତମ ପୁଣ୍ୟ ତିଥିରେ ବିଦଗ୍ଧା ରୌପ୍ୟ ଜୟନ୍ତୀର ଦ୍ୱିତୀୟ ପର୍ବ, ସ୍ଥାନ: ବରୀ ବ୍ଲକ୍‌ର ଅଭିମନ୍ୟୁ ବାଲିଆ(ଜୟନ୍ତୀ ମଣ୍ଡପ), ସମୟ: ଅପରାହ୍ଣ ୨ଟା।
- ଓଡ଼ିଶା ନାଭାଲ ଟାଟା ହକି ଏବଂ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସ, ସ୍ଥାନ: ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ର, ସମୟ: ଅପରାହ୍ଣ ୩ଟା।

## ନୟାଗଡ଼
- ରଘୁନାଥ ଆଥ୍‌ଲେଟିକ୍ ଆସୋସିଏଶନ୍ ପକ୍ଷରୁ ଓଡଗାଁ କ୍ରିକେଟ ଲିଗ୍‌ର ୫ମ ଦିବସୀୟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଓଡଗାଁ ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ରଜ ଉତ୍ସବ, ସ୍ଥାନ: ଉମାଦେଇ ପୀଠ ଖଣ୍ଡପଡ଼ା, ସମୟ: ସକାଳ ୮ଟା।

## ରାୟଗଡ଼ା
- ରଜ ମହୋତ୍ସବ ପାଳନ, ସ୍ଥାନ: ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ପରିସର, ରାୟଗଡ଼ା, ସମୟ: ସକାଳ ୯ଟା ୩୦।
- ଭାରତୀୟ ମଜଦୁର ସଙ୍ଘର ନୂତନ କର୍ମକର୍ତ୍ତା ଚୟନ, ସ୍ଥାନ: ଠକର ବାପା ଆଶ୍ରମ, ରାୟଗଡା, ସମୟ: ପୂର୍ବାହ୍ଣ ୧୧ଟା।
- ରଜ ଉପଲକ୍ଷେ ପାରମ୍ପରିକ ପିଠା ଓ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି ମହିଳା ଅନୁଷ୍ଠାନ, ରାୟଗଡ଼ା, ସମୟ: ଅପରାହ୍ଣ ୪ଟା ୩୦ ।

## ନବରଙ୍ଗପୁର
- ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବୈଠକ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ବୈଠକ ଗୃହ, ସମୟ: ପୂର୍ବାହ୍ଣ ୧୦ଟା।
- ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଶୋଭାଯାତ୍ରା, ସ୍ଥାନ: ଇନ୍ଦ୍ରାବତୀ ଛକରୁ ନବରଙ୍ଗପୁର ସର୍କିଟ ହାଉସ୍, ସମୟ: ୧୧ଟା ୩୦
- ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଖବରଦାତା ସମ୍ମିଳନୀ, ପ୍ରଶାସନ ସହ ଆଲୋଚନା, ସ୍ଥାନ: ସର୍କିଟ ହାଉସ୍, ଅପରାହ୍ଣ ୧ଟା ୫।
- ପାପଡ଼ାହାଣ୍ଡି ଶହୀଦ ମିନାରରେ ଶ୍ରଦ୍ଧାଞ୍ଜଳୀ, ଜାତାବାଲ ଓ ଡାବୁଗାଁରେ ସ୍ୱାଗତ ସମ୍ବର୍ଦ୍ଧନା, ସମୟ: ଅପରାହ୍ଣ ୩ଟା ୩୦।
- ଉମରକୋଟରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସମୟ: ସନ୍ଧ୍ୟା ୫ଟା ।
- ରଜ ଉପଲକ୍ଷେ ଝୋଟି ଓ ପିଠା ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁର ସୌରା ସହି କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ଣ ୫ଟା।

## କୋରାପୁଟ
- ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା, ସ୍ଥାନ :କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସ, ସମୟ: ସକାଳ ୮ଟା ୩୦।

## ସମ୍ବଲପୁର
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୭ଟା ।
- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ନକ୍‌ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ପଶ୍ଚିମଓଡ଼ିଶା ଦଳିତ ସୁରକ୍ଷା ପରିଷଦର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ଣ ୧୦ଟା।
- ରଜ ମଉଜ ଉତ୍ସବ, ସ୍ଥାନ: ପାନ୍ଥ ନିବାସ, ସମୟ: ଅପରାହ୍ଣ ୫ଟା।

## ବଲାଙ୍ଗୀର
- କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ଏସଜେ ରିଜେନ୍ସି, ବଲାଙ୍ଗୀର, ସମୟ : ଅପରାହ୍ଣ ୪ଟା ୩୦।

## ସୁବର୍ଣ୍ଣପୁର
- ଶିବ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ଣ ୧୧ଟା।
- ତରଭା ମର୍ଣ୍ଣିଂ ଫୁଟବଲ କ୍ଲବର ବାର୍ଷିକ ବୈଠକ, ସ୍ଥାନ: ତରଭା ଖେଳ ପଡ଼ିଆସ୍ଥିତ ଅଫିସ ଗୃହ, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ରଜ ଉତ୍ସବ ପାଇଁ କୁବେର ସମାଜର ପ୍ରସ୍ତୁତି ବୈଠକ, ସ୍ଥାନ: ଟାଉନ ହଲ, ଜୁନାଗଡ଼, ସମୟ: ଅପରାହ୍ଣ ୪ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଗୌଣ୍ଡ ସମ୍ପ୍ରଦାୟର ଇଷ୍ଟଦେବତା ଚତୁର୍ଭୁଜ ଦୁଡାଦେଓ ପୂଜା, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ, ସାଲେପଡା, ସମୟ: ସକାଳ ୯ଟା ୩୦।
- କୁମାରୀ ଝିଅଙ୍କ ରଜ ଉତ୍ସବ, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ, ସମୟ: ସକାଳ ୧୦ଟା।

## ରାଉରକେଲା
- ଜିଲା ପତଞ୍ଜଳି ଯୋଗ ପରିବାର ପକ୍ଷରୁ ରଜ, ସ୍ଥାନ: ସେକ୍ଟର-୧୯ ସାରଳା ମନ୍ଦିର, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଶକ୍ତିକ୍ଲବ ଆଣ୍ଡ ସୋଶିଆଲ ହୋମ ପକ୍ଷରୁ ମୁଁ ଓଡ଼ିଆଣୀ କାର୍ଯ୍ୟକ୍ରମ, ସ୍ଥାନ : ଶକ୍ତିନଗର, ସମୟ: ସଂନ୍ଧ୍ୟା୬ଟା।
- ବାଟ ମାମଙ୍ଗଳା ମହିଳା ସମିତି ପକ୍ଷରୁ ରଜ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଏମ୍‌ପି, ବିଧାୟକଙ୍କୁ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ମାର୍କେଟ୍ ପରିସର, ଅତାବିରା, ସମୟ: ପୂର୍ବାହ୍ଣ ୧୦ଟା।
- ମାର୍ଜିନା ଫୋକ୍ ଥିଏଟର୍ ମହୋତ୍ସବ, ସ୍ଥାନ: ଢୋଲବନ୍ଧ, ପଦ୍ମପୁର, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ
- କଳେକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରଙ୍ଗୋଲି କାର୍ଯ୍ୟକ୍ରମ, ସ୍ଥାନ: କଳେକେଶ୍ୱର ମନ୍ଦିର ପ୍ରାଙ୍ଗଣ, ଘଣ୍ଟାପଡା, କଣ୍ଟାମାଳ, ସମୟ: ପୂର୍ବାହ୍ଣ ୧୧ଟା।
- ନାଗରିକ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ରଜ ସଂକ୍ରାନ୍ତି ଅବସରରେ କଣ୍ଢେଇ ବାହାଘର, ସ୍ଥାନ: ତିଲେଇବନି ବ୍ଲକ, ମାଝିପାଲି, ସମୟ: ଅପରାହ୍ଣ ୪ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର ଓ ହନୁମାନ ବାଟିକା, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ବାବା ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ ସହରସ୍ଥିତ ଧର୍ମଶାଳା ଛକ ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବୁଧ କ୍ଷେତ୍ରରେ ଚନ୍ଦ୍ର ଯୁକ୍ତ କେତୁ ରହିଥିବାରୁ ମାନସିକ ଅସୁସ୍ଥତା ସାଙ୍ଗକୁ ବନ୍ଧୁଙ୍କ ସହ ମତାନ୍ତର ପରିଲକ୍ଷିତ ହେବ। ପାଇବାକୁ ଥିବା ଜିନିଷ, ଟଙ୍କା, ଗୁରୁତ୍ୱପୂର୍ଣ୍ଣ କାଗଜ କିମ୍ବା ଫାଇଲ ପ୍ରଭୃତି ସହଜରେ ପାଇପାରିବେ ନାହିଁ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ମନ୍ଦ ହେବନି କିନ୍ତୁ ଅସାବଧାନତା ହେତୁ ଦ୍ରବ୍ୟନଷ୍ଟ ହୋଇପାରେ।

**ବୃଷ** ଭଲ ସମ୍ପର୍କ ନ ଥିବା ଆତ୍ମୀୟମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ, କିନ୍ତୁ ସମ୍ପୂର୍ଣ୍ଣ ଭାବରେ ସନ୍ତୋଷଜନକ ହେବନାହିଁ। ପ୍ରକାଶନ, ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁ ହୁଅନ୍ତୁ, ସେମାନଙ୍କୁ ମନେଇ ନିଜ କାମରେ ଲଗାଇପାରନ୍ତି ।

**ମିଥୁନ** ଆଜିର ସମୟଟି ଭଲରେ ଅତିବାହିତ ହେବା ସୂଚନା ରହିଛି। ଧନାଧିପ କେତୁଯୁକ୍ତ କାରଣରୁ ଟଙ୍କା ପଇସା ସମ୍ପର୍କିତ ସମସ୍ତ କାମ ସାବଧାନତା ସହକାରେ କରିବା ବିଧେୟ। ଅନ୍ୟଥା ଭୁଲ୍ ହିସାବରୁ, ଅଲଗା ସ୍ଥାନରେ ରଖିଦେଇଥିବା କାରଣରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟ, ଜମିଜମାରେ ଉନ୍ନତ ଫଳ ପାଇବେ।

**କର୍କଟ** ବିଳାସକାରକ ଶୁକ୍ର ଦ୍ୱାଦଶସ୍ଥ ଯୋଗୁ ହସ, ଖୁସି, ମଜାମଉଜରେ ସମୟ କଟାଇପାରନ୍ତି। କିନ୍ତୁ ମନ ଚାହୁଁ ନଥିଲେ ମଧ୍ୟ ପରିବାର ଲୋକଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରତ୍ୟେକ ଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବାର ସୂଚନା ରହିଛି।

**ସିଂହ** ଆଜି ବନ୍ଧୁମିଳନ ସାଙ୍ଗକୁ ଯାତ୍ରା, ବ୍ୟବସାୟ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଫଳପ୍ରଦ ହେବ। ବ୍ୟବସାୟ, ଜମିଜମା କାରବାର ପ୍ରଭୃତିରେ ଲକ୍ଷ୍ୟ ହାସଲ ହୋଇପାରିବ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ସଙ୍ଗୀତ, ସାହିତ୍ୟ, କ୍ରୀଡ଼ା, ଶିଳ୍ପକଳା କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କନ୍ୟା** ଆପଣଙ୍କ ପାଇଁ ଅଷ୍ଟମସ୍ଥ ମଙ୍ଗଳ ଜମିଜମା ସମ୍ପର୍କୀୟ କିମ୍ବା ଗୃହସୀମାକୁ ନେଇ ସମସ୍ୟା ସୃଷ୍ଟି କରିବ। ସାହିତ୍ୟ କୃତି, ସଙ୍ଗୀତ ଚର୍ଚ୍ଚା ସକାଶେ ମାନସିକ ଅଶାନ୍ତି ସାମାନ୍ୟ ବାଧକ ସାଜିପାରେ। ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ, ଯାତ୍ରା ଓ କଚେରି ମାମଲା ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିପାରେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ତୁଳା** ଗୁରୁ ସହ ଶୁକ୍ରଙ୍କ ସମ୍ବନ୍ଧରୁ ଦୀର୍ଘ ଦିନରୁ ରହିଥିବା ବିଭିନ୍ନ ସ୍ତରରେ ଭଲ ସମ୍ପର୍କରେ ଫାଟ ସୃଷ୍ଟି ହୋଇପାରେ। ଆଳସ୍ୟ ଓ ଅବହେଳା ହେତୁ କୌଣସି କାମ ଠିକ୍ ହେବ ନାହିଁ। ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଅସାବଧାନତା କାରଣରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ।

**ବିଛା** ରାହୁଙ୍କ ସ୍ଥିତିରୁ ପ୍ରତ୍ୟେକ କ୍ଷେତ୍ରରେ ହାତେ ମାପି ଚାଖଣ୍ଡେ ନ ଚାଲିଲେ ଅସୁବିଧା ଭୋଗିବେ। ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ, ଏଣୁ ସତର୍କ ରହିବା ଭଲ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରି ସଫଳତା ହାସଲ କରିପାରିବେ। କଳା, ସାହିତ୍ୟ, ସାମ୍ବାଦିକତାରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ଆଗକୁ ପ୍ରତିକୂଳତାର ସାମ୍ନା କରିବାକୁ ପଡ଼ିପାରେ ଏଣୁ ଭାବିଚିନ୍ତି କାମ କରିବା ଭଲ। ପିଲାଙ୍କ ବିବାହ ସ୍ଥିରୀକୃତ ହେବା ସୂଚନା ରହିଛି। ଶାରୀରିକ ସୁସ୍ଥତା ଫେରିପାଇବେ ଓ ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ମିଳିବ। ପରିବହନ, ଛୋଟ ଦୋକାନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର** ଆପଣଙ୍କ ଯୁକ୍ତିଯୁକ୍ତ ବିଚାରଧାରା କାମ ହାସଲରେ ସହାୟକ ହେବ। ଚନ୍ଦ୍ରଙ୍କ ପ୍ରତି ରାହୁଙ୍କ ଦୃଷ୍ଟିଥିବାରୁ ଭୁଲ୍ ବୁଝାମଣା ନେଇ ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ। ଶିଳ୍ପ, ପରିବହନ, ନିର୍ମାଣ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅସୁବିଧା ହେବ ନାହିଁ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** କେତୁ ଯୁକ୍ତ ଚନ୍ଦ୍ରଜନିତ ବନ୍ଧୁଙ୍କ ନିକଟରୁ ଅପମାନ ସୂଚକ କଥା ଶୁଣି ମନ ଖରାପ ହୋଇଯାଇପାରେ। ନିଜ ଲୋକଙ୍କ କାର୍ଯ୍ୟକଳାପ ନେଇ ବିବ୍ରତ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ହେତୁ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆଗାମୀ ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମୀନ** ଚତୁର୍ଥସ୍ଥ ଗ୍ରହ ସମ୍ବନ୍ଧରୁ ପରିବାରରେ ହେଉ କିମ୍ବା ବନ୍ଧୁଙ୍କ ସହ ସାଧାରଣ କଥାରେ ମନାନ୍ତର ଘଟିପାରେ। ଅବଶ୍ୟ ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସଭାସମିତିରେ ସମ୍ମାନ ମିଳିବ ଓ ସତ୍‌ସଙ୍ଗ, ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଆର୍ଥିକ ସ୍ୱଚ୍ଛଳତା ଆସିବ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ।

ଆଜି ରଜ ସଂକ୍ରାନ୍ତି, ଜୁନ୍ ୧୫ ତାରିଖ, ମକ୍କାରେ ହଜ୍ ଆରମ୍ଭ, ଜ୍ୟେଷ୍ଠ ଶୁକ୍ଳ ନବମୀ, ଶନିବାର, ରାଶିନକ୍ଷତ୍ର-ସକାଳ ଘ.୦୮/୧୩ ଗତେ ହସ୍ତା/କନ୍ୟା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୮ ଗତେ ଘ.୧୨।୧୩ ମଧ୍ୟେ, ଘ.୦୩।୦୫ ଗତେ ଘ.୦୩।୪୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୨୯ ଗତେ ଘ.୧୦।୦୮ ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## ଅହଂକାରୀଙ୍କୁ ଅଟକାଇଲେ ...

ଭାଜପାର ପରାଜୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଆର୍‌ଏସ୍‌ଏସ୍‌ର ସାପ୍ତାହିକ ମୁଖପତ୍ରରେ ସେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସହ ଭାଜପାର ମେଣ୍ଟକୁ ସମାଲୋଚନା କରିଥିଲେ। ଏପରି ନିଷ୍ପତ୍ତି କାହିଁକି ନିଆଯାଇଥିଲା ବୋଲି ରତନ ନିଜ ଆଲେଖ୍ୟରେ ପ୍ରଶ୍ନ କରିଥିଲେ। ସୂଚନାଯୋଗ୍ୟ, ଲୋକ ସଭା ନିର୍ବାଚନରେ ଭାଜପା ୨୪୦ ଆସନ ଜିତିଛି, ଯାହାକି ମ୍ୟାଜିକ୍ ନମ୍ବର ୨୭୨ରୁ ୩୨ କମ୍। ଏଭଳି ସ୍ଥିତିରେ ମୋଦିଙ୍କ ଦଳ ସଂଯୁକ୍ତ ଜନତା ଦଳ (ଜେଡିୟୁ), ତେଲୁଗୁ ଦେଶମ୍ ପାର୍ଟି (ଟିଡିପି), ଶିବସେନା(ଶିନ୍ଦେ) ଓ ଅନ୍ୟ ଛୋଟ ଦଳଗୁଡ଼ିକ ସହଯୋଗରେ ତୃତୀୟ ଥର ସରକାର ଗଢ଼ିବାରେ ସକ୍ଷମ ହୋଇଛି। ଏହି ଦୃଷ୍ଟିରୁ ଆର୍‌ଏସ୍‌ଏସ୍ ନେତାଙ୍କ ମନ୍ତବ୍ୟକୁ ଗୁରୁତ୍ୱ ଦିଆଯାଉଛି।

## କେନ୍ଦ୍ର, ଏନ୍‌ଟିଏକୁ ଜବାବ ...

ହୋଇଥିଲା। ୬୭ ଜଣ ପିଲା ୭୨୦ରୁ ୭୨୦ ନମ୍ବର ରଖିଥିଲେ, ଯାହା କି ଏନ୍‌ଟିଏ ଇତିହାସରେ ଅଭୂତପୂର୍ବ। ପ୍ରଥମ ର୍‍ୟାଙ୍କ୍ ପାଇଥିବା ୬୭ ପିଲାଙ୍କ ମଧ୍ୟରେ ହରିୟାଣାର ଫରିଦାବାଦସ୍ଥିତ ଗୋଟିଏ ସେଣ୍ଟରର ୬ ଜଣ ପରୀକ୍ଷାର୍ଥୀ ଥିଲେ। ଫଳରେ ପରୀକ୍ଷାରେ ଅନିୟମିତତା ହୋଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ଏହା ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ ହେବା ସହ ସୁପ୍ରିମକୋର୍ଟ ଏବଂ ୭ ହାଇକୋର୍ଟରେ ପିଟିଶନ ଦାଏର ହୋଇଥିଲା। ଏହି ପରୀକ୍ଷା ଉପରେ ୨୪ ଲକ୍ଷ ପିଲାଙ୍କ ଭବିଷ୍ୟତ ନିର୍ଭର କରୁଥିବାରୁ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଅନିୟମିତତା ଅଭିଯୋଗର ତଦନ୍ତ ପାଇଁ କଂଗ୍ରେସ ଦାବି କରିଥିଲା। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପର୍ଯ୍ୟନ୍ତ ଏହା ଉପରେ ନୀରବତା ଅବଲମ୍ବନ କରୁଥିବାରୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏନ୍‌ଇଇଟି ଦୁର୍ନୀତିକୁ ଚାପିଦେବା ପାଇଁ ମୋଦି ସରକାର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଏନ୍‌ଟିଏ ଜରିଆରେ ଉଦ୍ୟମ ଆରମ୍ଭ କରିଥିବା ଖାର୍ଗେ ଶୁକ୍ରବାର କହିଛନ୍ତି।

## ବାଣ ନିଷ୍କ୍ରିୟ କଲାବେଳେ ...


ମୃତ ପ୍ରଦୀପ ମଲ୍ଲିକ

ବୋମା ନିଷ୍କ୍ରିୟ ଦଳର ତିନିଜଣିଆ ଟିମ୍ ଆସିଥିଲା। ସେମାନେ କାଠଯୋଡ଼ି ନଦୀକୂଳକୁ ଆଣି ଦୁଇଟି ଅଲଗା ସ୍ଥାନରେ ଗର୍ତ୍ତ କରିଥିଲେ। ବାଣଗୁଡ଼ିକୁ ସେଥିରେ ରଖିବା ପରେ ଅଗ୍ନି ସଂଯୋଗ କରିଥିଲେ। ମାତ୍ର ବାଣ ବିସ୍ଫୋରଣ ହେବା ପରେ ନିକଟରେ ଥିବା ହାବିଲଦାର ମଲ୍ଲିକଙ୍କ ମୃତ୍ୟୁ ଘଟିଥିଲା। ଏପରି କି ବିସ୍ଫୋରଣ ପ୍ରଭାବରେ ମଲ୍ଲିକଙ୍କ ଶରୀରର ବିଭିନ୍ନ ଅଂଶ ଖଣ୍ଡବିଖଣ୍ଡିତ ହୋଇ ମାଂସଗୁଡ଼ିକ ବିଚ୍ଛୁରିତ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ କଟକ ସଦର ପୋଲିସ ପହଞ୍ଚି ମଲ୍ଲିକଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ଏସ୍‌ସିବି ମେଡିକାଲକୁ ପଠାଇ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୪) ରୁଜୁ କରିଛି। ପରେ ଘଟଣାସ୍ଥଳରେ ଏଡିସିପି ଅନିଲ ମିଶ୍ର, ପ୍ରକାଶ ପାଲ୍, ଦେବଦତ୍ତ କର, ଏସିପି କୃଷ୍ଣଚନ୍ଦ୍ର ସେଠୀ, ଅରୁଣ କୁମାର ସ୍ୱାଇଁ, ଉମାକାନ୍ତ ପ୍ରଧାନ, ସଦର ଥାନା ଅତିରିକ୍ତ ଆଇଆଇସି ରାମହରି ସେଠୀ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ବାଣଗୁଡ଼ିକୁ ଫୁଟାଇ ନଷ୍ଟ କରିବା ଭଳି ବିପଦପୂର୍ଣ୍ଣ କାର୍ଯ୍ୟରେ ବରିଷ୍ଠ ଅଧିକାରୀଙ୍କୁ ସାମିଲ କରା ନ ଯାଇ ଜଣେ ହାବିଲଦାରଙ୍କ ହାତରେ ସମ୍ପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜବତ ବାଣ ନିଷ୍କ୍ରିୟ କରିବାବେଳେ କେଉଁସବୁ ନିରାପଦ ଦିଗକୁ ଧ୍ୟାନ ଦେବାକୁ ପଡ଼ିବ, ନିଆଁ ଲଗାଇବା ପୂର୍ବରୁ କେତେଦୂରରେ ରହିବାକୁ ପଡ଼ିବ ସେସବୁ ପ୍ରଶ୍ନ ଏବେ ବିଭାଗୀୟ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ପୋଲିସ ବିଭାଗର ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ପାଇଁ ଜଣେ କାର୍ଯ୍ୟରତ ହାବିଲଦାରଙ୍କ ମୃତ୍ୟୁ ଘଟିଲା ବୋଲି ଚର୍ଚ୍ଚା ଜୋର୍ ଧରିଛି।

ଏନେଇ ଏଡିସିପି ଅନିଲ ମିଶ୍ର କହିଛନ୍ତି, ଜବତ ବାଣ ନିଷ୍କ୍ରିୟ କରିବା ନିମନ୍ତେ ମଲ୍ଲିକ ଜଣେ ତାଲିମପ୍ରାପ୍ତ ପୋଲିସ କର୍ମଚାରୀ ଥିଲେ। ତାଙ୍କ ନେତୃତ୍ୱରେ ଜବତ ବାଣ ନିଷ୍କ୍ରିୟ କରାଯାଉଥିଲା। ହେଲେ ଅଘଟଣ କେଉଁ ପରିସ୍ଥିତିରେ ଘଟିଲା ତାହାର ତଦନ୍ତ କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତି, ବାଣ ନଷ୍ଟ ଟିମ୍‌ରେ ଥିବା ୨ କନ୍‌ଷ୍ଟେବଲ୍‌ଙ୍କ ବୟାନ ଆଦିକୁ ତର୍ଜମା କରାଯାଇଛି। ଉକ୍ତ ବାଣ ନିଷ୍କ୍ରିୟ କାର୍ଯ୍ୟର ନେତୃତ୍ୱ ଯେହେତୁ ମଲ୍ଲିକ ନେଇଥିଲେ ଏଥିପାଇଁ ଅନ୍ୟ କାହାକୁ ଦାୟୀ କରାଯାଇପାରିବ ନାହିଁ। ତଦନ୍ତରୁ ଏହା ସ୍ପଷ୍ଟ ହୋଇଛି ଯେ, ହାବିଲଦାରଙ୍କ ଅସାବଧାନତା ପାଇଁ ଏଭଳି ଅଘଟଣ ଘଟିଛି। ସେ ବାଣଗୁଡ଼ିକରେ ଅଗ୍ନି ସଂଯୋଗ ପୂର୍ବରୁ ବହୁ ଦୂରରେ ରହିବା ଆବଶ୍ୟକ ଥିଲା। ମାତ୍ର ତାହା ନ କରି ସେ ନିକଟରେ ରହିଥିବାରୁ ଏଭଳି ଅଘଟଣ ଘଟିଛି। ତେବେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ପାଇଁ ରହିଥିବା ସରକାରଙ୍କ ସାମୂହିକ ବୀମା ଯୋଜନାରୁ ତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବ। ଏଥିସହ କେନ୍ଦ୍ରୀୟ ରାଶି ୪୫ ହଜାର, ଜିଲା ପ୍ରଶାସନ ରାଶି ୩୦ ହଜାର ଓ ଶୁଦ୍ଧିକ୍ରିୟା ନିମନ୍ତେ ୨୫ ହଜାର ଟଙ୍କା ଆଦି ଅନୁକମ୍ପାମୂଳକ କ୍ଷତିପୂରଣ ରାଶି ପ୍ରଦାନର ବ୍ୟବସ୍ଥା ରହିଥିବା ମିଶ୍ର କହିଛନ୍ତି।

### ଏସ୍‌ସିବିରେ ଶୋକାକୁଳ ପରିବେଶ

ହାବିଲଦାରଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲରେ ପହଞ୍ଚିବା ପରେ ସେଠାରେ ଲୋକଙ୍କ ଗହଳି ଲାଗିଥିଲା। ତାଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ନିଜର କୋହ ସମ୍ଭାଳି ପାରି ନ ଥିଲେ। ସେମାନଙ୍କ କାନ୍ଦବୋବାଳିରେ ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଉପସ୍ଥିତ ଲୋକମାନେ ସେମାନଙ୍କ ଶୋକରେ ଅତ୍ୟନ୍ତ ମର୍ମାହତ ହୋଇଥିଲେ।

### ପ୍ରଦୀପଙ୍କ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ମିଳୁ

କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଏସ୍‌ସିବି ମେଡିକାଲରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ପୋଲିସ ବିଭାଗରେ ୨୪ ବର୍ଷ ଧରି କାର୍ଯ୍ୟରତ ମୃତ ହାବିଲଦାର ମଲ୍ଲିକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଓ ଉକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରାଇବାକୁ ସେ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, ମୃତ ହାବିଲଦାରଙ୍କ ୩ ଝିଅ ଅଛନ୍ତି। ଏକ ମାତ୍ର ରୋଜଗାରୀ ବାପାଙ୍କ ମୃତ୍ୟୁରେ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି।

## ଶୃଙ୍ଖଳିତ ନୀତି, ଦର୍ଶନ ଉପରେ ଗୁରୁତ୍ୱ

**ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକ**

**ପୁରୀ,୧୪।୬(ଅଜିତ୍ କୁମାର ମହାନ୍ତି)**

ଜୁନ୍ ୨୨ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ହେବାକୁ ଥିବାବେଳେ ୧୭ରେ ରାଜେନ୍ଦ୍ରାଭିଷେକ, ୧୮ରେ ରୁକ୍ମିଣୀହରଣ ଏକାଦଶୀ, ୧୯ରେ ଚମ୍ପକ ଦ୍ୱାଦଶୀ, ୨୦ରେ ଶ୍ରୀମନ୍ଦିରରେ ଦଇତା ପ୍ରବେଶ, ୨୧ରେ ଚତୁର୍ଥୀ ହୋମ ଓ ସେନାପଟା ଲାଗି ନୀତି ଆଦି ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସରେ ନୀତି ସବ୍‌କମିଟି ଏବଂ ଛତିଶା ନିଯୋଗ ବୈଠକ ଏହି ନିଷ୍ପତ୍ତି ନିଆଯାଇଛି।

## ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ମୋରଡ଼ା,୧୪।୬ (ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ଚିତ୍ରଡ଼ା ଫାଣ୍ଡି ଅଧୀନ ଫୁଟୁକିଶୋଳ ଗ୍ରାମରେ ଜଣେ ଯୁବକଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ହେଲେ ରାମେଶ୍ୱର ସୋରେନ। ସୂଚନା ଅନୁଯାୟୀ, ରାମେଶ୍ୱର ପ୍ରତିଦିନ ପରି ଗୁରୁବାର ମୂଲ ଲାଗିବାକୁ ଯାଇଥିଲେ। କାମ ସାରି ଘରକୁ ଫେରୁଥିବା ସମୟରେ କେନାଲ ପାର୍ଶ୍ୱରେ ଥିବା ଏକ ଗଛମୂଳେ ଆଶ୍ରୟ ନେଇଥିଲେ। ପରେ ସେଠାରେ ତାଙ୍କର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଇଛନ୍ତି। ଏନେଇ ମୋରଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୦/୨୪) ରୁଜୁ ହୋଇଛି।

# ଦାଦନ ଦୁଃଖ: ଦୁବାଇରେ ଫସିଛନ୍ତି ୨୮ ଶ୍ରମିକ

କେନ୍ଦ୍ରାପଡ଼ା,୧୪।୬(ଜଗନ୍ନାଥ ଧଳ)



ଦାଦନ ଯନ୍ତ୍ରଣା କେନ୍ଦ୍ରାପଡ଼ା ଜିଲାରେ ବଢ଼ିଚାଲିଛି। ଚଳିତ ସପ୍ତାହରେ ନଜରକୁ ଆସିଥିବା ଦୁଇଟି ଘଟଣା ଏବେ ପ୍ରବାସ ଜୀବନର ସଂଘର୍ଷ କାହାଣୀକୁ ସ୍ଥାନୀୟ ଅଞ୍ଚଳରେ ଦୁଃଖପୂର୍ଣ୍ଣ ବାତାବରଣ ସୃଷ୍ଟି କରିଛି। ମହାକାଳପଡ଼ା ବ୍ଲକ ବଡିଘର ପଞ୍ଚାୟତ କୋଟିଲାବେଲାରି ଗ୍ରାମର ଝରଣା ମଣ୍ଡଳ ବେଙ୍ଗାଲୁରୁରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଦୁଇଦିନ ପୂର୍ବେ ତାଙ୍କର ସେଠାରେ ମୃତ୍ୟୁ ହୋଇଛି। ଆର୍ଥିକ ଦୁରବସ୍ଥା ଯୋଗୁ ଗ୍ରାମକୁ ଝରଣାଙ୍କ ମୃତଦେହ ଆସିପାରୁନାହିଁ। ରଜରେ ସଜ ହେବାକୁ ଚାହିଁ ବସିଥିବା କିଶୋରୀ କନ୍ୟା ସ୍ନେହା ଏବେ ମା' ଝରଣାଙ୍କ ମୃତଦେହକୁ ଘରକୁ ଆଣିବାକୁ ପ୍ରଶାସନ ସହିତ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନର ସହଯୋଗ ଲୋଡିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳର ୨୮ ଶ୍ରମିକ ଦୁବାଇ ସହରର ଜବରଅଲିଷ୍ଟ ଗ୍ରାଣ୍ଡ୍ ହାଇପର ମାର୍କେଟ ପାଖରେ ଥିବା ଇଞ୍ଜିନିୟରିଂ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀ (ଇସିସି)ରେ ଫସି ଯାଇଛନ୍ତି। ଏହି ଶ୍ରମିକଙ୍କୁ ନେଇଥିବା ଠିକାଦାର ଓ ଶ୍ରମିକଙ୍କ ପରିବାର ସଦସ୍ୟଙ୍କୁ ଧରାଛୁଆଁ ଦେଉନାହାନ୍ତି। ଇସିସିରେ ୮ ଘଣ୍ଟା ବଦଳରେ ୧୦ ଘଣ୍ଟା ଶ୍ରମିକ କାର୍ଯ୍ୟ କରୁଛନ୍ତି। ଚିକିତ୍ସା ଓ ଅନ୍ୟ ଅବହେଳା ସହିତ ସୁରକ୍ଷା ବ୍ୟବସ୍ଥା ନାହିଁ। ଭଦ୍ରକରୁ ଯାଇଥିବା ସାଥୀ ସନାତନ ପରିଡାଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ପରେ ଜିଲାର ଏହି ୨୮ ଶ୍ରମିକ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଭାରତ ଫେରାଇ ଆଣିବାକୁ ସେମାନେ ଭିଡିଓ ବାର୍ତ୍ତା ଦେଇଛନ୍ତି। ପ୍ରବାସରେ ଥିବା କେନ୍ଦ୍ରାପଡ଼ାର ଏହି ଶ୍ରେଣୀର ଯୁବବର୍ଗ ଏବେ ମୃତ୍ୟୁ ଓ ନିର୍ଯାତନାର ସାମ୍ନା କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ କର୍ମନିଯୁକ୍ତି ସମସ୍ୟା ସମାଧାନ ହୋଇ ପାରୁ ନ ଥିବାରୁ ଏପରି ଘଟଣା ନଜରକୁ ଆସୁଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ, ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ, ଚିତ୍ତରଞ୍ଜନ ଦାସ, ସୁଶାନ୍ତ କୁମାର ନାୟକ ପ୍ରମୁଖ କହିଛନ୍ତି, ପ୍ରବାସୀ ଶ୍ରମିକ ଝରଣାଙ୍କର ଏହି ଅକାଳ ବିୟୋଗ ଘଟଣା କେନ୍ଦ୍ରାପଡ଼ା ଜିଲାରେ ନୂଆ ନୁହେଁ। ସେହିପରି ନିର୍ଯାତନା କାହାଣୀ ପ୍ରତିମାସରେ ଶୁଣିବାକୁ ମିଳୁଛି। କରୋନା ସଂକ୍ରମଣ କାଳରେ ଜିଲାକୁ ମୋଟ ୫୮,୭୩୭ଜଣ ପ୍ରବାସୀ ଆସିଥିବା ଜିଲା ଜରୁରିକାଳୀନ ବିଭାଗରେ ପଞ୍ଜୀକୃତ ହୋଇଛି। ତେବେ ଜିଲାର ୧୬ଲକ୍ଷ ଲୋକଙ୍କ ମଧ୍ୟରୁ ପ୍ରବାସୀଙ୍କ ସଂଖ୍ୟା ପ୍ରାୟ ୭ ଲକ୍ଷ ହୋଇଥିବା ବେଳେ କରୋନା ସଂକ୍ରମଣ କାଳରେ ୩ ଲକ୍ଷରୁ ଅଧିକ ଘରକୁ ଫେରିଥିଲେ। ଜିଲାରେ କ୍ଷୁଦ୍ର, ମଧ୍ୟମ ତଥା ବୃହତ୍ ଶିଳ୍ପ ନାହିଁ। ସେହିପରି ରାଜ୍ୟର ଦ୍ୱିତୀୟ ବୃହତ୍ତମ ଜଳପଥ ଥିଲେ ମଧ୍ୟ ଜଳ ପରିଚାଳନା ପାଇଁ କୃଷି କ୍ଷେତ୍ର ବିପର୍ଯ୍ୟସ୍ତ ହୋଇଛି। ଜାତୀୟ ଉଦ୍ୟାନ ଓ ରାମ୍‌ସାର ସାଇଟ ଭାବେ ଭିତରକନିକା ମାନ୍ୟତା ପାଇଥିଲେ ମଧ୍ୟ ପର୍ଯ୍ୟଟନ ଶିଳ୍ପ ରୁଗ୍‌ଣ ଅବସ୍ଥାରେ ଅଛି। ସେହିପରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ଅଭାବରୁ ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଏପରିସ୍ଥିତିରେ ଜିଲାର ଯୁବବର୍ଗ ବାଧ୍ୟ ହୋଇ ପ୍ରବାସକୁ ଦାଦନ ଖଟିବାକୁ ଯାଉଛନ୍ତି। ଏହି ଯୁବବର୍ଗଙ୍କ ଶ୍ରମିକ ଦଲାଲ ଅର୍ଥ ପ୍ରଲୋଭନ ଦେଖାଇ ନେଉଥିଲେ ମଧ୍ୟ ଏମାନଙ୍କର ଲାଇସେନ୍ସ ନାହିଁ। ଫଳରେ ପ୍ରବାସରେ ନିର୍ଯାତିତ ଅଥବା ମୃତ୍ୟୁ ହେଲେ ପ୍ରଶାସନ ନିକଟରେ ଖବର ପହଞ୍ଚି ପାରୁନାହିଁ। ଏପରିକି ସରକାରୀ କ୍ଷତିପୂରଣରୁ ଶ୍ରମିକଙ୍କ ପରିବାର ବଞ୍ଚିତ ହେଉଛନ୍ତି। ଗ୍ରାମୱାରୀ ଶ୍ରମିକ ଚିହ୍ନଟକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ପଞ୍ଜୀକୃତ କଲେ ଶ୍ରମିକଙ୍କ ନିର୍ଯାତନା କାହାଣୀ କମିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଶ୍ରମିକଙ୍କ ପଞ୍ଜୀକରଣ ସମ୍ପର୍କରେ ଡିଭିଜନାଲ ଶ୍ରମ କମିଶନର ପ୍ରଦୀପ୍ତ ମହାନ୍ତିଙ୍କୁ ପଚାରିବାରେ ଶ୍ରମିକ ଚିହ୍ନଟ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି। ଜିଲାର ଶ୍ରମିକ ଜିଲା ଶ୍ରମ କାର୍ଯ୍ୟାଳୟରେ ନିଜ ନାମ ପଞ୍ଜୀକୃତ କରି ବାହାରକୁ ଯିବାକୁ ସେ ପରାମର୍ଶ ଦେଇଛନ୍ତି।

## ମଣ୍ଡପକୁ ମାଡ଼ିଗଲା ଟ୍ରକ୍: ଚା' ଦୋକାନୀ ମୃତ, ୫ ଆହତ

ଧରାକୋଟ,୧୪।୬
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ବାହାଡ଼ାଗୁଡା ଛକରେ ଶୁକ୍ରବାର ସକାଳେ ଏକ ଟ୍ରକ ଭାରସାମ୍ୟ ହରାଇ ଜଣେ ଚା' ଦୋକାନୀଙ୍କୁ ଧକ୍କା ଦେଇ ନିକଟସ୍ଥ ମଣ୍ଡପକୁ ମାଡ଼ିଯାଇଛି। ଏଥିରେ ଚା' ଦୋକାନୀ ବାହାଡାଗୁଡା ଗ୍ରାମର ମହେନ୍ଦ୍ର ବିଷୋୟୀ (୪୮)ଙ୍କ ମୃତ୍ୟୁ ଘଟିଛି। ମଣ୍ଡପରେ ବସିଥିବା କାମେଶ୍ୱର ସେଠୀ, ବୃନ୍ଦାବନ ସ୍ୱାଇଁ, ଲକ୍ଷ୍ମଣ ଗୌଡ, କାଳୁ ପ୍ରଧାନ ଓ ମୁରଲୀ ଗୌଡ ଆହତ ହୋଇଛନ୍ତି। କାମେଶ୍ୱରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟମାନେ ଆସିକା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଟ୍ରକ୍ ଡ୍ରାଇଭର ପଶ୍ଚିମବଙ୍ଗର ବିଶ୍ୱଜିତ ଦାସଙ୍କୁ ପୋଲିସ ଗିରଫ କରିଛି। ବାହାଡାଗୁଡା ଛକରେ ଥିବା ମହେନ୍ଦ୍ରଙ୍କ ଦୋକାନରୁ ଚା' ପିଇବାକୁ ସକାଳେ କେତେଜଣ ଆସି ପାଖରେ ଥିବା ମଣ୍ଡପରେ ବସିଥିଲେ। ଏହି ସମୟରେ ଆସିକା ପଟୁ ଆସୁଥିବା ଟ୍ରକ ଦୋକାନରେ ଚା' କରୁଥିବା ମହେନ୍ଦ୍ରଙ୍କୁ ଧକ୍କା ଦେଇ ମଣ୍ଡପକୁ ଚଢି ଯାଇଥିଲା। ଏଥିରେ ମହେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ଅଗ୍ନିଶମ କର୍ମଚାରୀ ଆହତମାନଙ୍କୁ ଡାକ୍ତରଖାନାକୁ ପଠାଇଥିଲେ। ଧରାକୋଟ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ପହଞ୍ଚି ଟ୍ରକକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିକା ପଠାଇଥିଲେ।

## ସରପଞ୍ଚଙ୍କ ବଦଳରେ ଭତ୍ତା ବାଣ୍ଟୁଥିଲେ ଶ୍ୱଶୁର



ପଞ୍ଚାୟତ ଅଫିସ ଆଗରେ ଉତ୍ତେଜିତ ଲୋକେ ହୋ ହଲ୍ଲା କରୁଛନ୍ତି।

ଭୋଗରାଇ, ୧୪।୬(ପ୍ରଦୀପ ଦାସ)

ସରପଞ୍ଚଙ୍କ ବଦଳରେ ଭତ୍ତା ବାଣ୍ଟୁଥିଲେ ଶ୍ୱଶୁର। ଏହି ଘଟଣାକୁ କେନ୍ଦ୍ର କରି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗବଗାଁ ପଞ୍ଚାୟତରେ ଶୁକ୍ରବାର ଦୁଇ ଗୋଷ୍ଠୀ ମଧ୍ୟରେ ଠେଲାପେଲା ସହ ମାରପିଟ୍ ହୋଇ ଉତ୍ତେଜନା ସୃଷ୍ଟି ହୋଇଥିଲା। କମର୍ଦ୍ଦା ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ମଧ୍ୟ ଉତ୍ତେଜନା ଲାଗି ରହିଛି।

ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତର ମହିଳା ସରପଞ୍ଚ ଶୁଭସ୍ମିତା ଦେ ୨ବର୍ଷ ହେଲା ଅନୁପସ୍ଥିତ ରହିବା ନେଇ ଅଭିଯୋଗ ହୋଇଆସୁଥିଲା। ତାଙ୍କ ଶ୍ୱଶୁର ଲକ୍ଷ୍ମୀକାନ୍ତ ଦେ ସରପଞ୍ଚଙ୍କ ଭତ୍ତା ଖାତାରେ ଦସ୍ତଖତ କରିବା ସହିତ ପଞ୍ଚାୟତ କାର୍ଯ୍ୟରେ ମାତ୍ରାଧିକ ହସ୍ତକ୍ଷେପ କରୁଥିବା ଅଭିଯୋଗ ହୋଇଆସୁଥିଲା। ସରପଞ୍ଚଙ୍କ ଅନୁପସ୍ଥିତିରେ ପଞ୍ଚାୟତର କାର୍ଯ୍ୟ ବାଧାପ୍ରାପ୍ତ ହୋଇଆସୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଥିଲା। ଗୁରୁବାର ଓ ଶୁକ୍ରବାର ଏହି ପଞ୍ଚାୟତରେ ଜିଆରଏସ୍ ଅଞ୍ଜୁଶ୍ରୀ ନାୟକ ଏବଂ ସରପଞ୍ଚଙ୍କ ଶ୍ୱଶୁର ଭତ୍ତା ଖାତାରେ ଦସ୍ତଖତ କରୁଥିବା ବେଳେ ପଞ୍ଚାୟତର ଶତାଧିକ ଲୋକ ପ୍ରତିବାଦ କରିଥିଲେ। ଜିଆରଏସ୍‌ଙ୍କୁ ଦୀର୍ଘ ୨ଘଣ୍ଟା ଅଟକ ରଖିଥିଲେ। ପୋଲିସ ପହଞ୍ଚିବା ପୂର୍ବରୁ ଜିଆରଏସ୍ କୌଶଳକ୍ରମେ ସେଠାରୁ ଖସି ପଳାଇଥିଲେ। ଏହି ଘଟଣାରେ ଉଭୟ ଗୋଷ୍ଠୀ ପକ୍ଷରୁ କମର୍ଦ୍ଦା ଥାନାରେ ଅଭିଯୋଗ ହୋଇଛି।

## ଗଛରେ ପିଟିହୋଇ ଜଳିଗଲା କାର୍

### ୩ ଆହତ

ଠାକୁରମୁଣ୍ଡା,୧୪।୬
(ତାରାକାନ୍ତ ପଟ୍ଟନାୟକ)



ଦୁର୍ଘଟଣା ପରେ ଜଳୁଥିବା କାର୍।

ମୟୂରଭଞ୍ଜ ଜିଲା କରଞ୍ଜିଆ-ଠାକୁରମୁଣ୍ଡା ରାସ୍ତାର ଜୁଆଳିକଟା ନିକଟରେ ଶୁକ୍ରବାର ଅପରାହ୍ଣରେ ଗଛରେ ପିଟିହୋଇ ଏକ କାର୍ ଜଳିଯାଇଛି। ଏହି ଦୁର୍ଘଟଣାରେ ୩ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ କରଞ୍ଜିଆ ମ୍ୟୁନିସିପାଲିଟି ଅଞ୍ଚଳର ରଞ୍ଜନ ନାଏକ, ଝରନ କୁମାର ମହାନ୍ତ ଓ କମଳାକୃଷ୍ଣ ମହାନ୍ତ। ଠାକୁରମୁଣ୍ଡା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ୪ ଯୁବକ ଏକ କାର୍‌ରେ କରଞ୍ଜିଆରୁ କଟକ ଅଭିମୁଖେ ଯାଉଥିଲେ। ଠାକୁରମୁଣ୍ଡା ନିକଟସ୍ଥ ଜୁଆଳିକଟାଠାରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଗଛରେ ପିଟିହେବାରୁ ସେଥିରେ ନିଆଁ ଲାଗିଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କାର୍ ଭିତରେ ଥିବା ଯୁବକମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଜମିବାଡ଼ି ବିବାଦକୁ କେନ୍ଦ୍ରକରି ମା', ଝିଅଙ୍କୁ ଛୁରାମାଡ଼

### ଉଭୟ ଗୁରୁତର ଅବସ୍ଥାରେ ଭିମ୍‌ସାରରେ ଭର୍ତ୍ତି

ସମ୍ବଲପୁର,୧୪।୬(ପ୍ରମୋଦ ବହିଦାର)

ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ଗୋପାଳମାଳ ଅଞ୍ଚଳରେ ଶୁକ୍ରବାର ଜମିବାଡ଼ି ବିବାଦକୁ କେନ୍ଦ୍ରକରି ମା', ଝିଅଙ୍କୁ ଛୁରାମାଡ଼ ହୋଇଛି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଇନ୍ଦୁ ଦାଶ ଓ ତାଙ୍କ ଝିଅ ପାୟଲ। ଆକ୍ରମଣକାରୀ ଯୁବକ ଜଣକ ସେମାନଙ୍କ ପଡ଼ୋଶୀ ସୁରଜ ହାତୀ ବୋଲି ଜଣାପଡ଼ିଥିବାବେଳେ ସେ ବର୍ତ୍ତମାନ ଫେରାର ଅଛନ୍ତି। ଅଇଁଠାପାଲି ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ଫାଟକ ମହାମାୟା ମନ୍ଦିର ସମ୍ମୁଖରେ ଇନ୍ଦୁଙ୍କ ଏକ ମହିଳା ଟେଲରିଂ ଦୋକାନ ରହିଛି। ସକାଳ ପ୍ରାୟ ୯ଟା ୩୦ରେ ମା, ଝିଅ ଦୋକାନକୁ ଯିବା ପାଇଁ ଘରୁ ବାହାରିଥିଲେ। ସେଠାରେ ଛକି ରହିଥିବା ସୁରଜ ହଠାତ ଛୁରିରେ ଆକ୍ରମଣ କରିଥିଲେ। ସେମାନଙ୍କ ଛାତି, ପେଟ, ମୁଣ୍ଡ, ହାତ, ଗୋଡ଼ ଆଦି ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାର ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ତତ୍‌କ୍ଷଣାତ ବୁର୍ଲା ଭୀମ୍‌ସାରକୁ ସ୍ଥାନାନ୍ତର କରାଯାଇଛି। କିଛିଦିନ ତଳେ ଇନ୍ଦୁ ଗୋପାଳମାଳରେ ଜମିଖଣ୍ଡେ କିଣି ସେଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର କରି ରହୁଥିଲେ। ଏହି ଜମିରେ ଘର ତିଆରିରେ ବାଧା ସୃଷ୍ଟି କରିବାଠାରୁ ଆରମ୍ଭ କରି ନାଳରେ ଆବର୍ଜନା ଜଳ ନିଷ୍କାସନ ପର୍ଯ୍ୟନ୍ତ ପ୍ରତ୍ୟେକ କଥାରେ ସୁରଜଙ୍କ ସହିତ ତାଙ୍କର ବିବାଦ ଲାଗି ରହିଥିଲା।

## ପୋଖରୀରେ ବୁଡ଼ି ମା, ଝିଅ ମୃତ

ଉମରକୋଟ, ୧୪।୬(ସନ୍ତୋଷ ଶତପଥୀ)

ରଜ ପାଇଁ ଝିଅକୁ ସାଙ୍ଗରେ ନେଇ ପୋଖରୀକୁ ଗାଧୋଇବାକୁ ଯାଇଥିଲେ ମା'। ଗାଧୋଇବାବେଳେ ହଠାତ୍ ପାଣିରେ ବୁଡ଼ିଗଲା ଝିଅ। ଝିଅକୁ ବଞ୍ଚାଇବାକୁ ଯାଇ ମା' ମଧ୍ୟ ଗଭୀର ପାଣିକୁ ଚାଲିଗଲେ। ସେଠାରେ ବୁଡ଼ି ଉଭୟେ ମା' ଝିଅଙ୍କର ମୃତ୍ୟୁ ହୋଇଯାଇଛି। ଏଭଳି ଦୁଃଖଦ ଘଟଣା ଶୁକ୍ରବାର ନବରଙ୍ଗପୁର ଜିଲା ଉମରକୋଟରେ ଦେଖିବାକୁ ମିଳିଛି। ମୃତକମାନେ ଉମରକୋଟ ବ୍ଲକ୍ ଚିକଲପଦର ପଞ୍ଚାୟତ ପୂଜାରୀଭରଣ୍ଡୀ ଗ୍ରାମର ହେଲେ ଗୀତା କଲାର (୩୨) ଓ ତାଙ୍କ ଝିଅ କରିସ୍ମା (୭)।

ସୂଚନାନୁଯାୟୀ, ଗୀତା ତାଙ୍କ ଝିଅ କରିସ୍ମାଙ୍କୁ ନେଇ ଗାଁ ପାଖ ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କରିସ୍ମା ଗାଧୋଇବା ବେଳେ ପୋଖରୀ ଭିତରକୁ ଚାଲିଯାଇଥିଲେ। କିଛି ସମୟ ପରେ କରିସ୍ମା ପାଣିରେ ବୁଡ଼ି ଛଟପଟ ହେଉଥିବା ଦେଖି ଗୀତା ତାଙ୍କୁ ବଞ୍ଚାଇବାକୁ ପୋଖରୀ ଭିତରକୁ ଯାଇଥିଲେ। ଏହା ଭିତରେ ଗୀତା ମଧ୍ୟ ଗଭୀର ପାଣିରେ ବୁଡ଼ିଯାଇଥିଲେ। ପାଖରେ ଥିବା କେତେଜଣ ଛୋଟ ପିଲା ଏହା ଦେଖି ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗାଁର କେତେଜଣ ଯୁବକ ପୋଖରୀ ଭିତରେ ପଶି ମା ଓ ଝିଅଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ଉଭୟଙ୍କର ମୃତ୍ୟୁ ହୋଇଯାଇଥିଲା। ଗୀତାଙ୍କ ଘରେ ବୋର୍‌ୱେଲ ଅଛି। ସେମାନେ ପ୍ରାୟ ପୋଖରୀକୁ ଗାଧେଇବା ପାଇଁ ଯାଆନ୍ତି ନାହିଁ। ତେବେ କରେଣ୍ଟ ନ ଥିବାରୁ ପୋଖରୀକୁ ଉଭୟ ମା' ଝିଅ ଗାଧେଇବା ପାଇଁ ଯାଇଥିଲେ। ଗୀତାଙ୍କ ସ୍ୱାମୀ ମିସ୍ତ୍ରି ଭାବେ କାମ କରନ୍ତି। ତାଙ୍କର ଅଢ଼େଇ ବର୍ଷର ସାନ ଝିଅ ଥିବା ଗ୍ରାମବାସୀ କହିଛନ୍ତି। ଖବରପାଇ ଉମରକୋଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସନ୍ଧ୍ୟାରେ ଶୋକାକୁଳ ପରିବେଶରେ ଉଭୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।






ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ- ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। -ଶ୍ରୀମା

-ମିଥୁନ (ରଜ) ସଂକ୍ରାନ୍ତି ଓ ହଳ ନିଷେଧ



# ମେଣ୍ଟ ଗତିଶୀଳତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମେଣ୍ଟ ଧର୍ମର ପ୍ରବେଶ ସହିତ ରାଜନୈତିକ ଗତିଶୀଳତା ବଦଳିଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ଡିଏ ସରକାରର ମୁଖ୍ୟ ଭାବରେ ତାଙ୍କର ତୃତୀୟ କାର୍ଯ୍ୟକାଳ ଆରମ୍ଭ କରିଛନ୍ତି। ହେଲେ ମନ୍ତ୍ରଣାଳୟ ଏବଂ ବିଭାଗ ମଧ୍ୟରେ ସମ୍ଭାବ୍ୟ ପରିବର୍ତ୍ତନକୁ ନେଇ ବାବୁଙ୍କ ମଧ୍ୟରେ ଆଶଙ୍କା ରହିଛି। ସମସ୍ତଙ୍କ ନଜର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ଉପରେ ରହିଛି। ବର୍ତ୍ତମାନ କ୍ୟାବିନେଟ ଗଠନ ହୋଇ ବିଭିନ୍ନ ମନ୍ତ୍ରଣାଳୟର ଦାୟିତ୍ୱ ବଣ୍ଟନ ହୋଇଛି ଏବଂ ପ୍ରମୁଖ ମନ୍ତ୍ରଣାଳୟଗୁଡିକୁ ପୁରୁଣା ବିଶ୍ୱସ୍ତମାନେ ଫେରିପାଇଛନ୍ତି। ଏହି ବିଷୟ ସମ୍ଭବତଃ ପିଏମ୍‌ଓ ସଂରଚନାରେ ପ୍ରତିଫଳିତ ହେବ। ପର୍ଯ୍ୟବେକ୍ଷକମାନେ ବିଶ୍ୱାସ କରନ୍ତି ଯେ ଗୁଜରାଟ କ୍ୟାଡରର ବିଶ୍ୱସ୍ତ ଅଧିକାରୀମାନେ ସେଠାରେ ପୂର୍ବପରି ରହିପାରନ୍ତି। ମୋଦି ଗୁଜରାଟରେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ତାଙ୍କ ଅଧୀନରେ ଏହି ଅଧିକାରୀମାନେ କାର୍ଯ୍ୟ କରିଛନ୍ତି। କିନ୍ତୁ ଉତ୍ତରପ୍ରଦେଶରେ ସମ୍ପ୍ରତି ହୋଇଥିବା ନିର୍ବାଚନରେ ପୁନଃମୂଲ୍ୟାଙ୍କନ ହୋଇପାରେ ବୋଲି କେତେକ ଅନୁଭବ କରୁଛନ୍ତି। ଏଥିରେ ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ଅରବିନ୍ଦ ଶର୍ମାଙ୍କୁ ପିଏମ୍‌ଓକୁ ଡକାଯାଇପାରେ। ପିଏମ୍‌ଓରେ ପି.କେ.ମିଶ୍ରଙ୍କ ପରି ଅନ୍ୟ ବିଶ୍ୱସ୍ତ କ୍ୟାବିନେଟ ସଚିବ ରାଜୀବ ଗୌବା ଏବଂ କମ୍ପ୍ଟ୍ରୋଲର ଓ ଅଡିଟର ଜେନେରାଲ ଜି.ସି. ମୁର୍ମୁଙ୍କ ନାମ ଅନୁଧ୍ୟାନ କରାଯାଉଥିବା ଜଣାପଡ଼ିଛି। ସରକାରରେ ନୂଆ ଦୃଷ୍ଟିକୋଣ ନେଇ ବ୍ୟାପକ ରଣନୀତି ଆପଣାଇବାକୁ ଯାଉଥିବାରୁ ଉଚ୍ଚ ପଦବୀରେ ଦୀର୍ଘ ଦିନ କାର୍ଯ୍ୟ କରିଥିବା ଏହି ଅଧିକାରୀମାନଙ୍କ କାର୍ଯ୍ୟକାଳ ଶୀଘ୍ର ଶେଷ ହୋଇପାରେ। ଏବେ ଯେ କୌଣସି ଆନ୍ଦୋଳନ ନୂତନ ଏନ୍‌ଡିଏ ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ବିଭିନ୍ନ ପ୍ରମୁଖ ଅନୁଷ୍ଠାନର କାର୍ଯ୍ୟକଳାପକୁ ଯଥେଷ୍ଟ ପ୍ରଭାବିତ କରିବ। ଏଭଳି ସ୍ଥିତିରେ ନିରନ୍ତରତା ଏବଂ ଦକ୍ଷତା ବଜାୟ ରଖିବା ପାଇଁ ଏହି ଅଧିକାରୀମାନଙ୍କର ପାରଦର୍ଶିତା ଏବଂ ନିରନ୍ତରତା ଗୁରୁତ୍ୱପୂର୍ଣ୍ଣ।

### ପରିବର୍ତ୍ତନ ଅପେକ୍ଷାରେ

ତେଲୁଗୁ ଦେଶମ୍ ପାର୍ଟି(ଟିଡିପି) ନେତୃତ୍ୱାଧୀନ ମେଣ୍ଟ(ଜେଏସ୍‌ପି ଓ ଭାଜପା ସହ) ଆନ୍ଧ୍ରପ୍ରଦେଶରେ ବିପୁଳ ବିଜୟ ହାସଲ କରିବା ପରେ ଟିଡିପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଫଳରେ ଟିଡିପି ସହ ଭଲ ସମ୍ପର୍କ ରଖି ନ ଥିବା ଅନେକ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ଅସହଜ ମଣୁଛନ୍ତି। ନାଇଡୁ ତାଙ୍କର ପ୍ରଶାସନିକ ଆଭିମୁଖ୍ୟ ଏବଂ ଦୂରଦର୍ଶୀ ସ୍ୱଭାବ ପାଇଁ ବେଶ୍ ଜଣାଶୁଣା। ତାଙ୍କର କ୍ଷମତାକୁ ଫେରିବାକୁ ନବୀକରଣ ପ୍ରଗତି ଏବଂ ଦକ୍ଷତାର ଅଗ୍ରଦୂତ ଭାବେ ଦେଖାଯାଉଛି। ପରିବର୍ତ୍ତନ ଚାଲିଲାଣି। ପ୍ରଥମ ମୁଖ୍ୟ ପରିବର୍ତ୍ତନ ହେଉଛି କେ.ଏସ୍.ଜବାହର ରେଡ୍ଡୀଙ୍କୁ ଛୁଟି ନେବାକୁ କୁହାଗଲା ପରେ ତାଙ୍କ ସ୍ଥାନରେ ନୂଆ ମୁଖ୍ୟ ଶାସନ ସଚିବ ଭାବେ ସ୍ୱତନ୍ତ୍ର ମୁଖ୍ୟ ସଚିବ ନୀରବ କୁମାର ପ୍ରସାଦଙ୍କୁ ନିଯୁକ୍ତ କରାଯାଇଛି। କେବଳ ସେ ନୁହନ୍ତି, ଅନେକ ଆଇପିଏସ୍ ଅଧିକାରୀ ଯେଉଁମାନେ ଟିଡିପି ନେତାଙ୍କ ବିରୋଧରେ ପ୍ରମୁଖ ମାମଲା ପରିଚାଳନା କରିଥିଲେ ସେମାନେ ଘାବରେଇ ଯାଇଛନ୍ତି। ଏହି ଅଧିକାରୀମାନେ ହେଉଛନ୍ତି ପି.ଏସ୍.ଆର୍. ଅଞ୍ଜାନେଇଲୁ, ପି.ଭି. ସୁନୀଲ କୁମାର, ଏନ୍. ସଞ୍ଜୟ, କାନ୍ତିରାଣା ଟାଟା, କୋଲି ରଘୁରାମ ରେଡ୍ଡୀ, ୱାଇ. ରବିଶଙ୍କର ରେଡ୍ଡୀ ଏବଂ ୱାଇ. ରିଷାନ୍ତ ରେଡ୍ଡୀଙ୍କ ସମେତ ଜଣେ ଆଇଏଏସ୍ ଅଧିକାରୀ ଏସ୍.ଏସ୍. ରାଓ୍ୱତ। ଏହା ମଧ୍ୟ ନିଶ୍ଚିତ ଯେ ନୂତନ ପ୍ରଶାସନ ସମସ୍ତ ଜିଲାର ଜିଲାପାଳ, ପୋଲିସ ଅଧୀକ୍ଷକ, ପୋଲିସ କମିଶନର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କୁ ସ୍ଥାନାନ୍ତର କରିବାକୁ ଯୋଜନା କରୁଛି। ଏହା ଶୀଘ୍ର ହେବାକୁ ଯାଉଥିବାରୁ ଅଧିକାରୀମାନେ ନାଇଡୁଙ୍କ ଘନିଷ୍ଠଙ୍କ ମାଧ୍ୟମରେ ଅନୁକୂଳ ପଦବୀ ପାଇଁ ଲବି କରୁଥିବା ଜଣାଯାଇଛି।

### ଘର ପାଇଁ ଲଢ଼େଇ

ତାମିଲନାଡୁ ଥାୟୁରରେ କିଛି ବଡ଼ ନାଟକ ଚାଲିଛି। ଏକ ବଙ୍ଗଳାର ଅଧିକାର ଫେରିପାଇବାକୁ ପୂର୍ବତନ ବରିଷ୍ଠ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ରାଜେଶ ଦାସ କରିଥିବା ଆବେଦନ ଉପରେ ନିଷ୍ପତ୍ତିକୁ ଜଷ୍ଟିସ ଅନୀତା ସୁମନ୍ତ ସ୍ଥଗିତ ରଖିଛନ୍ତି। ଉଭୟ ଦାସ ଏବଂ ତାଙ୍କଠାରୁ ଅଲଗା ହୋଇଯାଇଥିବା ପତ୍ନୀ ତଥା ତାମିଲନାଡୁର ଶକ୍ତି ସଚିବ ବେଲା ଭେଙ୍କଟେସନ ଏହି ବଙ୍ଗଳାର ଅଧିକାର ପାଇଁ ଦାବି କରୁଛନ୍ତି। ଚଳିତ ସପ୍ତାହ ପ୍ରାରମ୍ଭରୁ ଭେଙ୍କଟେସନଙ୍କ ତରଫରୁ ଲଢୁଥିବା ଓକିଲ ଯୁକ୍ତି କରିଥିଲେ ଯେ ବଙ୍ଗଳାର ମାଲିକାନା ଦାବି କରିବାରେ ଦାସଙ୍କର କୌଣସି ଅଧିକାର ନାହିଁ। ସେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ହଠାତ୍ ପୁଣି ଦେଖାଦେବା ଏବଂ ସମ୍ପତ୍ତି ଅଧିକାର ନେବାକୁ ଚେଷ୍ଟା କରିବା ପୂର୍ବରୁ ଦାସ ଦୁଇ ମାସ ଧରି ନିଖୋଜ ଥିଲେ। ଏହା ସହ ଦାସଙ୍କ ବିରୋଧରେ ଅନ୍ୟର ଘର ଜବରଦଖଲ କରିବାକୁ ନେଇ ଏକ ଆପରାଧିକ ମାମଲା ରହିଛି ଏବଂ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ମଧ୍ୟ ହୋଇଛି। ଅପର ପକ୍ଷରେ ପୂର୍ବତନ ଡିଜିପିଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ଓକିଲ ଯୁକ୍ତି କରିଛନ୍ତି ଯେ, ଜମି ଭେଙ୍କଟେସନଙ୍କ ନାମରେ ଥାଇ ମଧ୍ୟ ଦାସ ଗୃହ ଋଣ ପାଇଁ ଅର୍ଥ ପରିଶୋଧ କରୁଛନ୍ତି ଏବଂ ଦୀର୍ଘଦିନରୁ ସେଠାରେ ରହୁଛନ୍ତି। ଯେତେବେଳେ ବିଚାରପତି ବୁଝାମଣା ପାଇଁ ପରାମର୍ଶ ଦେଇଥିଲେ, ଭେଙ୍କଟେସନଙ୍କ ଓକିଲ ତୁରନ୍ତ ମନା କରିଦେଇଥିଲେ। ତେଣୁ ଆମେ ଜଣେ ନିଖୋଜ ପୂର୍ବତନ ଡିଜିପିଙ୍କୁ ପୁନର୍ବାର ଦେଖିବାକୁ ପାଉଛୁ, ଶକ୍ତି ସଚିବ ଅଧିକାର ଛଡ଼ାଇ ନେବାର ମୂଳରେ ରହିଛି ଏକ ବଙ୍ଗଳା। ବାସ୍ତବ ଜୀବନ ଆମକୁ ଏହିପରି ପ୍ଲଟ ଦେଉଥିବାବେଳେ ଟିଭି କିମ୍ବା ରେଡିଓରେ ଏଭଳି କାହାଣୀର ପ୍ରସାରଣ କାହିଁକି ବା କିଏ ଖୋଜିବ।

Email: dilipcherian@gmail.com

## su|do|ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 8 | 7 | | | | | | | |
| | | | | 2 | 5 | | | 1 |
| | 2 | | 3 | | 8 | | | |
| | | 8 | | | | | 1 | 6 |
| | | | | 6 | 4 | 2 | 3 | |
| 7 | | | | | | | | |
| 3 | | | | | 1 | | | |
| 2 | | | | | | 3 | 6 | 9 |
| 5 | | | | 4 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 7 | 5 | 3 | 9 | 8 | 2 | 4 |
| 4 | 5 | 9 | 2 | 8 | 6 | 3 | 1 | 7 |
| 2 | 8 | 3 | 1 | 4 | 7 | 5 | 9 | 6 |
| 9 | 2 | 8 | 3 | 7 | 5 | 4 | 6 | 1 |
| 5 | 7 | 4 | 6 | 2 | 1 | 9 | 3 | 8 |
| 1 | 3 | 6 | 4 | 9 | 8 | 7 | 5 | 2 |
| 7 | 9 | 5 | 8 | 6 | 2 | 1 | 4 | 3 |
| 8 | 4 | 2 | 9 | 1 | 3 | 6 | 7 | 5 |
| 3 | 6 | 1 | 7 | 5 | 4 | 2 | 8 | 9 |

ଗତକାଲିର ଉତ୍ତର

# କୁପୋଷଣରୁ ମୁକ୍ତି ଯଥେଷ୍ଟ ନୁହେଁ



ଶୈଳେନ୍ଦ୍ର ଦିବେଦୀ

ପାଠକେ, କୁପୋଷଣ ଏବଂ କ୍ଷୁଧା ବାବଦରେ ଆଲୋଚନା କଲାବେଳେ ଉପକ୍ରମର ଆବଶ୍ୟକତା ନାହିଁ, କାରଣ ଉତ୍ତର-ଆଧୁନିକ କାଳରେ ଉଭୟ ଆମ ସଭିଙ୍କ ପାଇଁ ସବୁଠୁ ବଡ଼ ଆହ୍ୱାନ ହୋଇ ରହିଛନ୍ତି। ତେବେ ନିକଟରେ ଏକ ଅଧ୍ୟୟନ ଇଙ୍ଗିତ କରିଛି ଯେ ଭୋକିଲା, ବିଶେଷକରି କୁପୋଷଣର ଶିକାର ପାଲଟିଥିବା ଶିଶୁଙ୍କ ପାଖରେ ଖାଦ୍ୟ ପହଞ୍ଚିଗଲେ ବି ତାହା କୁପୋଷଣ ଜନିତ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହୋଇ ନ ଥାଏ। ଅଧ୍ୟୟନରୁ ଜଣାପଡ଼ିଛି ଅସ୍ଥିକଙ୍କାଳସାର ଦିଶୁଥିବା ଶିଶୁଟିଏ ହୁଏତ ମୁଠାଏ ଭାତ ନ ହେଲେ ଦି'ଖଣ୍ଡ ରୁଟି ପାଇ ବଞ୍ଚିଯାଇପାରେ, ତେବେ ବୈଜ୍ଞାନିକମାନେ କହୁଛନ୍ତି, ଯଦିବି ପିଲାଟିକୁ ଖାଦ୍ୟ ନିରାପତ୍ତା ମିଳିଯାଏ ତଥାପି ଦୀର୍ଘ କୁପୋଷଣରୁ ତା'ର ସ୍ୱାସ୍ଥ୍ୟ ଆଗକୁ ସ୍ୱାଭାବିକ ହେବନାହିଁ। ନିକଟରେ ଗାଜାଷ୍ଟ୍ରିପରେ କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। ବିବରଣୀରୁ ପ୍ରକାଶ ଯେ ଡେନିସ ନାମକ ଜଣେ ନର୍ସ ଗାଜାର ଦକ୍ଷିଣରେ ଅବସ୍ଥିତ ଏକ ସହରରେ କାମ କରୁଥିବା ବେଳେ କିଛି ନୂଆକଥା ଦେଖିବା ପରି ତାଙ୍କର ମନେହେଲା। ଏହା ଇସ୍ରାଏଲ-ହମାସ ଯୁଦ୍ଧ ପୂର୍ବର କଥା। ତାଙ୍କ ତଥ୍ୟ ଅନୁସାରେ ମେ ୧୮, ୨୦୨୪ ସୁଦ୍ଧା ସମ୍ପୃକ୍ତ ଅଞ୍ଚଳରେ ୩୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସେଥିରୁ ୨୮ ଜଣ ଥିଲେ ଶିଶୁ, ଯେଉଁମାନଙ୍କ ମୃତ୍ୟୁ ଖାଦ୍ୟାଭାବ/କୁପୋଷଣ ଯୋଗୁ ଘଟିଥିଲା।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ମୁତାବକ ଦକ୍ଷିଣ ଗାଜାରେ ୫ ବର୍ଷ ତଳେ ୯ ପ୍ରତିଶତ ଶିଶୁ ପୁଷ୍ଟିହୀନତାର ଶିକାର ହୋଇଥିବା ବେଳେ ଉତ୍ତର ଗାଜାରେ ସ୍ଥିତି ଆହୁରି ଖରାପ, ଯେଉଁଠି ଏକ ଚତୁର୍ଥାଂଶ ଶିଶୁ ଅପପୁଷ୍ଟିର ଶିକାର ଏବଂ ସେମାନଙ୍କ ମଧ୍ୟରୁ ୪ ପ୍ରତିଶତଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ। କୁହାଯାଉଛି, କେବଳ ଗାଜାର ଶିଶୁ ନୁହନ୍ତି, ଆଫଗାନିସ୍ତାନ, ସୁଦାନ, ନାଇଜେରିଆ, ୟେମେନ, ହାଇତି, ପାକିସ୍ତାନ, କଙ୍ଗୋ ସାଧାରଣତନ୍ତ୍ର ଏବଂ ଅନ୍ୟତ୍ର ସାମରିକ ସଂଘର୍ଷ, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଉତ୍କଟ ଦାରିଦ୍ର୍ୟ ଯୋଗୁ ସମାନ ସ୍ଥିତିରେ ଶିଶୁମାନେ ଅଛନ୍ତି। ବିଶେଷଜ୍ଞଙ୍କ ମତ, ଏମିତି ଅଧିକାଂଶ ଅଞ୍ଚଳରେ ଶିଶୁମାନେ 'ୱେଷ୍ଟିଙ୍ଗ' ଭୋଗୁଛନ୍ତି (ବୟସ ତୁଳନାରେ ଉଚ୍ଚତା ନ ବଢ଼ିବା/ଓଜନ ନ ବଢ଼ିବା) ସେତିକି ନୁହେଁ, ସେମାନେ ଅକାଳ ମୃତ୍ୟୁକୁ ବି ସାମ୍ନା କରୁଛନ୍ତି। ଗତ



ବର୍ଷ ୩୬.୪ ନିୟୁତ ଶିଶୁ ପୃଥିବୀରେ ଅପପୁଷ୍ଟିର ଶିକାର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯.୮ ନିୟୁତ ଭୟଙ୍କର ପୁଷ୍ଟିହୀନତାରେ ଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରିସଂଖ୍ୟାନ ମୁତାବକ ୨୦୨୨ରେ ସାରା ପୃଥିବୀରେ ୧୪୯ ନିୟୁତ ଶିଶୁ 'ଷ୍ଟଣ୍ଟିଙ୍ଗ' ଭୋଗୁଥିଲେ (ବୟସ ତୁଳନାରେ କମ୍ ଉଚ୍ଚତା) ଏବଂ ୪୫ ନିୟୁତ ସେମାନଙ୍କ ଉଚ୍ଚତା ତୁଳନାରେ ପିନ୍‌ପିନ୍ ପତଳା ଥିଲେ। ୧୩ ନିୟୁତ ଥିଲେ ଅତ୍ୟନ୍ତ ଦୁର୍ବଳ। କୁହାଯାଉଛି, ୫ ବର୍ଷ ତଳେ ନିମ୍ନ ଏବଂ ମଧ୍ୟମ ଆୟକାରୀ ଅର୍ଥନୀତିଗୁଡ଼ିକରେ ଅଧା ଶିଶୁଙ୍କ ମୃତ୍ୟୁ ଘଟୁଛି କେବଳ କୁପୋଷଣ କାରଣରୁ। ତେବେ ଦୁର୍ଭାଗ୍ୟ ହେଉଛି, କୁପୋଷଣର ଶିକାର ହୋଇଥିବା ପିଲାମାନଙ୍କୁ ଯେଉଁ ସ୍ୱାସ୍ଥ୍ୟ ସେବା ମିଳୁଛି ସେମାନେ ମଧ୍ୟ ପୁଷ୍ଟିହୀନତାର ଅଭିଶାପରୁ ମୁକୁଳି ପାରୁନାହାନ୍ତି। ବିଶେଷଜ୍ଞମାନେ କୁହନ୍ତି, ସାରା ଜୀବନ ସେମାନଙ୍କୁ ନାନା ରୋଗ ଏବଂ ଯନ୍ତ୍ରଣା ଗୋଡ଼ଉଛି। ବେଶ୍ କିଛି ଶିଶୁ ଭଲ ହେବା ଆଗରୁ ଆଖି ବୁଜୁଛନ୍ତି। ଚିକିତ୍ସାର ବର୍ଷେ ନପୂରୁଣୁ ଅନେକେ ଖୁବ୍ ମାନ୍ଦା ପାଲଟି ଯାଇଛନ୍ତି। କିଛି କରିବା ପାଇଁ ସେମାନଙ୍କର ସ୍ପୃହା ନାହିଁ। ବୟସ୍କ ହେଲେ ସେମାନଙ୍କର ଉପଯୁକ୍ତ ବୌଦ୍ଧିକ ବିକାଶ ହେବ ଏମିତି ସମ୍ଭାବନା ସମ୍ପୂର୍ଣ୍ଣ କ୍ଷୀଣ ହୋଇଆସୁଛି।

ଯେଉଁ ଶରୀର ଦୀର୍ଘ କୁପୋଷଣ ଯୋଗୁ ସର୍ବନିମ୍ନ ଖାଦ୍ୟରୁ ବଞ୍ଚିତ ହୋଇ ରହିଛି ସେ କେବଳ ଖାଦ୍ୟ ପାଇବା ମାତ୍ରେ ଅଗ୍ରାଧିକାର ଦେବ ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍‌କୁ - ବଞ୍ଚି ରହିବା ପାଇଁ। କାରଣ ତା'ର ଖାଦ୍ୟ ଦେହ ଓ ମନର ଅନ୍ୟାନ୍ୟ ବିଭବ ଉପରେ ନିଜ ଦେହ ଗୁରୁତ୍ୱ ଦେବନାହିଁ। ଅର୍ଥାତ ନ୍ୟୁରନ ଏବଂ ମସ୍ତିଷ୍କର ବିକାଶ ଉପରେ ଗୁରୁତ୍ୱ ରହିବନାହିଁ। ଏହି ପ୍ରକ୍ରିୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହେବ ଦେହର ପ୍ରତିରକ୍ଷା ବ୍ୟବସ୍ଥା, ଯାହା ଦୀର୍ଘ ବର୍ଷ କୁପୋଷଣକୁ ସାମ୍ନା କରିଥିବା ଶିଶୁମାନଙ୍କୁ ଅଧିକ କ୍ଷତିଗ୍ରସ୍ତ କରିବ। ଦେହର ପ୍ରତିରକ୍ଷା ଶକ୍ତି ଯେହେତୁ ସେମାନଙ୍କୁ ସହାୟକ ହେବନାହିଁ, ସେମାନେ ନାନା ସଂକ୍ରମଣର ଶିକାର ହେବା ସହିତ ଅଳ୍ପାୟୁ ହେବେ। ଏମିତି ଶିଶୁ ରକ୍ତହୀନତା କିମ୍ବା ଏଚଆଇଭିର ଶିକାର ହେବାର ସମ୍ଭାବନା ଅଧିକ। କାରଣ କୁପୋଷଣର ସମାଧାନ ଏତେ ସହଜ ନୁହେଁ। ପୃଥିବୀରେ ଏବେ ମାତ୍ର ୩ ପ୍ରତିଶତ ଶିଶୁ (ଅତ୍ୟଧିକ ରୁଗ୍‌ଣ) ଚିକିତ୍ସା ସୁଯୋଗ ପାଉଛନ୍ତି, କିନ୍ତୁ ଏବେ ବି ପ୍ରତି ୫ ଜଣରେ ଜଣେ ଶିଶୁ ଡାକ୍ତରଖାନା ଛାଡ଼ିବା ଆଗରୁ ଆଖି ବୁଜୁଛନ୍ତି। ଆଉ ଯେଉଁମାନେ ଘରକୁ ଫେରୁଛନ୍ତି ସେମାନେ ମଧ୍ୟ ମୃତ୍ୟୁର ଛାଇରୁ ଏକାବେଳକେ ମୁକୁଳି ନାହାନ୍ତି। ୨୦୧୮ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ଏମିତି ଶିଶୁଙ୍କ ମଧ୍ୟରୁ ପ୍ରାୟ ୧୦ ପ୍ରତିଶତ ସେଇ ବର୍ଷ ଆଖି ବୁଜନ୍ତି। ଅନ୍ୟ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, କେନିଆରେ ୧୭୦୪ ଜଣ ଶିଶୁ ଚିକିତ୍ସା ଉପରାନ୍ତ ଡାକ୍ତରଖାନା ଛାଡ଼ିବା ପରେ ସେମାନଙ୍କ ମଧ୍ୟରୁ ଅନ୍ତତଃ ୧୭୭ ଜଣ ବର୍ଷକ ଭିତରେ ପୁଣିଥରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କୁପୋଷଣରୁ ଡାକ୍ତରୀ ଆରୋଗ୍ୟ ବାଦ ବି ଥରେ ପୁଷ୍ଟିହୀନତା ଉତ୍ପନ୍ନ କରିଥିବା କ୍ଷତି ଭିତରେ ଭିତରେ ବେଶ୍ ବର୍ଷ ରହେ, ଯାହା ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗମାନଙ୍କୁ କ୍ଷତି ପହଞ୍ଚାଇବାରେ ଲାଗେ।

ପାଠକେ, ଏବେ ଗବେଷକମାନେ କହୁଛନ୍ତି, କୁପୋଷଣର ଶିକାର ଶିଶୁମାନଙ୍କ ପାଇଁ ନୂଆ ପଦ୍ଧତିରେ ଚିକିତ୍ସାର ବ୍ୟବସ୍ଥା ହେଉଛି। ପରୀକ୍ଷାମୂଳକ ଭାବେ ଏକ ସ୍ୱତନ୍ତ୍ର ଖାଦ୍ୟ ଏମିତି ଶିଶୁ ମାନଙ୍କୁ ଦିଆଯାଉଛି ଯାହା ସେମାନଙ୍କ ଓଜନ ଶୀଘ୍ର ବଢ଼େଇବାରେ ସହାୟକ ହେବ (ନେଚର ମାଇକ୍ରୋ ବାୟୋଲୋଜି, ମାର୍ଚ୍ଚ ୧୯, ୨୦୨୪)। ବିଶେଷଜ୍ଞମାନଙ୍କ ଭୟ, କେବଳ କୁପୋଷଣରୁ ଶିଶୁଟିକୁ ମୁକ୍ତିଦେବା ସମସ୍ୟାର ସମାଧାନ ନୁହେଁ, କାରଣ ଯଦି ତା'ର ଉପଯୁକ୍ତ ଚିକିତ୍ସା ନ ହୁଏ, ତେବେ ବଡ଼ ହେଲେ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ମଧୁମେହ ଏବଂ ଆହୁରି ଅନେକ ରୋଗ ତାକୁ ମାଡ଼ିବସିବ। ସେମାନେ ଗୁଣାତ୍ମକ ଜୀବନ ବଞ୍ଚିବେ - ଏହା ଆଦୌ ସମ୍ଭବ ହେବନାହିଁ। ଆଉ ପାଠଶାଠ! ସେସବୁ ଆଶା କରିବା ବୃଥା। ୨୦୨୩ ତଥ୍ୟ ଅନୁସାରେ ଭାରତରେ ୪୩ ଲକ୍ଷ ଶିଶୁ କୁପୋଷଣର ଶିକାର (ମୋଟ ଶିଶୁଙ୍କ ୭.୭ ପ୍ରତିଶତ), ଯେଉଁଥିରୁ ୧୪ ଲକ୍ଷ ଅତ୍ୟଧିକ ଅପପୁଷ୍ଟି ଭୋଗୁଛନ୍ତି (ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରାଳୟ , ଭାରତ ସରକାର)। ଅନ୍ୟ ଏକ ତଥ୍ୟ ଅନୁସାରେ ଓଡ଼ିଶାରେ ୮ ପ୍ରତିଶତ ଶିଶୁ (ସିଭିୟରଲି ଆଫେକଟେଡ୍ ମାଲନରିସ୍‌ଡ) , ଆପଣ କହିପାରନ୍ତି ଅତ୍ୟଧିକ ଅପପୁଷ୍ଟି। ଆଉ ୫ ବର୍ଷ ବୟସ ଭିତରେ ଆମ ରାଜ୍ୟରେ ଷ୍ଟଣ୍ଟିଙ୍ଗ ୩୧ ପ୍ରତିଶତ ହୋଇଥିବା ବେଳେ ୱେଷ୍ଟିଙ୍ଗ ଭୋଗୁଛନ୍ତି ୧୮.୧ ପ୍ରତିଶତ ଶିଶୁ। ଆପଣ ଚିନ୍ତା କରିପାରନ୍ତି!

ମୋ-୯୪୩୭୧୩୭୦୬୦

# ସୁଖ, ଶାନ୍ତି ପାଇବାର ପଥ



ଡ. ଭାରତ ଭୂଷଣ ରଥ

ସାଧାରଣତଃ ଦୁଇଟି ପ୍ରମୁଖ ତତ୍ତ୍ୱକୁ ନେଇ ପ୍ରାଣୀ ବଞ୍ଚିରହେ। ଗୋଟିଏ ହେଉଛି ଆତ୍ମା ଅନ୍ୟଟି ଶରୀର। ଆତ୍ମାର ଅବସ୍ଥିତି ପାଇଁ ଶରୀର ଆବଶ୍ୟକ। ସମସ୍ତ ପ୍ରାଣୀ ନିଜର ଶରୀର ମାଧ୍ୟମରେ ଆତ୍ମାକୁ ଧାରଣ କରନ୍ତି। ଗର୍ଭସ୍ଥ ଭ୍ରୁଣଠାରୁ ଆରମ୍ଭକରି ମୃତ୍ୟୁ ପର୍ଯ୍ୟନ୍ତ ଆତ୍ମା ଶରୀରରେ ଅବସ୍ଥାନ କରେ। ଆତ୍ମା ହେଉଛି ପରମାତ୍ମାଙ୍କର ଅଂଶବିଶେଷ। ଆତ୍ମା ପରମାତ୍ମାଙ୍କ ପ୍ରତି ସମର୍ପିତ ହେଲେ ଜୀବନ ସରସ, ସୁନ୍ଦର ଏବଂ ସାର୍ଥକ ହେବ। ଶ୍ରୀମଦ୍‌ଭଗବଦ୍ ଗୀତା କୁହେ- ପରମାତ୍ମା ଏକ ଜ୍ୟୋତିସ୍ୱରୂପ। ସେହି ଜ୍ୟୋତି ସ୍ୱରୂପ ପରମାତ୍ମା ସୂର୍ଯ୍ୟ ଏବଂ ଅଗ୍ନି ପ୍ରଭୃତି ସମସ୍ତ ଜ୍ୟୋତିଙ୍କଠାରୁ ସର୍ବଶ୍ରେଷ୍ଠ ଜ୍ୟୋତି। ସେ ଅନ୍ଧକାରରୁ ଦୂରରେ। ତାଙ୍କୁ ଜ୍ଞାନଦ୍ୱାରା ଜାଣିହେବ। ତେବେ ବଡ଼କଥା ହେଲା ସେହି ଜ୍ୟୋତି ସମସ୍ତଙ୍କର ହୃଦୟରେ ବିରାଜମାନ। ଏଠାରେ ପ୍ରଶ୍ନ ଉଠେ ପ୍ରାଣୀ ସେହି ଜ୍ୟୋତିଙ୍କୁ ଜାଣିବ କେମିତି ? ଏଥିପାଇଁ 'ଯୋଗ' ଏକ ବିଜ୍ଞାନସିଦ୍ଧ ଉପାୟ। ଶାରୀରିକ ବ୍ୟାୟାମ ସହିତ ଆତ୍ମଦର୍ଶନର ଉପାୟ ହେଉଛି ଯୋଗ। ଏହା ପ୍ରାୟତଃ ଦୁଇଟି ଭାଗରେ ବିଭକ୍ତ। ଗୋଟିଏ ଆସନ ଏବଂ ଅନ୍ୟଟି ପ୍ରାଣାୟାମ। ଆସନ ଅଭ୍ୟାସ ଦ୍ୱାରା ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ କ୍ରିୟାଶୀଳ ରହେ। ପ୍ରାଣାୟାମ ଦ୍ୱାରା ନାଡ଼ିଶୁଦ୍ଧି ରହି ପ୍ରଶାନ୍ତତା ଅନୁଭୂତି ହୁଏ। ଆସନ ଏବଂ ପ୍ରାଣାୟାମ ଅଭ୍ୟାସ ବଳରେ ଦିବ୍ୟତ୍ୱ ପ୍ରାପ୍ତ ହୁଏ। ପ୍ରାଣାୟାମ ଆତ୍ମଦର୍ଶନ କରେଇଥାଏ। ଭାରତର ମୁନିଋଷି ତଥା ସିଦ୍ଧସାଧକଗଣ ଯୋଗକୁ ଆଧାରକରି ଦିବ୍ୟଜ୍ଞାନ ତଥା ବିଜ୍ଞାନର ରହସ୍ୟକୁ ପ୍ରାପ୍ତ ହୋଇଥିଲେ।

ସୃଷ୍ଟି ଆରମ୍ଭରୁ ଯୋଗ ରହିଅଛି। ଯାହାକୁ ମହର୍ଷି ପତଞ୍ଜଳି ଉଦ୍ଭାବନ କରି ତାଙ୍କ ଯୋଗଶାସ୍ତ୍ରରେ ଏହାର ଗୂଢ଼ତତ୍ତ୍ୱକୁ ଲିପିବଦ୍ଧ କରିଥିଲେ। ପତଞ୍ଜଳି ଯୋଗସୂତ୍ରର ଗୁରୁତ୍ୱପୂର୍ଣ୍ଣ ସୂତ୍ରଟି ହେଲା ଯୋଗଃ ଚିତ୍ତବୃତ୍ତି ନିରୋଧଃ। ଅର୍ଥାତ୍ ଯୋଗ ହେଉଛି ଚିତ୍ତର ପ୍ରବୃତ୍ତିକୁ ନିୟନ୍ତ୍ରିତ କରିବାର ସୂତ୍ର। ଚିତ୍ତ ଅର୍ଥାତ୍ ମନ। ତେଣୁ ମନକୁ ନିୟନ୍ତ୍ରଣ କରିବା ହିଁ ଯୋଗ। ଆମ ଶରୀର ଏକାଦଶ ଇନ୍ଦ୍ରିୟଙ୍କୁ ନେଇ ପରିଚାଳିତ। ସେଗୁଡିକ ହେଉଛନ୍ତି ପାଞ୍ଚଟି ଜ୍ଞାନେନ୍ଦ୍ରିୟ, ପାଞ୍ଚଟି କର୍ମେନ୍ଦ୍ରିୟ ଏବଂ ମନ। ଜ୍ଞାନେନ୍ଦ୍ରିୟ ପ୍ରତ୍ୟେକଟି ବିଷୟକୁ ଜାଣିପାରନ୍ତି। ସେହି ପଞ୍ଚ ଜ୍ଞାନେନ୍ଦ୍ରିୟ ହେଉଛନ୍ତି - ଚକ୍ଷୁ, କର୍ଣ୍ଣ, ନାସିକା, ଚର୍ମ ଏବଂ ଜିହ୍ୱା। ସେହିପରି କର୍ମେନ୍ଦ୍ରିୟମାନେ ଜ୍ଞାନେନ୍ଦ୍ରିୟର ଜ୍ଞାନକୁ ଆଧାର କରି କର୍ମ କରନ୍ତି। ସେହି ପାଞ୍ଚ କର୍ମେନ୍ଦ୍ରିୟ ହେଲେ ବାକ୍ (କଥାବାର୍ତ୍ତା), ପାଣି (ହାତ), ପାଦ (ପାଦ), ପାୟୁ(ମଳଦ୍ୱାର) ଏବଂ ଉପସ୍ଥ(ଜନନେନ୍ଦ୍ରିୟ)। ଅନ୍ତିମ ଏବଂ ପ୍ରମୁଖ ତତ୍ତ୍ୱଟି ହେଲା ମନ। ମନ ଉପରୋକ୍ତ ଜ୍ଞାନେନ୍ଦ୍ରିୟ ଏବଂ କର୍ମେନ୍ଦ୍ରିୟର ପରିଚାଳକ। ଯଦିଓ ପ୍ରତ୍ୟେକ ଇନ୍ଦ୍ରିୟ ସ୍ୱତନ୍ତ୍ର କିନ୍ତୁ ଏମାନେ ମନର ପ୍ରଭାବରେ କାର୍ଯ୍ୟ କରନ୍ତି।

ଶରୀରରେ ସୂକ୍ଷ୍ମ ରୂପରେ ରହିଥାଏ ଆତ୍ମା। ସେ ସମସ୍ତ ଇନ୍ଦ୍ରିୟଠାରୁ ଊର୍ଦ୍ଧ୍ୱରେ। ଇନ୍ଦ୍ରିୟଗୁଡ଼ିକ ଶରୀରର ଅଂଶବିଶେଷ। କିନ୍ତୁ କେବଳ ଆତ୍ମା ହେଉଛନ୍ତି ପରମାତ୍ମାଙ୍କର ଅଂଶବିଶେଷ। ତେଣୁ



ମୃତ୍ୟୁ ସମୟରେ ଏହି ସମସ୍ତ ଇନ୍ଦ୍ରିୟ ନଷ୍ଟ ହୋଇଯାନ୍ତି କିନ୍ତୁ ଆତ୍ମା ; ଯାହାଙ୍କୁ ଆମେ ନିଃଶ୍ୱାସ ପ୍ରଶ୍ୱାସ ମାଧ୍ୟମରେ ଅନୁଭବ କରୁ ସେ ମୃତ୍ୟୁ ମାତ୍ରେ ଶରୀର ଛାଡି ଚାଲିଯାନ୍ତି। ପ୍ରାଣୀ ଯଦି ମନକୁ ସ୍ଥିର କରିଦେଲା ତେବେ ସେ ଆତ୍ମତତ୍ତ୍ୱକୁ ଜାଣିବାରେ ଅସୁବିଧା ହେବନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏ ସଂସାରରେ ମାନବ କେବଳ ଗୋଟିଏ ମାତ୍ର ଜୀବ ଯିଏ ନିଜର ଆତ୍ମାକୁ ଜାଣିବାରେ ସଫଳ। ତେବେ ଏ କ୍ଷେତ୍ରରେ ଯୋଗ ମାନବପାଇଁ ଏକ ଅମୃତ ତତ୍ତ୍ୱ। ଯୋଗର ସରଳ ନିୟମକୁ ପାଳନ କରି ନିତ୍ୟ ଯୋଗାଭ୍ୟାସ କଲେ ଆତ୍ମୋପଲବ୍ଧି ହୋଇଥାଏ, ଏହା ପ୍ରମାଣିତ। ବର୍ତ୍ତମାନର ସମାଜ ବିଭିନ୍ନ ପ୍ରକାରର କଳୁଷିତ ବାତାବରଣ ଦେଇ ଗତିକରୁଛି। ଖାଦ୍ୟ, ବସ୍ତ୍ର ତଥା ପରିବେଶରେ ସାମଞ୍ଜସ୍ୟ ନାହିଁ। ଦୈନନ୍ଦିନ ଜୀବନ ରାସ୍ତାରେ ଅନେକ ବାଧାବିଘ୍ନ ତଥା ମନସ୍ତାପ ଭିତରେ ମାନବ ଗତିକରୁଛି। ସମସ୍ତେ ଅନେକ ରୋଗ ଏବଂ ବ୍ୟାଧିକୁ ଶରୀରରେ ଧାରଣ କରିଛନ୍ତି। ତେଣୁ ଏଭଳି ସମୟରେ ଯୋଗ ହିଁ ସମାଜର ଏକମାତ୍ର ସୁରକ୍ଷା ଅସ୍ତ୍ର। ଯୋଗର ଏକ ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ହେଲା ଅନୁଶାସନ। ଅର୍ଥାତ୍ ଯୋଗ କରୁଥିବା ମାନବର ମନ ସ୍ୱତଃ ଏକ ଦିବ୍ୟ ବଳୟରେ ଆବଦ୍ଧ ହୋଇ ଅନୁଶାସିତ ହୋଇଯିବ। ତେଣୁ ପତଞ୍ଜଳି ଯୋଗସୂତ୍ରର ଅନ୍ୟ ଏକ ପ୍ରମୁଖ ସୂତ୍ର ହେଲା ଅଥ ଯୋଗାନୁଶାସନମ୍। ନିତ୍ୟ ନ୍ୟୂନାତିନ୍ୟୂନ ଅଧଘଣ୍ଟାଏ ଅନୁଶାସନ ପୂର୍ବକ ଯୋଗାଭ୍ୟାସ ତଥା ପ୍ରାଣାୟାମ କଲେ ଡାଇବେଟିସ, ବ୍ଲଡପ୍ରେସର, ହାର୍ଟଆଟାକ୍ ଇତ୍ୟାଦି ମରଣାତ୍ମକ ରୋଗରୁ ମାନବ ମୁକ୍ତି ପାଇ ଏକ ସୁସ୍ଥ ଏବଂ ଚିନ୍ତାମୁକ୍ତ ଜୀବନ ଜିଇପାରିବ ବୋଲି ସାଧୁସନ୍ଥ, ଡାକ୍ତର, ବୈଜ୍ଞାନିକ, ସମାଜସେବକ ତଥା ଅନୁଭବୀ ଯୋଗାଭ୍ୟାସୀଙ୍କ ଅଭିମତ।

ବାସ୍ତବରେ ସୁସ୍ଥ ଶରୀର ପ୍ରତ୍ୟେକ ପ୍ରାଣୀର ଜୀବନସୂତ୍ର। ଶରୀର ଯେତେବେଳ ପର୍ଯ୍ୟନ୍ତ ସୁସ୍ଥ ଥାଏ ସେତେବେଳ ପର୍ଯ୍ୟନ୍ତ କାର୍ଯ୍ୟକୁ ଠିକ୍ ଭାବରେ କରିପାରିଥାଏ। ଆମେ ଅନୁଭବ କରୁଛେ ଏକ ସୁସ୍ଥ ଶରୀର ହିଁ ସୁସ୍ଥ ସମାଜର ବାହକ ହୋଇଥାଏ। ତେଣୁ ମାନବ ତା'ର ଶରୀରତତ୍ତ୍ୱକୁ ଠିକ୍ ଭାବରେ ଜାଣି ତା'ର ସୁରକ୍ଷା କରିବା ଆବଶ୍ୟକ। କରୋନା ସଂକ୍ରମଣରେ ଆମ ଦେଶରେ ଦୁଇଟି ବିଦ୍ୟା ବିଶ୍ୱପ୍ରସିଦ୍ଧ ହୋଇପାରିଛି। ଗୋଟିଏ ହେଲା ଆୟୁର୍ବେଦ ଏବଂ ଅନ୍ୟଟି ଯୋଗଶାସ୍ତ୍ର। ପ୍ରାଚୀନ ଭାରତର ଚାଲିଚଳଣ ଏବଂ ଖାଦ୍ୟପଦାର୍ଥ ଆୟୁର୍ବେଦ ଶାସ୍ତ୍ର ଆଧାରିତ ଥିଲା। ଏହି ଆୟୁର୍ବେଦ ଶରୀରବିଦ୍ୟାକୁ ଧାରଣ କରେ। ଅପରପକ୍ଷରେ ଯୋଗଶାସ୍ତ୍ର ଶରୀରତତ୍ତ୍ୱ ଏବଂ ଆତ୍ମତତ୍ତ୍ୱ ଉଭୟର ମାର୍ଗଦର୍ଶକ। ତେଣୁ କରୋନାରେ ଯେତେବେଳେ ଡାକ୍ତରଖାନାରେ ଅମ୍ଳଜାନ ଅଭାବ ପରିଲକ୍ଷିତ ହେଲା ଡାକ୍ତରମାନେ ଘରେ ରହି ପ୍ରାଣାୟାମ କରିବା ପାଇଁ ଉପଦେଶ ଦେଲେ। ପ୍ରତ୍ୟହ ନ୍ୟୂନାତିନ୍ୟୂନ ସୂର୍ଯ୍ୟନମସ୍କାର, ତ୍ରିକୋଣ ଆସନ, ବଜ୍ରାସନ, ପାଦପଶ୍ଚିମୋତ୍ତାସନ, ସର୍ବାଙ୍ଗାସନ ତଥା ଅନୁଲୋମ-ବିଲୋମ, କପାଳଭାତି ଏବଂ ଅଗ୍ନିସାରକୁ ଅଭ୍ୟାସ କରିବାଦ୍ୱାରା ମାନବଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ଚିରସ୍ଥାୟୀ ହୋଇରହିବ।

**ଉପନିର୍ଦ୍ଦେଶକ, ଦୂରଶିକ୍ଷା ନିର୍ଦ୍ଦେଶାଳୟ**
**କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତି, ଆନ୍ଧ୍ରପ୍ରଦେଶ**
**ମୋ: ୮୮୯୭୪୨୬୨୪୩**

## ଏଇ ଭାରତରେ

ଏମିତି ଏକ ପଦକ୍ଷେପ, ଯେଉଁଥିରେ ଘରକୁ ଥଣ୍ଡା ରଖାଯାଉଛି। ବାସ୍ତବରେ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରୁ ମୁକ୍ତି ପାଇବାରେ ଏହା ଏକ ପ୍ରଶଂସନୀୟ କାର୍ଯ୍ୟ। ଗୁଜରାଟ ଅହମଦାବାଦର ମହିଳା ହାଉସିଂ ଟ୍ରଷ୍ଟ(ଏମ୍‌ଏଚ୍‌ଟି) ମାଧ୍ୟମରେ ଏହି କାର୍ଯ୍ୟ ଜାରି ରହିଛି। ଏହି ଟ୍ରଷ୍ଟ ତୃଣମୂଳ ସ୍ତରରେ ଘରକୁ ଥଣ୍ଡା ରଖିବା ଲାଗି କାର୍ଯ୍ୟରେ ବିଭିନ୍ନ ପରିବାର ମହିଳାଙ୍କୁ ନିୟୋଜିତ କରିଛି। ଏବେ ସୁଦ୍ଧା ଅହମଦାବାଦର ବିଭିନ୍ନ ବସ୍ତିରେ ପାଖାପାଖି ୨୦,୦୦୦ ଘରକୁ କୁଲ୍ କରାଯାଇସାରିଲାଣି। ଏହି ସବୁ ଘରେ ଲୋକେ ଶାନ୍ତିରେ ଏବେ ରହିପାରୁଛନ୍ତି। ଏମ୍‌ଏଚ୍‌ଟି ପକ୍ଷରୁ ପ୍ରତିଘର ଛାତରେ ସୋଲାର ରିଫ୍ଲେକଟିଭ ହ୍ୱାଇଟ ପେଣ୍ଟ ଦିଆଯାଉଛି। ଏହି ପ୍ରୋଜେକ୍ଟ ୨୦୧୬ରେ ଆରମ୍ଭ ହୋଇଥିଲା। ଏମ୍‌ଏଚ୍‌ଟି ବିଭିନ୍ନ ସ୍ଥାନରେ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଉପରେ ମଧ୍ୟ କାର୍ଯ୍ୟ ଚଳାଉଛି। ଗ୍ରାମୀଣ ଲୋକେ କିଭଳି ସହଜରେ ବିଦ୍ୟୁତ୍ ପାଇପାରିବେ, ତା' ଉପରେ କାମ କରି ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦେଉଛି। ମହିଳା ହାଉସିଂ ଟ୍ରଷ୍ଟ ମଧ୍ୟ ସୋଲାର ପାୱାର ଉତ୍ପାଦନ କରିବାରେ ଲୋକମାନଙ୍କୁ ସହଯୋଗ କରୁଛି। ଏହାଦ୍ୱାରା ଅନେକ ବସ୍ତିରେ ଲୋକେ ବିଦ୍ୟୁତ ବିଲ୍ ଦେୟରୁ ମୁକ୍ତି ପାଇପାରିଛନ୍ତି। ବସ୍ତିଗୁଡ଼ିକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଏମ୍‌ଏଚ୍‌ଟି ମହିଳାମାନଙ୍କ ଦ୍ୱାରା ବିଭିନ୍ନ ସଚେତନାତ୍ମକ କାର୍ଯ୍ୟକ୍ରମମାନ ଆୟୋଜନ କରୁଛି। ଏହା ଦ୍ୱାରା ବସ୍ତିଗୁଡ଼ିକ ସ୍ୱଚ୍ଛ ରହିବା ସହିତ ରୋଗର ପ୍ରାଦୁର୍ଭାବ କମୁଛି।

## ଚିରନ୍ତନୀ

ସେ ଫୁଲ ଫୁଟଇ କେଉଁ ଦେଶେ ହେ
ଆକୁଳ ଭୁବନ ତା'ର ବେଶେ ଯେ
ସେ କେଉଁ ପ୍ରେୟସୀ ମୋତେ ଲୋଡ଼ଇ
ମିଳନ-ବାସନାରାଶି ବଢ଼ଇ
ଭୁବନେ ଭୁବନେ ହସ ଛାଡ଼ଇ
ଭୁବନେ ଭୁବନେ ଗୀତ ଲେଖେ ହେ!

-(ଫଗୁଣ ଜ୍ୟୋତ୍ସ୍ନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବଜାରରେ ବାସି ମିଠା

ମହାଶୟ,

ଅଧିକାଂଶ ଦୋକାନରେ ବିକ୍ରି ହେଉଥିବା ମିଠାରେ ଅବଧି ସୀମା ବା ଏକ୍ସପାଏରି ତାରିଖ ଲେଖାଯାଉନାହିଁ। ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ନିୟମ ଅନୁସାରେ ପ୍ରତ୍ୟେକ ପ୍ୟାକେଟ ଖାଦ୍ୟ ସାମଗ୍ରୀ ଉପରେ ବ୍ୟବହାର ଅବଧି ଲେଖା ରହିବ। କିନ୍ତୁ ବଜାରରେ ବିକ୍ରି ହେଉଥିବା ମିଠା ଜାତୀୟ ଖାଦ୍ୟର ପ୍ରସ୍ତୁତି ତାରିଖ କିମ୍ବା ଏକ୍ସପାଏରି ତାରିଖ ଜଣାପଡୁନାହିଁ। କେତେକ ମିଠା ଦୁଇ ଦିନ ଯାଏ ବିକ୍ରି ହେବାକୁ ନିୟମ ଥିବାବେଳେ ଆଉ କିଛି ମିଠା ୭ ଦିନ ପର୍ଯ୍ୟନ୍ତ ବିକ୍ରି ହୋଇପାରିବ। ଆଉ କିଛି ମିଠା ତିଆରି ହୋଇଥିବା ଦିନ ହିଁ ଖାଇବା ଉପଯୋଗୀ। ଯେଉଁଳି କାଲାକାନ୍ଦ, ବଟର ସ୍କଚ ଓ ଚକୋଲେଟ ଭଳି ମିଠା ପ୍ରସ୍ତୁତି ଦିନ ହିଁ ଖାଇବାକୁ ହୁଏ। ଗୋଟିଏ ଦିନ ପରେ ଏହାକୁ ଖାଇବା ସ୍ୱାସ୍ଥ୍ୟ ପ୍ରତି ଅନୁପଯୋଗୀ। କ୍ଷୀରରେ ପ୍ରସ୍ତୁତ ବାଦାମ ମିଲ୍କ, ରସଗୋଲା, ରସମଲେଇ, ରାବିଡ଼ି, ରାଜଭୋଗ, ସନ୍ଦେସ, ମଲାଇ ରୋଲ, ରସକଦମ ଆଦି ମିଠାର ଅବଧି ମାତ୍ର ଦୁଇଦିନ। ସେହିପରି ଲଡୁ ଓ ଖୁଆରୁ ତିଆରି ମିଲ୍କ କେକ୍, ଚକୋଲେଟ ବର୍ଫି, ମଥୁରା ପେଡ଼ା, ନଡ଼ିଆ ଲଡୁ, ଫ୍ରୁଟ୍ ଆଦି ମିଠା ଚାରିଦିନ ପର୍ଯ୍ୟନ୍ତ ଖାଇ ହୁଏ। ଘିଅ ଓ ଡ୍ରାଏ ଫ୍ରୁଟ୍‌ରୁ ତିଆରି ହେଉଥିବା ଲଡୁ, କାଜୁ କଟଲି, ବେସନ ବର୍ଫି ଓ ଚନ୍ଦ୍ରକଳା ଲଡୁ ଆଦି ମିଠା ପ୍ରସ୍ତୁତି ଦିନରୁ ସାତରୁ ସର୍ବାଧିକ ଏକ ମାସ ପର୍ଯ୍ୟନ୍ତ ଖାଇବା ଉପଯୋଗୀ ହୋଇ ରହିଥାଏ। ସମସ୍ତ ମିଠା ଜାତୀୟ ଖାଦ୍ୟ ଉପରେ ଅବଧି ତାରିଖ ଲେଖିବା ବାଧ୍ୟତାମୂଳକ କରାଯାଇଛି। ଯାଞ୍ଚ କରିବା ପାଇଁ ଖାଦ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ମଧ୍ୟ ରହିଛି। ହେଲେ କଟକ ଭଳି ସହରରେ କେବେହେଲେ ମିଠା ଦୋକାନରେ ଚଢ଼ଉ ହେବା ନଜିର ନାହିଁ। କେବଳ ସିଲପ୍ୟାକ ଡବାରେ ବିକ୍ରି ହେଉଥିବା ମିଠାର ଅବଧି ସୀମା ଉଲ୍ଲେଖ ରହିଛି। ଯାହାକି ସହରର କୌଣସି ଖୁଚୁରା ମିଠା ଦୋକାନରେ ଦେଖିବାକୁ ମିଳୁନାହିଁ। ଖାଦ୍ୟ ସୁରକ୍ଷା କିମ୍ବା ସିଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉନାହିଁ। ଯଦି କେବେ ବାସି ମିଠାଜନିତ କୌଣସି ଅଘଟଣ ଘଟେ ଦାୟୀ କିଏ ରହିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ?

**- ଡା. ଦିଲୀପ କୁମାର ମହାରଣା**
**ଶିଖରପୁର ଉପରସାହି, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘ରଜ ଓଡ଼ିଆ ସଂସ୍କୃତି, ଅସ୍ମିତାର ଗଣପର୍ବ’

## ପିଠା ଖାଇଲେ, ପିଲାଙ୍କୁ ଦୋଳିରେ ଝୁଲାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୪।୬(ଶର୍ମିଷ୍ଠା ପାଣିଗ୍ରାହୀ)** ରଜ ମହୋତ୍ସବ ହେଉଛି ଓଡିଆ ସଂସ୍କୃତି ଓ ଅସ୍ମିତାର ଗଣପର୍ବ। ରଜ ଉତ୍ସବ ପ୍ରମାଣ କରୁଛି ଯେ ଆମେ ଓଡିଆ ଅସ୍ମିତା, ଅସ୍ତିତ୍ୱ, ସଂସ୍କୃତି ଓ ପରମ୍ପରାକୁ ଭୁଲିନାହୁଁ। ନୂଆ ସରକାର ଓଡିଆ ଅସ୍ମିତା ଓ ସଂସ୍କୃତି ଉପରେ ଗୁରୁତ୍ୱ ଦେଉଛି। ଆଗାମୀ ଦିନରେ ଏହା ଆହୁରି ଉଜ୍ଜୀବିତ ହେବ। ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟ ସଂଗ୍ରହାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ରଜ ମହୋତ୍ସବକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ରଜ ପର୍ବରେ ସାମିଲ ହେବାକୁ କିପରି ନିଜ ଜନ୍ମମାଟି କେନ୍ଦୁଝରକୁ ଯାଇଥାନ୍ତି ସେସମ୍ପର୍କରେ ବର୍ଣ୍ଣନା କରିଥିଲେ। ନୂଆ ସରକାର ଆସିବା ପରେ ଓଡିଆ ଅସ୍ମିତା ଓ ସଂସ୍କୃତିର ଏହି ଗଣପର୍ବକୁ ପ୍ରଥମ ଥର ପାଇଁ ଯେପରି ଚିତ୍ତାକର୍ଷକ ଭାବରେ ଆୟୋଜନ କରାଯାଇଛି ସେଥିପାଇଁ ସଂସ୍କୃତି ବିଭାଗକୁ ସେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ରାଜ୍ୟ ସଂଗ୍ରହାଳୟ ବାହାରେ ପିଲାମାନଙ୍କ ପାଇଁ ସ୍ଥାପନ କରାଯାଇଥିବା ଡାଇନାମିକ୍ ଡାଇନୋସରର ପ୍ରତିକୃତିକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ପିଲାମାନଙ୍କ ସହ ମିଶି ରଜ ପିଠା ଓ ପାନ ଖାଇଥିଲେ। ପିଲାମାନଙ୍କୁ ଦୋଳିରେ ବସାଇ ଝୁଲାଇଥିଲେ।

ସନ୍ଧ୍ୟାରେ ଆୟୋଜିତ ‘ବର୍ଣ୍ଣାଳୀ’ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ପ୍ରଥମେ ବ୍ୟାସକବି ଫକୀର ମୋହନ ସେନାପତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଂସ୍କୃତି ବିଭାଗ ସଚିବ ଶାଳିନୀ ପଣ୍ଡିତ ଜନଜାତି ଜୀବନ ଶୈଳୀ ଉପରେ ଆଧାରିତ ‘ସୋଲ ଅଫ୍ ଦ ସଏଲ୍’ ନାମକ ଏକ କଫି ଟେବୁଲ ପୁସ୍ତକ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଭାଜପା ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚରେ ଓଡ଼ିଶୀ, ସମ୍ବଲପୁରୀ, ଗୋଟିପୁଅ ନୃତ୍ୟ ସମେତ ବିଭିନ୍ନ ପ୍ରକାର ଲୋକନୃତ୍ୟ ଆକର୍ଷଣ ସାଜିଥିଲା। ସଂଗ୍ରହାଳୟ ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟରେ ଶୁକ୍ରବାର ଉଦ୍‌ଘାଟିତ ରାଜ୍ୟସ୍ତରୀୟ ରଜ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ ରଜ ପାନ ଖାଉଛନ୍ତି।


ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟ ପରିସରରେ ଛାତ୍ରୀମାନେ ଦୋଳି ଖେଳୁଛନ୍ତି।


ଝାରପଡ଼ାସ୍ଥିତ ମଧୁରମୟୀ ଆଦର୍ଶ ଶିକ୍ଷା ନିକେତନ ପକ୍ଷରୁ ଜେଲ ଅନ୍ତେବାସୀଙ୍କ ପିଲାମାନଙ୍କୁ ନେଇ ଆୟୋଜିତ ରଜ ଉତ୍ସବ।


କଟକ ବଳଭଦ୍ରପୁରରେ ଅନୁଷ୍ଠିତ ରଜ ଉତ୍ସବରେ ଛାତ୍ରୀମାନେ ପୁରସ୍କାରକୁ ପୋଡ଼ପିଠା ଖୁଆଉଛନ୍ତି।


କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ନୟାଗଡ଼ ଗ୍ରାମରେ ଯୁବତୀମାନେ ଦୋଳିର ମଜା ନେଉଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED TEACHERS
Required TEACHERS immediately for a reputed English Medium School at Delang, Puri.
Salary negotiable.
Mob.: 9337331411
9776948016

REQUIRED
Female Nurses and Receptionists with Computer Knowledge in Rasulgarh, Bhubaneswar.
Freshers can also apply
Contact 8339966999

WALK-IN INTERVIEW FOR FACULTY POSITIONS
SRM UNIVERSITY AP
SRM University-AP invites applicants for the following positions in the Department of Computer Science & Engineering. Interested candidates are requested to attend the interviews in person.
Position: Assistant Professor
Qualification: Ph.D. in CSE (Thesis Submitted or Completed) from UGC-recognised institutions.
Candidates with post-Ph.D. qualifications over six years of experience are also welcome to attend the interview.
Remuneration
• Competitive remuneration will be offered based on qualification and experience.
Candidates are advised to bring copies of all education and experience documents along with a copy of their resume.
For any inquiries, please contact +91 9032067774 / 9790733507
Walk-in Interview Schedule:
Date: June 15 & 16, 2024
Time: 9:00 AM to 4:00 PM
Venue: Hotel Ginger Bhubaneshwar
Opp. Nalco Headquarter, Jayadev Vihar, Nayapalli, Bhubaneswar - 751013
Phone: 0674 666 3333

Rohan WE ARE HIRING! Hero
Rohan Autoriders Private Limited a Leading 2-Wheeler Dealer of Hero Motocorp is looking for following personnel.
1) Spare Parts Manager : Any Graduate with min. 2-3 yrs. experience in Spare Parts / Spare Shop.
2) Assistant Manager : Any Graduate having 2 years exp. in Automobile dealership.
3) Floor supervisor : Diploma Mechanical or Automobile with 3-4 years experience in Automobile dealership.
4) Tele-caller : Graduate with 1 - 2 yrs. exp. and good communication skill.
Computer and internet knowledge is a must for all categories
Salary as per Market Standards
If you feel you are the right Candidate for this job Please send Your Resume to rohandubey231@gmail.com or Walk-in Interview on 19th and 22nd June 2024 between 11am to 06pm with Complete CV and Recent PP Size Photo at
ROHAN HERO SHOWROOM, FIRE STATION SQ., BARAMUNDA , BBSR



# ୩ ବୟସ୍କଙ୍କ ମଧ୍ୟରୁ ଜଣେ ଅର୍ଥାଭାବର ସମ୍ମୁଖୀନ

**ଭୁବନେଶ୍ୱର, ୧୪।୬ (ଅସମାପିକା ସାହୁ)**

### ଆଜି ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ସଚେତନତା ଦିବସ

ଭାରତର ଅଧିକାଂଶ ବୟସ୍କ ଲୋକ ସେମାନଙ୍କ ପରବର୍ତ୍ତୀ ବର୍ଷ ପାଇଁ ପ୍ରସ୍ତୁତ ନୁହନ୍ତି। ପ୍ରତି ୩ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କର ଆର୍ଥିକ ଅଭାବ ରହିଛି। ପ୍ରାୟ ୬୫% ବୟସ୍କ ସେମାନଙ୍କର ବର୍ତ୍ତମାନର ଆୟ, ସଞ୍ଚୟ ଏବଂ ନିବେଶର ଉପଲବ୍ଧତା ସହିତ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ନୁହନ୍ତି। ସେହିଭଳି ସମ୍ମାନଜନକ ଜୀବନଯାପନ ପାଇଁ ଅଧିକାଂଶ ଅନ୍ୟମାନଙ୍କ ଉପରେ ଅଧିକ ନିର୍ଭରଶୀଳ ବୋଲି ହେଲ୍ପଏଜ୍ ଇଣ୍ଡିଆ ରିପୋର୍ଟରୁ ଜଣାପଡ଼ିଛି। ଜୁନ୍ ୧୫ ‘ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ସଚେତନତା ଦିବସ’ ଅବସରରେ ହେଲ୍ପଏଜ ଇଣ୍ଡିଆ ଶୁକ୍ରବାର ‘ଭାରତରେ ବୟସ୍କ: ଆବଶ୍ୟକ ଯତ୍ନ ଆହ୍ୱାନର ଅନୁସନ୍ଧାନ ଏବଂ ପଦକ୍ଷେପ’ ଶୀର୍ଷକ ଜାତୀୟ ରିପୋର୍ଟ ଉନ୍ମୋଚନ କରିଛି। ଭୁବନେଶ୍ୱରସ୍ଥିତ ସିଓ୍ୱାଇଏସ୍‌ଡିଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହେଲ୍ପଏଜ ଇଣ୍ଡିଆର ରାଜ୍ୟ ମୁଖ୍ୟ ଭାରତୀ ଚକ୍ର ଉପସ୍ଥିତ ରହି ଏହି ସୂଚନା ଦେଇଛନ୍ତି। ୧୦ ରାଜ୍ୟର ୨୦ଟି ସହରରେ ୫୧୬୯ ଜଣ ବୟସ୍କ ଏବଂ ୧୩୩୩ ଜଣ ପ୍ରାଥମିକ ପରିବାର ସଦସ୍ୟଙ୍କ ଉପରେ ଏହି ସର୍ଭେ କରାଯାଇଥିଲା। ରିପୋର୍ଟ ଅନୁସାରେ, ୩୨% ବୟସ୍କ କିମ୍ବା ସେମାନଙ୍କ ଜୀବନସାଥୀଙ୍କର ବାର୍ଷିକ ଆୟ ୫୦ହଜାର ଟଙ୍କାରୁ କମ୍ ରହିଛି। ଜେରିଆଟ୍ରିକ ସ୍ୱାସ୍ଥ୍ୟସେବା ସୁବିଧା ବିଷୟରେ ମାତ୍ର ୧୫% ସଚେତନ ରହିଛନ୍ତି। କେବଳ ୩୧% ବୟସ୍କ ବ୍ୟକ୍ତି ସ୍ୱାସ୍ଥ୍ୟ ବୀମା ପାଇବା ବିଷୟରେ ସୂଚନା ଦେଇଛନ୍ତି। ୫୪% ଦୁଇ କିମ୍ବା ଅଧିକ ଅଣସଂକ୍ରାମକ ରୋଗ (ଏନ୍‌ସିଡି)ରେ ପୀଡ଼ିତ ଥିବା ଜଣାପଡ଼ିଛି।

ବୟସ୍କ ନିର୍ଯାତନା ଅନ୍ୟତମ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି। ୭% ବୟସ୍କ ଲୋକ ନିର୍ଯାତନାର ଶିକାର ହୋଇଥିବା ସ୍ୱୀକାର କରିଥିବାବେଳେ ୫% ବୟସ୍କ ଏହି ପ୍ରଶ୍ନର ଉତ୍ତର ଦେବାକୁ ମନା କରିଦେଇଛନ୍ତି। ମୁଖ୍ୟ ଦୋଷୀ ହେଉଛନ୍ତି ସେମାନଙ୍କ ପୁଅ (୪୨%) ଓ ବୋହୂ (୨୮%)। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଗତ ଏକବର୍ଷ ମଧ୍ୟରେ ନିର୍ଯାତନାର ଶିକାର ହୋଇଥିବା ବୟସ୍କଙ୍କ ମଧ୍ୟରୁ ଅଧିକ ପ୍ରତିଶତ ନିରକ୍ଷର ଥିଲେ ଏବଂ ସେମାନଙ୍କ ଆୟ କମିବା ସହିତ ନିର୍ଯାତନା ବୃଦ୍ଧି ପାଇଥିଲା। ସେହିଭଳି ୬୧% ବୟସ୍କ ସେମାନଙ୍କ ନାତୁଣୀନାତିଙ୍କ ଯତ୍ନ ନେବାରେ ନିୟୋଜିତ ଥିବାବେଳେ ଏକ ତୃତୀୟାଂଶରୁ ଅଧିକ ବୟସ୍କ ନିୟମିତ ଘର କାମ, ରୋଷେଇ ଏବଂ ଶପିଂରେ ନିୟୋଜିତ ରହିଥିବା ସର୍ଭେରୁ ଜଣାପଡ଼ିଛି।

ସିଓ୍ୱାଇଏସ୍‌ଡିଠାରେ ଏହାକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ଏସ୍‌ଇପିଡି ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ନୀତି ଆୟୋଗ ସଦସ୍ୟ ଜଗଦାନନ୍ଦ, ଏଡ୍-ଏଟ୍-ଆକ୍ସନ ଦକ୍ଷିଣ ଏସିଆ ଆଞ୍ଚଳିକ ମୁଖ୍ୟ ଉମି ଡାନିଏଲ, କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ସାଂସ୍କୃତିକ ମାନବବିଜ୍ଞାନର ପ୍ରଫେସର ଅନ୍ନପୁରା ଦେବୀ ପାଣ୍ଡେ ପ୍ରମୁଖ ଉପସ୍ଥିତ ରହି ଏହି ସର୍ଭେରୁ ମିଳିଥିବା ବାର୍ଦ୍ଧକ୍ୟଜନିତ ସମସ୍ୟା ଓ ଏହାର ସମାଧାନ ଦିଗରେ ଆଲୋଚନା କରିଥିଲେ। ହେଲ୍ପଏଜ୍ ଇଣ୍ଡିଆର ବରିଷ୍ଠ ପ୍ରୋଗ୍ରାମ ମ୍ୟାନେଜର ରଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଭୁବନେଶ୍ୱରସ୍ଥିତ ସିଓ୍ୱାଇଏସ୍‌ଡିଠାରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ହେଲ୍ପଏଜ୍ ଇଣ୍ଡିଆ ରିପୋର୍ଟ ଉନ୍ମୋଚନ କରାଯାଉଛି।

# ୨ ରେଳମାର୍ଗ ନିରୀକ୍ଷଣ କଲେ ଫୁଙ୍କୱାଲ


ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ବିଭିନ୍ନ କାର୍ଯ୍ୟର ନିରୀକ୍ଷଣ କରୁଛନ୍ତି।

**ଭୁବନେଶ୍ୱର,୧୪।୬(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶୁକ୍ରବାର କଟକ-ପାରାଦୀପ ଏବଂ ପାରାଦୀପ-ହରିଦାସପୁର ରେଳ ମାର୍ଗ ନିରୀକ୍ଷଣ କରିଛନ୍ତି। ରେଳପଥର ବରିଷ୍ଠ ଅଧିକାରୀଙ୍କ ସହିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଟ୍ରାଫିକ ସୁବିଧା ତଥା ବିନା କୌଣସି ପ୍ରତିବନ୍ଧକରେ ଟ୍ରେନ ଚଳାଚଳ ଏବଂ ରେଳପଥର ବିଭିନ୍ନ ବିକାଶମୂଳକ କାର୍ଯ୍ୟକଳାପକୁ ମଧ୍ୟ ଫୁଙ୍କୱାଲ ମଧ୍ୟ ନିରୀକ୍ଷଣ କରିଥିଲେ। ଏହି ସମୀକ୍ଷା ଓ ନିରୀକ୍ଷଣ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳପଥ ପ୍ରବନ୍ଧକ ଏଚ୍. ଏସ୍. ବଜୱାଙ୍କ ସହିତ ରେଳପଥର ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅସୁବିଧାମୁକ୍ତ ଟ୍ରେନ ଚଳାଚଳ ଏବଂ ଉଭୟ ରେଳ ବିଭାଗ ଏବଂ ବନ୍ଦର ଅଞ୍ଚଳରେ ଗତିଶୀଳତାର ଉନ୍ନତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପଣ୍ୟ ଲୋଡିଂ ଓ ଅନଲୋଡିଂ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ରେଳ ସାଇଡିଂ ପରିଦର୍ଶନ କରିଥିଲେ। ଦେଶର ରାଜସ୍ୱ ବୃଦ୍ଧି ପାଇଁ ପାରାଦୀପ ପୋର୍ଟ ପ୍ରାଧିକରଣ ଏବଂ ଅନ୍ୟାନ୍ୟ ଭାଗିଦାରୀ ଓ ଉଦ୍ୟୋଗଗୁଡିକ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରିବାକୁ ଫୁଙ୍କୱାଲ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

# ସାପ କାମୁଡ଼ାରେ ମହିଳା ମୃତ

**ମୋହନା,୧୪।୬(ମନ୍ମଥ ମିଶ୍ର):** ଅଡବା ଥାନା ଅନ୍ତର୍ଗତ ମାଣ୍ଡିମରା ପଞ୍ଚାୟତ ବୁଢ଼ାଗାଁରେ ଗତ ଗୁରୁବାର ରାତିରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଁର କୁନ୍ତଳା ମାଝୀ। କୁନ୍ତଳା ନିଜ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ପାହାଡ଼ିଆ ଚିତି ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ସାପଟିକୁ ବାଡେଇ ମାରିଦେଇ କୁନ୍ତଳାଙ୍କୁ ଡାକ୍ତରଖାନାକୁ ନ ନେଇ ଚେରମୂଳି ଚିକିତ୍ସା କରିଥିଲେ। ଫଳରେ ତାଙ୍କ ଶରୀର ଅଧିକ ବିଗିଡ଼ିଯିବାରୁ ମୋହନା ମେଡିକାଲ୍‌କୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ୍‌କୁ ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ କୁନ୍ତଳାଙ୍କ ମୃତ୍ୟୁ ଘଟିଛି।

ST. XAVIER INTERNATIONAL SCHOOL
(AFFILIATED TO CENTRAL BOARD OF SECONDARY EDUCATION)
BHUBANESWAR
E-mail:xavierinternationalschool@gmail.com, website:stxavierinternationalschool.com
WALK-IN-INTERVIEW
• Vice Principal • Administrator • PGT/TGT - (Physics, Chemistry, English, Science, Mathematics, SST & Computer) • Language: (Odia/Hindi/Sanskrit) • Primary Teacher (40 Nos.) • Special Educator • Art & Craft Teacher • PET/Sports Coach • Front Desk Executive • Academic Counselors • Manager-IT • PRO • Sr. Manager (Marketing & PR) • Manager (Marketing- 30 Nos. District wise) • Manager (Admin.) • Manager (F&B) • Asst. Manager (F&B) • Digital Team • Graphics Designer • DTP Operator • Transport Incharge (Male) • Accounts Officer/Asst. • House Keeping Supervisor • Driver (LMV/HMV).
Interested candidates can attend the WALK-IN- INTERVIEW
On 15th, 16th, 17th, 18th, 22nd & 23rd June 2024
between 9:00 AM to 4:00 PM
at ST. XAVIER INTERNATIONAL SCHOOL
Nandankanan Main Road, Patia, Adjacent to Aryabhumi Complex, Chandrasekharpur, Bhubaneswar.
Candidates can also send their CV by post to:
12 Janpath, Satyanagar, Bhubaneswar-751007, Odisha
or E-mail to: hrsxis@gmail.com

# ଗର୍ଭବତୀଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ

ଚାନ୍ଦବାଲି, ୧୪।୬ (କିଷାନ ପାତ୍ର)

ଭଦ୍ରକ ଜିଲା ବାଂଶଡା ଥାନା ଅଞ୍ଚଳରେ ଜଣେ ୫ ମାସର ଗର୍ଭବତୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବାପୁନ ମହାଳିକ। ଅଭିଯୋଗ ମୁତାବକ, ଗତ ବୁଧବାର ସ୍ୱାମୀ ଘରେ ନ ଥିବା ବେଳେ ମହିଳା ଜଣକ ଘରେ ଏକୁଟିଆ ଥିଲେ। ଘରେ ବିଦ୍ୟୁତ ସଂଯୋଗ ନ ଥିବା ଓ ସ୍ୱାମୀ ଘରେ ନ ଥିବା ସୁଯୋଗ ନେଇ ଅଭିଯୁକ୍ତ ବାପୁନ ଘରେ ପଶି ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ସେହି ସମୟରେ ମହିଳାଙ୍କ ସ୍ୱାମୀ ଘରେ ପହଞ୍ଚିବାରୁ ସେ ଖସି ପଳାଇଥିଲେ। ଏ ନେଇ ବାଂଶଡା ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୦୨/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ଦୋକାନ ବାକି ଟଙ୍କା ମାଗିବାକୁ ଯାଇଥିବା ବେଳେ ମିଛରେ ଫସାଇ ଦିଆଯାଇଥିବା ଅଭିଯୁକ୍ତ କହିଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି।

# ଝୁଙ୍କ ପଖାଳ, ପୋଡ଼ପିଠାରେ ମହକିଲା ଗାଁ

ତିହିଡି, ୧୪।୬ (ସଞ୍ଜିତ ବଳ)

ପହିଲି ରଜରେ ଚଉଁରୀ ଗାଁ ଉତ୍ସବ ମୁଖର। ଝୁଙ୍କ ପଖାଳ ସାଙ୍ଗକୁ ପୋଡପିଠାର ବାସ୍ନାରେ ଗାଁ ମହକିଛି। ଏହା ସହିତ ରଜପାନ, ରଙ୍ଗୋଲି, ପିଲାମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ଉତ୍ସବକୁ ଚଳଚଞ୍ଚଳ କରିଥିଲା। ତିହିଡି ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଚଉଁରୀ ଗାଁର ରଜବତୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ଏହି ରଜ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ରଜ ମହୋତ୍ସବ ଅନୁଷ୍ଠାନର ସଭାପତି ଅଜୟ କୁମାର ନାୟକଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଅବଶ୍ୟକ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରାବନ୍ଧିକ ଡ.ଅଭୟ ଦାସ, ବରେଣ୍ୟ ଅତିଥି ବରିଷ୍ଠ କବି ଦୀନବନ୍ଧୁ ପତି, ଭାଜପା ଜିଲା ଉପସଭାପତି



ଏମ୍‌ପିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦୁର୍ଗାଚରଣ ନାୟକ, ଫତେପୁର ସରପଞ୍ଚ ପ୍ରଦୀପ ବଳ, ପ୍ରାବନ୍ଧିକ ଡ.ବିଶ୍ୱରଞ୍ଜନ ଦାସ ଯୋଗଦେଇ ସଂସ୍କୃତିର ଅବକ୍ଷୟ ଘଟିଥିବା ବେଳେ ଚଉଁରୀ ଗାଁ ପରମ୍ପରାକୁ ବଜାୟ ରଖିବା ଗୌରବର କଥା ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏମପି ଓ ପାଳିଆ ଗ୍ରାମର ପ୍ରକାଶ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଚଉଁରୀରେ ରଜ ମହୋତ୍ସବ

ପୂର୍ବତନ ସରପଞ୍ଚ ଅଜୟ ରାଉତ ଉତ୍ସବକୁ ସଞ୍ଚାଳନ କରିଥିଲେ। ସମ୍ପାଦକ ରତିକାନ୍ତ ଦାସ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କବି ବିଶ୍ୱମୈତ୍ରୀ ନାୟକଙ୍କ ସଂଯୋଜନାରେ କବିମାନେ କବିତା ପାଠ କରିଥିଲେ। ଶେଷରେ କବି ପି.ହୃଷିକେଶ ଧନ୍ୟବାଦ ଦେଇଥିଲେ। ସାମାଜିକକର୍ମୀ ଗୋଲକ ପଣ୍ଡା, ଉମାକାନ୍ତ ଦାସ, ସରୋଜ ମହାନ୍ତି, ସୁରେଶ ଦାସ, ରମେଶ ଦାସ, ସୋମାନି ଦାସ, ରୋମାନି ଦାସ, ଶୁଭଶ୍ରୀ ଦାସ, ସ୍ମିତିକ୍ଷା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଆଖଣ୍ଡଳମଣିଙ୍କ ଦର୍ଶନ କରିବେ ସୂର୍ଯ୍ୟବଂଶୀ ସୁରଜ

ଧାମନଗର, ୧୪।୬ (ସନ୍ତୋଷ କୁମାର ମହାପାତ୍ର)

ଭାଜପା ଏକାକୀ ବହୁମତ ହାସଲ କରି ଓଡ଼ିଶାରେ ସରକାର ଗଠନ କରିଛି। ଗତ ୧୨ ତାରିଖ ଶପଥ ପାଠ ଉତ୍ସବରେ ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ରାଷ୍ଟ୍ର ପାହ୍ୟା ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଦୀର୍ଘ ୧୫ ବର୍ଷ ପରେ ଧାମନଗରର ଯୁବ ବିଧାୟକଙ୍କୁ ମନ୍ତ୍ରୀ ପଦ ମିଳିଥିବାରୁ ଭାଜପା ନେତା, କର୍ମୀ ଓ ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଶନିବାର ଧାମନଗର ତଥା ଓଡ଼ିଶାବାସୀଙ୍କ ମଙ୍ଗଳ କାମନା ପାଇଁ ନୂତନ ମନ୍ତ୍ରୀ ସୂର୍ଯ୍ୟବଂଶୀ ଆରଡି ଆସି ବାବା ଆଖଣ୍ଡଳମଣିଙ୍କ ଦର୍ଶନ କରିବେ। ସକାଳ ୯ଟା ସମୟର ୧୬ନଂ. ଜାତୀୟ ରାଜପଥ ଧାମନଗର ଛକରୁ ଶୋଭାଯାତ୍ରାରେ ବାହାରି ଧାମନଗର ମୁଖ୍ୟ ବଜାର, ରାଧାବଲ୍ଲଭ ପୁର, କୋଠାର, ଧୂଷୁରୀ ଦେଇ ଆରଡ଼ିରେ ପହଞ୍ଚି ବାବା ଆଖଣ୍ଡଳମଣିଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

# ଚାନ୍ଦବାଲି ଅରଣ୍ୟ ନିବାସ ପକ୍ଷରୁ ରଜ ଉତ୍ସବ

ଚାନ୍ଦବାଲି, ୧୪।୬ (କିଷାନ ପାତ୍ର)

ଚାନ୍ଦବାଲିର ବୈତରଣୀ ନଦୀ କୁଳରେ ଥିବା ରାଜ୍ୟ ସରକାରଙ୍କ ଅରଣ୍ୟ ନିବାସ (ଓଟିଡିସି) କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପହିଲି ରଜ ଅବସରରେ ରଜ ଉତ୍ସବ ପାଳନ କରାଯାଇଛି। ମ୍ୟାନେଜର ସୁବୋଧ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଚାନ୍ଦବାଲି ବିଧାୟକ ଡ଼. ବ୍ୟୋମକେଶ ରାୟ ଓ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅରଣ୍ୟ ନିବାସ ପକ୍ଷରୁ ଦୋଳି ସହିତ ବିଭିନ୍ନ ପ୍ରକାରର ମିଠା ଓ ପିଠା ଏବଂ ରଜ ପାନର ଆୟୋଜନ କରାଯାଇଥିଲା। ଚାନ୍ଦବାଲିବାସୀ ଓ ରାତ୍ରି ଯାପନ କରିଥିବା ଅତିଥିମାନେ ରଜ ପର୍ବର ମଜା ଉଠାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସାମାଜିକ କର୍ମୀ ଗୋପୀରାମ ଅଗ୍ରୱାଲ, ଅରୁଣ ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଦିତ୍ୟ ପ୍ରଧାନ, ଲଳିତେନ୍ଦୁ ପୁହାଣ, ଗଣେଶ ପ୍ରସାଦ ନାୟକ, ଅନାଦି ଚରଣ ବାରିକ, ଗିରିଜା ଶଙ୍କର ନାୟକ, ବିଜୟ ଦାସ, ପ୍ରଭାତ ନାୟକ, ସଦାଶିବ ରାଉତ, ଜଗବନ୍ଧୁ ଦଳାଇ, ଅଭୟ ଗୋଛାୟତ ପ୍ରମୁଖ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।



ବିଧାୟକ ବ୍ୟୋମକେଶ ରାୟ ଫିତା କାଟି ଉତ୍ସବ ଉଦ୍‌ଘାଟନ କରୁଛନ୍ତି।

# ନାଟକ 'ବଳିଦାନ' ମଞ୍ଚସ୍ଥ



ଚିତ୍ତରଞ୍ଜନ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଚାନ୍ଦବାଲି, ୧୪।୬ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବିଜୁ ସ୍ମୃତି ଭବନଠାରେ ଗୁରୁବାର ସନ୍ଧ୍ୟାରେ ଶିଶୁ କଳାକାରମାନଙ୍କ ଦ୍ୱାରା ପ୍ରାୟୋଜିତ ଶିଶୁ ନାଟକ କର୍ମଶାଳାରେ ନାଟକ ବଳିଦାନ ମଞ୍ଚସ୍ଥ ହୋଇଯାଇଛି। ଚାନ୍ଦବାଲି ଶିଶୁ ବିଦ୍ୟାମନ୍ଦିର ସହଭାଗିତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପ୍ରେମଚାନ୍ଦଙ୍କ ଉପନ୍ୟାସର ବଳିଦାନର ନାଟ୍ୟ ରୂପାନ୍ତର ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ନାଟକର ନିର୍ଦ୍ଦେଶକ ବନ୍ଧେର ଜଗନ୍ନାଥ ସେଠ ଓ ସହ ନିର୍ଦ୍ଦେଶକ ତାରାପ୍ରଦ ମହାନ୍ତି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ଦିଲ୍ଲୀର ଡାଇରେକଟର ଚିତ୍ତରଞ୍ଜନ ତ୍ରିପାଠୀ, ଅନ୍ୟତମ ଅତିଥି ଶିକ୍ଷାବିତ୍ ବିଷ୍ଣୁମୋହନ ଦାସ, ସାହିତ୍ୟିକ ଡ଼. କୁମାର ଗୋପାଳ ଓ ସଂଯୋଜକ ସବ୍ୟସାଚୀ ମହାନ୍ତି ଉପସ୍ଥିତ ଥିଲେ। ଉତ୍ସବରେ ସଂସ୍କାର ପରିବାର ଚାନ୍ଦବାଲି ତରଫରୁ ଚିତ୍ତରଞ୍ଜନ ତ୍ରିପାଠୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କର୍ମଶାଳା ଶିଶୁମାନଙ୍କୁ ବ୍ୟକ୍ତିତ୍ୱର ବିକାଶ ଏବଂ ନାଟ୍ୟାଭିନୟ ମାଧ୍ୟମରେ ନିଜର ଦକ୍ଷତା ବିକାଶ ପାଇଁ ଅନେକ ଜୀବନ ଗଢ଼ି ତୋଳିବାର ପ୍ରେରଣା ଯୋଗାଇବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ।

# 'ରଜ ମହୋତ୍ସବରେ ଭ୍ରାତୃତ୍ୱଭାବ ଜାଗ୍ରତ ହୁଏ'

ଆଗରପଡ଼ା, ୧୪।୬ (ସୁଶାନ୍ତ ଦାଶ)

ଆଗରପଡ଼ାର ଅଣିଜୋ ପଞ୍ଚାୟତ ନରିପୁର ସାଳନ୍ଦୀ ନଦୀ ତଟରେ ୪ ଦିନ ବ୍ୟାପି ଚାଲିଥିବା ଅଷ୍ଟମ ବାର୍ଷିକ ଆଞ୍ଚଳିକ ରଜ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ୍ ବିଷ୍ଣୁ ପ୍ରସାଦ ମିଶ୍ର ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଡା.ଦାମୋଦର ପଣ୍ଡା, ସାମାଜିକକର୍ମୀ ମାଧବାନନ୍ଦ ପଣ୍ଡା, ମଦମୋହନ ଚୌଧୁରୀ, ଅଣିଜୋ ସରପଞ୍ଚ ମାଳତି ପଷ୍ଟି ପ୍ରମୁଖ ଯୋଗଦେଇ ରଜ ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ରଜ ମହୋତ୍ସବ ମାଧ୍ୟମରେ ପରସ୍ପର ମଧ୍ୟରେ ଭାତୃତ୍ୱ ଭାବ ଜାଗ୍ରତ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଆୟୋଜିତ ରଜ କୁଇନ ପ୍ରତିଯୋଗିତାରେ ୫୧ଜଣ କୁନି ପ୍ରତିଭା ଭାଗ ନେଇଥିଲେ। କମିଟି ସଭାପତି ରାମଚନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଉପସଭାପତି ଶ୍ରୀକାନ୍ତ ପଣ୍ଡା, ସମ୍ପାଦକ କପିଳେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ରମେଶ ପଣ୍ଡା ପ୍ରମୁଖ ରଜ କୁଇନର ବିଚାରକ ଥିଲେ। ପରେ ପୁରୀରୁ ଆସିଥିବା ରଙ୍ଗଶାଳା ନୃତ୍ୟ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିବସ ଶୁକ୍ରବାର ସନ୍ଧ୍ୟାରେ ବାଲେଶ୍ୱରର ଶ୍ରଦ୍ଧା କ୍ରିଏସନ୍ ଓ ଖୋର୍ଦ୍ଧାର ପାଇକ ଆଖଡ଼ା ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟିର ନିରଞ୍ଜନ ପାଢୀ, ରବିନ୍ଦ୍ର ପଣ୍ଡା, ଦେବଦତ୍ତ ପଣ୍ଡା, ଶେଖର ବେହେରା, ନର୍ମଦା କାବେରି ପଣ୍ଡା, ରବିନ୍ଦ୍ର ଜେନା, ଜଗତ୍ ଜୀବନ ପାଣିଗ୍ରାହୀ, ଜଗନ୍ନାଥ ସାହୁ, ସନ୍ତୋଷ ପଣ୍ଡା, ରବିନ୍ଦ୍ର ଦାସ, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ପରିଚାଳନା କରୁଛନ୍ତି।



ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଦେବଦେବୀଙ୍କ ପୀଠରେ ଭିଡ଼

ବାସୁଦେବପୁର, ୧୪।୬ (ନାରାୟଣ ପ୍ରସାଦ ବାରିକ)

ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ଗାଁରୁ ସହର ସବୁଠି ଖୁସିର ବାତାବରଣ ଦେଖିବାକୁ ମିଳିଛି। ଗାଁ ଗହଳିରେ ରଜ ଦୋଳି ଲାଗିଛି। ଘରେ ଘରେ ପିଠା, ମିଠା, ରଜ ପାନର ମହକରେ ମହକିତ ହେଉଛି ପୁରପଲ୍ଲୀ। ବିଭିନ୍ନ ଦେବଦେବୀଙ୍କ ପୀଠରେ ଭିଡ଼ ପରିଲକ୍ଷିତ ହୋଇଛି। ଗାଁର ହରିହାଟ କ୍ଲବ୍ ଘରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପୂଜା ଆରମ୍ଭ କରାଯାଇଛି। କେତେକ ପଞ୍ଚାୟତରେ ରଜ ପାଇଁ ପାରମ୍ପାରିକ ରୀତିନୀତି ଅନୁସାରେ ସପ୍ତା ଉତ୍ସବରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କପୂଜା ପାଠ କରାଯାଉଛି। ବାସୁଦେବପୁର ବଜାରରେ ଆମ୍ବ, ପଣସ ଆଦି ଫଳ ଦୋକାନ ଓ ମିଠା ଦୋକାନରେ ଭିଡ ଲାଗିରହିଛି। ଗାଁ ଗାଁରେ ତାସ, ଲୁଡୁ ଓ କବାଡି ଖେଳର ଆସର ଜମୁଛି। ପୌରପାଳିକାର ବିଭିନ୍ନ ୱାର୍ଡର ରଜ ଉତ୍ସବ ଧୂମଧାମରେ ପାଳନ କରାଯାଉଛି। ୨୨ ନଂ. ୱାର୍ଡ ଭୈରବପୁର ଗ୍ରାମରେ ଥିବା ହରିହାଟରେ ୩ ଦିଅଁଙ୍କର ଆକର୍ଷଣୀୟ ବିଗ୍ରହ ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି।



ଭୈରବପୁର ହରିହାଟ ଘରେ ପୂଜା ପାଉଥିବା ତିନି ଠାକୁର।

# ଉତ୍ସବମୁଖର ଗାଁରୁ ସହର

ଭଦ୍ରକ, ୧୪।୬ (ସନାତନ ରାଉତ)

ଓଡ଼ିଶାର କୃଷିଭିତ୍ତିକ ଗଣ ପର୍ବ ରଜ ଉପଲକ୍ଷେ ଶୁକ୍ରବାର ଭଦ୍ରକ ଜିଲାର ଗାଁଠାରୁ ସହର ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇଉଠିଛି। ସହର ଅପେକ୍ଷା ଗ୍ରାମାଞ୍ଚଳ ଓ ପୁରପଲ୍ଲୀ ଚଳଚଞ୍ଚଳ ହୋଇଛି। ବିଶେଷ କରି କିଶୋରୀ ଓ ଯୁବତୀମାନେ ସକାଳୁ ଗାଧୋଇ ନୂଆ ବସ୍ତ୍ର ପିନ୍ଧି ସଜବାଜ ହୋଇ ସାଙ୍ଗମେଳରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଆମ୍ବତୋଟା ଓ ଗାଁ ମୁଣ୍ଡ ଛକରେ ଲାଗିଥିବା ଦୋଳି ଖେଳିବାକୁ ଭିଡ଼ ଜମାଇଥିଲେ। ପ୍ରବଳ ଗରମ ଗୁଳୁଗୁଳି ଯୋଗୁ ସକାଳ ଅପେକ୍ଷା ଅପରାହ୍ଣରେ ଦୋଳି ଖେଳିବା ପାଇଁ ଭିଡ଼ ପରିଲକ୍ଷିତ ହୋଇଥିଲା। ଜିଲାର ଭଦ୍ରକ ବ୍ଲକ ଅଧୀନ ବାଉଦପୁର, ବାଗୁରାଇ,

## ଭଦ୍ରକ ଜିଲାରେ ରଜ ପର୍ବ

ବନ୍ତ ବ୍ଲକ ନିମପଡ଼ା, ଆଗରପଡ଼ା, ଗଣିଜାଙ୍ଗ, ତିହିଡି ବ୍ଲକର ମୁକୁନ୍ଦପୁର, ବାସୁଦେବପୁର ଆଦି ଅଞ୍ଚଳରେ ରଜ ପାଳନ କରାଯାଇଛି। ଆଗରପଡ଼ା ଓ ନିମପଡ଼ାରେ ରଜ ମହୋତ୍ସବ ଆୟୋଜନ କରାଯାଇଛି। ବିଭିନ୍ନ ପ୍ରକାର ଦୋଳି ସମେତ ମୀନାବଜାର, ଫାଷ୍ଟଫୁଡ୍ ଓ ଆଇସକ୍ରିମ୍ ଷ୍ଟଲ ଖୋଲାଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ ସଭା ସହ ମନୋରଞ୍ଜନ କାର୍ଯ୍ୟକ୍ରମ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ଅୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାର ଲୋକଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଥିଲା।



ବାଉଦପୁରରେ ଜଣେ କିଶୋରୀ ଦୋଳିରେ ଝୁଲୁଛନ୍ତି।

# ବଡ଼ଭାଇ ପୋଲିଂ ଏଜେଣ୍ଟ ରହିବାରୁ ମରଣାନ୍ତକ ଆକ୍ରମଣ

ରୂପସା, ୧୪।୬ (ବାଞ୍ଛାନିଧି ଦେ)

## ନିର୍ବାଚନ ପରବର୍ତ୍ତୀ ପାରିବାରିକ ହିଂସା

ସାଧାରଣ ନିର୍ବାଚନକୁ ୧୫ଦିନ ବିତିଗଲାଣି। ନିର୍ବାଚନରେ ପୋଲିଂ ଏଜେଣ୍ଟ ରହିବାକୁ କେନ୍ଦ୍ର କରି ପରିବାର ମଧ୍ୟରେ ରାଜନୈତିକ ହିଂସା ଦେଖାଦେଇଛି। ଚଳିତ ନିର୍ବାଚନରେ ବଡ଼ଭାଇ ନିର୍ଦ୍ଦିଷ୍ଟ ଦଳ ତରଫରୁ ପୋଲିଂ ଏଜେଣ୍ଟ ରହିବାରୁ ତାଙ୍କର ସାନଭାଇ ଓ ଅନ୍ୟ ସହଯୋଗୀ ସଂଘବଦ୍ଧ ଆକ୍ରମଣ କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ ସିଂଲା ଥାନା ଅଧୀନ ରସଲପୁର ଗ୍ରାମର ରଘୁନାଥ ରାଉଳ ଚଳିତ ନିର୍ବାଚନରେ ଭାଜପା ପକ୍ଷରୁ ପୋଲିଂ ଏଜେଣ୍ଟ ଥିଲେ। ଗତ ସୋମବାର ରଘୁନାଥଙ୍କ ସାନଭାଇ ଷଡାନନ ଓ ଅନ୍ୟ ସହଯୋଗୀ ରଘୁନାଥଙ୍କ ସ୍ତ୍ରୀ ମୀନତିଙ୍କୁ ରଘୁନାଥ କାହିଁକି ପୋଲିଂ ଏଜେଣ୍ଟ ରହିଲେ ବୋଲି ପଚାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ବଡ଼ଭାଇଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଗୁରୁବାର ରଘୁନାଥ ଘର ବାଡ଼ିରେ ବାପାଙ୍କ ସମାଧିରେ ପୂଜା କରୁଥିବା ସମୟରେ ଷଡ଼ାନନ ଓ ତାଙ୍କ ସହଯୋଗୀ, ପରିବାରଲୋକେ ମିଶି ହଠାତ ବାଡ଼ିକୁ ପଶିଆସି ପଛପଟୁ ରଘୁନାଥଙ୍କ ଉପରକୁ ଗୋଇଠା, ବିଧା ମାରିବା ସହ ବାଉଁଶ ଠେଙ୍ଗା ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ରଘୁନାଥଙ୍କ ପରିବାର ଓ ଗାଁଲୋକେ ଦୌଡ଼ିଆସିବାରୁ ଆକ୍ରମଣକାରୀମାନେ ପଳାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ରଘୁନାଥଙ୍କୁ ଚେତାଶୂନ୍ୟ ଅବସ୍ଥାରେ ବାଲିଆପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ରଘୁନାଥଙ୍କ ସାନ ଝିଅ ଦେବୀଦତ୍ତା ରାଉଳ ସିଂଲା ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ସିଂଲା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଆଦର୍ଶ ବିଦ୍ୟାଳୟ କର୍ମଚାରୀଙ୍କ ପରଲୋକ

ବନ୍ତ, ୧୪।୬ (ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକ ପଳାସଗଡ଼ଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ପରିଚାରକ (ସାଇନ୍ସ ଆଟେଣ୍ଡାଣ୍ଟ) ଦୀଲିପ କୁମାର ମହାନ୍ତି(୪୨)ଙ୍କର ଶୁକ୍ରବାର ହୃଦଘାତରେ ପରଲୋକ ଘଟିଛି। ଅପରାହ୍ଣରେ ସେ ଘରେ ଖାଇ ସାରି ବିଶ୍ରାମ ନେଉଥିବା ବେଳେ ହଠାତ୍ ତାଙ୍କର ହୃଦ୍‌ଘାତ ହୋଇଥିଲା। ପରିବାରଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମର ଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ସତ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ଦେବବ୍ରତ ମୁଖାଗ୍ନି ଦେଇଥିଲେ। ଖବର ପାଇ ବିଦ୍ୟାଳୟର କର୍ମଚାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେ ଗତ ୨୦୧୯ ସେପ୍ଟେମ୍ବରରେ ଆଦର୍ଶ ବିଦ୍ୟାଳୟରେ ଚାକିରି ଜୀବନ ଆରମ୍ଭ କରିଥିଲେ।

# ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ରଜ ଆସର

ଭଣ୍ଡାରିପୋଖରୀ, ୧୪।୬ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରୀପୋଖରୀ ବ୍ଲକ ଶାରଦା ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ପହିଲି ରଜରେ ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ରଜ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ.ସୁରେନ୍ଦ୍ର ମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ଆସରକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁରଞ୍ଜନ ପଣ୍ଡା, ସଂସଦର କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାପାତ୍ର, ଉପସଭାପତି ଅଧାପକ ଅନାଦି ଚରଣ ସାହୁ, ଶାରଦା ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ଆମ ସଂସ୍କୃତିରେ ରଜ ପର୍ବର ମହନୀୟତା ସମ୍ପର୍କରେ ଆଲୋଚନା କରିଥିଲେ। ପୁରୁଷୋତ୍ତମ ଧଳ ଓ ଗୁରୁଚରଣ ସାହୁଙ୍କ ସଂଯୋଜନାରେ କବି ନଟବର ରାଉଳ, ରମାକାନ୍ତ ବେହେରା, ରାଜେଶ ବିଶ୍ୱାଳ, ଜଗନ୍ନାଥ ସାମଲ, ମୁରଲୀଧର ଦାସ, ବିନୋଦ କୁମାର ବାରିକ, ସନ୍ତୋଷ କୁମାର ସାହୁ, ଉପେନ୍ଦ୍ର ପରିଡ଼ା, ଘନଶ୍ୟାମ ସ୍ୱାଇଁ, ଭରତ ଚନ୍ଦ୍ର ବେହେରା ପ୍ରମୁଖ କବିତା ପାଠ କରିଥିଲେ। ସଂସଦର ସୁବର୍ଣ୍ଣ ଜୟନ୍ତୀ ପାଳନ ସମ୍ପର୍କରେ ଆଲୋଚନା ସହ ଭଣ୍ଡାରିପୋଖରୀରେ ଏକ ପାଠାଗାର ନିର୍ମାଣ ପାଇଁ ବିଧାୟକ ମଲ୍ଲିକ ପଦକ୍ଷେପ ନେବେ ବୋଲି କହିଥିଲେ। ସଂସଦର ସମ୍ପାଦକ ପବନ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ଦାମୋଦର ନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ. ଶକୁନ୍ତଳା ଆଚାର୍ଯ୍ୟ, ଜିଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି ଓ ଲକ୍ଷ୍ମୀଧର ସାହୁ, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ଭଣ୍ଡାରିପୋଖରୀ କଲଚରାଲ ଏକାଡେମୀର ସଭାପତି ଅନନ୍ତ ପ୍ରସାଦ ତ୍ରିପାଠୀ, ଶାରଦା ବିଦ୍ୟାମନ୍ଦିରର ଶିକ୍ଷୟିତ୍ରୀ,ଶିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକଙ୍କୁ ସାହିତ୍ୟ ସଂସଦ, ଶାରଦା ବିଦ୍ୟାମନ୍ଦିର ଓ ଦକ୍ଷିଣବାଡ଼ର ଯୁବଶକ୍ତି କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।



ସାହିତ୍ୟ ଆସରରେ ଉପସ୍ଥିତ ଅତିଥିମାନେ।

# ଦୋଳି ଖେଳିଲେ, ପୋଡ଼ପିଠା, ମିଠାପାନ ଖାଇ ମଜା ଉଠାଇଲେ

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରଜ ମଉଜ

ବାଲେଶ୍ୱର,୧୪।୬(ମାନସ ବିଶ୍ୱାଳ)



ରଜ ଉପଲକ୍ଷେ ବିଶ୍ୱବିଦ୍ୟାଳୟରେ ପରିସରରେ ଆୟୋଜିତ ଉତ୍ସବ।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ 'ରଜ' ଉପଲକ୍ଷେ ଏକ ଉତ୍ସବ ଆୟୋଜନ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏହି ପର୍ବ ଆଧାରିତ କବିତା ଆସରରେ ବାଲେଶ୍ୱର ତଥା ଆଖପାଖ ଅଞ୍ଚଳର କବିଗଣ ଯୋଗଦେଇ ନିଜର ରଚିତ କବିତାପାଠ କରିଥିଲେ। କବି ଭାଗବତ ଦାସ, କବି ପ୍ରଦୀପ ମିଶ୍ର, କବି ପ୍ରଭାକର, କବି ପ୍ରଦୀପ୍ତ ମିଶ୍ରଙ୍କ ସହ ଅନ୍ୟାନ୍ୟ କବିଙ୍କ କବିତା ବେଶ୍ ପ୍ରଭାବିତ ହୋଇଥିଲା। ଏଥିସହ କୁଳପତି ପ୍ରଫେସର ତ୍ରିପାଠୀ, ପ୍ରଫେସର ଦେବାଶିଷ ପାତ୍ର, ଅଧ୍ୟାପକ ଅନୀଲ ମହାପାତ୍ର, ରବି ନାରାୟଣ ବେହେରା ଓ ଛାତ୍ର ବିଶ୍ୱମ୍ଭରଙ୍କ କବିତା ପଠନ ଶ୍ରୋତାମାନଙ୍କୁ ଆନନ୍ଦିତ କରିଥିଲା।

ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ସ୍ନାତକ ପରିଷଦ ସମ୍ମୁଖ ଗଛରେ ପାରମ୍ପରିକ ସାଜସଜ୍ଜା ସହ ବାଉଁଶର ଦୋଳି ବନ୍ଧାଯାଇଥିଲା। ରଜ ପର୍ବର ଏହି ଉତ୍ସବରେ କୁଳପତି ନିଜହାତରେ ସମସ୍ତଙ୍କୁ ପୋଡ଼ପିଠା ବଣ୍ଟନ କରିଥିଲେ। ଏହାପରେ ମ୍ୟୁଜିକ ଚେୟାର୍ ଅନୁଷ୍ଠିତ ହୋଇଥିଲା। ଏଥିସହିତ ସମସ୍ତେ ମିଠା ପାନ ଖାଇ ନାଚଗୀତ ସହ ଉତ୍ସବର ଭରପୁର ଆନନ୍ଦ ଉଠାଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମୀନା ଦାସ, ସ୍ନାତକ ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ସମସ୍ତ ବିଭାଗ ମୁଖ୍ୟ, ଶିକ୍ଷୟିତ୍ରୀଶିକ୍ଷକ, ଅଣଶିକ୍ଷକ କର୍ମଚାରୀମାନଙ୍କ ସହିତ ଅନେକ ଛାତ୍ରୀଛାତ୍ର ଏହି ସାମୂହିକ ଉତ୍ସବର ଅଂଶବିଶେଷ ରହିଥିଲେ। କାର୍ଯ୍ୟକ୍ରମ ଡ. ଅସୀମ ଅମିତାଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା।

# ପହିଲି ରଜରେ ପାଳନ ହେଲା ଲୋକ କଳା ଉତ୍ସବ



ଅତିଥିଙ୍କ ଗହଣରେ କଳାକାରମାନେ।

ବାଲେଶ୍ୱର,୧୪।୬(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଟାଉନହଲ୍‌ସ୍ଥିତ ନୃତ୍ୟ ସଙ୍ଗୀତ କଳା ମନ୍ଦିର ପରିସରରେ ପହିଲି ରଜ ଉପଲକ୍ଷେ ଶୁକ୍ରବାର ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ବାଲେଶ୍ୱର ଜିଲା ତରଫରୁ ଲୋକ କଳା ଉତ୍ସବ ପାଳିତ ହୋଇଯାଇଛି।

ସାମ୍ମୁଖ୍ୟର ଜିଲା ସଭାପତି ଆଇନଜୀବୀ ଜ୍ୟୋତି ପ୍ରକାଶ ବାରିକ ଯୋଗଦେଇ ୨୦୧୯ରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପହିଲି ରଜକୁ ଲୋକ କଳା ଦିବସ ଭାବେ ଉତ୍ସର୍ଗୀକୃତ ହୋଇଥିବାରୁ ପ୍ରତିବର୍ଷ ପୁରପଲ୍ଲୀର କଳାକାରମାନେ ଏହି ଦିନକୁ ଲୋକକଳା ଉତ୍ସବ ପାଳନ କରନ୍ତି ଓ ଆଗକୁ ମଧ୍ୟ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ପୌର ଅଧକ୍ଷା ସବିତା ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ବ୍ରିଟ୍ ଅଧ୍ୟକ୍ଷ ଆଲୋକ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବସ୍ତା–ବାଲିଆପାଳର ନବନିର୍ବାଚିତ ବିଧାୟିକା ସୁବାସିନୀ ଜେନାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ଜିଲାର ବିଭିନ୍ନ କୋଣରୁ ଆସିଥିବା ଲୋକକଳା ଦଳମାନେ ଆଦିବାସୀ ଲୋକନୃତ୍ୟ, ଚଢ଼େୟାଚଢ଼େୟାଣୀ, ଦଧିନାଟ, ସଂକୀର୍ତ୍ତନ, ଦାସକାଠିଆ, ବାଦିପାଲା ଓ ଭଜନ ଆଦି ପରିବେଷଣ କରାଯାଇଥିଲା। ସାମ୍ମୁଖ୍ୟର ଟାଉନ ସଭାପତି ସାବିର ଖାନ, ରେମୁଣା ସଭାପତି ଶ୍ୟାମସୁନ୍ଦର ଦାସ, ଅମିତା ପାତ୍ର, ହରପ୍ରିୟା ମହାପାତ୍ର, ମଞ୍ଜୁଲତା ରଣା, ଶକ୍ତିସୁଧା ବାରିକ, ଶରତ ମହାରଣା, ଇତିକୃଷ୍ଣା ସ୍ୱାଇଁ, ସୋନାଲି ସାହା, ଶାନ୍ତନୁ ମହାନ୍ତି ଓ ଅଶ୍ୱିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ଭାଇ ପୋଲିଂ ଏଜେଣ୍ଟ ରହିବାରୁ ମରଣାନ୍ତକ ଆକ୍ରମଣ

## ନିର୍ବାଚନ ପରବର୍ତ୍ତୀ ପାରିବାରିକ ହିଂସା

ରୂପସା, ୧୪।୬(ବାଞ୍ଛାନିଧି ଦେ)

ସାଧାରଣ ନିର୍ବାଚନକୁ ୧୫ଦିନ ବିତିଗଲାଣି। ନିର୍ବାଚନରେ ପୋଲିଂ ଏଜେଣ୍ଟ ରହିବାକୁ କେନ୍ଦ୍ର କରି ପରିବାର ମଧ୍ୟରେ ରାଜନୈତିକ ହିଂସା ଦେଖାଦେଇଛି। ଚଳିତ ନିର୍ବାଚନରେ ବଡ଼ଭାଇ ନିର୍ଦ୍ଦିଷ୍ଟ ଦଳ ତରଫରୁ ପୋଲିଂ ଏଜେଣ୍ଟ ରହିବାରୁ ତାଙ୍କର ସାନଭାଇ ଓ ଅନ୍ୟ ସହଯୋଗୀ ସଂଘବଦ୍ଧ ଆକ୍ରମଣ କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ ସିଂଲା ଥାନା ଅଧୀନ ରସଲପୁର ଗ୍ରାମର ରଘୁନାଥ ରାଉଳ ଚଳିତ ନିର୍ବାଚନରେ ଭାଜପା ପକ୍ଷରୁ ପୋଲିଂ ଏଜେଣ୍ଟ ଥିଲେ। ଗତ ସୋମବାର ରଘୁନାଥଙ୍କ ସାନଭାଇ ଷଡ଼ାନନ ଓ ଅନ୍ୟ ସହଯୋଗୀ ରଘୁନାଥଙ୍କ ସ୍ତ୍ରୀ ମୀନତିଙ୍କୁ ରଘୁନାଥ କାହିଁକି ପୋଲିଂ ଏଜେଣ୍ଟ ରହିଲେ ବୋଲି ପଚାରିବା ସହ ଅଶ୍ଲୀଳ ଭାଷାରେ ଗାଲିଗୁଲଜ କରି ବଡ଼ଭାଇଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଗୁରୁବାର ରଘୁନାଥ ଘର ବାଡ଼ିରେ ବାପାଙ୍କ ସମାଧିରେ ପୂଜା କରୁଥିବା ସମୟରେ ଷଡ଼ାନନ ଓ ତାଙ୍କ ସହଯୋଗୀ, ପରିବାରଲୋକେ ମିଶି ହଠାତ ବାଡ଼ିକୁ ପଶିଆସି ପଛପଟୁ ରଘୁନାଥଙ୍କ ଉପରକୁ ଗୋଇଠା, ବିଧା ମାରିବା ସହ ବାଉଁଶ ଠେଙ୍ଗା ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ରଘୁନାଥଙ୍କ ପରିବାର ଓ ଗାଁଲୋକେ ଦୌଡ଼ିଆସିବାରୁ ଆକ୍ରମଣକାରୀମାନେ ପଳାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ରଘୁନାଥଙ୍କୁ ଚେତାଶୂନ୍ୟ ଅବସ୍ଥାରେ ବାଲିଆପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ରଘୁନାଥଙ୍କ ସାନ ଝିଅ ଦେବୀଦତ୍ତା ରାଉଳ ସିଂଲା ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ସିଂଲା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଦର୍ଶକଙ୍କୁ ଝୁମାଇଲା ଏସ୍. ଜିତୁ, ସୌଜନ୍ୟ ରଥଙ୍କ ସଙ୍ଗୀତ

## ସୁନ୍ଦରପୁର ବ୍ଲକ୍‌ସ୍ତରୀୟ ରଜ ମହୋତ୍ସବ

ଖଇରା, ୧୪।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡଯଡି ପଞ୍ଚାୟତ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡିଆରେ ଗୁରୁବାର ସନ୍ଧ୍ୟାରେ ବ୍ଲକସ୍ତରୀୟ ରଜ ମହୋତ୍ସବ ନୃତ୍ୟଗୀତର ତାଳେ ତାଳେ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଆୟୋଜିତ ସଭାକୁ ତହସିଲଦାର ସବ୍ୟସାଚୀ ଜେନା ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟି ସଭାପତି ପ୍ରାଧାପକ ସୁରେନ୍ଦ୍ର ନାଥ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଶିଷ୍ଟ ଆୟୁର୍ବେଦ ବିଶାରଦ ଶାନ୍ତନୁ ଜେନା ରଜପର୍ବର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଚନ୍ଦ୍ରକାନ୍ତ କୁଅଁର ବିବରଣୀ ପାଠ କରିଥିଲେ। ବାବାଜୀ ଚରଣ ନାୟକ, ନରହରି ନାୟକ ଓ ଗଗନଚନ୍ଦ୍ର ଧର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଆକର୍ଷଣ ଭାବେ ଏସ୍ ଜିତୁ, ସୌଜନ୍ୟା ରଥ, ବର୍ଣ୍ଣାଳୀ ହେତାଙ୍କ କଣ୍ଠ ସଙ୍ଗୀତ ଦର୍ଶକଙ୍କୁ ମନୋରଞ୍ଜନ ପ୍ରଦାନ କରିଥିଲା। ସକାଳେ ଖଇରା ଥାନା ଆଇଆଇସି ଗୟାଧର ବେହେରା ପତାକା ଉତ୍ତୋଳନ କରିଥିଲେ। ଶଙ୍ଖଫୁଙ୍କା ପ୍ରତିଯୋଗିତା ପୂର୍ବରୁ ଆୟୋଜିତ ସଭାରେ ଜୀବନ କୁମାର ପାଣିଗ୍ରାହୀ, ଅନାଦି ଚରଣ ଜେନା, ଅଶେଷ କୁମାର ଜେନା, ପ୍ରଭାତ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଡା. ହରେକୃଷ୍ଣ ରାଉତ, ସୁକାନ୍ତ ଜେନା, ଦେବେନ୍ଦ୍ର ନାୟକ, ବରେନ୍ଦ୍ର ନାୟକ, ଶମ୍ଭୁନାଥ ସେଠୀ, ବିମଳେନ୍ଦୁ ଜେନାଙ୍କ ସମେତ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

# ସାପ କାମୁଡ଼ାରେ ମତ୍ସ୍ୟଜୀବୀ ଆହତ

## ୫ ଫୁଟର ଚନ୍ଦ୍ରନାଗ ଉଦ୍ଧାର

ରୂପସା, ୧୪।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଗନ୍ଧିଆ ଗ୍ରାମରେ ଜଣେ ମତ୍ସ୍ୟଜୀବୀ ନଦୀକୁ ମାଛ ମାରିବାକୁ ଯିବା ଲାଗି ଷ୍ଟୋର ରୁମରୁ ଜାଲ ବାହାର କରୁଥିବା ବେଳେ ସାପ କାମୁଡାରେ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଯୁବକ ହେଲେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଝିଲିବଣି ଗ୍ରାମର କୁଶ ସିଂ। ଗନ୍ଧିଆ ଗ୍ରାମର ବୋଟ ମାଲିକ ଶୁଭଙ୍କର ମଣ୍ଡଳଙ୍କ ନିକଟରେ କୁଶ ସିଂ ମତ୍ସ୍ୟଜୀବୀ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ନଦୀକୁ ମାଛ ଧରିବାକୁ ଯିବା ପାଇଁ କୁଶ ମାଲିକଙ୍କ ଷ୍ଟୋର ରୁମ୍‌ରୁ ଜାଲ ବାହାର କରୁଥିବା ବେଳେ ଏକ ୫ଫୁଟ ଲମ୍ବର ଚନ୍ଦ୍ରନାଗ ତାଙ୍କୁ ଦଂଶନ କରିଥିଲା। ଶୁଭଙ୍କର ଆହତ ମତ୍ସ୍ୟଜୀବୀଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସ୍ନେକ ହେଲ୍ପଲାଇନର ସଦସ୍ୟ ସୁବ୍ରତ କୁମାର ପ୍ରଧାନ ପହଞ୍ଚି ଦେଢଘଣ୍ଟାର ଅକ୍ଳାନ୍ତ ପରିଶ୍ରମ କରିବା ପରେ ସାପକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ।

# ତ୍ରିବେଣୀରେ ତିଳତର୍ପଣ, କବିତା ପାଠୋତ୍ସବ

## ସଂକ୍ରାନ୍ତି ପୁରୁଷ ଫକୀରମୋହନଙ୍କ ଶ୍ରାଦ୍ଧ ଉତ୍ସବ

ବାଲେଶ୍ୱର, ୧୪।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ କାଠସଙ୍ଗଡ଼ା, ଦୋଳଗହିରା ଓ ଉଡ଼ମ୍ବର ଗ୍ରାମର ମିଳିତ ଆନୁକୂଲ୍ୟରେ ଅବସ୍ଥିତ ତ୍ରିବେଣୀଶ୍ୱର ପୀଠରେ ସଂକ୍ରାନ୍ତି ପୁରୁଷ ଫକୀରମୋହନ ସେନାପତିଙ୍କ ୧୦୭ତମ ଶ୍ରାଦ୍ଧ ତିଥି ଅନୁଷ୍ଠିତ ହୋଇଯାଇଛି। ପିଠାଧୀଶ ଦୟାନନ୍ଦ ଦାଶ ମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡା. ସତ୍ୟରଞ୍ଜନ ଦାସ, ବରେଣ୍ୟ ଅତିଥି ଡ. ଭାଗବତ ପ୍ରସାଦ ଦାସ, କବି ନିରଞ୍ଜନ ସାହୁ, ଡ. ରତ୍ନାକର ସିଂହ, କରୁଣାକର ଖଟୁଆ, ଚିତ୍ରଶିଳ୍ପୀ କେଶୁ ଦାସ, କବି କୁମର ନାଥ ପାତ୍ର, ଦାମୋଦର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସଂକ୍ରାନ୍ତି ପୁରୁଷଙ୍କର କ୍ରାନ୍ତିକାରୀ ସୃଷ୍ଟି ଉପରେ ବକ୍ତବ୍ୟ ରଖିଥିଲେ। କୁମାରୀ ଶ୍ରାବଣୀ ଓ ବୈଶାଖୀ ଦୁଇ ଭଉଣୀ 'ବନ୍ଦେ ଉତ୍କଳ ଜନନୀ' ଗାଇଥିଲା ବେଳେ ଆବାହକ ଅଦ୍ୱିତ୍ୟ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ଲକ୍ଷ୍ମଣ କୁମାର ନାୟକ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ପ୍ରାରମ୍ଭରେ ତ୍ରିବେଣୀ ଘାଟରେ ସଂକ୍ରାନ୍ତି ପୁରୁଷଙ୍କର ତିଳତର୍ପଣ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଫକୀରମୋହନଙ୍କ ଉପରେ କବିତା ପାଠୋତ୍ସବ ଡ. ପ୍ରଦୀପ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। କବି ଯୋଗେଶ ଚନ୍ଦ୍ରବେହେରା, ମଧୁସୂଦନ ମାଝି, ତପନ ଦାସ, ପ୍ରଦୀପ କୁମାର ମିଶ୍ର, ଚକ୍ରଧର ଦାସ, ଜୟଶ୍ରୀ ମିଶ୍ର, ସୁଲୋଚନା ଦାସ, ରମେଶ ଚନ୍ଦ୍ର ମହାରଣାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କବୟିତ୍ରୀ ଓ କବି କବିତା ପାଠ କରିଥିଲେ। କବି ନିରଞ୍ଜନ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଶିବ ପ୍ରସାଦ ଜେନା, ଲକ୍ଷ୍ମୀ ଦାସ, ତ୍ରିଲୋଚନ ସାମଲଙ୍କ ସମେତ ସମସ୍ତ ସଦସ୍ୟାସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ପୃଥକ୍ ସଡ଼କ ଦୁର୍ଘଟଣା: ଜଣେ ମୃତ, ୪ ଗୁରୁତର

ଖଇରା, ୧୪।୬(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ଅଧୀନ ନହଙ୍ଗ ହାଇସ୍କୁଲ ଓ ଆଦର୍ଶ ବିଦ୍ୟାଳୟ ରାସ୍ତା ମଝିରେ ଅଟୋ–ବାଇକ ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ଖଇରା ବ୍ଲକ ବଡଜୟିପୁର ଗ୍ରାମର ଗଜେନ୍ଦ୍ର ବାରିକ(୬୨) ଓ ଆହତଦ୍ୱୟ ହେଲେ ଗଜେନ୍ଦ୍ରଙ୍କୁ ପୁଅ ଶୁଭଙ୍କର ଓ ସହଯୋଗୀ ବିପିନ ପୃଷ୍ଟି। ୩ଜଣ ଏକ ବାଇକରେ ଖଇରାରୁ ଲୁଗା କିଣି ଘରକୁ ଫେରୁଥିବା ବେଳେ ଆଳଦା–ନହଙ୍ଗ ରାସ୍ତାର ଆଦର୍ଶ ବିଦ୍ୟାଳୟଠାରୁ ଅଳ୍ପ କିଛି ଦୂରରେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ଧକ୍କା ଦେବାରୁ ୩ଜଣ ରାସ୍ତା କଡକୁ ଛିଟିକି ପଡିଥିଲେ। ୩ଜଣଙ୍କୁ ପ୍ରଥମେ ଖଇରା ଗୋଷ୍ଠୀ କେନ୍ଦ୍ରକୁ ନିଆଯିବା ପରେ ଗଜେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ଜଣଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ସ୍ଥାନାନ୍ତର କରାଯାଇଥିଲା। ସେହିଭଳି ଗଣ୍ଡିବେଡ–ଔପଦା ରାସ୍ତାର ବୁଢାଗଡିଆ ଛକ ନିକଟରେ ବାଇକ ଦୁର୍ଘଟଣାରେ ୨ଜଣ ଆହତ ହୋଇଥିବା ବେଳେ ଚିକିତ୍ସା ପାଇଁ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ କଳମଗଡିଆ ଗ୍ରାମର ବିଜୟ ହୋ ଏବଂ ତପନ ହୋ।

# ବ୍ୟକ୍ତିଗତ ଆକ୍ରୋଶକୁ ନେଇ ୩ ଖଣ୍ଡ ଗାଁରେ ପାଣିବନ୍ଦ

ବାହାନଗା, ୧୪।୬(ଅରୂପ୍ କୁମାର ଦାସ)– ବ୍ୟକ୍ତିଗତ ଆକ୍ରୋଶକୁ ନେଇ ବାହାନଗା ପଞ୍ଚାୟତର ୩ଟି ଗ୍ରାମରେ ପାଣି ବନ୍ଦ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବାହାନଗା ଗ୍ରାମର ଜଣେ ଟ୍ରାକ୍ଟର ମାଲିକ ନିଜର ଟ୍ରାକ୍ଟର ଯୋଗେ ମାଟି ବୋହୁଥିବା ବେଳେ ରାସ୍ତାକଡ ମାଟି ତଳେ ଯାଇଥିବା ପାଣି ପାଇପ୍ ଫାଟିଯାଇଥିଲା। ଏହି ଘଟଣାକୁ ନେଇ ଗ୍ରାମର ଜଣେ ଆଦିବାସୀ ଯୁବକଙ୍କୁ ସେହି ଗ୍ରାମର କିଛି ଯୁବକ ଆକ୍ରମଣ କରିବାରୁ ଆଦିବାସୀ ଯୁବକ ଗୁରୁତର ଆହତ ହୋଇଥିଲେ। ଆଦିବାସୀ ଯୁବକଜଣକ ଆକ୍ରମଣକାରୀଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣା ବିଷୟରେ ଗ୍ରାମର ଯୁବକମାନେ ଜାଣିବା ପରେ ବସୁଧା ଯୋଜନାରେ ଆସୁଥିବା ପାନୀୟଜଳକୁ ଦୁଇ ଦିନ ଧରି ବନ୍ଦ କରିଦେଇଛନ୍ତି। ଲୋକମାନେ ପାଇବାରୁ ବଞ୍ଚିତ ହେବାରୁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସରପଞ୍ଚ ଏହି ବିବାଦରେ ହସ୍ତକ୍ଷେପ କରିବା ପରେ ପାଣି ସମସ୍ୟାର ସମାଧାନ ହୋଇଥିଲା।

# ସୁନ୍ଦୁରୀ ଛକରେ ସିରିଜ୍ ଦୁର୍ଘଟଣା

## ୨ ଜଣ ଗୁରୁତର, ୬ ଆହତ

ବାଲେଶ୍ୱର, ୧୪।୬(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ବଙ୍କାଖେଜୁରଠାରୁ ଯାଇଥିବା ସଲ୍ଟ ରୋଡ୍‌ର ସୁନ୍ଦୁରୀ ଛକରେ ଶୁକ୍ରବାର ସନ୍ଧ୍ୟା ୭ଟାରେ ସିରିଜ୍ ଦୁର୍ଘଟଣା ହୋଇଛି। ଏଥିରେ ୬ଜଣ ଆହତ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ଗୋଟିଏ ବୋଲେରୋ(ନଂ. ଓଆର୍୨୨ବି–୫୪୩୨) ବାଲେଶ୍ୱରରୁ ରସାଳପୁର ଆଡ଼କୁ ଯାଉଥିଲା। ରାସ୍ତା ଫାଙ୍କା ଥିଲେ ମଧ୍ୟ ପ୍ରଥମେ ଗୋଟିଏ ବାଇକ୍ ଆରୋହୀଙ୍କୁ ଧକ୍କା ମାରିଥିଲା। ପରେ ନିକଟସ୍ଥ ଡାହାଣପଟେ ଥିବା ପାନ ଦୋକାନକୁ ଧକ୍କା ମାରି ନୟନଯୋରି ଭିତରକୁ ଗଡିଯାଇଥିଲା। ବାଇକ୍‌ରେ ପଛରେ ବସିଥିବା ଲୋକ ପଡ଼ି ଆହତ ହୋଇଥିବା ବେଳେ ପାନ ଦୋକାନରେ ବସିଥିବା ଲୋକଙ୍କ ମଧ୍ୟରୁ ୨ଜଣ ଗୁରୁତର ହୋଇଛନ୍ତି। ଅନ୍ୟ ୪ଜଣ ଆହତ ହୋଇଛନ୍ତି। ବୋଲେରୋ ଓଲଟିବା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ସ୍ଥାନୀୟ ଲୋକମାନେ ଆହତ ଓ ଗୁରୁତରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବିଶ୍ୱ ରକ୍ତଦାତା ଦିବସରେ ଚାରାରୋପଣ



ନାରାୟଣ ସେବା ଟ୍ରଷ୍ଟ ପକ୍ଷରୁ ଚାରାରୋପଣ କରାଯାଉଛି।

ବାରିପଦା,୧୪।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ବର୍ଷତମାମ ରକ୍ତଦାନ ଶିବିର ଆୟୋଜନ କରୁଥିବା ବିଭିନ୍ନ ଅନୁଷ୍ଠାନକୁ ସମ୍ମାନିତ କରାଯାଇଛି। ଅଧିକରୁ ଅଧିକ ରକ୍ତଦାନ କରିବା ପାଇଁ ନୂତନ ରକ୍ତଦାତାକୁ ଉତ୍ସାହିତ କରିବାକୁ ଡା. ପ୍ରଣବ ଶଙ୍କର ଦାଶ ପ୍ରସ୍ତାବ ଦେଇଥିବାବେଳେ ସାମ୍ପ୍ରତିକ ପରିସ୍ଥିତିରେ ବହୁଳ ପରିମାଣରେ ଚାରାରୋପଣ କରିବା ପାଇଁ ଉତ୍ସାହିତ କରିଥିଲେ। ସଭାପରେ ନାରାୟଣ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଓଡ଼ିଶା ରକ୍ତ କେନ୍ଦ୍ର, ବାରିପଦା ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡା. ଦାଶଙ୍କ ସମେତ ରକ୍ତ ଭଣ୍ଡାର ଅଧିକାରୀ ସୌମ୍ୟ ରଞ୍ଜନ ନାୟକ, ଡ. ନୀଳେଶ ଦାସ, ଟେକନିସିଆନ ପୁଣ୍ଡରିକାକ୍ଷ ଦାସ, ପାର୍ଥ ସାରଥୀ ମହାନ୍ତ, ରୁଚିକା ଖୁରାନା, ସାମାଜିକ କର୍ମୀ ଅମର କୁମାର ସେଠି, ସୋମନାଥ ସିଂହ, ଡ. ନିରୋଜ କୁମାର ପୋଥାଳ, ବସନ୍ତ କୁମାର ମହାପାତ୍ର, ପ୍ରତାପେଶ୍ୱର ଦାଶ, ରଣଜିତ ଦାସ, ଅଶୋକ କୁମାର ବେହେରା, ଶମ୍ଭୁନାଥ ପଲେଇ ଓ ବିଶ୍ୱନାଥ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଲେ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୪।୬

ଚଳିତ ନିର୍ବାଚନରେ ବସ୍ତା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ ଗୁରୁବାର ବାଲିଆପାଳ ବ୍ଲକ ଅଧୀନ କଚୁଆପଡ଼ାସ୍ଥିତ ନିଜ ବାସଭବନରେ ଏକ ଖବରଦାତା ସମ୍ମିଳନୀ କରି ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆମେ ଲୋକଙ୍କ ସହିତ ଆଗରୁ ଥିଲୁ, ଆଜି ମଧ୍ୟ ସେମାନଙ୍କ ସହିତ ଅଛୁ ଏବଂ ଆସନ୍ତାକାଲି ମଧ୍ୟ ଲୋକଙ୍କ ସହିତ ରହିବୁ ବୋଲି ସେ କହିଥିଲେ। ତେବେ ବାଲିଆପାଳ ଅଞ୍ଚଳରେ ଥିବା ସୂତାକଳର ପୁନରୁଦ୍ଧାର, ଭୂତଳ ଜଳର ସୁରକ୍ଷା, ନଦୀବନ୍ଧ ସୁରକ୍ଷା, ବୃକ୍ଷରୋପଣ ଆଦି ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ। ସମ୍ମିଳନୀରେ ଭାଜପା ନେତା ମାନସ ଦାସ, ଗୌରବ ଅଣ୍ଡିଆ ଓ ଲମ୍ବୋଦର ମାହାନା ପ୍ରମୁଖ ଉପସ୍ଥିତ ଥିଲେ।

# ରଜରେ ମା' ଭୂଧାରଚଣ୍ଡୀଙ୍କ ପୀଠରେ ନିଆଁପାଟ

## ଆଜି ଉଡ଼ା ପର୍ବ

ନୀଳଗିରି,୧୪।୬(ପ୍ରଶାନ୍ତ ବିଶ୍ୱାଳ)

ରଜକୁ ଓଡ଼ିଶାର ପାରମ୍ପରିକ ପର୍ବ ଓ ଗଣପର୍ବ କୁହାଯାଏ। ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି, ତୃତୀୟ ଦିନ ଭୂମିଦାହ ବା ଭୂମିଦହନ, ଚତୁର୍ଥ ତଥା ଅନ୍ତିମ ଦିନ ବସୁମତୀ ସ୍ନାନ ଭାବେ ପାଳନ ହୁଏ। ରଜରେ ପିଠା ଓ ପାନଖିଆ ସହିତ ଝିଅମାନଙ୍କ ରଜ ଦୋଳି ସହ ପୁଅମାନଙ୍କ ଲୁଡୁ, ବାଗୁଡ଼ି ଆଦି ଖେଳି ସହିତ ଏହା ପାଳନ କରାଯାଏ। ନୀଳଗିରିରୁ ୫ କି.ମି. ଦୂର ସଜନାଗଡଠାରେ ଶହ ଶହ ବର୍ଷ ପୂର୍ବେ ପ୍ରତିଷ୍ଠିତ ଦେବୀ ମା' ଭୂଧାରଚଣ୍ଡୀଙ୍କ ପୀଠ ସମ୍ମୁଖରେ ରଜ ପର୍ବ ଉପଲକ୍ଷେ ଶୁକ୍ରବାର ଶହ ଶହ ଭକ୍ତଙ୍କର ଉପସ୍ଥିତିରେ ନିଆଁପାଟ ପର୍ବ ଅନୁଷ୍ଠିତ ହୋଇଥିଲା। ମଧ୍ୟରାତ୍ରିରେ ଉଡ଼ାପର୍ବ ପାଳିତ ହେବ। ଚଳିତବର୍ଷ ଗତ ୯ତାରିଖରୁ ଅର୍ଦ୍ଧନାଗେଶ୍ୱର ମୂର୍ତ୍ତିକୁ ପୂଜା କରାଯାଇ ତାର ପରଦିନଠାରୁ ଗଡ଼ବାସୁଲି, ପାଟଭକ୍ତା, ଦେଶଭକ୍ତା, ମା' ଭୂଧାରଚଣ୍ଡୀଙ୍କ ଦାସୀ (କାଳିସି) ଖଡ଼ଗ ଧରି ସଜନାଗଡ଼ ମନ୍ଦିରର ପାର୍ଶ୍ୱବର୍ତ୍ତୀ ଗ୍ରାମକୁ ଯାଇ ନିଆଁପାଟ ଓ ଉଡ଼ାପର୍ବ ପାଇଁ ଲୋକଙ୍କୁ ନିମନ୍ତ୍ରଣ କରିଥିଲେ। ଗତ ଗୁରୁବାର ମଧ୍ୟରାତ୍ରିରେ ଭକ୍ତମାନେ ସଜନାଗଡ ଚଣ୍ଡୀ ପୋଖରୀକୁ ଯାଇ ପୂଜାର୍ଚ୍ଚନା କରିବା ସହ ଅର୍ଦ୍ଧନାଗେଶ୍ୱର ମୂର୍ତ୍ତିଠାରେ ନିଶାଘଟ ଉତ୍ତୋଳନ ପୂଜା ବିଧି ସରିବା ପରେ ମା'ଙ୍କ ମନ୍ଦିରକୁ ଆସି ଘଟ ସ୍ଥାପନ କରିଥିଲେ। ଏହି ରାତିରେ ଯାତ୍ରା ଘଟ ଧରି ଦାସୀ ଓ ଭକ୍ତା ମାନେ ଗାଁ ପରିକ୍ରମା କରି ମନ୍ଦିରରେ ଭୋର ୪ଟାରେ ପୂଜା ବିଧି ସମାପନ କରିଥିଲେ। ଶୁକ୍ରବାର ସକାଳେ ମା' ଭଧାରଚଣ୍ଡୀଙ୍କ ପୀଠରେ ସମସ୍ତ ନୀତିକାନ୍ତି ସରିବା ପରେ ଭକ୍ତାମାନେ ଚଣ୍ଡୀ ପୋଖରୀରେ ଭଗତାମାନେ ଗାଧୋଇ ମା'ଙ୍କ ଦର୍ଶନ ସାରିବା ପରେ ଆରମ୍ଭ ହୋଇଥିଲା ନିଆଁପାଟ। ମା' ଭୂଧାରଚଣ୍ଡୀଙ୍କ ସାମ୍ନା ପଡ଼ିଆରେ ଦେଢ଼ଫୁଟ ଉଷାର ୯ଫୁଟ୍ ଲମ୍ବର ଏକ ଗର୍ତ୍ତ ଖୋଳା ଯାଇ କାଠ କୋଇଲାରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ନିଆଁପାଟରେ ୧୦୦ରୁ ଊର୍ଦ୍ଧ୍ୱ ଭକ୍ତାମାନେ ମା'ଙ୍କ ନାମ ସ୍ମରଣ କରି ଅଗ୍ନି ଉପରେ ଚାଲିଥିଲେ। ଏଥିରେ ସହଯୋଗ କରିଥିଲେ ମନ୍ଦିର ମୁଖ୍ୟ ପୂଜାରୀ ବିଜୟ ପଣ୍ଡା, ମା'ଙ୍କ ସର୍ଦ୍ଦାର ଚକ୍ରଧର ଦାସବାବୁ ଓ ଭକ୍ତାମାନେ। ସେହିପରି ଶନିବାର ମଧ୍ୟରାତ୍ରିରେ ଅନୁଷ୍ଠିତ ହେବ ଉଡା ପର୍ବ। ଏହି ଉଡ଼ାପର୍ବ ପାଇଁ ନୀଳଗିରି ତଥା ପାଖ ମୟୂରଭଞ୍ଜ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା।



ନିଆଁ ପାଟ କାର୍ଯ୍ୟକ୍ରମ।

# ସରିଲା ୬୨ ଦିନିଆ ଜଳସେବା



ଆମେ-୮୦ ସଙ୍ଗଠନର ସଦସ୍ୟମାନେ।

## ଆମେ-୮୦ ସଙ୍ଗଠନର କାର୍ଯ୍ୟକୁ ପ୍ରଶଂସା

ବାରିପଦା,୧୪।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରର କଚେରି ରାସ୍ତାର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ୬୨ ଦିନ ଧରି ଚାଲିଥିବା ଜଳସେବା ଉଦ୍‌ଯାପିତ ହୋଇଯାଇଛି। ଆମେ-୮୦ ସଙ୍ଗଠନ ପକ୍ଷରୁ ଚାଲିଥିବା ଏହି ଜଳସେବା ମାଧ୍ୟମରେ ଲକ୍ଷାଧିକ ପଥଚାରୀ ତୃଷ୍ଣା ମେଣ୍ଟାଇ ପାରିଛନ୍ତି। ଏପରି ସେବା କାର୍ଯ୍ୟକୁ ଜିଲାବାସୀ ପ୍ରଶଂସା କରିବା ସହିତ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନଙ୍କୁ ସାଧୁବାଦ ଜଣାଇଛନ୍ତି।

୧୯୮୦ ମାଟ୍ରିକ୍ ବ୍ୟାଚ୍‌ରେ ପାଠ ପଢୁଥିବା ବାରିପଦା ସହରର ଛାତ୍ରୀଛାତ୍ରମାନଙ୍କୁ ନେଇ ଗଠିତ ହୋଇଛି ଆମେ-୮୦ ସଙ୍ଗଠନ। ସଙ୍ଗଠନରେ ୧୧୪ ସଦସ୍ୟ ରହି ସମାଜସେବା ଭଳି କାର୍ଯ୍ୟ କରିବାକୁ ମନସ୍ଥ କରିଥିଲେ। କୋଣ ଅନୁକୋଣରୁ ଜିଲା ମୁଖ୍ୟାଳୟକୁ ଆସୁଥିବା ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇ ଡହଳବିକଳ ହୋଇଥାନ୍ତି। ଅର୍ଥାଭାବ ଯୋଗୁ ଗରିବ ଲୋକେ ଦୋକାନରୁ ପାଣି ବୋତଲ କିଣି ପିଇବାକୁ ସକ୍ଷମ ହୋଇ ନ ଥାନ୍ତି। ସହରରେ ନଳକୂଅ କିମ୍ବା ପାଣି ଟାଙ୍କିର କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ଏଣେତେଣେ ପାଣି ଖୋଜି ବୁଲନ୍ତି। ଏଭଳି ପରିସ୍ଥିତିକୁ ଅନୁଧ୍ୟାନ କରି ଖରାଦିନେ ପାନୀୟ ଜଳ ଯୋଗାଣ କରିବାକୁ ସଙ୍ଗଠନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସହରରେ ଚଳପ୍ରଚଳ କରୁଥିବା ଲୋକମାନଙ୍କ ପାଇଁ ସରବତ ବଣ୍ଟନ ଆରମ୍ଭ ହୋଇଥିଲା। ଗତ ପଣା ସଂକ୍ରାନ୍ତିଠାରୁ ଆମେ-୮୦ ନାମରେ ଏକ ଜଳଛତ୍ର ଖୋଲି ଜଳସେବା ଆରମ୍ଭ କରାଯାଇଥିଲା। ଏହା ବ୍ୟତିତ ଖରାଦିନେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ରକ୍ତଦାନ ଶିବିର କରାଯାଇଥିଲା। ସେହିପରି ୨୦୧୮ରେ ରୋଗୀମାନଙ୍କ ବେଡ୍‌ରେ ଗଦିର ଆବଶ୍ୟକତାକୁ ଦେଖି ଶହେଟି ଗଦି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଦାନ କରାଯାଇଥିଲା। ବାରିପଦାରେ ଅନୁଷ୍ଠିତ ହେଉଥିବା ରଥଯାତ୍ରାରେ ପାଣି ଟ୍ୟାଙ୍କର ସାହାଯ୍ୟରେ ଲକ୍ଷ ଲକ୍ଷ ଲୋକଙ୍କୁ ଜଳଦାନ କରାଯାଇଥିଲା। ସଙ୍ଗଠନର ଏଭଳି ଜନହିତକର କାର୍ଯ୍ୟ ଦେଖି ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିଲା। ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଏକ ବଡ଼ ଟେଣ୍ଟ ମଧ୍ୟରେ ସରବତ ବଣ୍ଟନ କରାଯାଇଥିଲା। ପ୍ରତି ବର୍ଷ ଭଳି ଚଳିତ ବର୍ଷ ପଣା ସଂକ୍ରାନ୍ତିଠାରୁ ଆରମ୍ଭ କରି ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ୬୨ଦିନ ଲଗାତାର ଜଳସେବା କାର୍ଯ୍ୟ କରାଯାଇଛି। ପରିବେଶ ପାଇଁ ପ୍ଲାଷ୍ଟିକ ଗ୍ଲାସ ବର୍ଜନ କରି କାଗଜ ଗ୍ଲାସ ମାଧ୍ୟମରେ ସରବତ ଦିଆଯାଇଥିଲା। ପ୍ରତିଦିନ ୨୦୦୦ରୁ ଊର୍ଦ୍ଧ୍ୱ ଲୋକ ଏହି ସେବା ପାଇ ଆନନ୍ଦିତ ହେଉଥିଲେ। ଚଳିତ ବର୍ଷ ନିର୍ବାଚନ ଥିବାରୁ ଜଳସେବା ମାଧ୍ୟମରେ ଲକ୍ଷାଧିକ ଲୋକ ଏହି ସେବା ପାଇପାରିଛନ୍ତି। ତେବେ ବର୍ଷାର ଆଗମନକୁ ନେଇ ଜଳସେବା କାର୍ଯ୍ୟ ଉଦ୍‌ଯାପିତ ହୋଇଯାଇଛି। ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ଆଗାମୀ ଦିନରେ ଏହି ସେବାକୁ ଅଧିକ ଲୋକାଭିମୁଖୀ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିବା ସୂଚନା ଦେଇଛନ୍ତି।

# ପମ୍ପ ହାଉସରେ ତାଲା ପକାଇଲେ ଲୋକେ

ମୋରଡ଼ା,୧୪।୬(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଞ୍ଚଳରେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏହାର ପ୍ରତିବାଦରେ ଲୋକେ ପାଣି ପମ୍ପ ହାଉସରେ ତାଲା ପକାଇ ଅସନ୍ତୋଷ ଜାହିର କରିଛନ୍ତି।

ସୂଚନା ଅନୁଯାୟୀ, ଏହି ବ୍ଲକ ଅଧୀନ କୋହି ପଞ୍ଚାୟତ ହାଣ୍ଡିଭଙ୍ଗା ଗ୍ରାମରେ ୧୬୦ଟି ପରିବାରର ପାଖାପାଖି ୭୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଉକ୍ତ ଗ୍ରାମରେ ପାଣିଟାଙ୍କି ନାହିଁ। ଫଳରେ ପାଣି ପାଇଁ ଅନ୍ୟ ଗ୍ରାମର ପାଣି ଟାଙ୍କି ଉପରେ ଗ୍ରାମବାସୀ ନିର୍ଭର କରୁଛନ୍ତି। ତେବେ ପମ୍ପ ଅପେରେଟରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଉକ୍ତ ଗ୍ରାମର



ଉତ୍ତେଜିତ ଗ୍ରାମବାସୀ ହୋ ହଲ୍ଲା କରୁଛନ୍ତି।

ଲୋକେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ଗ୍ରାମବାସୀ ପ୍ରଶାସନଠାରେ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ସକାଳେ ଗ୍ରାମର ମହିଳାମାନେ ପମ୍ପ ହାଉସରେ ତାଲା ପକାଇବା ସହିତ ଉକ୍ତ ଗ୍ରାମ ପାଇଁ ଏକ ସ୍ୱତନ୍ତ୍ର ପାଣି ଟାଙ୍କି ଯୋଗାଇବାକୁ ଦାବି କରିଛନ୍ତି। ଏବାବଦରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ସସ୍ମିତା ପତିଙ୍କୁ ପଚାରିବାରୁ ପୂର୍ବରୁ ଏମିତି ଅଭିଯୋଗ ତାଙ୍କ ପାଖକୁ କେବେ ଆସି ନ ଥିବା ବେଳେ ହଠାତ୍ ଗ୍ରାମବାସୀ ଆନ୍ଦୋଳନ ନିଷ୍ପତ୍ତି ନେଇଛନ୍ତି ଓ ଉକ୍ତ ଗ୍ରାମକୁ ପାଣି ପାଇଁ ସଂଯୋଗ ହୋଇଥିବା ପାଇପ୍‌କୁ ଗ୍ରାମବାସୀ କାଟି ଦେଇଥିବା ସେ କହିଛନ୍ତି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ଗୁରୁତର

ବାରିପଦା,୧୪।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଉପକଣ୍ଠ କ୍ଷେତ୍ରପାଟଣା ଅଞ୍ଚଳ ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାର ତଳେ କାର୍ଯ୍ୟ କରୁଥିବା ସମୟରେ ଅଘଟଣ ଘଟିଛି । ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ରସିଦୂର ଶେଖ । ତାଙ୍କୁ ସଙ୍ଗେ ସଙ୍ଗେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଜଣେ ବ୍ୟକ୍ତିଙ୍କ ଗୃହ ନିର୍ମାଣ କାର୍ଯ୍ୟ ପାଇଁ ଶ୍ରମିକ ଜଣକ ବାଉଁଶ ବାନ୍ଧୁଥିଲେ। ଏହି ସମୟରେ ବାଉଁଶଟି ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଶ୍ରମିକ ଜଣକ ଗୁରୁତର ହୋଇଥିଲେ।


झारखण्ड सरकार
क्षेत्र सर्वेक्षण प्रमण्डल, अग्रिम योजना,पथ निर्माण विभाग, दुमका
अल्पकालीन ई–प्रोक्योरमेंट सूचना
ई–निविदा प्रसंग सं0 :–RCD/FSD /AP/ DUM/01/2024-25 दिनांक: 14.06.2024

| | | |
|---|---|---|
| 1. | कार्य का नाम | Consultancy services for preparation of Detailed Project Report for construction of (A)Talwa to Kharutola via Salpani Chandna to Sridharpada Link road. (Tentative Length= 20.0 km) (B) Maheshpur more to Gopalpur (W.B. border) via Chandrapur Misson and upto Link road ( Tentative Length=12.0 km) under road Division Pakur ,(Dist-Pakur) including replacement of culverts and bridges, proposal for new culverts and bridges, complete Land Acquisition Proposal including ownership details all complete as per latest guidelines, Resettlement and Rehabilitation Proposal and Forest Diversion Proposal with clearance of all stages etc as required, at Pakur in the state of Jharkhand. (Total tentative length-32.00 km). |
| 2. | अनुमानित लंबाई | 32 कि०मी० |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 18.06.2024, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 01.07.2024, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 02.07.2024, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :–http://jharkhandtenders.gov.in
कार्यपालक अभियंता,
क्षेत्र सर्वेक्षण प्रमण्डल, अग्रिम योजना,पथ निर्माण विभाग, दुमका
PR 326481 Road(24-25).D


# 'କଳାକାର ସମୃଦ୍ଧ ହେଲେ କଳା ସଂସ୍କୃତିର ସୁରକ୍ଷା ସମ୍ଭବ'



କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ଲୋକ କଳା ଦିବସ

ବାରିପଦା,୧୪।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଶୁକ୍ରବାର ଲୋକ କଳା ଦିବସ ପାଳିତ ହୋଇଯାଇଛି। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଜିଲା ସଂଯୋଜକ ଦୀପକ କୁମାର ନାୟକଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ଲୋକ କଳା ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମ ସାରସଣା ବ୍ଲକ ଅନ୍ତର୍ଗତ ଭୁରୁଷଣୀ ଗ୍ରାମପଞ୍ଚାୟତଠାରେ ବ୍ଲକ ସଂଯୋଜକ କ୍ଷୀରୋଦ ଚନ୍ଦ୍ର ଦାସ, ରାଜୀବ ଲୋଚନ ମହାନ୍ତ, ଏବଂ ଭୁରୁଷାଣି ଗ୍ରାମ ପଞ୍ଚାୟତ ସଂଯୋଜକ ଗୌତମ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲା ସଂଯୋଜକ ଯୋଗଦେଇ ଲୋକକଳା ଦିବସ ପାଳନର ଲକ୍ଷ୍ୟ ଏବଂ ଉଦେଶ୍ୟ ବିଷୟରେ ଆଲୋଚନା କରିବା ସହିତ କଳାକାରମାନେ ସମୃଦ୍ଧ ହେଲେ କଳା ସଂସ୍କୃତିର ସୁରକ୍ଷା ସମ୍ଭବ ହୋଇ ପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର କଳାକାରମାନେ ଯୋଗଦେଇ ନିଜନିଜର ସମସ୍ୟା ବାବଦରେ ଆଲୋଚନା କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଉପଭୋକ୍ତା



ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଏକାଠି ହୋଇଥିବା ଉପଭୋକ୍ତା।

ବାଙ୍ଗିରିପୋଷି,୧୪।୬(ସଞ୍ଜୟ ଅଗ୍ରୱାଲା): ଗ୍ରୀଷ୍ମ ପ୍ରବାହଠାରୁ ବିଜୁଳି ସଙ୍କଟ ଏତେ ପରିମାଣରେ ବଢି ଯାଉଛି ଯେ ତାହା ସହିବାର ସୀମାକୁ ଟପି ଗଲାଣି। ଲୋ ଭୋଲଟେଜ ସମସ୍ୟା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ନୂତନ ଟ୍ରାସ୍‌ଫର୍ମର ସଂଯୋଗ ପାଇଁ ବାରମ୍ବାର ଦାବି ପରେ ମଧ୍ୟ ଶୁଣିବାକୁ କେହି ନାହିଁ। ୨୦୨୨ରୁ ଲିଖିତ ଭାବରେ ବିଦ୍ୟୁତ୍ ବିଭାଗର କୁଲିଅଣା ଏସ୍‌ଡିଓଙ୍କୁ ଦାବିପତ୍ର ପ୍ରଦାନ କରା ଯାଇଥିଲେ ମଧ୍ୟ ବିଭାଗ ହାତ ଟେକି ବସିଛି। ଏହାର ପ୍ରତିବାଦରେ ବାଙ୍ଗିରିପୋଷି ବ୍ଲକ କୁସୁମବନ୍ଧ ପଞ୍ଚାୟତ ଅନ୍ତର୍ଗତ ଶାଳବଣି ସାହିର ଶତାଧିକ ଉପଭୋକ୍ତା ଶୁକ୍ରବାର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। କୁସୁମବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ସହଦେବ ନାଏକ ଓ ନାଏବ ସରପଞ୍ଚ ଅଜୟ କୁମାର ବେହେରାଙ୍କ ନେତୃତ୍ୱରେ ଦିଲ୍ଲୀପ କୁମାର ସିଂ, ସୁକଦେବ ବେହେରା, ହରିଶ ଚନ୍ଦ୍ର ବେହେରା, ମାସାଂ କିସ୍କୁ, ଗୋସ୍ୱାମୀ ବେହେରା, ସୁନାରାମ ମାହାଲି, ଦୁର୍ଯୋଧନ ବେହେରା, ଭୀଷ୍ମ ବେହେରା ପ୍ରମୁଖଙ୍କ ସହ ବହୁ ଗ୍ରାମବାସୀ ବିଦ୍ୟୁତ୍ ବିଭାଗର ଏହି ଖାମଖିଆଲି ନୀତିକୁ ବିରୋଧ କରି ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିଥିଲେ। ପୂର୍ବରୁ ୬୩ କେଭି ଟ୍ରାନ୍ସଫର୍ମର ଲଗାଇବା ନିମନ୍ତେ ପ୍ରତିଶ୍ରୁତି ଦେଇଥିବା ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ବିପ୍ର ଚରଣ ଭୋଳ ଓ ବିକ୍ରମ ଦାସଙ୍କୁ ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ମାରି ଗ୍ରାମବାସ ଅଟକ ରଖିଥିଲେ। ଏହି ଟ୍ରାନ୍ସଫର୍ମରଟି ଜୁନ ମାସ ୩୦ ତାରିଖ ସୁଦ୍ଧା ଲଗାଯିବ ବୋଲି ଗ୍ରାମବାସୀ ଓ ବାଙ୍ଗିରିପୋଷି ଥାନା ଅଧିକାରିଣୀ ରୋଜାଲିନ ବେହେରାଙ୍କ ଉପସ୍ଥିତିରେ କନିଷ୍ଠ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଯଦି ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହୁଏ ତେବେ ପୁଣି ଥରେ ତାଲା ବନ୍ଦ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।


PARADIP PORT AUTHORITY
e-Tender Call Notice
No.-MD/SPG/I-12/2022/639 Date:11/06/2024
Name of the work: Supply of 01 no. Unmanned Aerial Vehicle (UAV) (Drone) System for Paradip Port Authority including Installation, Commissioning, Certification, Test, Trial and Training for a period of five years (Comprehensive Warranty of 02 Years + Annual Maintenance Contract for 03 Years) including Buy Back., Estimated cost: Rs.1,36,15,000/- Plus GST., Last date & time of submission of tender through on-line bidding is 17:00 hours on dt.04/07/2024. Technical Bids shall be opened at 12:00 hours on dt.05/07/2024. For further details, please log on to the Website: https://eprocure.gov.in/eprocure/app.
Sd/- Deputy Conservator, Paradip Port Authority
PPA/PR/14/2024-2025 dtd.12.06.2024



ପୂର୍ବ ତଟ ରେଳପଥ
ମଲ୍ଟି ପରପଜ୍ ଷ୍ଟଲର ଇ-ନିଲାମ
କ୍ର.ସଂ.1: ଷ୍ଟେସନ ଏବଂ ସ୍ଥାନ-ପାରାଦ୍ୱୀପ (ପ୍ଲାଟଫର୍ମ-1), କ୍ର.ସଂ.2: ଷ୍ଟେସନ ଏବଂ ସ୍ଥାନ-ତାଳଚେର (ପ୍ଲାଟଫର୍ମ-1), କ୍ର.ସଂ.3: ଷ୍ଟେସନ ଏବଂ ସ୍ଥାନ-ସୋମ୍ପେଟା (ପ୍ଲାଟଫର୍ମ-1), କ୍ର.ସଂ.4: ଷ୍ଟେସନ ଏବଂ ସ୍ଥାନ-ହରିଚନ୍ଦନପୁର (ପ୍ଲାଟଫର୍ମ-1), କ୍ର.ସଂ.5: ଷ୍ଟେସନ ଏବଂ ସ୍ଥାନ-ଭଦ୍ରକ (ପ୍ଲାଟଫର୍ମ-1 ଏବଂ 2), କ୍ର.ସଂ.6: ଷ୍ଟେସନ ଏବଂ ସ୍ଥାନ-ଖୋର୍ଦ୍ଧା ରୋଡ୍ (ପ୍ଲାଟଫର୍ମ-4/5)।
ସଂରକ୍ଷଣ ବର୍ଗ: SMU (ଅନୁସୂଚିତ ଜାତି/ମହିଳା) (କ୍ରମ ସଂ.1 ପାଇଁ), GMU (ମହିଳା) (କ୍ରମ ସଂ.2,5 ଏବଂ 6 ପାଇଁ) ଏବଂ GMU (କ୍ରମ ସଂ.3 ଏବଂ 4 ପାଇଁ)।
ନିଲାମ ଆରମ୍ଭ ତାରିଖ ଓ ସମୟ: ତା.24.06.2024ରିଖ 1400 ଘଟିକା ଠାରୁ 1520 ଘଟିକା ପର୍ଯ୍ୟନ୍ତ (କ୍ରମ ସଂ.1 ଠାରୁ 6 ପାଇଁ)।
ଦ୍ରଷ୍ଟବ୍ୟ: ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡରମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-207/P/24-25



ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି କେନ୍ଦ୍ର ପାଇଁ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ନୋଟିସ ନଂ.: ସିଓଏମ୍/ଜି.୧୮/ଏନ୍‌ଏଫ୍‌ଆର୍/ପିଏମ୍‌ବିଜେକେ/ବିଏଲ୍‌ଏସ୍/୨୪/୧, ତା: ୧୩।୦୬।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ୩ (ତିନି) ବର୍ଷ ଅବଧି ପାଇଁ ବାଲେଶ୍ୱର ରେଳ ଷ୍ଟେଶନଠାରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି କେନ୍ଦ୍ର (ପିଏମ୍‌ବିଜେକେ) ଆଉଟ୍‌ଲେଟ୍ ଠିକା ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ http://www.ireps.gov.in ର ଇ-ନିଲାମ ଲିଜିଂ ମଡ୍ୟୁଲରେ ଅଧିସୂଚିତ ହୋଇଛି।

| ବର୍ଗ | ନିଲାମ କାଟାଲଗ୍ ନଂ. | ନିଲାମର ତାରିଖ | ନିଲାମ ଆରମ୍ଭର ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପିଏମ୍‌ବିଜେକେ | ପିଏମ୍‌ବିଜେକେ-ବିଏଲ୍‌ଏସ୍-୨୪-୧ | ୨୮।୦୬।୨୦୨୪ | ୧୧.୩୦ ଘଟିକା | ୧୨.୦୦ ଘଟିକା |

ରେଳମନ୍ତ୍ରଣାଳୟ ରେଳ ଷ୍ଟେଶନ ପରିଦର୍ଶନ କରୁଥିବା ଯାତ୍ରୀମାନଙ୍କ ସୁସ୍ୱାସ୍ଥ୍ୟ ଏବଂ କଲ୍ୟାଣରେ ଉନ୍ନତି ଆଣିବା ପାଇଁ ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି କେନ୍ଦ୍ର (ପିଏମ୍‌ବିଜେକେ) ଆଉଟ୍‌ଲେଟ୍ ପ୍ରତିଷ୍ଠା କରିବା ନିମନ୍ତେ ୨୦୨୪ର ୦୩ ଓ ୨୦୨୩ର ୧୨ ସମ୍ବଳିତ କମର୍ସିଆଲ ସର୍କୁଲାର ଜାରି କରିଥିଲେ। ବାଲେଶ୍ୱର ରେଳ ଷ୍ଟେଶନରେ ପିଏମ୍‌ବିଜେକେ ସ୍ଥାପନ କରିବାର ଅଭିପ୍ରାୟଗୁଡ଼ିକ ନିମ୍ନ ଅନୁଯାୟୀ ଅଟେ: (କ) ସୁଲଭ ମୂଲ୍ୟରେ ସମସ୍ତଙ୍କୁ ଗୁଣାତ୍ମକ ଔଷଧ ଏବଂ ବ୍ୟବହାର୍ଯ୍ୟ ସାମଗ୍ରୀ (ଜନୌଷଧି ଉତ୍ପାଦ)ଗୁଡ଼ିକୁ ଉପଲବ୍ଧ କରାଇବା ନିମନ୍ତେ ଭାରତ ସରକାରଙ୍କ ଅଭିଯାନକୁ ପ୍ରୋତ୍ସାହିତ କରିବା। (ଖ) ରେଳ ଷ୍ଟେଶନ ଯାତ୍ରୀ/ପରିଦର୍ଶକମାନଙ୍କ ପାଇଁ ଜନୌଷଧି ଉତ୍ପାଦଗୁଡ଼ିକର ଉପଲବ୍ଧତାକୁ ସହଜ କରିବା। (ଗ) ସୁଲଭ ମୂଲ୍ୟରେ ଔଷଧ ଯୋଗାଇ ସମାଜର ସମସ୍ତ ବର୍ଗଙ୍କ ମଧ୍ୟରେ ସୁସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ଉନ୍ନତ କରିବା। (ଘ) ପିଏମ୍‌ବିଜେକେ ଖୋଲିବା ପାଇଁ ଉଦ୍ୟୋଗୀମାନଙ୍କ ନିମନ୍ତେ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ମାର୍ଗଗୁଡ଼ିକୁ ଉନ୍ମୁକ୍ତ କରିବା। **ପିଏମ୍‌ବିଜେକେର ଇ-ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ମାନଦଣ୍ଡ:** ପିଏମ୍‌ବିଜେକେର ସମ୍ଭାବ୍ୟ ବିଡରମାନେ ପିଏମ୍‌ବିଜେକେଗୁଡ଼ିକର ପରିଚାଳନା ପାଇଁ ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିମ୍ନପ୍ରଦତ୍ତ ମାନଦଣ୍ଡଗୁଡ଼ିକୁ ପୂରଣ କରିବା ଜରୁରୀ: ବ୍ୟକ୍ତିବିଶେଷ ଆବେଦନକାରୀମାନଙ୍କ ନିକଟରେ **ଡି.ଫାର୍ମା/ବି.ଫାର୍ମା ଡିଗ୍ରୀ** ରହିଥିବା କିମ୍ବା ସେ ଡି.ଫାର୍ମା/ବି.ଫାର୍ମା ଡିଗ୍ରୀଧାରୀଙ୍କୁ ନିଯୁକ୍ତ କରିଥିବା ଏବଂ ତାହାକୁ ଇ-ନିଲାମ ମଡ୍ୟୁଲରେ ଅପଲୋଡ୍ କରିବା ଆବଶ୍ୟକ। କିମ୍ବା ଜନୌଷଧି କେନ୍ଦ୍ର ପାଇଁ ଯଦି କୌଣସି ସଂଗଠନ, ଏନ୍‌ଜିଓ ଆବେଦନ କରୁଥାନ୍ତି, ତେବେ ସେମାନେ **ବି.ଫାର୍ମା/ଡି.ଫାର୍ମା ଡିଗ୍ରୀଧାରୀଙ୍କୁ** ନିଯୁକ୍ତ କରିଥିବା ଏବଂ ସେ ବାବଦୀୟ ସୂଚନାକୁ ଇ-ନିଲାମ ମଡ୍ୟୁଲରେ ଅପଲୋଡ୍ କରିବା ଆବଶ୍ୟକ। ଆଗ୍ରହୀ ଅଂଶୀଦାର/ସମ୍ଭାବ୍ୟ ବିଡରମାନେ ଏହାକୁ ଧ୍ୟାନରେ ରଖିବା ଏବଂ (i) ଅବସ୍ଥାନ, (ii) ଠିକାର ବିଶେଷ ସର୍ତ୍ତାବଳୀ, (iii) ତତ୍-ସମ୍ପର୍କିତ ନୀତି, (iv) କାର୍ଯ୍ୟର ପରିସର, (v) ପିଏମ୍‌ବିଆଇ ମାର୍ଗଦର୍ଶିକା, (vi) ଇ-ନିଲାମ ସମୟରେ ବିଡରଙ୍କ ଦ୍ୱାରା ଅପଲୋଡ୍ ହୋଇଥିବା ସତ୍ୟପାଠ, (vii) ପିଏମ୍‌ବିଜେକେର ପରିଚାଳନା ପାଇଁ ଲାଇସେନ୍ସ ପ୍ରଦାନ, (viii) ଆଦର୍ଶ ଦ୍ୱି-ପାକ୍ଷିକ ରାଜିନାମା (ସଫଳ ବିଡରଙ୍କ ଦ୍ୱାରା ବିଏମ୍‌ବିଆଇ ସହିତ ସ୍ୱାକ୍ଷରିତ ହେବ), (ix) ଇ-ନିଲାମର ଅନ୍ୟାନ୍ୟ ବିଧି ଏବଂ ଇ-ନିଲାମର ଅନ୍ୟାନ୍ୟ ସମ୍ବନ୍ଧୀୟ ସୂଚନାର ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ। ଅଧିକ ପ୍ରଶ୍ନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ, ରାଜ୍ୟ – ପଶ୍ଚିମବଙ୍ଗ, ଜିଲ୍ଲା – ପଶ୍ଚିମ ମେଦିନିପୁର, ଖଡ଼ଗପୁର – ୭୨୧୩୦୧ଙ୍କ ସହିତ କାର୍ଯ୍ୟାଳୟ ସମୟରେ ଯୋଗାଯୋଗ କରିପାରିବେ କିମ୍ବା ମୋବାଇଲ ନଂ. – ୭୫୯୫୦୭୪୭୧୬ (ଚିଫ୍ କମର୍ସିଆଲ ଇନ୍‌ସପେକ୍ଟର/ସିନିୟର ଡିସିଏମ୍ କାର୍ଯ୍ୟାଳୟ) ସହ ଯୋଗାଯୋଗ କରିପାରିବେ।

**ସ୍ଥାନ: ଖଡ଼ଗପୁର** — **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର**
**ତାରିଖ: ୧୩।୦୬।୨୦୨୪** — **(PR-254)**
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



ADVERTISEMENT FOR SUPPLY OF PRINTING MATERIALS TO THE BHIMA BHOI MEDICAL COLLEGE & HOSPITAL, BALANGIR

No. E-43: Sealed tender is invited from Organization/ Firms/Agencies for Supply of Printing Materials to Bhima Bhoi Medical College & Hospital, Balangir. The tender paper completed in all respect should be submitted separately for the services to the undersigned on or before Dt.04.07.2024 upto 05.30 P.M. in the office of the Superintendent, BBMC&H, Balangir. The details and terms & condition can be downloaded from **https://bbmchbalangir.nic.in, www.balangir.odisha.gov.in & www.dmetodisha.gov.in**

**Sd./- Superintendent**
**Bhima Bhoi Medical College & Hospital, Balangir**
**OIPR-10141/11/0007/2425**



OFFICE OF THE PRINCIPAL
GOPABANDHU AYURVEDA MAHAVIDYALAYA
V.I.P. ROAD, PURI - 752002 (ODISHA)
Tel.: 06752-222072(O)/E mail: principalgampuri@gmail.com
No. 1987/GAM Dated: 12.05.2024

TENDER CALL NOTICE

No. E-41: Sealed tenders are invited from suppliers/firms/ contractors having valid upto date Income Tax & GST Clearance Certificate for supply of dietary articles to Gopabandhu Ayurveda Mahavidyalaya and Hospital, Puri, Odisha for the financial year 2024-25 or till finalization of the next tender. Details of articles with their specifications and terms and conditions for supply of dietary articles can be obtained from the office of the undersigned during office hour on submission of written application and payment of Rs.100.00 (Rupees One Hundred) only in cash towards cost of tender documents.

I. Date of commencement of sale of tender documents Dt.20.06.2024 from 11.00 A.M.
II. The last date and time of receipt of tender paper Dt.11.07.2024 till 5.30 P.M. by Regd. Post/Speed Post only.

**Sd./- Prof. (Dr.) Arun Kumar Das,**
**Principal**
**Gopabandhu Ayurveda Mahavidyalaya, Puri**
**OIPR-10044/11/0002/2425**



OFFICE OF THE DIVISIONAL FOREST OFFICER, PARALAKHEMUNDI DIVISION
ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି ବନଖଣ୍ଡ
E-Mail : dfo.parlakhemundi@odisha.gov.in
Tender No. 04/1F, Dated, Paralakhemundi the 12 June' 2024

SHORT TENDER NOTICE FOR SELECTION OF SERVICE PROVIDER

No.MM-35 : Sealed Tenders are invited from individuals / organization / firms etc. for providing manpower services of various categories of trained / experienced person to work under Paralakhemundi Forest Division, Paralakhemundi for implementation of different schemes or work. The Tender Document form can be obtained in person from O/o the Divisional Forest Officer, Paralakhemundi Forest Division, At. Forest Gate, P.O. Paralakhemundi - 761200 (Gajapati) on any working days between 10.30 A.M. to 03.00 P.M. from 12.06.2024 to 26.06.2024 or can be downloaded from the website www.odishaforest.in / https://gajapati.odisha.gov.in by the intending bidder. The undersigned reserves the right to accept or reject any or all bids without assigning reasons thereof.

| | |
|---|---|
| Date of sale of tender paper | 12.06.2024 10.30 A.M. to 26.06.2024 03.00 P.M. |
| Last Date & time for submission of Tender Paper | 27.06.2024 up to 11.00 A.M. |
| Date & Time of opening of Tender Paper | 28.06.2024 at 12.00 Noon |

OIPR-08148/11/0005/2425
**Sd./- Divisional Forest Officer**
**Paralakhemundi Forest Division**



ବିଜ୍ଞାପନ
ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ଝାରସୁଗୁଡ଼ା

No. M-04: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ଝାରସୁଗୁଡ଼ା ତରଫରୁ ପରିଚାରକ (Attendant) (ଗ୍ରୁପ-D) ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ଝାରସୁଗୁଡ଼ା (Chief District Veterinary Officer, Jharsuguda)ଙ୍କୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ତାରିଖ ୨୮।୦୬।୨୦୨୪ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ସମସ୍ତ ପ୍ରମାଣ ପତ୍ର ସହ ଆବେଦନ କରିପାରିବେ। ଆବେଦନ କରିବା ପାଇଁ ସମସ୍ତ ସର୍ତ୍ତାବଳୀ, ଆବଶ୍ୟକୀୟ ଯୋଗ୍ୟତା ପ୍ରମାଣ ପତ୍ର, ନିର୍ଦ୍ଧାରିତ ଆବେଦନ ଫର୍ମ ଜିଲ୍ଲା ୱେବ୍‌ସାଇଟ୍: **https://jharsuguda.nic.in**ରୁ ଡାଉନଲୋଡ କରିପାରିବେ।

ସ୍ୱାକ୍ଷର
ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ଝାରସୁଗୁଡ଼ା

ଦରଖାସ୍ତ ଫର୍ମ

ପ୍ରାପ୍ତେଷୁ,
ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ...........................
୧. ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ନାମ :
୨. ପିତା/ମାତାଙ୍କ ନାମ :
୩. ସ୍ଥାୟୀ ଠିକଣା :
ଗ୍ରାମ:....................., ପୋଷ୍ଟ:.....................
ଭାୟା:...................., ଜିଲ୍ଲା:......................
ପିନ୍:....................., ମୋବାଇଲ ନମ୍ବର:....................
୪. ଯୋଗାଯୋଗ ଠିକଣା :
ଗ୍ରାମ:....................., ପୋଷ୍ଟ:.....................
ଭାୟା:...................., ଜିଲ୍ଲା:......................
ପିନ୍:....................., ମୋବାଇଲ ନମ୍ବର:....................
୫. ଜାତୀୟତା :
୬. ଜନ୍ମ ତାରିଖ :
୭. ୦୧।୦୧।୨୦୨୪ ସୁଦ୍ଧା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ :
୮. ଶିକ୍ଷାଗତ ଯୋଗ୍ୟତା :
୯. ଉଚ୍ଚତା : ଛାତି ସମ୍ପ୍ରସାରିତ:
୧୦. ଜାତି (SC/ST) :
୧୧. ବିବାହିତ/ଅବିବାହିତ :
୧୨. ପୁରୁଷ/ସ୍ତ୍ରୀ :

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପର ଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ।
ସ୍ଥାନ:
ତାରିଖ: ଆବେଦନକାରୀଙ୍କ ସ୍ୱାକ୍ଷର

**ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର:**
୧. ଗେଜେଟେଡ୍ ଅଫିସରଙ୍କ ଦ୍ୱାରା ଆଗ ପଟେ ଆଟେଷ୍ଟେଡ ହୋଇଥିବା ଦୁଇ ବର୍ତ୍ତମାନର ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ ହୋଇଥିବା। ତନ୍ମଧ୍ୟରୁ ଏକ ଗୋଟି ଫଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠା ଦେଇ ସଂଲଗ୍ନ କରାଯିବା ଆବଶ୍ୟକ। ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ।
୨. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରର ଅବିକଳ ନକଲ।
୩. ବୟସ ପ୍ରମାଣପତ୍ରର ଆଟେଷ୍ଟେଡ କପି।
୪. ସ୍ଥାନୀୟ ତହସିଲଦାରଙ୍କଠାରୁ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ରର ଆଟେଷ୍ଟେଡ କପି।
୫. ବୈଧ ପରିଚୟ ପତ୍ରର ଆଟେଷ୍ଟେଡ କପି।
୬. ଜାତିଗତ ପ୍ରମାଣ ପତ୍ର (SC/ST)।
୭. ଦୁଇଗୋଟି ଚରିତ୍ର ପ୍ରମାଣ ପତ୍ର ଭିନ୍ନ ଭିନ୍ନ ଗେଜେଟେଡ ଅଫିସରଙ୍କଠାରୁ (ଯିଏ କି ସମ୍ପର୍କୀୟ ହୋଇ ନଥିବେ)।
୮. ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କଠାରୁ ହାସଲ କରିଥିବା କୃତ୍ରିମ ପ୍ରଜନନ କ୍ଷେତ୍ରରେ ତିନି ବର୍ଷ ଓ ତତୋଽଧିକ ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ପ୍ରମାଣପତ୍ରର ଆଟେଷ୍ଟେଡ କପି। ସବୁ ଆଟେଷ୍ଟେଡ କପିରେ ପ୍ରାର୍ଥୀ/ପ୍ରାର୍ଥିନୀ ନିଜେ ସ୍ୱାକ୍ଷର କରିବେ।
୯. ଅନ୍ୟ ଜିଲ୍ଲାରେ ନିୟୋଜିତ ହେବା ପାଇଁ ନିଜର ସହମତି ପତ୍ର (ଆବଶ୍ୟକ ସ୍ଥଳେ)।

ସ୍ଥାନ:
ତାରିଖ: ଆବେଦନକାରୀଙ୍କ ସ୍ୱାକ୍ଷର
OIPR-06034/11/0001/2425

# ଟିଁକିରାରେ ରଜ ମହୋତ୍ସବ



ଢେଙ୍କିକୋଟ,୧୪।୬(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଆଦିବାସୀ ଅଧ୍ୟୁଷିତ ଢେଙ୍କିକୋଟ ପଞ୍ଚାୟତ ଟିଁକିରାରେ ରଜ ମହୋତ୍ସବ ପାଳିତ ହେଉଛି। ତଳ ସାହିରେ ୨୦ ଟି ଦୋଳି ତଥା କୂଅ ଦୋଳି, ଖାଇ ଦୋଳି, ଚକ୍ରି ଦୋଳି, ଡ଼ଙ୍ଗା ଦୋଳି, ପଟା ଦୋଳି, ଛୋଟ ପିଲା ମାନଙ୍କ ପାଇଁ ଘୋଡା ଦୋଳି, ବତକ ଦୋଳି କରାଯାଇଛି। ଗ୍ରାମର ରଜବତୀ ମହିଳା ମଣ୍ଡଳ ତରଫରୁ ଆୟୋଜିତ ମହୋତ୍ସବକୁ ଗ୍ରାମର ଦେହୁରୀ ପୂଜା ପାଠ କରି ଦୋଳି ଖେଳ ଶୁଭାରମ୍ଭ କରିଛନ୍ତି। ରଜବତୀ ମହିଳା ଗ୍ରୁପର ମୁଖ୍ୟ ଗୌରୀ ନାଏକ, ଶଶୀ ନାଏକ, ପୋଇ ନାଏକ, ସୁରୁବାଳିନାଏକ, ଫୁଲେଇ ନାଏକ, ରୁପାଲୀ ନାଏକ, ପ୍ରମିଳା ନାଏକ, ଶୋଷିକା ନାଏକ ପ୍ରମୁଖ ସହଯୋଗ କରୁଛନ୍ତି। ୪ ଦିନ ଧରି ମହୋତ୍ସବ ପାଳନ କରାଯାଉଥିବା ବେଳେ ପ୍ରତ୍ୟକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୋମବାର ରଜ ବାଟେଇବାର କାର୍ଯ୍ୟକ୍ରମ ରହିଥିବା ମହିଳା ମଣ୍ଡଳର ମୁଖ୍ୟ ପ୍ରକାଶ କରିଛନ୍ତି।

# ରଜଗୀତ, ନାଚରେ ଦୁଲୁକୁଛି ଗାଁ

ପାଟଣା,୧୪।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଅଞ୍ଚଳର ଗଣପର୍ବ ରଜ ଉତ୍ସବ ପାଇଁ ଗାଁଠୁ ସହର ଉତ୍ସବ ମୁଖର ହୋଇଉଠିଛି। କେନ୍ଦୁଝରରେ ରଜ ଉତ୍ସବ ୪ ଦିନ ବ୍ୟାପି ପାଳିତ ହୁଏ। ହର୍ଷ ଉଲ୍ଲାସର ପର୍ବ ରଜ ପାଇଁ କର୍ମ କ୍ଷେତ୍ରରୁ ସମସ୍ତେ ଗାଁକୁ ଆସିଥାନ୍ତି। ରଜ ପର୍ବକୁ ଉଦ୍‌ଜୀବିତ କରି ରଖିବାକୁ ପାଟଣା ବ୍ଲକ୍ ଖାମୁଆ ଦାଣ୍ଡ ସାହି ଆମ୍ବ ତୋଟା, ଭିମା ପଡ଼ାପଡ଼ା ଓ କେନ୍ଦେଇ ପଶିରେ ଡଙ୍ଗା, ଖାଇ, ଚକ୍ରୀ, ପଟା ଦୋଳି ପଡ଼ିଛି। ମହିଳା, ଯୁବତୀ, ଯୁବକ ସ୍ୱାଦିଷ୍ଟ ଭୋଜନ ପରେ ଦୋଳି ଖେଳର ମଜା ନେଉଛନ୍ତି। ରଜ ଗୀତ, ନାଚରେ ଗାଁ ଦୁଲୁକୁଛି। ସହାରପଡ଼ା ବ୍ଲକ୍ ବଡବିଲ ପଞ୍ଚାୟତ ଟଭାସରୁଆ ଦ୍ରୌପଦୀ ହୁଡ଼ିରେ ରାଜା ରାଜୁଡ଼ା ଅମଳରୁର ନିଆରା ଢଙ୍ଗରେ ରଜ ପର୍ବ ପାଳିତ ହୁଏ। ଅପୁତ୍ରିକ ମହିଳା ଏଠାରେ ସନ୍ତାନ କାମନା କରି ମାନସିକ କରିଥାନ୍ତି। ଶେଷ ରଜରେ ଏଠାର ଅଧିଷ୍ଠାତ୍ରି ଦେବୀ ଦ୍ରୌପଦି ଓ ଦ୍ୱାରଶୁଣିରେ ମାନସିକଧାରୀମାନେ ବୋଦା ବଳି ପକାଇଥାନ୍ତି। ଗୁରୁବାର ପାଣିବୁହାଠାରୁ ଲୋକେ ସବୁ କାମ ବନ୍ଦ କରି ରଜ ମଉଜ ପାଇଁ ଘର ବାହାର, ଲିପା ପୋଛା, ପୀଠା ପାଇଁ ଚୁନା କୁଟା, ନୂଆ ଲୁଗା ପଟା କରିବା ସହ ବିଭିନ୍ନ ଗ୍ରାମର ଆମ୍ବ ତୋଟାରେ ଦୋଳି ପୂଜା ସାରିଥିଲେ। ଶୁକ୍ରବାର ପହିଲି ରଜରେ ଦୋଳି ଖେଳା, ପିଠା ଖିଆ ସହ ମାଂସ ଭାତର ମଜା ସାଙ୍ଗକୁ ମହିଳାମାନେ ଦୋଳି ଗୀତ ଗାଇ ଶବରୀ ଖେଳୁଛନ୍ତି। ବିଭିନ୍ନ ଦୋଳି ପଡ଼ିଆରେ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଶନିବାର ରଜ ସଂକ୍ରନ୍ତିରେ ବିଭିନ୍ନ ଅନୁଷ୍ଠାନ ତରଫ କାର୍ଯ୍ୟକ୍ରମ ବ୍ୟବସ୍ଥା ହୋଇଛି। ଉଲ୍ଲେଖ ଯୋଗ୍ୟ, ସମଗ୍ର ଓଡ଼ିଶାରେ ରଜ ସଂକ୍ରାନ୍ତିରେ ଆମିଷ ଭକ୍ଷଣ କରୁ ନ ଥିବା ବେଳେ କେନ୍ଦୁଝରରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳେ। ରବିବାର ଶେଷ ରଜ ପର ଦିନ ବସୁମତୀ ସ୍ନାନ ଓ ରଜବତୀଙ୍କୁ ମହିଳାମାନେ ରଜ ଗୀତ ଓ ନୃତ୍ୟ କରି ଗାଁ ମୁଣ୍ଡ ନଦୀ ନାଳରେ ବିସର୍ଜନ କରିଥାଆନ୍ତି। ଆଉ ବର୍ଷକ ପାଇଁ ରଜ ପର୍ବକୁ ବିଦାୟ ଦେଇ କୃଷି କର୍ମ ଆରମ୍ଭ କରିବାର ପରମ୍ପରା ରହିଛି।

## ପିଠା, ରଜପାନ ଖାଇ ମଜା ନେଉଛନ୍ତି

ରାମଚନ୍ଦ୍ରପୁର,୧୪।୬(ଗଣେଶ୍ୱର ସା): ଓଡ଼ିଶାର ଗଣପର୍ବ ରଜକୁ ନେଇ ଗାଁଠୁ ସହର ଉତ୍ସବ ମୁଖରେ ହୋଇଛି। ପିଠା, ମିଠା ଓ ରଜ ପାନ ଖାଇ ଦୋଳି ଖେଳି ସମସ୍ତେ ମଜା ନେଉଛନ୍ତି। ଏହି ଅବସରରେ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଖାଇ ଦୋଳି, ପଟା ଦୋଳି, ଦଉଡ଼ି ଦୋଳି, ସ୍ପ୍ରିଂ ଦୋଳି, ବ୍ରେକ୍ ଡ୍ୟାନ୍ସ ଦୋଳି, ଚକିର ଦୋଳି ପରି ଅନେକ ପ୍ରକାର ଦୋଳି ଖେଳି ମଜା ନେଉଛନ୍ତି। ଆନନ୍ଦପୁରର ବେଲବାହାଳି, ନୟାଗଡ଼, ଟୋଲଙ୍କପଡ଼ା, ଫକିରପୁର, ବାରିଗାଁ, ପଦ୍ମପୁର, ଘସିପୁରାର ସାଇଁକୁଳ, ଖଲଣା, ଭଗାନାଇ, ଅଟାସାହି, ବାଟୋ, କରଡ଼ାପାଳ, ଅଶୋକ ନଗର, ମଛାଳ, ଖଣ୍ଡିଦୋଳି, ମଦନପୁର, ଢ଼ିଙ୍କିଆ ଆଦି ଗ୍ରାମରେ ଧୁମ୍‌ଧାମରେ ପହିଲି ରଜ ପାଳନ ହୋଇଛି। ଘସିପୁରା ବ୍ଲକ୍ ସାଇଁକୁଳ ଗ୍ରାମର ଅନନ୍ତ ଚରଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ରଜ ମହୋତ୍ସବ ପାଳିତ ହେଉଛି। ମହୋତ୍ସବକୁ ଗ୍ରାମର ବୈକୁଣ୍ଠ ପଟ୍ଟନାୟକ, ଜଗବନ୍ଧୁ ମହାନ୍ତି, ଗୌରଙ୍ଗ ଚରଣ ବେହେରା, ଆଶିଷ ଚକ୍ର, ଅଜୟ ଚକ୍ର, ଦୁଃଖ ପରିଡ଼ା, ଲିପାଞ୍ଜାଳି ଜେନା, ସେନା ସୁବେଦାର, ସନ୍ତୋଷ ସ୍ୱାଇଁ, ଅଶୋକ ଘଡ଼େଇ ପରିଚାଳନାରେ ସହଯୋଗ କରିଥିଲେ।

# ପିଠା ଖୁଆଇ ରଜ ପାଳିଲେ

ବଡ଼ବିଲ,୧୪।୬(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡବିଲସ୍ଥିତ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରି ପକ୍ଷରୁ ଆୟୋଜିତ ଓଡ଼ିଶାର ଅନ୍ୟତମ ଗଣପର୍ବ ରଜପର୍ବର ଶୁକ୍ରବାର ପହିଲି ରଜ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟ ପରିସରରେ ଅନୁଷ୍ଠାନର ସଦସ୍ୟଙ୍କ ପରିବାର ଓ ଅନେକ ଓଡିଆ ପରିବାର ଉତ୍ସବରେ ଯୋଗଦେଇଥିଲେ। ଅନୁଷ୍ଠାନ ତରଫରୁ ପ୍ରସ୍ତୁତ ପୋଡ଼ ପିଠା, ମଣ୍ଡା ପିଠା ଓ ବିଭିନ୍ନ ରକମର ପିଠା ପରସ୍ପରକୁ ଖୁଆଇବା ସହ ଦୋଳିରେ ଝୁଲି ମଜ୍ଜା ନେଇଥିଲେ। ଅନୁଷ୍ଠାନର ବରିଷ୍ଠମାନେ ତାସ ଖେଳି ରଜ ଉତ୍ସବର ମଜ୍ଜା ନେଇଥିଲେ। ଅନୁଷ୍ଠାନର ସମ୍ପାଦକ କପିଳ ପ୍ରସାଦ ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଓ ରଜ ଉତ୍ସବର ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟ ଟ୍ରଷ୍ଟି ରାଜ କିଶୋର ଦାଶ ଓଡିଆ ସଂସ୍କୃତିରେ ରଜପର୍ବ ପାଳନ ଓ ମହିଳାଙ୍କୁ ସମ୍ମାନ ବିଷୟରେ ଅବଗତ କରିଥିଲେ। ଓଡ଼ିଆ ପରମ୍ପରା ଓ ସଂସ୍କୃତିରୁ ଯୁବପିଢି ଦିନକୁ ଦିନ ଦୂରେଇ ଯାଉଥିବାବେଳେ ସେମାନଙ୍କୁ ସାମିଲ କରିବା ନିମନ୍ତେ ନୀଳାଦ୍ରି ଏହି ଉଦ୍ୟମ ଜାରୀ ରଖିଛି ବୋଲି ଦାଶ କହିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଅଙ୍ଗନା ସାହୁଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ବେଶ ମନମୁଗ୍ଧକର ହୋଇଥିଲା। ରଜ ଅବସରରେ କୁନିକୁନି ପିଲାମାନଙ୍କ ସହ, ଝିଅ, ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା, ଓଡ଼ିଶା ସମ୍ପର୍କୀତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଦିବ୍ୟା ମହାରଣା ଓ ପୁନମ ଲୋହାର ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଚିତ୍ରସେନ ସ୍ୱାଇଁ ପରିଚାଳନା କରିଥିବା ବେଳେ ମାନସ ରଞ୍ଜନ ପଟ୍ଟନାୟକ ଏବଂ ରତ୍ନମଞ୍ଜରୀ କର ପ୍ରମୁଖ ସହାୟତା କରିଥିଲେ।

# ସେଣ୍ଡକାପ ରଜ ମହୋତ୍ସବ ଉଦ୍‌ଘାଟନ କଲେ କେନ୍ଦୁଝର ରାଣୀ



କେନ୍ଦୁଝର,୧୪।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଗ୍ରାମରେ ଅନୁଷ୍ଠିତ ରଜ ମହୋତ୍ସବ ସେଣ୍ଡକାପ ପୋଇ ଆମ୍ବ ତୋଟାରେ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦୁଝରର ରାଜମାତା ସୁନନ୍ଦିନୀ ଭଞ୍ଜ ଦେଓ ଉଦ୍‌ଘାଟନୀ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଧବ ସର୍ଦ୍ଦାର, କଣ୍ଢେଇ ନୃତ୍ୟଗୁରୁ ଚକ୍ରଧର ପରିଡ଼ା, ୪ ନମ୍ବର ଜିଲା ପରିଷଦ ଲୀଳାବତୀ ମହାନ୍ତ, ୫ ନମ୍ବର ଜିଲାପରିଷଦ ସଦସ୍ୟ ରଥ ମୁଣ୍ଡା ପ୍ରମୁଖ ଯୋଗଦେଇ ଦୀପ ଜାଳି ଜିଲାସ୍ତରୀୟ ଲୋକକଳା ଦିବସ ୨୦୨୪କୁ ଉଦ୍‌ଘାଟନ କରିଥିଲେ। ନନା ପ୍ରଶ୍ନ ମହାପାତ୍ର ଓ ତାଙ୍କ ସହଧର୍ମିଣୀ ଏବଂ ଗ୍ରାମର ମା' ଭଉଣୀଙ୍କ ଦ୍ୱାରା ରଜବତୀଙ୍କୁ ପୂଜା କରାଯାଇଥିଲା। ପରେ ଫିତା କାଟି ଖାଇ ଦୋଳି, ପଟ୍ଟା ଦୋଳି, ଗଛ ଦୋଳି ପ୍ରଭୃତି ଦୋଳି ଖେଳ ଆରମ୍ଭ ହେବା ସହିତ ପୁଚି, ଦଉଡ଼ି ଟଣା, ଗୋଡି ଉଠା ଦଉଡ ସହିତ ରଜ ଦୋଳି ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା। ରଜ ମହୋତ୍ସବ କମିଟିର ସଭାପତି ସରୋଜିନୀ ନାଏକ, ସମ୍ପାଦକ ସୁମିତ୍ରା ଦଣ୍ଡପାଟ, ଦୋଳି କାରିଗର ବୁଦ୍ଧିଆ ନାଏକ, ବାଙ୍କୁ ନାଏକ, ଉପେନ୍ଦ୍ର ନାଏକ, ଦେବେନ୍ଦ୍ର ଦାସ, ଦେବ ପାତ୍ର ପ୍ରମୁଖ ସହଯୋଗ କରୁଛନ୍ତି।

# ସୀତାବିଞ୍ଜିରେ ଶ୍ରଦ୍ଧାଳୁଙ୍କ ଭିଡ଼

ଢେଙ୍କିକୋଟ,୧୪।୬(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ପୌରାଣିକ ପୀଠ ସୀତାବିଞ୍ଜିରେ ରଜ ଉତ୍ସବରେ ମେଳା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ମେଳାକୁ କେନ୍ଦୁଝର ଜିଲା ନବ ନିର୍ବାଚିତ ଏମ୍‌ପି ଅନନ୍ତ ନାୟକ ଉଦ୍‌ଘାଟନ କରିଛନ୍ତି। ମେଳା ୩ ଦିନ ଧରି ଚାଲିବାକୁ ଥିବା ବେଳେ ଜିଲା ଓ ଜିଲାବାହାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ସୀତାବିଞ୍ଜିରେ ପ୍ରଭୁ ରାମଚନ୍ଦ୍ର, ଲକ୍ଷ୍ମଣଙ୍କ କଥା ବର୍ଣ୍ଣିତ ବହୁ ଛବି ସହ ନମୁନା ଏଠାରେ ଦେଖିବାକୁ ମିଳେ। ଶ୍ରୀ ରାମ ପ୍ରଜାଙ୍କ କଥାକୁ ଶୁଣି ମାତା ସୀତାଙ୍କୁ ସୀତାବିଞ୍ଜି ଜଙ୍ଗଲରେ ଛାଡ଼ି ଆସିଥିଲେ। ମାତା ସୀତା ବାଲ୍ମୀକି ଋଷିଙ୍କ ଆଶ୍ରମରେ ରହି ଜମଜ ପୁତ୍ର ଲବ, କୁଶଙ୍କୁ ଜନ୍ମ ଦେଇଥିଲେ। ସେଠାରେ ଅଦ୍ୟାବିଧି ପାଷାଣ ଅବସ୍ଥାରେ ୨ ପୁତ୍ରଙ୍କ ସହ ମାତା ସୀତା ପୂଜା ପାଉଛନ୍ତି। ଲୋକକଥା ଅନୁଯାୟୀ, ପହିଲି ରଜ ପର ଦିନ ମାତା ସୀତା, ଲବ, କୁଶଙ୍କୁ ଦର୍ଶନ କଲେ ମନସ୍କାମନା ପୂର୍ଣ୍ଣ ହୁଏ। ଏଥିସହ ସୀତା ନଦୀରେ ବୁଡ଼ ପକାଇ ଜମଜ ପୁତ୍ରଙ୍କୁ କାଖ କରି ତାଙ୍କ ମନ୍ଦିର ଚାରି ପାଖରେ ବୁଲିଲେ ନାରୀ ପୁତ୍ରବତୀ ହୋଇଥାଏ। ପ୍ରତିବର୍ଷ ରଜ ପର ଦିନ ଲକ୍ଷାଧିକ ଭକ୍ତ ଆସି ମାତା ସୀତା ଏବଂ ତାଙ୍କର ଜମଜ ପୁତ୍ରଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥାନ୍ତି। ୩ ଦିନ ଧରି ଆଦିବାସୀ ସାଂସ୍କୃତିକ ମାଦଳର ତାଳେ ତାଳେ ଯୁବତୀ, ଯୁବକମାନେ ନାଚ କରନ୍ତି। ମା' ସୀତା ଠାକୁରାଣୀ କମିଟି ସଂଯୋଜନାରେ ମେଳା ହେଉଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମନହରପୁର ସରପଞ୍ଚ ଦୁଃଶାସନ ନାୟକ, ପୂର୍ବତନ ଟ୍ରଷ୍ଟି ସଭାପତି ଦୁଃଶାସନ ନାୟକ, ପଞ୍ଚାୟତ ପିଏସ ସଦସ୍ୟ ଜନାର୍ଦ୍ଦନ ନାୟକ, ମନୋଜ ନାୟକ, ମଧୁସୂଦନ ନାୟକ ଏବଂ ଭାଜପା ଢେଙ୍କିକୋଟ ମଣ୍ଡଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୀତାବିଞ୍ଜିର ଉନ୍ନତି ନିମନ୍ତେ ମା' ସୀତା ଠାକୁରାଣୀ କମିଟ ପକ୍ଷରୁ ଏମ୍‌ପିଙ୍କ ନିକଟରେ ଦାବି କରିଥିଲେ।

# ସୁଧୀରଙ୍କୁ ସହାୟତା କଲେ ଫାଣ୍ଡି ଅଧିକାରୀ

ରାମଚନ୍ଦ୍ରପୁର,୧୪।୬(ଗଣେଶ୍ୱର ସା)

ଅର୍ଥ ଅଭାବରୁ ୫ ମାସ ହେଲା ରୋଗ ଶଯ୍ୟାରେ ପଡ଼ିଥିବା ସୁଧୀର ତ୍ରିପାଠୀଙ୍କୁ ଶୁକ୍ରବାର ସାଇଁକୁଳ ଫାଣ୍ଡି ଅଧିକାରୀ ଭୋଳେଶ୍ୱର୍ ନାଏକ ସହଯୋଗର ହାତ ବଢ଼ାଇଛନ୍ତି। କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ମଛାଳ ପଞ୍ଚାୟତ ରୁଦ୍ରନାରାୟଣ ପୁର ଗ୍ରାମର ସୁଧୀର ତ୍ରିପାଠୀ (୬୫)ବ୍ରେନ ଷ୍ଟ୍ରୋକରେ ଆକ୍ରାନ୍ତ ହୋଇ ଦୀର୍ଘ ପାଞ୍ଚ ମାସ ହେଲା ଶଯ୍ୟାରେ ପଡ଼ିରହିଛନ୍ତି। ସେ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ପରିବାର କହିଲେ ପତ୍ନୀ ସଞ୍ଜୁଲତା ତ୍ରିପାଠୀଙ୍କ ଛଡା ଆଉ କେହି ନାହାନ୍ତି। ସୁଧୀର ସୁସ୍ଥ ଥିବା ବେଳେ ଏକ ଘୋରୋଇ କମ୍ପାନୀରେ କାମ କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ୫ ମାସ ହେଲା ବ୍ରେନ୍ ଷ୍ଟ୍ରୋକ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାରେ ପଡ଼ିଛନ୍ତି। ଔଷଧ ଖାଇବା ପାଇଁ ଅର୍ଥ ନ ଥିବାରୁ ସହାୟତା ପାଇଁ ନିବେଦନ କରିଥିଲେ। ଗଣମାଧ୍ୟରୁ ସୂଚନା ପାଇ ଫାଣ୍ଡି ଅଧିକାରୀ ପରିବାରକୁ ଭେଟି ୪ ହଜାର ଟଙ୍କା ଆର୍ଥିକ ସାହାଯତା କରିବା ସହ ସୁଧୀରଙ୍କ ପାଇଁ ଫଳ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ଫାଣ୍ଡି ଅଧିକାରୀଙ୍କ ଏଭଳି ସହାନୁଭୂତି ଓ ପରୋପକାରୀ କାର୍ଯ୍ୟ ପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



ସୁଧୀରଙ୍କ ପରିବାର ସହ ଫାଣ୍ଡି ଅଧିକାରୀ ଭୋଳେଶ୍ୱର ନାଏକ ଆଲୋଚନା କରୁଛନ୍ତି।

# ଅପହଞ୍ଚ ଇଲାକାରେ ପହଞ୍ଚିବ ସ୍ୱାସ୍ଥ୍ୟସେବା



କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଓ ଅନ୍ୟମାନେ।

## ଅତ୍ୟାଧୁନିକ ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଉଦ୍‌ଘାଟିତ

କେନ୍ଦୁଝର,୧୪।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାରତର ପ୍ରମୁଖ ମହାରତ୍ନ କମ୍ପାନୀ ଗେଲ ଇଣ୍ଡିଆ ତରଫରୁ ଏକ ଅତ୍ୟାଧୁନିକ ଚିକିତ୍ସାସେବା ସୁବିଧା ଥିବା ଆମ୍ବୁଲାନ୍ସ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦୁଝର ଏମପି ଅନନ୍ତ ନାୟକ ଏହି ଅତ୍ୟାଧୁନିକ ଆମ୍ବୁଲାନ୍ସକୁ ଉଦ୍‌ଘାଟନ କରିଥିଲେ। ଆମ୍ବୁଲାନ୍ସ କେନ୍ଦୁଝର ଜିଲାର ଅପହଞ୍ଚ ଇଲାକାରେ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଆମ୍ବୁଲାନ୍ସରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ ଓ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ରହିବେ। ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଭିତରେ ଏକ ଓପିଡ଼ି ରହିଥିବା ବେଳେ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା ସହ ଆବଶ୍ୟକୀୟ ଔଷଧ ଉପଲବ୍ଧ ରହିଥିବା ନିୟୋଜିତ ଡା. ବ୍ରିଜେଶ ସିଂ ପ୍ରକାଶ କରିଛନ୍ତି। ଅପହଞ୍ଚ ଗ୍ରାମମାନଙ୍କରେ ଏହି ଯାନ ଯାଇ ଲୋକଙ୍କ ଘର ପାଖରେ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ। ଆମ୍ବୁଲାନ୍ସର ଉପଯୋଗିତାକୁ ଉପଲବ୍ଧୀ କରି ଆଗାମୀ ଦିନରେ ଅଧିକ ସଂଖ୍ୟାରେ ଏହିଭଳି ଅତ୍ୟାଧୁନିକ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ ବୋଲି ଏମ୍‌ପି ପ୍ରକାଶ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, ହରିହର ମହାନ୍ତ, ବିଶ୍ୱଜିତ୍ ବ୍ରହ୍ମ, ଯୁବ ଭାଜପା ନେତା ଭାରତ ଭୂଷଣ କୁଅଁର, ଦେବରାଜ ଆଚାର୍ଯ୍ୟ, ଶିବ ରାଠୋର, ମିଡ଼ିଆ ସଂଯୋଜକ ବ୍ରଜ କିଶୋର ରାୟ ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ହନୁମାନ ମନ୍ଦିରରେ ବାର୍ଷିକ ଉତ୍ସବ

ହାଟଡ଼ିହୀ,୧୪।୬(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାଳନିଆ ଖଜିରା ପୋଖରୀ ଆଡ଼ିରେ ଥିବା ହନୁମାନ ମନ୍ଦିରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ଭାବେ କାର୍ତ୍ତିକେଶ୍ୱର ଦ୍ୱିବେଦୀ ଏବଂ ଚିତ୍ତରଞ୍ଜନ ଦ୍ୱିବେଦୀ ପୂଜା କାର୍ଯ୍ୟ ତୁଲାଇଥିଲେ। ବିଦ୍ୟୁଲତା ବିଶ୍ୱାଳ ଏବଂ ବୀରେନ୍ଦ୍ର ବିଶ୍ୱାଳ କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ହନୁମାନ ଚାଳିଶା, ରାମ ଚରିତ ମାନସ ଏବଂ ସୁନ୍ଦରାକାଣ୍ଡ ପାଠ କରାଯାଇ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମନ୍ଦିର ପ୍ରତିଷ୍ଠାତା ବନମାଳୀ ଜେନା, ଗଣେଶ୍ୱର ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଘଟଣାଗ୍ରସ୍ତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରନେଲେ ସାମାଜିକକର୍ମୀ

ହାଟଡ଼ିହୀ,୧୪।୬(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ଆନନ୍ଦପୁର-ଭଦ୍ରକ ୫୩ ନଂ. ରାଜ୍ୟ ରାଜପଥର କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଉପ କୋଷାଗାର ନିକଟରେ ଦୁର୍ଘଟଣା ଘଟି ୨ ଯୁବକ ଆହତ ହୋଇଥିଲେ। ଦୁହିଁଙ୍କୁ ସାମାଜିକକର୍ମୀ ଅନିଲ କୁମାର ନାୟକ ଉଦ୍ଧାର କରି ଚିକିତ୍ସା ନିମନ୍ତେ ହାଟଡ଼ିହୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନୂଆରମ୍ପାସର ମୁନା ସାହୁ ଏବଂ ଅଭିଜିତ୍ ଝୁଣ୍ଟିଆ ଏକ ବୁଲେଟିରେ ଆମ୍ବ ବସ୍ତା ଧରି ମର୍ଚ୍ଚୈଗାଁରୁ ହାଟଡ଼ିହୀ ଅଭିମୁଖେ ଯାଉଥିଲେ। ଉପ କୋଷାଗାର ନିକଟରେ ଏକ କୁକୁର ସହ ବୁଲେଟ ଧକ୍କା ହୋଇଥିଲା। ଉଭୟ ତଳେ ପଡ଼ି ଖଣ୍ଡିଆ ଖାବରା ହୋଇଥିଲେ। ରାସ୍ତା ଦେଇ ଯାଉଥିବା ସାମାଜିକକର୍ମୀ ଅନିଲ କୁମାର ନାୟକ ଦୁହିଁଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅନିଲଙ୍କ ମହନିୟତାକୁ ପ୍ରଶଂସା କରାଯାଉଛି।

# ଲକ୍ଷ୍ମୀ ବରାହଙ୍କ ପୂଜା

ହାଟଡ଼ିହୀ,୧୪।୬(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହାଟଡ଼ିହୀ ପଞ୍ଚାୟତ ଜଳକଳଙ୍ଗ ଗ୍ରାମରେ ମା' ଲକ୍ଷ୍ମୀ ଏବଂ ଭଗବାନ ବରାହଙ୍କ ପୂଜା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମର ହରିହାଟ ଘରେ ଲକ୍ଷ୍ମୀ ବରାହଙ୍କ ମେଢ଼ ନିର୍ମାଣ କରାଯାଇଥିଲା। ଗ୍ରାମର ନନ୍ଦ ପୋଖରୀରୁ କଳସ ବୁଡ଼ାଇ ଅଣାଯାଇ ଘଟ ସ୍ଥାପନ ସହ ପୂଜା କାର୍ଯ୍ୟ ହୋଇଥିଲା। କର୍ତ୍ତା ଭାବେ ମଗୁଲି ଚରଣ ନାୟକ, ପୂଜକ ଭାବେ ବାବାଜୀ ତିଆଡ଼ି, ନରେନ୍ଦ୍ର ପଣ୍ଡାଙ୍କ ସମେତ ଶନିଷ୍ଟର ବାରିକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରତିବର୍ଷ ପୂଜାରେ ଭଗବାନଙ୍କର ଅବତାର ପରିବର୍ତ୍ତନ ହୁଏ। କାମପାଳ ନାୟକ, କହ୍ନେଇ ଓଝା, ତ୍ରିଲୋଚନ ସେଠୀ, ସନ୍ତୋଷ ଚକ୍ର, କାଶୀନାଥ ନାୟକ, ଅନ୍ନଦା ଜେନା, ବନମାଳୀ ନାୟକ, ଗୋପାଳ ନାୟକ, ପଙ୍କଜ ଜେନା, ସୁନୀଲ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟପକ୍ଷେ ଜଳକଳଙ୍ଗ ଗ୍ରାମର ତେଲଟୁଆ ଏବଂ ନନ୍ଦ ପୋଖରୀଠାରେ ରଜ ପର୍ବ ପାଳନ ହେଉଛି।

# କାଳବୈଶାଖୀରେ ସ୍କୁଲ ଛପର ଉଡ଼ିଗଲା

ପାଟଣା,୧୪।୬(ବୀର କିଶୋର ଦାଶ)

## ସ୍ମାର୍ଟ କ୍ଲାସ୍, ବୈଦ୍ୟୁତିକ ସାମଗ୍ରୀ ନଷ୍ଟ

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳରେ ଗୁରୁବାର ରାତିରେ କାଳବୈଶାଖୀ ତାଣ୍ଡବ ରଚିଛି। ଏଥିରେ ପାଟଣା ବ୍ଲକ୍ ଚିନାମାଳୀପଶି ହାଇସ୍କୁଲରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଛପର ଉଡିଯିବା ସହ ବହୁମୂଲ୍ୟବାନ ସାମଗ୍ରୀ ନଷ୍ଟ ହୋଇଯାଇଛି। ସ୍କୁଲ ଖୋଲିବା ପୂର୍ବରୁ ମରାମତି କରିବାକୁ ଅଭିଭାବକ ଦାବି କରିଛନ୍ତି। ସୂଚନା ମୁତାବକ, ଗତ ବର୍ଷ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟର ୫-ଟି ଅଧୀନରେ ରୂପାନ୍ତରୀକରଣ ହୋଇଥିଲା। କାଳବୈଶାଖୀ ପ୍ରଭାବରେ ଝଡ଼ତୋଫାନରେ ସ୍ମାର୍ଟ କ୍ଲାସ ରୁମ୍ ସହ ସାଇନ୍ସଲ୍ୟାବର ଛପର ଉଡିଯିବା ସହ ସିଲିଂ ଭାଙ୍ଗି ଚୁରମାର ହୋଇଯାଇଛି। ଏଥିସହ ସ୍ମାର୍ଟ କ୍ଲାସ୍‌ରୁମରେ ଥିବା ୨ଟି ସ୍ମାର୍ଟ ବୋର୍ଡ ବର୍ଷା ପାଣିରେ ଭିଜିବା ସହ, ବୈଦ୍ୟୁତିକ ସାମଗ୍ରୀ, ଡେସ୍କ, ବିଜ୍ଞାନ ଉପକରଣ ଭାଙ୍ଗି ଯାଇଛି। ସ୍କୁଲରେ ୯ମ ଓ ୧୦ ଶ୍ରେଣୀରେ ମୋଟ ୯୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଜୁନ ୧୮ରେ ବିଦ୍ୟାଳୟ ଖୋଲିବାକୁ ଥିବା ବେଳେ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ କେଉଁଠି ବସି ପଢିବେ ସେ ନେଇ ଶିକ୍ଷକ ଓ ଅଭିଭାବକ ଚିନ୍ତାରେ ପଡିଛନ୍ତି। ସ୍କୁଲ ଖୋଲିବା ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ କ୍ଲାସ୍ ରୁମ୍ ମରାମତି କରାଯିବାକୁ ସ୍ଥାନୀୟ ସରପଞ୍ଚ ଝୁମିତା ନାୟକଙ୍କ ସହ ମୋ ସ୍କୁଲ ଅଭିଯାନ ସଭାପତି ପ୍ରଦୀପ ନାୟକ ଦାବି କରିଛନ୍ତି। ପ୍ରଧାନ ଶିକ୍ଷକ ସାଧୁ ଚରଣ ପ୍ରଧାନ ସ୍କୁଲ ଖୋଲିବା ପୂର୍ବରୁ ଶ୍ରେଣୀଗୃହ ମରାମତି କରିବାକୁ ପାଟଣାର ନବ ନିର୍ବାଚିତ ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କୁ ନିବେଦନ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ଗୌରୀରାଣୀ ନାୟକ କହିଛନ୍ତି, ସ୍କୁଲ ଖୋଲିବା ପୂର୍ବରୁ ଶ୍ରେଣୀ ଗୃହ ମରାମତି କରିବାକୁ ଚେଷ୍ଟା କରାଯିବ। ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ପାଟଣା ବିଡିଓ ଶିବ ଶଙ୍କର ମୁର୍ମୁ, ସହକାରୀ ଯନ୍ତ୍ରୀ ସିଦ୍ଧ ମାଝୀ ଓ ଯନ୍ତ୍ରୀ ସୀତାକାନ୍ତ ବେଉରିଆ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ବିଡିଓ କହିଛନ୍ତି, ଦିନେ ୨ ଦିନ ମଧ୍ୟରେ ପୁନଃ ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ଅନ୍ୟପକ୍ଷେ ବର୍ଷା, ପବନ ପ୍ରଭାବରେ ପାଟଣାରୁ କେନ୍ଦୁଝର ମଇଦାନ କେଲ ରାସ୍ତା, ଚିନାମାଳୀପଶିରୁ ଭୀମକୁଣ୍ଡ ରାସ୍ତାର ଗୋଧିରାମ ପଡ଼ା ନିକଟରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ବିଭିନ୍ନ ସ୍ଥାନରେ ଗଛ ପଡ଼ି ତୁରୁମୁଙ୍ଗା ସବ୍ ଡିଭିଜନର ବିଭିନ୍ନ ଗାଁରେ ବିଦ୍ୟୁତ୍ ସରବରାହ ବ୍ୟାଘାତ ହୋଇଥିଲା। ୧୭ ଘଣ୍ଟା ପରେ କେତେକ ସ୍ଥାନକୁ ବିଦ୍ୟୁତ ସେବା ସ୍ୱାଭାବିକ ହୋଇଛି।



# ଜନସେବା କେନ୍ଦ୍ରରୁ ଚୋରି

ସୋର, ୧୪।୬(ଜନ୍ମେଜୟ ମିଶ୍ର)

ସୋର ଥାନା ଅଧୀନ ବାଗୁଡି ବଜାରରେ ଥିବା ଏକ ଜନସେବା କେନ୍ଦ୍ରରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ଅଭିଯୋଗ ହୋଇଛି। ଝାମୁଝାଡ଼ି ଅଞ୍ଚଳର ସଞ୍ଜୟ ଜେନାଙ୍କର ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡି ବଜାରରେ ଦୀର୍ଘ ବର୍ଷ ଧରି ଏକ ଜନସେବା କେନ୍ଦ୍ର ରହିଛି। ପ୍ରତିଦିନ ଭଳି ସେ ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଶୁକ୍ରବାର ସକାଳେ ଦୋକାନ ଖୋଲିବା ବେଳେ ଝରକା ତାଡି କେହି ତାଙ୍କ ଲାପଟପ ଓ ନଗଦ ୫୦ହଜାର ଟଙ୍କା ନେଇଯାଇଥିବା ଜାଣିବାକୁ ପାଇଥିଲେ। ସଞ୍ଜୟ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଯୁବକଙ୍କୁ ଆକ୍ରମଣ, ମହିଳାଙ୍କୁ ଅପହରଣ ଅଭିଯୋଗ

ମୋରଡ଼ା,୧୪।୬(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଞ୍ଚଳରେ ଗୁରୁବାର କେତେଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ଘରେ ପଶି ପରିବାର ଲୋକଙ୍କୁ ଆକ୍ରମଣ କରିବା ସହ ଜଣେ ମହିଳାଙ୍କୁ ଅପହରଣ କରି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଗଡିଗାଁ ପଞ୍ଚାୟତ କୁଣ୍ଢେଇ ଗ୍ରାମର ସନ୍ତୋଷ ମହାନ୍ତ ପରିବାର ଲୋକଙ୍କ ସହିତ ଶୋଇଥିବା ସମୟରେ କେତେଜଣ ଯୁବକ ତାଙ୍କ ଘରକୁ ହାତୀ ଘଉଡ଼ାଇବା ଆଳରେ ଆସି ଡାକିଥିଲେ। ସନ୍ତୋଷ ବାହାରକୁ ଆସିବା ମାତ୍ରେ ୧୦ରୁ ୧୨ ଜଣ ଯୁବକ ଭୁଜାଲି ଓ ଅନ୍ୟ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରି ଜଣେ ମହିଳାଙ୍କୁ ଅପହରଣ କରି ନେଇଥିବା ପରିବାର ସଦସ୍ୟ ରଘୁ ମହାନ୍ତ କହିଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ସନ୍ତୋଷ ଗୁରୁତର ହୋଇଛନ୍ତି। ଏନେଇ ଲିଖିତ ଅଭିଯୋଗକୁ ଭିତ୍ତିକରି ମୋରଡ଼ା ପୋଲିସ ଏକ ମାମଲା(ନଂ.୧୬୯/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତର ରପ୍ତାନି ପରିମାଣ ଅଭିବୃଦ୍ଧି

ଭୁବନେଶ୍ୱର,୧୪।୬(ଅନୁରାଧା ମହାରଣା)



୨୦୨୪ ମେ'ରେ ଭାରତର ମୋଟ ରପ୍ତାନି ୧୦.୨୫ ପ୍ରତିଶତ ବୃଦ୍ଧି ପାଇବ। ୨୦୨୪ ଏପ୍ରିଲ-ମେ ମଧ୍ୟରେ ଭାରତର ମୋଟ ରପ୍ତାନି ୧୩୩.୬୧ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି, ଯାହା ୯.୨୧ ପ୍ରତିଶତ ଅଭିବୃଦ୍ଧି ଦର୍ଶାଉଛି। ଏପ୍ରିଲ-ମେ ୨୦୨୪ ମଧ୍ୟରେ ମୋଟ ଆମଦାନୀ ୧୪୯.୯୨ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି, ଯାହା ୯.୯୩ ପ୍ରତିଶତ ଅଭିବୃଦ୍ଧି ଦର୍ଶାଉଛି। ୨୦୨୪ ମେ'ରେ ଦ୍ରବ୍ୟ ରପ୍ତାନି ୯.୧୦ ପ୍ରତିଶତ ବୃଦ୍ଧି ହୋଇ ୩୮.୧୩ ବିଲିୟନ ଡଲାରରେ ପହଞ୍ଚିଥିବାବେଳେ ମେ ୨୦୨୩ରେ ଏହା ୩୪.୯୫ ବିଲିୟନ ଡଲାର ରହିଥିଲା। ୨୦୨୪ ମେ'ରେ ସାମଗ୍ରୀ ଆମଦାନୀ ୬୧.୯୧ ବିଲିୟନ ଡଲାରରେ ଥିବାବେଳେ ୨୦୨୩ ମେ'ରେ ଏହା ୫୭.୪୮ ବିଲିୟନ ଡଲାର ଥିଲା। ୨୦୨୪ ଏପ୍ରିଲ-ମେ ମଧ୍ୟରେ ସଂଗୃହୀତ ରପ୍ତାନି ମୂଲ୍ୟ ୫.୧୦ ପ୍ରତିଶତ ବୃଦ୍ଧି ହୋଇ ୭୩.୧୨ ବିଲିୟନ ଡଲାରରେ ପହଞ୍ଚିଛି। ଏହା ୨୦୨୩ ଏପ୍ରିଲ-ମେ ମଧ୍ୟରେ ୬୯.୫୭ ବିଲିୟନ ଡଲାର ରହିଥିଲା। ଏପ୍ରିଲ-ମେ ୨୦୨୪ ମଧ୍ୟରେ ସାମଗ୍ରୀ ଆମଦାନୀ ୧୧୬.୦୧ ବିଲିୟନ ଡଲାର ଥିବାବେଳେ ଏପ୍ରିଲ-ମେ ୨୦୨୩ ମଧ୍ୟରେ ଏହା ୧୦୬.୫୪ ବିଲିୟନ ଡଲାର ଥିଲା। ଅଣ ପେଟ୍ରୋଲିୟମ ଏବଂ ଅଣ-ରତ୍ନ ଏବଂ ଅଳଙ୍କାର ରପ୍ତାନିରେ ୨୦୨୩ ମେ'ରେ ୨୬.୨୭ ବିଲିୟନ ଡଲାରରୁ ୨୦୨୪ ମେ'ରେ ୨୮.୬୦ ବିଲିୟନ ଡଲାରରେ ପହଞ୍ଚିବା ସହ ୮.୮୩ ପ୍ରତିଶତ ଅଭିବୃଦ୍ଧି ଘଟିଛି। ୨୦୨୪ ମେ'ରେ ବାଣିଜ୍ୟ ରପ୍ତାନି ଅଭିବୃଦ୍ଧିର ପ୍ରମୁଖ ଉତ୍ସଗୁଡ଼ିକ ମଧ୍ୟରେ ପେଟ୍ରୋଲିୟମ ଉତ୍ପାଦ, ଇଞ୍ଜିନିୟରିଂ ସାମଗ୍ରୀ, ଇଲେକ୍ଟ୍ରୋନିକ ସାମଗ୍ରୀ, ଔଷଧ ଏବଂ ଫାର୍ମାସ୍ୟୁଟିକାଲ୍ସ, ସମସ୍ତ ପ୍ରକାର ପ୍ରସ୍ତୁତ ପୋଷାକ ଏବଂ ପ୍ଲାଷ୍ଟିକ ଏବଂ ଲିନୋଲିୟମ ରହିଛି। ପେଟ୍ରୋଲିୟମ ଦ୍ରବ୍ୟର ରପ୍ତାନି ୨୦୨୩ ମେ'ରେ ୫.୮୫ ବିଲିୟନ ଡଲାରରୁ ୧୫.୭୫ ପ୍ରତିଶତ ବୃଦ୍ଧି ହୋଇ ୨୦୨୪ ମେ'ରେ ୬.୭୮ ବିଲିୟନ ଡଲାରରେ ପହଞ୍ଚିଛି। ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନି ମେ ୨୦୨୩ ରେ ୯.୩ ବିଲିୟନ ଡଲାରରୁ ୭.୩୯ ପ୍ରତିଶତ ବୃଦ୍ଧି ହୋଇ ମେ ୨୦୨୪ ରେ ୯.୯୯ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଇଲେକ୍ଟ୍ରୋନିକ୍ ସାମଗ୍ରୀର ରପ୍ତାନି ୨୦୨୩ ମେ'ରେ ୨.୪୧ ବିଲିୟନ ଡଲାରରୁ ୨୦୨୪ ମେ'ରେ ୨.୯୭ ବିଲିୟନ ଡଲାରରେ ୨୨.୯୭ ପ୍ରତିଶତ ବୃଦ୍ଧି ହୋଇଛି। ଔଷଧ ଏବଂ ଫାର୍ମାସ୍ୟୁଟିକାଲ୍ସର ରପ୍ତାନି ୨୦୨୩ ମେ'ରେ ୨.୦୮ ବିଲିୟନ ଆମେରିକୀୟ ଡଲାରରୁ ୧୦.୪୫ ପ୍ରତିଶତ ବୃଦ୍ଧି ହୋଇ ୨.୩୦ ବିଲିୟନ ଡଲାରରେ ପହଞ୍ଚିଛି। ସମସ୍ତ ପ୍ରକାର ପ୍ରସ୍ତୁତ ପୋଷାକର ରପ୍ତାନି ୨୦୨୩ ତୁଳନାରେ ଚଳିତ ବର୍ଷ ୧.୨୪ ବିଲିୟନରୁ ୧.୩୬ ବିଲିୟନ ଡଲାରରେ ୯.୮୪ ପ୍ରତିଶତ ବୃଦ୍ଧି ହେବ। ପ୍ଲାଷ୍ଟିକ ଏବଂ ଲିନୋଲିୟମ ରପ୍ତାନି ୨୦୨୩ ମେ'ରେ ୦.୬୫ ବିଲିୟନ ଡଲାରରୁ ୧୬.୬ ପ୍ରତିଶତ ବୃଦ୍ଧି ହୋଇ ୨୦୨୪ ମେ'ରେ ୦.୭୬ ବିଲିୟନ ଡଲାରରେ ପହଞ୍ଚିଛି। ଅନ୍ୟପଟେ ୨୦୨୪ ମେ'ରେ ସେବା ରପ୍ତାନିର ଆନୁମାନିକ ମୂଲ୍ୟ ହେଉଛି ୩୦.୧୬ ବିଲିୟନ ଡଲାର ରହିଛି, ଯାହାକି ୨୦୨୩ରେ ୨୬.୯୯ ବିଲିୟନ ଡଲାର ରହିଥିଲା। ୨୦୨୪ ମେ'ରେ ସେବା ଆମଦାନୀଗୁଡ଼ିକର ଆନୁମାନିକ ମୂଲ୍ୟ ୧୫.୮୮ ବିଲିୟନ ଡଲାରରୁ ବୃଦ୍ଧି ପାଇ ୧୭.୨୮ ବିଲିୟନ ଡଲାରରେ ପହଞ୍ଚିଛି।

# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୧୪।୬

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୮୨ (୧୮୧.୮୭) ପଏଣ୍ଟ ବଢି ୭୬,୯୯୩(୭୬,୯୯୨.୭୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୬୭ (୬୬.୭୦) ପଏଣ୍ଟ ବୃଦ୍ଧି ଘଟି ୨୩,୪୬୬ (୨୩,୪୬୫.୬୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ବଜାରରେ ଅଲ୍ ନ୍ୟୁ ବିଏମ୍‌ଡବ୍ଲ୍ୟୁ ୧୩୦୦ ଜିଏସ୍



ଭୁବନେଶ୍ୱର,୧୪।୬ (ଅଭୟ ଦାଶ)

ଦେଶର ପ୍ରମୁଖ ପ୍ରିମିୟମ ଦୁଇଚକିଆ ଯାନ ତଥା ଅନ୍ତଃରାଷ୍ଟ୍ରୀୟ ଅଟୋ ବ୍ରାଣ୍ଡ ବିଏମ୍‌ଡବ୍ଲ୍ୟୁ (ବିଏମ୍‌ଡବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ବିଏମ୍‌ଡବ୍ଲ୍ୟୁ ୧୩୦୦ଜିଏସ୍‌ର ସର୍ବଭାରତୀୟ ଅନାବରଣ ନିକଟରେ ହୋଇଯାଇଛି। ଏପରିକି ବ୍ରାଣ୍ଡ୍ ଏହି ମଡେଲର ଏକ ଆଡଭେଞ୍ଚର ମୋଟରସାଇକେଲ ବର୍ଗର ହୋଇଥିଲାବେଳେ ଏହା ଏକ କମ୍ପ୍ଲିଟ୍‌ଲି ବିଲ୍ଟ୍-ଅପ୍ ୟୁନିଟ୍(ସିବିୟୁ) ସେଗ୍‌ମେଣ୍ଟରେ ନିର୍ମିତ ହୋଇଛି। ଅପରପକ୍ଷରେ ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ଆଶାୟୀ ଗ୍ରାହକଙ୍କୁ ଏହି ମଡେଲ ଯୋଗାଇ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ସଭାପତି (ପ୍ରେସିଡେଣ୍ଟ) ବିକ୍ରମ ପାୱା କହିଥିଲେ, ବ୍ରାଣ୍ଡ୍‌ର ଏହି ନୂତନ ମଡେଲକୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ତଥା ଆର୍ ୮୦ ଜି/ଏସ୍ ସେଗ୍‌ମେଣ୍ଟରେ ବିକଶିତ ହୋଇଛି। ସେହିଭଳି ଏଥିରେ ବିଏମ୍‌ଡବ୍ଲ୍ୟୁ ଜିଏସ୍ ସହ ବକ୍ସର ଇଞ୍ଜିନ ସଂଯୋଗ ରହିଛି।

# ଆଇଆର୍‌ଏମ୍ ସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସହଭାଗିତା

ଭୁବନେଶ୍ୱର,୧୪।୬

ଇନ୍‌ଷ୍ଟିଚ୍ୟୁଟ ଅଫ୍ ରିସ୍କ ମ୍ୟାନେଜମେଣ୍ଟ (ଆଇଆର୍‌ଏମ୍) ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ସ୍ଥାପନ ହୋଇଛି। ଏପରିକି ରିସ୍କ ଇଣ୍ଟେଲିଜେଣ୍ଟ ଇଣ୍ଡିଆର ଅଭିବୃଦ୍ଧି ନିମନ୍ତେ ଏକ ଅଭୂତପୂର୍ବ ପଦକ୍ଷେପ ସ୍ୱରୂପ ସାରା ବିଶ୍ୱର ୧୪୦ଟି ଦେଶରେ ପରୀକ୍ଷା କେନ୍ଦ୍ର ସମେତ ଏଣ୍ଟରପ୍ରାଇଜ୍ ରିସ୍କ ମ୍ୟାନେଜମେଣ୍ଟ (ଇଆର୍‌ଏମ୍) ନିମନ୍ତେ ସାରା ଦୁନିଆର ଅଗ୍ରଣୀ ପ୍ରମାଣିତ ସଂସ୍ଥା 'ଇନଷ୍ଟିଚ୍ୟୁଟ ଅଫ୍ ଆଇଆରଏମ୍‌ର ଭାରତୀୟ ସହଯୋଗୀ ଶ୍ରୀ ଶ୍ରୀ ୟୁନିଭର୍ସିଟିକୁ ଲାଇସେନ୍ସ ପ୍ରଦାନ କରିଛି। ଏଠାରେ ଭାରତର ପ୍ରଥମ ଏବଂ ପୂର୍ବ ଭାରତର ଏକମାତ୍ର ବୈଶ୍ୱିକ କେନ୍ଦ୍ର ପ୍ରତିଷ୍ଠା ହେବ।

ବେଙ୍ଗାଲୁରୁସ୍ଥିତ 'ଆର୍ଟ ଅଫ୍ ଲିଭିଂ' ଅନ୍ତର୍ଜାତୀୟ କେନ୍ଦ୍ରଠାରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ବୈଶ୍ୱିକ ମାନବତାବାଦୀ, ଆଧ୍ୟାତ୍ମିକ ନେତା ଏବଂ ଶାନ୍ତିଦୂତ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଉପସ୍ଥିତିରେ ଏକ ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ନୀ, ଆଇଆର୍‌ଏମ୍ ଇଣ୍ଡିଆ ଏଫିଲିଏଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହର୍ଷ ଶାହ ଏବଂ ଆଇଆରଏମ୍ ଇଣ୍ଡିଆ ଆଫିଲିଏଟ୍'ର ମୁଖ୍ୟ ପରିଚାଳନା ଅଧିକାରୀ କୋଶା ପାରେଖ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୨୦୨୧ ପରଠାରୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଆଇଆର୍‌ଏମ୍‌ର ବୈଶ୍ୱିକ (ଗ୍ଲୋବାଲ) ପରୀକ୍ଷା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବାରେ ଅଗ୍ରଣୀ ଭୂମିକା ତୁଲାଇ ଆସିଛି।

# ଜେଇଇ ଆଡ୍‌ଭାନ୍ସଡ୍‌ରେ ଆକାଶର ବାଜିମାତ୍



ଭୁବନେଶ୍ୱର,୧୪।୬

- କେଶବ ରଞ୍ଜନ (ଏଆଇଆର୍-୧୯୬) ଶୀର୍ଷ ସ୍କୋରର
- ଏଇଏସ୍‌ଏଲ୍‌ର ଓଡ଼ିଶାରୁ ୫୩ ଛାତ୍ର କୃତକାର୍ଯ୍ୟ

ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍)ର ଛାତ୍ରୀଛାତ୍ରମାନେ ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍‌ଜାମ ବା ଜେଇଇ ଆଡ୍‌ଭାନ୍ସଡ୍-୨୦୨୪ ପରୀକ୍ଷା ଫଳାଫଳରେ ଉଲ୍ଲେଖନୀୟ ସଫଳତା ସହ ବାଜିମାତ୍ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି) ମାଡ୍ରାସ ପକ୍ଷରୁ ନିକଟରେ ଜେଇଇ ଆଡ୍‌ଭାନ୍ସଡ୍-୨୦୨୪ ପରୀକ୍ଷାଫଳ ପ୍ରକାଶ କରାଯାଇଛି। ଏହି ଫଳାଫଳ ଅନୁଯାୟୀ ଏଇଏସ୍‌ଏଲ୍‌ର ଓଡ଼ିଶା ଶାଖାରୁ ମୋଟ ୫୩ ଛାତ୍ର ଜେଇଇ ଆଡ୍‌ଭାନ୍ସଡ୍-୨୦୨୪ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଜଣାପଡିଛି। ଅପରପକ୍ଷରେ ସର୍ବଭାରତୀୟ ସ୍କୋର ଅଲ୍ ଇଣ୍ଡିଆ ର୍‍ୟାଙ୍କ୍ (ଏଆଇଆର୍) ଅନୁଯାୟୀ ଆକାଶର ଛାତ୍ର କେଶବ ରଞ୍ଜନ (ଏଆଇଆର୍-୧୯୬) ଶୀର୍ଷ ସ୍କୋରର ହାସଲ କରିଥିବାବେଳେ ଦେବାଶିଷ ପଣ୍ଡା (ଏଆଇଆର୍-୧୧୩୬),ଅନୁଜ ସୁବୁଦ୍ଧି (ଏଆଇଆର୍-୧୧୬୫), ପ୍ରତ୍ୟୁଷ କୁମାର ମାସନ୍ତ (ଏଆଇଆର୍-୧୩୬୫), ରିତୁଲ ପ୍ରିୟଦର୍ଶନ (ଏଆଇଆର୍-୧୩୮୨) ଏବଂ ରିତେଶ ରାଜ ସିଂହ (ଏଆଇଆର୍-୧୯୦୯) ତମ ସ୍ଥାନ ହାସଲ କରିଛନ୍ତି।

ଏ ସମ୍ପର୍କରେ ଏଇଏସ୍‌ଏଲ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଅଜୟ ବାହାଦୁର ସିଂହ କହିଛନ୍ତି, ଆମେ ଛାତ୍ରମାନଙ୍କୁ ସେମାନଙ୍କର ଅନନ୍ୟ ସଫଳତା ନିମନ୍ତେ ଅଭିନନ୍ଦନ ଜଣାଉଛୁ।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସ୍ଥିରତା ସପ୍ତାହ

ଭୁବନେଶ୍ୱର,୧୪।୬

ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ର ଓଡ଼ିଶା ୟୁନିଟ୍‌ରେ ସ୍ଥିରତା ସପ୍ତାହ (ସଷ୍ଟେନାବିଲିଟି ୱିକ୍) ପାଳିତ ହୋଇଯାଇଛି। ଏହି ଅବସରରେ ଜେନେରେଶନ ରେଷ୍ଟୋରେଶନ୍ ହ୍ୟାସ୍‌ଟ୍ୟାଗ୍ ସହିତ ଜମି ପୁନରୁଦ୍ଧାର, ମରୁଭୂମି ଏବଂ ମରୁଡ଼ି ସ୍ଥିରତାର ବିଷୟବସ୍ତୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରିଥିଲା। ଏପରିକି କମ୍ପାନୀର ପାରାଦୀପ ୟୁନିଟ୍‌ଠାରେ ପରିବେଶ ସୁରକ୍ଷା, ଜମି ସମ୍ବନ୍ଧୀୟ ସମସ୍ୟା ଉପରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଥିଲାବେଳେ କର୍ମଚାରୀ ଏବଂ ସେମାନଙ୍କ ପରିବାର ପାଇଁ ବିଭିନ୍ନ ପ୍ରତିଯୋଗିତା କୁଇଜ୍, ପୋଷ୍ଟର ତିଆରି ଏବଂ ଭିଡିଓ ବାର୍ତ୍ତା ରେକର୍ଡିଂ ଆଦିର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶା ଅପରେଶନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି କହିଛନ୍ତି, ପରିବେଶର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ହୋଇଥିଲାବେଳେ ଆମେ ପାରାଦୀପଠାରେ ପେଲେଟ୍ ଉତ୍ପାଦନ ପାଇଁ ପ୍ରାକୃତିକ ଗ୍ୟାସ୍ ପ୍ରୟୋଗ କରିଛୁ, ଯାହା ପ୍ରକୃତିର ପରିବେଶ ପ୍ରତି ଅନୁକୂଳ। ଗତ ୨ ବର୍ଷ ମଧ୍ୟରେ ଆମେ ପ୍ଲାଣ୍ଟ ପରିସରରେ ୩୦,୦୦୦ରୁ ଅଧିକ ଚାରାରୋପଣ କରିଛୁ, ଯାହା ଗ୍ରୀନ୍‌ବେଲ୍ଟର ବିକାଶକୁ ୩୩% ରୁ ୪୨% କୁ ନେଇଛି। କାର୍ବନ ଫୁଟ୍‌ପ୍ରିଣ୍ଟକୁ ହ୍ରାସ କରି ସବୁଜ ପରିବେଶକୁ ବଜାୟ ରଖିବା ନିମନ୍ତେ ଏହି ବର୍ଷ ଆମେ ପ୍ଲାଣ୍ଟ ଭିତରେ ୧୦,୦୦୦ରୁ ଅଧିକ ବୃକ୍ଷ ରୋପଣ କରିବା ସହିତ ଆମ ପ୍ଲାଣ୍ଟ ବାହାରେ ୧୦୦୦ରୁ ଅଧିକ ବୃକ୍ଷ ବଣ୍ଟନ କରିବାର ଲକ୍ଷ୍ୟ ରଖିଛୁ। ସେହିଭଳି କମ୍ପାନୀର ଦାବୁନା, କେନ୍ଦୁଝରର ବେନିଫିକେଶନ ପ୍ଲାଣ୍ଟରେ କର୍ମଚାରୀ ଏବଂ ଠିକା ଶ୍ରମିକମାନଙ୍କ ପାଇଁ କୁଇଜ୍ ଏବଂ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ଅଭିଯାନରେ ପ୍ଲାଣ୍ଟ ପରିସରରେ ସଫେଇ ଅଭିଯାନ ଏବଂ ବୃକ୍ଷରୋପଣ ଅଭିଯାନ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନେତୃତ୍ୱ ମୁଖ୍ୟ ବକ୍ତୃତା ପ୍ରଦାନ କରିଥିଲେ ଏବଂ ବିଜେତାମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ମଧ୍ୟ ଚାରା ବଣ୍ଟନ କରାଯାଇଥିଲା।


# Classified Everyday
0674-2580101, 2549949



REAL ESTATE
SALE

Ready to move 2/3BHK flat for sale at Jayadevvihar Chhak. Contact- 9437307086, 7008789347. D-505

ଭୁବନେଶ୍ୱର ନଖରା, Synergy College ନିକଟବର୍ତ୍ତୀ 30 feet road ଥାଇ Boundarywall, Electricity ଥାଇ plot ମିଳୁଅଛି। 6370354458, 8018242542. D-503

Developed Gharabari, Electric, Boundary ପ୍ଲଟ୍ ବାଳକାଟି ଏବଂ ଗୁଡ଼ିଆପୋଖରୀରେ କିଣନ୍ତୁ। 7008492511. D-484

Plot for sale near Trisulia, CISF Campus CDA, RERA Approved. (RP/07/2023/01069), (www.rera.odisha.gov.in). Contact- 7008513309. D-472

Duplex sale at Bhubaneswar @ 57,00,000/-. Only contact- 9777433701, 9090545126. D-75964

3BHK flat for sale at Jharpada 80 feet road side. Contact- 9437307086, 7008789347. D-504




Two Shoproom (10'x10') near Bijupatnaik College main road Jayadev Vihar, Bhubaneswar. Contact- 9938511622. D-499

3 Rooms, 1 Big hall, kitchen, Balcony- available in 2nd Floor for rent at Saptasati Vihar (Palasuni, Bhubaneswar) 100 mtrs. away from NH16 (Rent- 25000). Contact- 8217625744/ 9437214049. D-510




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75752

Relax, Refresh your body, mind at Saikrupa Spa with best therapies. 8984068077. D-416

Newly open health benefits SPA special offer @ 999 Bapujinagar. 8018429809. D-76126

Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

Fully relaxed body massage trained therapist. Central SPA. 9556483961. D-75752

Relax, refresh your body, mind by expert therapist. Contact- 9938843929. D-76127

AFFIDAVIT

I, RAMESH CHANDRA PALAI, S/o- Late Laxmidhar Palai resident- Plot No.- 504/F, Sector-06, CDA, Markat Nagar, Cuttack, Dist.- Cuttack, PIN- 753014, Odisha declare by this affidavit No.- 3031 dt. 10.06.24 that now onwards I shall be known as Ramesha Chandra Palai for all future purposes. D-511

I Mohammed Ainul Hoda (47), Vill- Indiria, P.O.- sindol, P.S.- Pirahat, Dist.- Bhadrak. I affirm that my son's correct name spelling is Mohammed Yazdani Hoda which has been recorded in his Birth Certificate and Aadhaar Card. But in his School admission register his name spelling recorded as Md. Yazdani Hoda. I declare that by this affidavit my son's correct name spelling is Mohammed Yazdani Hoda. D-512

ମନେ ପଡ଼ନ୍ତି

୩୦ତମ ଜନ୍ମବାର୍ଷିକୀ



୰ସତ୍ୟ ରଞ୍ଜନ ନାୟକ
ଆବିର୍ଭାବ- ୧୫।୦୬।୧୯୯୪
ତିରୋଧାନ- ୦୨।୦୧।୨୦୨୨
ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁ ଯେଉଁଠି ଥା ଭଲରେ ଥା।
ଶୋକସନ୍ତପ୍ତ- ମାମା, ବାବା, ଜେଜେ, ଦିଦି, ଭାଇ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, (ସାନୁ ଫାର୍ମ)
ଧ-୪୯୬

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ରିଜ୍ ଡିଜାଇନ ମାନୁଆଲର ପ୍ରଥମ ସଂସ୍କରଣ



ଭୁବନେଶ୍ୱର,୧୪।୬

ଇଣ୍ଡିଆନ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଡେଭଲପମେଣ୍ଟ ଆସୋସିଏସନ (ଆଇଏସ୍‌ଏସ୍‌ଡିଏ)ର ବହୁ ପ୍ରତୀକ୍ଷିତ ତଥା ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ରିଜ୍ ଡିଜାଇନ୍ ମାନୁଆଲର ପ୍ରଥମ ଭାରତୀୟ ସଂସ୍କରଣ ନିକଟରେ ଉନ୍ମୋଚିତ ହୋଇଯାଇଛି। ବିଶେଷ କରି ସହରାଞ୍ଚଳ ଭିତ୍ତିଭୂମିରେ ଷ୍ଟେନ୍‌ଲେସ୍ ଷ୍ଟିଲର ରୂପାନ୍ତରଣକାରୀ ଶକ୍ତିକୁ ଠିକ୍ ଭାବେ ଦର୍ଶାଇବା ସହ ଭାରତର ସେତୁ ନିର୍ମାଣ ଡିଜାଇନରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ବ୍ୟବହାର ସମ୍ପର୍କରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ରିଜ୍ ଡିଜାଇନ୍ ମାନୁଆଲର ପ୍ରଥମ ସଂସ୍କରଣକୁ ଆଇଏସ୍‌ଏସ୍‌ଡିଏ ଉନ୍ମୋଚନ କରିଛି। ଉଲ୍ଲେଖଯୋଗ୍ୟ, କୋଲକାତାର ସିଲିଗୁଡ଼ିଠାରେ ଆୟୋଜିତ ଇଣ୍ଡିଆନ୍ ରୋଡ୍ କଂଗ୍ରେସ (ଆଇଆର୍‌ସି)ର ୨୨୮ତମ ମଧ୍ୟବର୍ତ୍ତିକାଳୀନ ପରିଷଦ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ଟିୟୁପି କନ୍‌ସଲଟାଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ପୂର୍ବତନ ନିର୍ଦ୍ଦେଶକ ଡ. ନିର୍ମାଲ୍ୟ ବନ୍ଦ୍ୟୋପାଧ୍ୟାୟଙ୍କ ଦ୍ୱାରା ଲିଖିତ ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ରିଜ୍ ଡିଜାଇନ ମାନୁଆଲ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଯାଇଛି।

ଅପରପକ୍ଷରେ ଇଞ୍ଜିନିୟରିଂ ଏବଂ ବୈଷୟିକ ଦକ୍ଷତା ବୃଦ୍ଧି କରିବା ସହ ଏହି ଡିଜାଇନ୍ ମାନୁଆଲ ସମଗ୍ର ଭାରତରେ ଇଞ୍ଜିନିୟର ଏବଂ ଶିକ୍ଷାବିତ୍‌ମାନଙ୍କ ପାଇଁ ବେଶ୍ ସହାୟକ ହେବ। ଏହି ମାନୁଆଲ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ମୌଳିକ ଗୁଣଠାରୁ ଆରମ୍ଭ କରି ଅତ୍ୟାଧୁନିକ ଡିଜାଇନ ନୀତି ପର୍ଯ୍ୟନ୍ତ ସମସ୍ତ ବିଷୟବସ୍ତୁ ଉପରେ ଜ୍ଞାନର ଏକ ପଞ୍ଜିକା ଭାବେ କାର୍ଯ୍ୟ କରିବ। ଏଥିରେ କାର୍ବନ ଷ୍ଟିଲ୍ ତୁଳନାରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ବିଭିନ୍ନ ଫାଇଦା ଯଥା କ୍ଷୟ ପ୍ରତିରୋଧ, ଦୃଢ଼ତା, ସ୍ଥାୟିତ୍ୱ ଓ ସୌନ୍ଦର୍ଯ୍ୟ ଇତ୍ୟାଦି ଉପରେ ଆଲୋକପାତ କରାଯାଇଛି। ବିଶେଷକରି ଏହା ଏକ ସେତୁର ସାମଗ୍ରିକ ଲାଇଫ ସାଇକେଲ ଖର୍ଚ୍ଚ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛି।

ଏ ସମ୍ପର୍କରେ ଆଇଏସ୍‌ଏସ୍‌ଡିଏର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୋହିତ କୁମାର କହିଛନ୍ତି, ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ରିଜ୍ ଡିଜାଇନ୍ ମାନୁଆଲ୍ ଉପସ୍ଥାପନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା କେବଳ ଏକ ମାର୍ଗଦର୍ଶକ ନୁହେଁ ବରଂ ଆମ ସହରାଞ୍ଚଳ ଭିତ୍ତିଭୂମିରେ ଷ୍ଟେନ୍‌ଲେସ୍ ଷ୍ଟିଲର ପରିବର୍ତ୍ତନଶୀଳ ସାମର୍ଥ୍ୟର ଏକ ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ପୁସ୍ତକର ଲେଖକ ଡ. ନିର୍ମାଲ୍ୟ ବନ୍ଦ୍ୟୋପାଧ୍ୟାୟ କହିଛନ୍ତି, ସେତୁ ନିର୍ମାଣ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ଏ ଦିଗରେ ଏହି ମାନୁଆଲ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ପୂରଣ ହୋଇପାରେ ବାକି ୬ ମନ୍ତ୍ରୀ ପଦ

ଭୁବନେଶ୍ୱର, ୧୪।୬(ସୁନିତ୍ ମିଶ୍ର)

■୧୭ ଜିଲା ଏବେ ମନ୍ତ୍ରୀ ଶୂନ୍ୟ

■ବାଚସ୍ପତି, ସରକାରୀ ଦଳ ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ ପଦବୀକୁ ନେଇ ବଢୁଛି ଚର୍ଚ୍ଚା

ରାଜ୍ୟରେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇସାରିବା ପରେ ଗତ ୧୨ ତାରିଖରେ ମୋହନ ଚରଣ ମାଝୀଙ୍କ ସରକାର ଶପଥ ଗ୍ରହଣ କରିଛି। ଏହି ଅବସରରେ ମୋହନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ବେଳେ ତାଙ୍କ ସହ ଦୁଇ ଜଣ ଉପମୁଖ୍ୟମନ୍ତ୍ରୀ, ୮ କ୍ୟାବିନେଟ୍ ମନ୍ତ୍ରୀ ଓ ୫ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଶପଥ ନେଇଛନ୍ତି। ତେବେ ମନ୍ତ୍ରିମଣ୍ଡଳରେ ମୋଟ୍ ୧୩ଟି ଜିଲାକୁ ପ୍ରାଧାନ୍ୟ ଦିଆଯାଇଛି। ନିୟମାନୁଯାୟୀ ଆଉ ୬ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରିବ। ମନ୍ତ୍ରୀପଦ ବଣ୍ଟନରେ ୧୭ ଜିଲାକୁ ବାଦ୍ ଦିଆଯାଇଛି। ମାତ୍ର ୬ଟି ମନ୍ତ୍ରୀ ପଦ ବାକି ରହିଥିବାବେଳେ ୧୭ ଜିଲା ମଧ୍ୟରେ ବଣ୍ଟନ କରିବା ଏବେ ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ହେବ।

କେନ୍ଦୁଝର, ବଲାଙ୍ଗୀର, ପୁରୀ, ଝାରସୁଗୁଡା, ସମ୍ବଲପୁର, ଗଞ୍ଜାମ, କୋରାପୁଟ, ଖୋର୍ଦ୍ଧା, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ ଓ ମୟୂରଭଞ୍ଜ ଜିଲାର ପ୍ରତିନିଧି ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ହେଲେ ବାକି ଅନୁଗୋଳ, ବାଲେଶ୍ୱର, ବରଗଡ, ବୌଦ୍ଧ, କଟକ, ଦେବଗଡ, ଗଜପତି, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, ମାଲକାନଗିରି, ନୂଆପଡା, ନୟାଗଡ, ନବରଙ୍ଗପୁର, ରାୟଗଡା, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ ଜିଲାରୁ କାହାରିକୁ ମନ୍ତ୍ରୀ ପଦ ମିଳିନାହିଁ। ଅନ୍ୟପଟେ ବଲାଙ୍ଗୀର, ମୟୂରଭଞ୍ଜ, ଓ ଗଞ୍ଜାମ ଜିଲାକୁ ଦୁଇଟି ଲେଖାଏ ମନ୍ତ୍ରୀ ପଦ ମିଳିଛି। ବିଧାନସଭାର ଆସନ ସଂଖ୍ୟା ଅନୁଯାୟୀ ଭାଜପା ସରକାର ଆଉ ୬ଟି ମନ୍ତ୍ରୀ ପଦ ଖାଲି ରଖିଛନ୍ତି। ପରବର୍ତ୍ତୀ ସମୟରେ ମନ୍ତ୍ରିମଣ୍ଡଳରେ ଆଉ କେତେଜଣଙ୍କୁ ସାମିଲ କରାଯାଇପାରେ ବୋଲି ଶୁଣିବାକୁ ମିଳୁଛି। ଦଳ ଭିତରେ କେତେଜଣ ନେତା ମନ୍ତ୍ରିମଣ୍ଡଳରେ ସାମିଲ ହୋଇ ନ ପାରିଥିବାରୁ ଅସନ୍ତୁଷ୍ଟ ଥିବା ଚର୍ଚ୍ଚା ହେଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଣ୍ଟାବାଞ୍ଜି ଆସନରୁ ହରାଇ ପ୍ରଥମ ଥର ବିଧାୟକ ହୋଇଥିବା ଲକ୍ଷ୍ମଣ ବାଗ୍ ଶପଥ ଗ୍ରହଣ ଉତ୍ସବରେ ଅଧାରୁ ଉଠି ପଳାଇଯାଇଥିବା ଚର୍ଚ୍ଚା ହେଉଛି। ସେହିପରି ବରିଷ୍ଠ ନେତା ଜୟନାରାୟଣ ମିଶ୍ର ମଧ୍ୟ ଶପଥ ଗ୍ରହଣ ଉତ୍ସବ କାର୍ଯ୍ୟକ୍ରମ ଦିନ ଉପସ୍ଥିତ ନ ଥିଲେ। ତେଣୁ ଜୟନାରାୟଣଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରେ ସାମିଲ କରା ନ ଯିବା କଥାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଲାଗି ରହିଛି। ତେଣୁ ତାଙ୍କୁ ମଧ୍ୟ ବାକିଥିବା ଆସନ ଭିତରେ ସାମିଲ କରାଯିବାର ସମ୍ଭାବନା ରହିଛି। ସେହିପରି ରାଜ୍ୟର ୧୩ ଜିଲାରୁ ହିଁ ବିଜୟୀ ହୋଇ ଆସିଥିବା ନେତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି। ତେଣୁ ବାକିଥିବା ୬ ଆସନ ଏବଂ ବିଭାଗ ବଣ୍ଟନ କାର୍ଯ୍ୟ ଶେଷ ହେବାପରେ ଯାଇ ଦଳ ଆଉ କିଛି ପଦବୀକୁ ନେଇ କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି କୁହାଯାଉଛି। ସରକାରୀ ଦଳ ମୁଖ୍ୟ ସଚେତକ ଏବଂ ଉପ ମୁଖ୍ୟ ସଚେତକ ପଦବୀ ମଧ୍ୟ ବହୁ ଗୁରୁତ୍ୱ ବହନ କରିଥାଏ। ତେଣୁ ଏହି ଦୁଇ ପଦବୀକୁ ନେଇ ମଧ୍ୟ ଆଲୋଚନା ଜୋର ଧରିଛି।

ସେହିପରି ବିଧାନସଭା ବାଚସ୍ପତି କିଏ ହେବେ ତାହାକୁ ନେଇ ଚର୍ଚ୍ଚା ଚାଲିଛି। ଏହି ସାମ୍ବିଧାନିକ ପଦବୀରେ ଦଳ ଜଣେ ଅନୁଭବୀ ନେତାଙ୍କୁ ବସାଇବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ବାଚସ୍ପତି ପଦରେ ଜଣେ ମହିଳାଙ୍କୁ ଦଳ ଅବସ୍ଥାପିତ କରିପାରେ ବୋଲି କୁହାଯାଉଥିବା ବେଳେ ଏହି ଦୌଡ଼ରେ ରଣପୁର ବିଧାନସଭା ଆସନରୁ ବିଜୟୀ ହୋଇଥିବା ସୁରମା ପାଢ଼ୀଙ୍କ ନାମ ସବୁଠାରୁ ଆଗରେ ରହିଛି। ସୁରମା ରଣପୁର ଆସନରେ ପୂର୍ବରୁ ଥରେ ବିଧାୟକ ରହିସାରିଥିବା ବେଳେ ମେଣ୍ଟ ସରକାର ସମୟରେ ମନ୍ତ୍ରୀ ମଧ୍ୟ ଥିଲେ। ଏହାସହ ସେ ଦଳର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିସାରିଛନ୍ତି। ତେଣୁ ଅଭିଜ୍ଞତା ଦୃଷ୍ଟିରୁ ଏବଂ ଏହି ପଦ ଲାଗି ମହିଳା ଚେହେରା କଥା ଚିନ୍ତା କଲେ ଦଳ ସୁରମାଙ୍କୁ ଗୁରୁତ୍ୱ ଦେଇପାରେ। ଅନ୍ୟପଟେ ବରିଷ୍ଠ ନେତା ଜୟନାରାୟଣଙ୍କର ମଧ୍ୟ ବିଧାନସଭାରେ ବହୁତ ଅଭିଜ୍ଞତା ରହିଛି। ତେଣୁ ଦଳ ତାଙ୍କୁ ଯେ ବାଚସ୍ପତି ଆସନରେ ନ ବସାଇବ ସେକଥା ମଧ୍ୟ କୁହାଯାଇ ନ ପାରେ। ତେଣୁ ଭାଜପା ପକ୍ଷରୁ କେଉଁ ପଦବୀରେ କାହାକୁ ଦାୟିତ୍ୱ ପ୍ରଦାନ କରାଯିବ, ସେନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆଲୋଚନା ଜୋର ଧରିଥିବା ବେଳେ କିଛିଦିନ ମଧ୍ୟରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ଭାଜପାର ଜଣେ ବରିଷ୍ଠ ନେତା କହିଛନ୍ତି।



ସୁନ୍ଦରଗଡ଼ ଲୋକ ସଭା ସାଂସଦ ଜୁଏଲ ଓରାମ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ହେବାପରେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଦିବାସୀମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଅଗ୍ରପ୍ରାଧାନ୍ୟ ଦେବେ ବୋଲି ଏହି ଅବସରରେ ସେ କହିଛନ୍ତି। (ଫଟୋ: ଚମନ ଗୌତମ)

# କେନ୍ଦ୍ରମନ୍ତ୍ରୀଙ୍କ ବକ୍ତବ୍ୟରୁ ମୋଦି ସରକାରର ସମ୍ପୃକ୍ତି ସନ୍ଦେହ : ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୧୪।୬ (ସୁନିତ୍ ମିଶ୍ର)

**ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଟ୍ ପ୍ରଶ୍ନପତ୍ର ଲିକ୍‌ର ପ୍ରମାଣ ନାହିଁ ବୋଲି କହିବା ଦୁର୍ଭାଗ୍ୟଜନକ। ଏହି ସାଂଘାତିକ ସ୍କାମ୍ ସମ୍ପର୍କରେ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ମୁହଁ ଖୋଲି ନ ଥିଲେ ଏବଂ ପ୍ରଥମ କରି ଧର୍ମେନ୍ଦ୍ର ତାଙ୍କ ସରକାରଙ୍କ ଅସଲ ଚେହେରାକୁ ପଦାକୁ ଆଣିଛନ୍ତି। ପ୍ରଶ୍ନପତ୍ର ଲିକ୍‌କୁ ମୋଦି ସରକାର ଗୁରୁତ୍ୱର ସହ ନିଅନ୍ତି ନାହିଁ। ନିଟ୍ ପରୀକ୍ଷାରେ ସ୍ୱଚ୍ଛତା ବାଧାପ୍ରାପ୍ତ ହୋଇଛି ବୋଲି ସୁପ୍ରିମ୍ କୋର୍ଟ କହିସାରିଛନ୍ତି। ଏ କଥା ବୋଧେ ମନ୍ତ୍ରୀ ଜାଣିନାହାନ୍ତି। ମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହେଉଛି, ଏହି ଘଟଣାରେ ମୋଦି ସରକାରର ସମ୍ପୂର୍ଣ୍ଣ ସମ୍ପୃକ୍ତି ରହିଛି ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି।

କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ୟାସିର କହିଛନ୍ତି, ସତ୍ୟର ଉନ୍ମୋଚନ ନ କରି ଏହି ସ୍କାମ୍‌କୁ ଘଷ୍ଟ ଘୋଡ଼ାଇବା ପାଇଁ ଧର୍ମେନ୍ଦ୍ର ପ୍ରଧାନ ବକ୍ତବ୍ୟ ଦେଇଛନ୍ତି। ଇଣ୍ଡିଆନ ମେଡିକାଲ ଆସୋସିଏସନ୍ ନିଟ୍ ପରୀକ୍ଷା ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ ଦାବି କରିଛନ୍ତି। ହେଲେ ମନ୍ତ୍ରୀ ପ୍ରଧାନ ଏନ୍‌ଟିଏ ସପକ୍ଷରେ ଯୁକ୍ତି ବାଢ଼ିବା ତାଙ୍କର ସାଧୁତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ରମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଏ ଦେଶର ମେଧାବୀ ଛାତ୍ରୀଛାତ୍ରଙ୍କ ବିରୁଦ୍ଧାଚରଣ କରିଛନ୍ତି। ନିଟ୍ ସ୍କାମ୍ ଏ ରାଷ୍ଟ୍ରର ଛାତ୍ର ସମାଜ ପାଇଁ ଏକ ସାଙ୍ଘାତିକ ବିଶ୍ୱାସଘାତକତା। ଏହି ଦୁର୍ନୀତିରେ ଏନ୍‌ଟିଏ ସମ୍ପୃକ୍ତ। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ରକୁ ବାହାରେ ପ୍ରଘଟ କରିବାର ପ୍ରମାଣ ରହିଛି। ଏହାଦ୍ୱାରା ୨୪ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ସହ ଖେଳାଯାଇଛି। ଜୁନ୍ ୧୪ରେ ଫଳାଫଳ ବାହାରିବା କଥା, ମାତ୍ର ଯେଉଁଦିନ ସାଧାରଣ ନିର୍ବାଚନ ଅର୍ଥାତ୍ ୧୦ଦିନ ପୂର୍ବରୁ ନିଟ୍ ପରୀକ୍ଷାର ଫଳାଫଳ ପ୍ରକାଶ କରାଗଲା। ଏହା ମଧ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। କିପରି ସମସ୍ତଙ୍କ ଦୃଷ୍ଟିରୁ ଏହି ଫଳାଫଳ ଏଡ଼ାଇଯିବ ସେଥିପାଇଁ ଷଡ଼ଯନ୍ତ୍ର କରାଯାଇଛି। କେନ୍ଦ୍ରମନ୍ତ୍ରୀ ତାଙ୍କ ବକ୍ତବ୍ୟ ପ୍ରତ୍ୟାହାର କରିବା ସହ ଦୁର୍ନୀତିର ପର୍ଦ୍ଦାଫାଶ କରି ଦୋଷୀଙ୍କୁ ଦଣ୍ଡଦେବାର ବ୍ୟବସ୍ଥା କରିବାକୁ ଛାତ୍ର କଂଗ୍ରେସ ଦାବି କରୁଥିବା ୟାସିର କହିଛନ୍ତି।

# ଇଡି,ସିବିଆଇ ଭୟରେ ବିଜେଡି ବିରୋଧୀ ଦଳ ଭୂମିକା ତୁଲାଇପାରିବ ନାହିଁ: ତାରା

ଭୁବନେଶ୍ୱର(ଅନିଲ ଦାସ)/ ଜୟପୁର(ପବନ ପାଣିଗ୍ରାହୀ),୧୪।୬



ତାରା ପ୍ରସାଦ ବାହିନୀପତି

ଆସନ୍ତା ୫ ବର୍ଷ ପାଇଁ କଂଗ୍ରେସ ବିରୋଧୀ ଦଳ ଭୂମିକା ନିର୍ବାହ କରିବ ବୋଲି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି। କାରଣ ଇଡି, ସିବିଆଇ ଭୟରେ ବିଜେଡି ବିରୋଧୀ ଦଳ ଭୂମିକା ତୁଲାଇ ପାରିବ ନାହିଁ ବୋଲି ସେ କହିଛନ୍ତି।

ଶୁକ୍ରବାର ଗଣମାଧ୍ୟମକୁ ତାରା କହିଛନ୍ତି ଯେ ୨୦୨୪ ନିର୍ବାଚନରେ ଭାଜପା ସରକାର ଗଢ଼ିଛି। ୨୪ ବର୍ଷ ଧରି ଶାସନ ଗାଦିରେ ବସିଥିବା ବିଜେଡି ମୁଖ୍ୟ ବିରୋଧୀ ଦଳ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ କଂଗ୍ରେସର ସ୍ଥିତିରେ ସେଭଳି କୌଣସି ପରିବର୍ତ୍ତନ ଦେଖିବାକୁ ମିଳିନାହିଁ। ଯଦିଓ ଗତ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନରେ ଦଳର ଆସନ ସଂଖ୍ୟା ବୃଦ୍ଧି ପାଇଛି, କିନ୍ତୁ ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। କଂଗ୍ରେସ ରାଜ୍ୟରେ ୧ ନମ୍ବର ଦଳ ହେବ। କଂଗ୍ରେସରେ ଗୋଷ୍ଠୀ କନ୍ଦଳ ବନ୍ଦ ହେବା ଦରକାର। ବାରମ୍ବାର ଦିଲ୍ଲୀ ଯିବା ମଧ୍ୟ ବନ୍ଦ ହେବ। ଯିଏ ଦାୟିତ୍ୱ ନିଅନ୍ତୁ ପଛେ କଂଗ୍ରେସକୁ ଭାଗ କରା ନ ଯାଉ। ଏହା ହେଲେ ୨୦୨୯ରେ କଂଗ୍ରେସ ରାଜ୍ୟର ଏକ ନମ୍ବର ଦଳ ହେବ ବୋଲି ତାରା କହିଛନ୍ତି। ଅବିଭକ୍ତ କୋରାପୁଟ ଜିଲାରେ କଂଗ୍ରେସର ୭ ବିଧାୟକ, ଜଣେ ଏମ୍‌ପି ବିଜୟୀ ହୋଇଛନ୍ତି । ସମସ୍ତେ ଏକଜୁଟ ହୋଇ ରହିବୁ। ଅବିଭକ୍ତ କୋରାପୁଟ ଜିଲା ସହ ରାଜ୍ୟର ବିଭିନ୍ନ ସମସ୍ୟା ବିଧାନସଭାରେ ଉଠିବ। ଦଳ ଓ ମାଟି ମା' ପାଇଁ ଲଢ଼େଇ ଜାରି ରହିବ। ମୋ ସ୍ୱରକୁ କେହି ଅଟକାଇ ପାରିବେ ନାହିଁ। ରାଜ୍ୟରେ କଂଗ୍ରେସ ସରକାର ନ ଥିଲେ ମଧ୍ୟ ଲୋକଙ୍କ ପାଇଁ କାମ କରିବେ ବୋଲି ତାରା କହିଛନ୍ତି।

ସୂଚନାଯୋଗ୍ୟ, କୋରାପୁଟ ପରେ ଜୟପୁର ବିଧାନସଭା ଆସନରୁ ତାରା ଲଗାତର ୨ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଭାଜପା ଓ ବିଜେଡି ସପକ୍ଷରେ ଅଧିକ ସମର୍ଥନ ଥିବା ସତ୍ତ୍ୱେ ସେ କଂଗ୍ରେସ ଟିକେଟରେ ପୁଣି ବିଜୟୀ ହୋଇଥିବା ଚର୍ଚ୍ଚା ହେଉଛି।

# ବଡ଼ଚଣାବାସୀ ସ୍ୱାଭିମାନୀର ପରିଚୟ ସୃଷ୍ଟି କଲେ: ଅମର ଶତପଥୀ

ଚଣ୍ଡିଖୋଲ,୧୪।୬(ପ୍ରଦୀପ୍ତ କୁମାର ପୃଷ୍ଟି)



ବଡ଼ଚଣା ବିଧାନସଭା କ୍ଷେତ୍ରରେ ଦୀର୍ଘ ବର୍ଷ ଧରି ବିଜୁ ଜନତା ଦଳ (ବିଜେଡି) କ୍ଷମତାରେ ଥିବାବେଳେ ଚଳିତ ନିର୍ବାଚନରେ ଭାରତୀୟ ଜନତାପାର୍ଟି(ଭାଜପା) ବିଜୟ ଲାଭ କରିଛି। ଭାଜପାର ଅମର ନାୟକ ବିଜୟୀ ହୋଇଛନ୍ତି। ତେବେ ଏହି ନିର୍ବାଚନମଣ୍ଡଳୀରୁ ବିଜେଡିରୁ ୬ ଥର ବିଧାୟକ ହୋଇଥିବା ଅମର ପ୍ରସାଦ ଶତପଥୀଙ୍କୁ ଦଳ ଏଥର ଟିକେଟ ଦେଇ ନ ଥିଲା। ତାଙ୍କ ସ୍ଥାନରେ ଚଳଚ୍ଚିତ୍ର ତାରକା ବର୍ଷା ପ୍ରିୟଦର୍ଶିନୀଙ୍କୁ ଦଳ ପ୍ରାର୍ଥୀ କରିଥିଲା। ନିର୍ବାଚନ ଶେଷ ହେବା ପରେ ଅମର ଶତପଥୀଙ୍କ ଏକ ଭିଡିଓ ବାର୍ତ୍ତା ଭାଇରାଲ ହେବାରେ ଲାଗିଛି, ଯାହାକି ବଡ଼ଚଣା ନିର୍ବାଚନମଣ୍ଡଳୀରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥିରେ ସେ କହିଛନ୍ତି, ବଡ଼ଚଣାବାସୀ ଶିକ୍ଷିତ ଓ ସ୍ୱାଭିମାନୀ। ତେଣୁ ବଡ଼ଚଣାର ଅସ୍ମିତାକୁ ଗୁରୁତ୍ୱ ଦେଇଛନ୍ତି। ଏହି ମାଟିରେ ଦୀର୍ଘ ୫୦ବର୍ଷ ଧରି ସେ ରାଜନୀତି କରିଆସିଛନ୍ତି। ବଡ଼ଚଣାବାସୀଙ୍କ ପ୍ରତ୍ୟେକ ସୁଖ ଦୁଃଖରେ ପହଞ୍ଚିଛନ୍ତି। ଲୋକଙ୍କ ସହିତ ପାରିବାରିକ ସମ୍ପର୍କ ବେଶ୍ ନିବିଡ଼ ରହିଛି। ଏହାକୁ ଦଳର ମୁଖ୍ୟ ବୁଝିପାରି ନାହାନ୍ତି ବୋଲି ଶତପଥୀ କହିଛନ୍ତି। ଗତ ଏପ୍ରିଲ ୩୦ରେ ବଡ଼ଚଣା ମହୋତ୍ସବ ପଡ଼ିଆରେ ହୋଇଥିବା ଜନସମାବେଶ କିପରି ଥିଲା ତାହାକୁ କେହି ହୃଦୟଙ୍ଗମ କରିପାରି ନାହାନ୍ତି। ତେବେ ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ କରିବାକୁ ସେ ଏହି ଭିଡିଓରେ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଘଟଣା ବଡ଼ଚଣାରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଛି। ଏଥି ମଧ୍ୟରେ ନିର୍ବାଚନ ସରିବା ୧୪ଦିନ ବିତି ଯାଇଥିଲେ ବି ବିଜେଡି ତରଫରୁ କୌଣସି ସଭା ସମିତି ହୋଇନାହିଁ କିମ୍ବା ନିର୍ବାଚନୀ ସମୀକ୍ଷା ହୋଇନାହିଁ। ଅମର ଶତପଥୀଙ୍କୁ ଦଳ ତରଫରୁ କୌଣସି ଦାୟିତ୍ୱ ଦିଆଯାଇ ନ ଥିଲା। ଏପରି କି ପ୍ରଚାରରେ ମଧ୍ୟ ସାମିଲ କରାଯାଇ ନ ଥିଲା। କେବଳ ତାଙ୍କୁ ନୀରବ ରହିବା ପାଇଁ ବରିଷ୍ଠ ଉପସଭାପତି ପଦବୀ ପ୍ରଦାନ କରାଯାଇଥିଲା। ନିର୍ବାଚନ ସମୟରେ ସେ ବଡ଼ଚଣାକୁ ଆଦୌ ଆସି ନ ଥିବାବେଳେ ନିର୍ବାଚନ ପରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପରିଲକ୍ଷିତ ହୋଇଛି।

ବିଜେଡିର ମଙ୍ଗ ଧରିଥିବା ନେତୃମଣ୍ଡଳୀ ଓ ବର୍ଷାଙ୍କୁ ଜିତାଇବା ପାଇଁ ସଂକଳ୍ପ ନେଇଥିବା ବିଭିନ୍ନ ପଦାଧିକାରୀଙ୍କ ଆଉ ଦେଖା ମିଳୁନାହିଁ। ଏହାକୁ ନେଇ କର୍ମୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଅମର ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲାବେଳେ ପୁରୁଖା କର୍ମୀମାନେ ତାଙ୍କ ସହିତ ଯାଉଥିବା ପରିଲକ୍ଷିତ ହୋଇଛି। ଖୁବ୍‌ଶୀଘ୍ର ସେ ବଡ଼ଚଣାରେ କର୍ମୀମାନଙ୍କୁ ସଙ୍ଗଠିତ କରି ପୁନର୍ବାର ରାଜନୈତିକ କାର୍ଯ୍ୟକ୍ରମ ଆରମ୍ଭ କରିବେ ବୋଲି ଜଣାପଡ଼ିଛି।

ସୂଚନାଥାଉକି, ୨୦୦୪ରେ ଅମର ଶତପଥୀଙ୍କ ଟିକେଟ କାଟି ଦିଆଯାଇଥିଲା। ଏଠାରୁ ସେ ସମୟରେ ଗୌତମ ରାୟଙ୍କୁ ଟିକେଟ ଦିଆଯାଇଥିଲା। ସେ ବଡ଼ଚଣା ଅଞ୍ଚଳ ଲୋକ ହୋଇ ନ ଥିବାରୁ ଭୋଟର କଂଗ୍ରେସର ସୀତାକାନ୍ତ ମହାପାତ୍ରଙ୍କୁ ବିଜୟୀ କରାଇଥିଲେ। ଏହାର ୨୦ବର୍ଷ ପରେ ପୁନର୍ବାର ବଡ଼ଚଣା ବାହାରର ପ୍ରାର୍ଥୀ ବର୍ଷାଙ୍କୁ ଟିକେଟ ଦିଆଯିବା ଯୋଗୁ ବଡ଼ଚଣାବାସୀ ସ୍ୱାଭିମାନର ପ୍ରତୀକ ସ୍ୱରୂପ ଭାଜପା ପ୍ରାର୍ଥୀ ଅମର ନାୟକଙ୍କୁ ବିଜୟୀ କରାଇଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଅମର ଶତପଥୀଙ୍କୁ ପଚାରିବାରୁ ସେ କୁହନ୍ତି, ଯାହା ସତ୍ୟ ଘଟଣା ହୋଇଛି, ତାହା ଭିଡିଓ ବାର୍ତ୍ତା ମାଧ୍ୟମରେ ଜଣାଇଛି।

# ଓଏଚ୍‌ପିସି ଅଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଲେ ସୁରେଶ ମହାପାତ୍ର

ଭୁବନେଶ୍ୱର,୧୪।୬(ଅନିଲ ଦାସ)

ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ଅଧ୍ୟକ୍ଷ ପଦରୁ ସୁରେଶ ଚନ୍ଦ୍ର ମହାପାତ୍ର ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇ ଦେଇଛନ୍ତି। ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ବିଜେଡି ସରକାର ସମୟରେ ଓଏଚ୍‌ପିସିର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା।

ଏହା ପୂର୍ବରୁ ସେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆର୍‌ସି)ର ଅଧ୍ୟକ୍ଷ ଥିଲେ। ନବୀନ ପଟ୍ଟନାୟକ ସରକାରରେ ସେ ମୁଖ୍ୟ ଶାସନ ସଚିବ ମଧ୍ୟ ରହିଥିଲେ। ଅବସର ପରେ ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟ ପରାମର୍ଶଦାତା ଭାବେ ଦାୟିତ୍ୱ ତୁଲାଇଥିଲେ। ଭାଜପା ସରକାର ଆସିବା ପରେ ସେ ଉକ୍ତ ପଦବୀରୁ ନିକଟରେ ଇସ୍ତଫା ଦେଇଥିଲେ।

ODISHA HYDRO POWER CORPORATION LTD.
OHPC
O/o. Sr. GENERAL MANAGER HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT: SAMBALPUR (ODISHA)
Phone: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN: U40101OR1995SGC003963
No. HHEP/Tech-WK-152/2941 Date: 13.06.2024

e-TENDER CALL NOTICE NO. HHEP-17/2024

No. CAD-229: Unit Head, HHEP, Burla invites percentage rate e-tender in single cover system from the eligible class of contractor registered with the Govt. of Odisha and contractor of equivalent grade/class registered with Central Govt./MES/Railway to be received online mode only for the following work in the portal https://tendersodisha.gov.in. Only those bidders who successfully remit their cost of tender paper & EMD online would be able to eligible in the tender (Bidders exempted from payment of EMD will be able to participated in the tender by uploading documentary evidences towards eligibility for such exemptions).

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-refundable) | EMD in Rs. | Availability of bids online | Last date and time of receipt of bid online | Date & time of opening of tender | Class of Contractor |
|---|---|---|---|---|---|---|---|
| Operation and maintenance of water supply system for residential and non-residential buildings of HHEP, Burla | 2666706/- | Rs.7080/- (Rs.6000/- + GST 18%) | 26670/- | 18.06.2024 (11.00 A.M.) to 28.06.2024 (03.00 P.M.) | 28.06.2024 upto 03.00 P.M. | 28.06.2024 at 04.00 P.M. | 'C' & 'B' |

- The bidders shall have to participate in online only in the portal https://tendersodisha.gov.in.
- Further details can be seen from the e-procurement portal https://tendersodisha.gov.in / www.ohpcltd.com.

OIPR-04007/11/0004/2425 Sd./- Unit Head, HHEP, Burla

OFFICE OF THE DIVISIONAL FOREST OFFICER: RAIRAKHOL FOREST DIVISION
Mobile No:-9437054951, Email ID:- dfo.redhakhol@odisha.gov.in
Tender No 01/ 2024-25. Date. 15.06.2024

SHORT TENDER CALL NOTICE

No.MM-33 : Redhakhol Forest Division is inviting tender for procurement of planting materials for taking up plantation work in Redhakhol Forest Division during 2024-25 financial year. The tenderers having eligibility criteria are required to apply. For details & Tender documents, please visit the following website: www. odisha.gov.in (tenders.gov.in), www.sambalpur.nic.in and www.odishaforest.in or from Head Clerk, O/o the Divisional Forest Officer, Redhakhol Forest Division.

| | |
|---|---|
| Last Date for Submission of Bids | 26/06/2024 till 05.30hrs. |
| The date for Opening of Tender | 28/06/2024 at 10.30hrs. |

Sd./- Divisional Forest Officer
Redhakhol Forest Division
OIPR-08146/11/0003/2425

OFFICE OF THE CHIEF CONSTRUCTION ENGINEER
ANANDPUR BARRAGE PROJECT, SALAPADA
DIST.: KEONJHAR, ODISHA, PIN - 758020
Tel. No. (06731) 295003, E-Mail: cceabp@gmail.com

Tender Reference No. CCEABP-02 of 2024-25

No. A-43: The Chief Construction Engineer, Anandapur Barrage Project, Salapada, on behalf of the Governer of Odisha, invites Request for Proposal through online mode in double cover system from eligible bidders for the works as detailed below:-

| Sl. No. | BID ID No. | | Name of the work |
|---|---|---|---|
| 01 | ABP-Soro-01/02 of 2024-25 | Appointment of Third-Party Inspection Agency (TPIA) | Construction of Distribution system for 15996 Ha. of CCA including Command Area Development (CAD) of Salandi Left Main Canal from RD 59.970 Km. to 73.003 Km. through Under Ground Pipe Line Irrigation System (Gravity Flow) of Anandapur Barrage Project in Balasore District of Odisha on EPC-Turn Key Basis including operation and maintenance of the commissioned project. |
| 02 | ABP-Soro-02/02 of 2024-25 | Appointment of Proof Engineering Consultant (PEC) | |

a. Period of Completion : 36 (Thirty Six) Calendar Months
b. Period of Availability of Bid Document in the Portal : From 11.30 A.M. of 21.06.2024 to 08.07.2024 upto 5.00 P.M.
c. Last Date/Time for receipt of Bid : 08.07.2024 upto 5.00 P.M.
d. Date and Time of Opening of Technical Bid : 09.07.2024 at 11.30 A.M.
e. Name & address of the officer Inviting Bid : Chief Construction Engineer, Anandapur Barrage Project, Salapada
f. Further details can be seen from E-Procurement portal "https://www.tendersodisha.gov.in".

Sd./- Chief Construction Engineer
Anandapur Barrage Project, Salapada
OIPR-32068/11/0003/2425

OFFICE OF THE PANCHAYAT SAMITI, KUTRA
No.i-05
E-Mail :- ori-kutra@nic.in
Bid Identification No.- B.D.O, P.S., Kutra - 01/2024-25
No :- 1231 P.S Kutra/Dtd :- 12.06.2024

1. Block Development Officer, Kutra on behalf of Governor of Odisha invites percentage rate bid through open bid in Single from eligible contractors for the works as detailed below.

Nature of Work : "Construction of Model AWCs under Kutra Block
No. of Works : 11 Nos.
Tender Cost : As Specified in the bid documents
Class of Contractor : As specified in the bid documents
Available of Bid document in Website : From dt. 13.06.2024 of 10.00 AM to Dt. 24.06.2024
Last Date of receipt of Tender Paper : Date - 25.06.2024 till 12.00 Noon in working days
Date of opening of open Bid : Dt. 25.06.2024 at 4.00 PM

2. The Bidders have to participate in open bidding only. Further details can be seen from the Website : www.sundargarh.nic.in
3. Any Addendum / Corrigendum / Cancellation of tender can also be seen in the newspaper and website : http://www.sundargarh.nic.in

Sd./- Block Development Officer
Kutra
OIPR-19126/11/0001/2425

ODISHA HYDRO POWER CORPORATION LTD.
OHPC
OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT
AT/PO- BARINIPUT, DIST-KORAPUT, PIN-764006, PHONE: (06854) 242001, FAX:(06854) 242038
REGD OFFICE: ODISHA HYDRO POWER CORPORATION LTD. JANPATH, BHOINAGAR, BHUBANESWAR-751022
TELEPHONE: 0674-2542802, 3542826, 2545536, FAX: 0674-2542102, CIN:U40101OR1995SGC003963

NOTICE INVITING TENDER No.02/24-25, DATE 13.06.2024

No.CAD-230:Sealed tenders are invited in TWO PART i.e. (i) Techno Commercial Bid & (ii) Price Bid in separate sealed envelopes from the reputed Firms/ Agency having experience and executed at least two such similar type of works in last 03 years in any PSU/State Govt./ Central Govt./ Corporation for "Repair of Central AC Plant-2 for U.K.H.E.P., Bariniput in buyback Basis for chiller, Dist: Koraput, Odisha.

| Sl. No. | Description | Cost of Tender Paper (Rs.) | EMD |
|---|---|---|---|
| 1 | Repair of Central Ac Plant-2 for U.K.H.E.P., Bariniput in BuyBack Basis, Dist: Koraput, Odisha | Rs.7080.00 (Rs.6000/-+ GST @ 18%) | Rs.23,000/- |

Sale of Tender Paper : From 24.06.2024 to 11.30 Hrs. of 10.07.2024
Last Date of submission of tender : Upto 12.00 Hrs. of 10.07.2024
Date & Time of Opening of Tender : At 12.30 Hrs. of 10.07.2024
For details of the tender documents, terms and conditions please visit our website www.ohpcltd.com.

OIPR-04002/11/0003/2425 Sd./- C & P Head, UKHEP, Bariniput

# ବାପାଙ୍କ ଆକଟ

**ଗଳ୍ପ**

**ଜଚିଦାନନ୍ଦ ଦାଶ**



ରାତି ପାହି ଆସୁଥିଲା। ଭୋର୍ ବେଳାଟା କୁଆ, କୋଇଲି ରାବରେ ଉଚ୍ଛୁଳି ପଡୁଥାଏ। ମସ୍‌ଜିଦର 'ଆଲ୍ଲା ହୋ ଆକବର' ଡାକ ସବୁରି ମନରେ ଭକ୍ତି ଭାବନା ଜାଗ୍ରତ କରୁଥାଏ। ଠିକ୍ ଏତିକିବେଳେ ସୁମତିଦେବୀଙ୍କର ନିଦ ଭାଙ୍ଗିଗଲା। ପାଇପ୍ ପାଖରେ ଆସି ମୁହଁଟା ଧୋଇଦେଇ ସୁମତିଦେବୀ ଡାକଛାଡ଼ିଲେ ଝିଅ ମନିଷାକୁ। ''ମନିଷା, ମନିଷା ଉଠିଯା', ନିତ୍ୟକର୍ମ ସାରି କିଛିଟା ହୋମ୍‌ୱାର୍କ କରିଦେ।'' ମନିଷା ସୁମତିଦେବୀଙ୍କର ଏକମାତ୍ର ଗେହ୍ଲାଝିଅ। ବୟସ ୬ ବର୍ଷ ହେବ, ଷ୍ଟାଣ୍ଡାର୍ଡ ୨ରେ ପାଠପଢ଼େ। ସୁମତିଦେବୀଙ୍କ ଡାକ ନ ଶୁଣି ମନିଷା ଆହୁରି ଅଳସୁଆ ହୋଇ ଶୋଇରହିଲା। ସୁମତିଦେବୀ ମନିଷାକୁ ଏତେ ଗେହ୍ଲା କରନ୍ତି ଯେ, କିଛି ଆକଟ କରି କହିପାରନ୍ତି ନାହିଁ। ଆରଘରେ ଶ୍ୟାମବାବୁ (ମନିଷାର ବାପା) ଭୋର୍‌ରୁ ଉଠି କିଛି ସମୟ ଯୋଗ କରି ଧ୍ୟାନରେ ବସିବା ପରେ ନିତ୍ୟକର୍ମ ସାରିବାକୁ ବାହାରି ପଡ଼ିଲେ। ଆରଘରକୁ ଯାଇ ଦେଖିଲେ ଯେ ମନିଷା ନିଘୋଡ଼ ନିଦରେ ଶୋଇଛି। ଶ୍ୟାମବାବୁ ତତ୍‌କ୍ଷଣାତ୍ ମନିଷାକୁ ଟିକେ ହଲେଇ ଦେଇ ଡାକଛାଡ଼ିଲେ, ''ମନିଷା ଶୀଘ୍ର ଉଠିଯା' ନ ହେଲେ ଚାପୁଡ଼ାଟାଏ ପକେଇବି ତୋ' ପିଠିରେ।'' ବାପାଙ୍କ ଡାକ ଓ ଆକଟ ଶୁଣି ମନିଷା ତତ୍‌କ୍ଷଣାତ୍ ଉଠିଯାଇ ବିଛଣା ସଜାଡ଼ି ଦେଲା ଏବଂ ନିତ୍ୟକର୍ମ ସାରିବାକୁ ବାହାରିପଡ଼ିଲା। ଶ୍ୟାମବାବୁ ଜଣେ ସଚ୍ଚୋଟ ତୃତୀୟ ଶ୍ରେଣୀ ସରକାରୀ କର୍ମଚାରୀ। ନିଜର ସ୍ୱଳ୍ପ ଦରମା ଓ ସଞ୍ଚୟ ମଧ୍ୟରେ ପରିବାରର ଭରଣପୋଷଣ କରିବାକୁ ଚେଷ୍ଟା କରିଥାନ୍ତି। ବିଶେଷତଃ ମନିଷାର ଭବିଷ୍ୟତ ପାଇଁ ଖୁବ୍ ଯତ୍ନବାନ ଥାଆନ୍ତି। ଝିଅକୁ ଭିତରେ ସ୍ନେହ ଦେଇ ଉପରେ ସବୁ ସମୟରେ ତାଗିଦା କରି ରଖିଥାନ୍ତି। ମନିଷା ଟିକେ ଅଳସୁଆ। ସକାଳୁ ସ୍କୁଲ ଯିବାକୁ ଡେରି କରିଦିଏ, ଫଳରେ କେତେଥର ବସ୍‌ଫେଲ୍ ହୋଇଛି। ସେଥିପାଇଁ ବାପାଙ୍କଠାରୁ ବହୁଥର ଗାଳି ଶୁଣିଛି ଏବଂ ସମୟ କ୍ରମେ ନିଜକୁ ସଂଶୋଧନ କରିବାକୁ ଚେଷ୍ଟା କରିଛି। ମନିଷା ପଡ଼ିଶାଘର ମୀନା ସାଙ୍ଗରେ ସବୁବେଳେ ବୁଲେ ଓ ଖେଳେ ବୋଲି ବାପା ବହୁବାର ଆକଟ କରି କହିଛନ୍ତି ''ସେ ଝିଅଟା ଭଲ ନୁହେଁ, ତା' ସାଙ୍ଗରେ ବେଶି ବୁଲାବୁଲି କରିବୁ ନାହିଁ।''

ଏମିତି ମା'ଙ୍କର ଫୁଲାଫାଙ୍କିଆ ସ୍ନେହ ଓ ବାପାଙ୍କ ତାଗିଦା ଭିତରେ ରହି ମନିଷା ଆସି ଦଶମ ଶ୍ରେଣୀରେ ପଢ଼ିଲାଣି। ଏବର୍ଷ ଏଚ୍.ଏସ୍.ସି. ଫାଇନାଲ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି। ଘରେ ଦୁଇଦୁଇଟା ଟିଉଶନ ହେଉଛି। ଟିଉଶନ ସାର୍‌ଙ୍କ ପାଖକୁ ଟିକେ ଆସିବା ଡେରି କଲେ ବାପା ବିଗିଡ଼ିଯା'ନ୍ତି ଏବଂ କହନ୍ତି ''ତୋ' ଦେଇ କିଛି ହବନି'' ଏବଂ ସମୟାନୁବର୍ତ୍ତିତାର ଉପକାର ଟିକେ ମନିଷାକୁ ଶୁଣେଇ ଦିଅନ୍ତି। ମନିଷା ବାପାଙ୍କ କଥା ରକ୍ଷା କରି ସମୟାନୁସାରେ ସବୁକାମ କରିବାକୁ ପ୍ରତିଶ୍ରୁତି ଦେଇଦିଏ।

ଏପରି ସ୍ଥିତିରେ ଯାହାହେଉ ମନିଷା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲା। ଫଳରେ ମା' ଓ ବାପାଙ୍କ ଆନନ୍ଦର ସୀମା କହିଲେ ନ ସରେ। ସୁମତିଦେବୀ ପଡ଼ୋଶୀ ଘରେ ମିଠା ପ୍ୟାକେଟ୍ ଆଣି ବାଣ୍ଟିବାକୁ ଲାଗିଲେ। ମନିଷା ବାପାଙ୍କଠାରୁ କେତେ ଯେ ବେତମାଡ଼ ଖାଇଛି ନିଜକୁ ଠିକ୍ ବାଟକୁ ଆଣିବା ପାଇଁ ତା'ର କଳନା ନାହିଁ। ଯାହା ହେଉ ସେ ଆକଟର ସାର୍ଥକତା ଆଜି ମନିଷା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ଜାଣିପାରୁଛି।

ଏହାପରେ ମନିଷାର ରେଭେନ୍ସା କଲେଜରେ ସାଇନ୍ସରେ ନାମଲେଖାର ଯୋଜନା ଶ୍ୟାମବାବୁ କରନ୍ତି। କଲେଜରେ ନାମ ଲେଖାଇ ହଷ୍ଟେଲରେ ରହିବା ପରେ ଶ୍ୟାମବାବୁ ମନିଷାକୁ ବହୁତ ତାଗିଦା କରି କହିଲେ, ବାହାରେ ବେଶି ବୁଲିବୁ ନାହିଁ। ଖରାପ ସାଙ୍ଗ କରିବୁ ନାହିଁ ଏବଂ ମନଦେଇ ପାଠପଢ଼ିବୁ ଇତ୍ୟାଦି। ମନିଷା ବାପାଙ୍କ ଉପଦେଶ ମାନି କଲେଜ ପଢ଼ି ପୁନଶ୍ଚ ପ୍ରଥମ ଶ୍ରେଣୀରେ ଇଣ୍ଟରମିଡିଏଟ୍ ସାଇନ୍ସ ପାଶ୍ କଲା ଏବଂ ପରବର୍ତ୍ତୀ ସମୟରେ ଡାକ୍ତରୀ ପଢ଼ିବା ପାଇଁ ମନବଳାଇଲା। ଶ୍ୟାମବାବୁ ଝିଅର ଇଚ୍ଛା ପୂରଣ କରିବା ପାଇଁ ତାକୁ କଟକ ବଡ଼ମେଡିକାଲରେ ନାମ ଲେଖାଇଦେଲେ। ମନିଷା ଏବେ ମନଦେଇ ଡାକ୍ତରୀ ପଢ଼ିବାକୁ ଆରମ୍ଭ କଲା ଏବଂ ୪/୫ ବର୍ଷ ପରେ ଏକ ଦକ୍ଷ ଫିଜିସିଆନ୍ ହୋଇ ବାହାରିଲା।

ଇତିମଧ୍ୟରେ ଶ୍ୟାମବାବୁ ବହୁ ପରିଶ୍ରମ ସହ ଓଭର ଟାଇମ୍ କରି କିଛି ଅଧିକା ରୋଜଗାର କରି ଝିଅକୁ ବହି, ଟଙ୍କା ଇତ୍ୟାଦି ଯୋଗାଉଥିଲେ। କିଛିଦିନ ପରେ ଶ୍ୟାମବାବୁଙ୍କ ଦେହ ଭୀଷଣ ଖରାପ ହେବାକୁ ଲାଗିଲା, ଡାକ୍ତରୀ ଯାଞ୍ଚ କଲାପରେ ଅତ୍ୟଧିକ ପରିଶ୍ରମ ଏବଂ କମ୍ ବିଶ୍ରାମ ହେତୁ ଶରୀର ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଲା। ସୁମତିଦେବୀ ଆଉ ହେଳା ନ କରି ଝିଅ ପାଖକୁ ଶ୍ୟାମବାବୁଙ୍କୁ ନେଇଗଲେ। ବହୁ ପରୀକ୍ଷାନିରୀକ୍ଷା ପରେ ଜଣାପଡ଼ିଲା ଶ୍ୟାମବାବୁଙ୍କୁ ବୋନ୍ କ୍ୟାନ୍‌ସର। ସୁମତିଦେବୀ ଓ ମନିଷା ଦୁଃଖରେ ମ୍ରିୟମାଣ ହୋଇପଡ଼ିଲେ। ମାତ୍ର ଫଳ କିଛି ହେଲାନାହିଁ। ଶ୍ୟାମବାବୁଙ୍କର ଶେଷ ସମୟ ଆସି ଯାଇଥିଲା। ସଂସାରରୁ ବିଦାୟ ନେବା ପୂର୍ବରୁ ଝିଅକୁ ଆକଟ କରି କହିଲେ– ''କେବେହେଲେ ସମୟର ଦୁରୁପଯୋଗ କରିବୁ ନାହିଁ। ସବୁ ସମୟରେ ନିଜର କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କରିବାକୁ ଚେଷ୍ଟା କରିବୁ।'' ଏତିକି କହୁକହୁ ଶ୍ୟାମବାବୁ ବିଛଣାରେ ଟଳିପଡ଼ିଲେ। ସେତେବେଳକୁ ଆଉ କିଛି ନ ଥିଲା। ଡାକ୍ତର ଶ୍ୟାମବାବୁଙ୍କୁ ମୃତ ଘୋଷଣା କଲେ। ସୁମତିଦେବୀ ଓ ମନିଷାଙ୍କର କାନ୍ଦର ସୀମା ରହିଲା ନାହିଁ। ମନିଷାର ମନେପଡ଼ିଯାଉଥାଏ ବାପାଙ୍କ ଆକଟ କଥା, ଯାହା ବଳରେ ସେ ଆଜି ଜଣେ ଦକ୍ଷ ଫିଜିସିଆନ୍ ହୋଇପାରିଛି। ମନେପଡ଼ିଯାଏ ଦୁଷ୍ଟ ହେବା ସମୟରେ ବାପାଙ୍କ ଚାପୁଡ଼ା ଏବଂ ପାଠ ନ ଆସିଲେ ବେତ ମାଡ଼। ମନିଷା କାନ୍ଦୁଥାଏ, ତା' ସଙ୍ଗେ ଅଗଣାରେ ଥିବା ପିଲାବେଳର ବାପାଙ୍କ ବେତକୁ ଆଉଁଶୁଥାଏ, ଯେଉଁଥିରେ ସେ ବହୁବାର ମାଡ଼ ଖାଇଛି।

ମୋ : ୯୯୩୮୧୮୧୩୨୦

## କବିତା

### ଗୋଟେ କବିତାର ଆତ୍ମକଥା

**ପ୍ରଭାତୀ ମାଝୀ**

ଅସୀମ ପୀଡ଼ାର ଲଟାରେ ମୁଁ
ଫୁଟିଥାଏ ପେଣ୍ଡା ପେଣ୍ଡା
ରକ୍ତର ପଳାଶ ଫୁଲ
ଉପରେ ଥାଏ ଗ୍ରୀଷ୍ମର ଆକାଶ
ତଳେ ଉହଡହ ନିଆଁର ବିସ୍ମୟ
ଏଇ ବୋଧେ ମୋର ପ୍ରାପ୍ୟ
ଅବଧାରିତ ଭାଗ୍ୟ
ଯୁଗ ପରେ ଯୁଗ,
ତମାମ ଜୀବନ ଲହୁଲୁହାଣ।

ପ୍ରତିଥର ଫେରେଇଛି ନୀଳ ଦରିଆର
ଉଲଗ୍ନ ଆଲିଙ୍ଗନର ଦୃଶ୍ୟ
ରାତିଅଧ ଆକାଶର ମାୟା ନିମନ୍ତ୍ରଣ
ଫେରେଇଦେଇଛି ସୁଖର ରାଜବେଶ
କେବେକେବେ କାମନାର କାମିନୀ ହସ
ନା ହୋଇଛି ବଶୀଭୂତ,
ନା ମୁଁ ନତମସ୍ତକ।

ପଛରେ ପକାଇ ଅକାଳ ବିକାଳ
ଥଳ ଅଥଳ, ଦୂର ଅଦୂର
ପଥ ପରେ ପଥ ଯୋଜନ ଯୋଜନ
ଧାଉଁଛି ମୁଁ ଯୁଗ ପରେ ଯୁଗ
ଏଥିପାଇଁ ଏତେ ମୋର
ଆରକ୍ତ ଆୟୋଜନ।
ମୁଁ କେମିତି ରାତି ପରେ ରାତି
ଜଳୁଥାଏ ତୀବ୍ର ଦହନରେ
ମିଠା ମିଠା ନରକ ଭୋଗରେ
ଶୋଷ ଆଉ ଅବସୋସ ବଢୁଥାଏ
ହୃଦୟ କନ୍ଦରେ, ଅତି ନିର୍ଜନରେ।

ପ୍ରତି ପଲକରେ ମୁଁ ପଲ୍ଲବିତ,
ମୋ' ଭିତରେ ଥାଏ
ଜଗତ ଉଦ୍ଧାର ମନ୍ତ୍ର, ଥାଏ
ଜୀବନର ଜୟଗାନ
ମୋତେ କେଉଁ ଛୁଇଁପାରେ କି
ମୃତ୍ୟୁର ସହସ୍ର ହାତ।

ମୋ: ୯୭୭୬୪୫୯୪୬୩

### ଅବୁଝା ଏ ମନ

**ନିରଞ୍ଜନ ସାହୁ**

କେତେ ଆଶା ଥାଏ ମନ ମାନସରେ
କେତେ ନୂଆ ସ୍ୱପ୍ନ ଆସେ
କେତେ ଆଶାଫୁଲ ମଉଳି ଯାଅଇ
କେତେ ସ୍ୱପ୍ନ ପୁଣି ବାସେ।

କେତେ ଧରାଦିଏ କେତେ ଦୂରେଯାଏ
କେତେ ମନ ମାନେ ନାହିଁ
କେତେକ କାମନା କେତେକ ଆକାଂକ୍ଷା
ପୂରଣ ହୁଅନ୍ତି କାହିଁ
ଅନେକ ବାସନା କରି ଆନମନା
ଆଖି ଆଗେ ନିତି ଭାସେ।

ମଣିଷର ମନ ଭାରି ଅମାନିଆ
ବେଗ ପୁଣି କ୍ଷିପ୍ରତର
ମନ ବୁଝିବାଟା ସହଜ ନୁହଇ
ହୁଅ ଯେତେ ତତପର
ମନସ୍ତତ୍ତ୍ୱ ପାଠ କାମଦିଏ ନାହିଁ
କେ ପହଞ୍ଚେ ମନ ପାଶେ ?

ସ୍ୱପ୍ନ ପୂର୍ଣ୍ଣ ହେଲେ ମନ ଖୁସି ରହେ
ପ୍ରସନ୍ନ ଭାବଟି ଥାଏ
ସ୍ୱପ୍ନ ଭାଙ୍ଗିଗଲେ ମନ ମରିଯାଏ
ଆତ୍ମା ଭାରି କଷ୍ଟପାଏ
ଭାଗ୍ୟ ଅନୁକୂଳେ ଶୁଭଫଳ ମିଳେ
ବିପରୀତେ ସୁଖ ନାଶେ।

ମୋ: ୯୯୩୮୭୪୧୫୮୩

**ବ୍ୟଙ୍ଗ କବିତା**

### ମଡର୍ନ ବୋହୂ

**କାହ୍ନୁ ଚରଣ ମୁଦୁଲି**

ଗାଁରୁ ସହର ଖୋଜାଖୋଜି କରି
ଆଣିଛି ମଡର୍ନ ବୋହୂ
ହଜାରେ ଧମକ ମୋତେ ସେ ଦେଉଛି
କଥା ପଦେ କହୁକହୁ।

ଭାବିଥିଲି ବୋହୂ ଘରକୁ ଆସିଲେ
ହସିବ ପୁଣି ମୋ' ଘର
ମୋ' ଘରେ ପାଦ ଦେବା ଦିନଠାରୁ
ମୋତେ କରେ ତିରସ୍କାର।

ଭାବିଥିଲି ବୋହୂ ଘରକୁ ଆସିଲେ
ହାତେ ରାନ୍ଧି ଖୁଆଇବ
ଧମକ ଦେଉଛି ତା' ସେବା ନ କଲେ
ମୋତେ ପାନେ ଚଖେଇବ।

ଭାବିଥିଲି ବୋହୂ ଘରକୁ ଆସିଲେ
ଜଞ୍ଜାଳରୁ ମୁକ୍ତି ଦେବ
ଧମକ ଦେଉଛି ଯୌତୁକ ଯାତନା
ମାମଲାରେ ବନ୍ଧେଇବ।

ଶର୍ଟ ପିନ୍ଧିକି ବଜାର ବୁଲୁଛି
ତାକୁ ମାଡୁନାହିଁ ଲାଜ
ବିଉଟି ପାର୍ଲର ନିଇତି ଯାଉଛି
ହେବା ପାଇଁ ସଜବାଜ।

କାନରୁ ଖସୁନି ମୋବାଇଲ ତା'ର
ଦିନରାତି ଖାଲି ଗପୁଛି
ମୁଁ ପଚାରିଲେ ରାଗେ ଜରଜର
ମନଭରି ମୋତେ ସମ୍ଭୁଛି।

ସଞ୍ଜେ ସଞ୍ଜବତି ଦେଉନି ମୋ' ଘରେ
ପୂଜା କରୁନାହିଁ ଠାକୁର
ପଲଙ୍କ ଉପରେ ଧରିକି ଶୋଉଛି
କିଣିଛି ବିଦେଶୀ କୁକୁର।

ପୂନିଅଁ ପରବ କିଛି ମାନୁନାହିଁ
ନିଇତି ଆଇଁଷ ଖାଉଛି
କହିଲେ ସରିବ ନାହିଁ ବୋହୂ ଖୁଣ
ଆଜି ଏତିକିରେ ରହୁଛି।

ମୋ: ୯୭୭୬୦୯୭୬୧୨

## ପୁସ୍ତକ ପରିଚୟ

### ମୁଗଡାଲିର ବାସ୍ନା




**ଗାଳ୍ପିକ:** ଯଜ୍ଞେଶ୍ୱର ବିଶି
**ପ୍ରକାଶକ:** ବିଶ୍ୱମୁକ୍ତି ପବ୍ଲିକେଶନ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୭୫/-

ମୋଟ ୨୦ଟି ଗଳ୍ପରେ ଗୁନ୍ଥାଯାଇଛି ଆଲୋଚ୍ୟ ଗଳ୍ପସଂକଳନରୂପୀ ଫୁଲହାରଟି। ଅଧିକାଂଶ ଗଳ୍ପରେ ନିଜ ସମୟ ଓ ସମାଜର ଛବି ଆଙ୍କିଛନ୍ତି ଗାଳ୍ପିକ। ଗଳ୍ପଗୁଡ଼ିକରେ କଳ୍ପନାର ପୁଟ କମ୍, ବାସ୍ତବତା ବେଶି। ଗୋଟିଏ ଗଳ୍ପର ଉଦାହରଣ ନିଆଯାଉ– 'ପୋକରା ଭାଗ୍ୟ'। ଏଥିରେ ସାମ୍ୟହୀନ ବେତନରେ କିପରି ବିଭିନ୍ନ ବର୍ଗର ଅଧ୍ୟାପକମାନେ ମାନସିକ ଓ ଶାରୀରିକ ଯନ୍ତ୍ରଣାରେ ଛଟପଟ ହୁଅନ୍ତି, ତା'ରି ଚିତ୍ର ଦିଆଯାଇଛି। ଚା' ଷ୍ଟଲ୍‌ରେ କଲେଜର ଡ୍ୟୁଟି ସାରି ପହଞ୍ଚିଥିବା ୧୦୮ ବର୍ଗ କମ୍ପୋଜିଟ୍ କଲେଜର ଅଧ୍ୟାପକ କୃଷ୍ଣ ଓ ସେଠାକୁ ଆସି କୃଷ୍ଣ ସହ ଭେଟ ହୋଇଥିବା ୬୬୨ ବର୍ଗର ପ୍ଲସ୍ ଟୁ କଲେଜ ଅଧ୍ୟାପିକା ସବିତାଙ୍କ ମଧ୍ୟରେ କଥୋପକଥନ ମାଧ୍ୟମରେ ଗାଳ୍ପିକ ବେତନଗତ ଅସମାନତା କିପରି ସମାନ ଶିକ୍ଷାଗତ ଯୋଗ୍ୟତା ଥିବା ଅଧ୍ୟାପିକା ଅଧ୍ୟାପକମାନଙ୍କୁ ପୀଡ଼ିତ କରେ ତା'ରି ନିଛକ ଚିତ୍ର ପ୍ରଦାନ କରିଛନ୍ତି। ବର୍ଣ୍ଣନା ବି ବିଷୟ ଉପଯୋଗୀ। ଯଥା: ''ଦୀନନାଥ ବାବୁଙ୍କ ଖୁସି ୟୁଜିସି ଦରମା ଭଳି। ବାଦଲ ହେଲା ଯେ ଅର୍ଦ୍ଧେକ ବଉଳି ବର୍ଷିଗଲା। ଯେତକ ରହିଲା ସେଟା ଶଶାଙ୍କ ବାବୁଙ୍କ ଷ୍ଟେଟ୍ ସ୍କେଲ୍‌ରେ ମିଳୁଥିବା ମେଞ୍ଚାଏ ଦରମା ଭଳି। ତଥାପି ଦଇବ ସହିଲାନି ଏ ଗଛଟାକୁ। ଧୁକା ପବନର ଉନ୍ମାଦ ନୃତ୍ୟରେ ଝଡ଼ିଗଲା ଆମ୍ବକଢ଼ି। ଶେଷକୁ ବ୍ଲକ୍‌ଗ୍ରାଣ୍ଟ ପରିକା ଗଛର କୋଉ ଡାଳରେ କେମିତି ମାତ୍ର ଗୋଟେ ଅଧେ ବଞ୍ଚିରହିଲା ଯେ ବଡ଼କଥା।'' (ପୃ: ୩୩)। ଗ୍ରନ୍ଥସ୍ଥ 'ଦେବ ଦର୍ଶନ', 'ଭାଗକ୍ରିୟା', 'ଫାଶମୁକ୍ତି', 'ଶୁଭ୍ରଶଙ୍ଖ', 'ମୁଗଡାଲିର ବାସ୍ନା', 'ଭଲ ବାପା', 'ମତଦାନ', 'ନର୍କଭୋଗ' ଓ 'ଜୀଅନ୍ତା ଶବ' ପ୍ରଭୃତି ଗଳ୍ପଗୁଡ଼ିକ ବେଶ୍ ଉତ୍ତୀର୍ଣ୍ଣ।

### ସାର୍ ଥିଲେ ବୋଲି




**ସମ୍ପାଦନା:** ବି. ରାମଚନ୍ଦ୍ର ସିଏସ୍‌ଟି ଭୋଲ୍‌ଟାୟାର
**ପ୍ରକାଶକ:** 'ଗିରୀଶ ଚନ୍ଦ୍ର ପଟ୍ଟନାୟକ ଜନ୍ମ ଶତବାର୍ଷିକୀ କମିଟି', ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ନିଃଶୁଳ୍କ

କୀର୍ତ୍ତିମାନ୍ ସ୍କୁଲ୍ ଶିକ୍ଷକ ଗିରୀଶ ଚନ୍ଦ୍ର ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ପାଳନ (୨୦୨୪) ଅବକାଶରେ ପ୍ରକାଶ ପାଇଛି ଆଲୋଚ୍ୟ ସ୍ମୃତି-ଗ୍ରନ୍ଥ 'ସାର୍ ଥିଲେ ବୋଲି' ଶତବାର୍ଷିକୀ କମିଟି ଆନୁକୂଲ୍ୟରେ। କଟକ ଜିଲା ସମେତ ମୟୂରଭଞ୍ଜ, କେନ୍ଦୁଝର ଓ ଫୁଲବାଣୀ ପରି ଆଦିବାସୀ ବହୁଳ ଜିଲାମାନଙ୍କରେ ସ୍ୱର୍ଗତ ପଟ୍ଟନାୟକ ଶିକ୍ଷକ ଭାବେ ବୃତ୍ତି ଜୀବନ ବିତାଇଥିଲେ ଓ ତାଙ୍କର କର୍ମମୟ, ଆଦର୍ଶ ଜୀବନ ଶତାଧିକ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୁଦ୍ଧ କରିଥିଲା। ଛାତ୍ର ଓ ପରେ ଭାରତୀୟ ପ୍ରଶାସନ ସେବାରେ ଅଧିଷ୍ଠିତ ଶ୍ରୀ ଅରବିନ୍ଦ ବେହେରା ଲେଖିଛନ୍ତି: ''ସେ ଥିଲେ ଏକ କିମ୍ବଦନ୍ତୀର ନାୟକ। ନିଜକୁ ସମ୍ପୂର୍ଣ୍ଣ ଭାବେ ନିଃସ୍ୱ କରିଦେଇ ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତାକୁ ପୂରଣ କରିବାକୁ ସବୁବେଳେ ଅଗ୍ରାଧିକାର ଦେଉଥିବା ମୁଷ୍ଟିମେୟ ଶିକ୍ଷାଦାତାଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ।'' (ପୃ:୧୦)। ବହିରେ ମୋଟ ୪୮ଟି ସ୍ମୃତିଲେଖ ରହିଛି, ଯାହା ପଢ଼ିଲେ ଜଣେ ଉତ୍ସର୍ଗୀକୃତ ଶିକ୍ଷାବିତ୍‌ର ଜୀବନ ଓ କର୍ମ ସମ୍ପର୍କରେ ଅନେକ ଅଜଣା ତଥ୍ୟ ଉଜାଗର ହୋଇଉଠେ। ଯେଉଁ ପ୍ରମୁଖ ବ୍ୟକ୍ତିମାନେ ନିଜସ୍ୱ ଅବଦାନ ଦ୍ୱାରା ଗିରୀଶ ବାବୁଙ୍କ ଜୀବନ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଛନ୍ତି, ସେମାନଙ୍କ ମଧ୍ୟରୁ କେଇଜଣ ହେଲେ ପଦ୍ମଚରଣ ନାୟକ, ଡା. ବୀରକିଶୋର ସିଂହ, ବି. ରାମଚନ୍ଦ୍ର ସିଏସ୍‌ଟି ଭୋଲ୍‌ଟାୟାର। ପ୍ର. ଶ୍ୟାମସୁନ୍ଦର ମହାପାତ୍ର, ବିକ୍ରମକେଶରୀ ବର୍ମା, ଡା. ସରସ୍ୱତୀ ସ୍ୱାଇଁ, ଡ. ଭାରତୀ ବେହେରା ଓ ଶାନ୍ତନୁ କୁମାର ଆଚାର୍ଯ୍ୟ ପ୍ରମୁଖ। ମୂଲ୍ୟବାନ ଅତୀତର ଆଧାରରେ ବର୍ତ୍ତମାନ ଓ ଭବିଷ୍ୟତକୁ ଗଢ଼ିବା ଦିଗରେ ପୁସ୍ତକଟି ଦର୍ପଣ ତୁଲ୍ୟ କାର୍ଯ୍ୟ କରିବ ବୋଲି ଆଶା।

## କାଳକାଳକୁ



**''କଳା କ'ଣ କି, ଦେଖିବାର ଏକ ତରିକା।''**
**– ସଲ୍ ବେଲୋ**

**ସଲ୍ ବେଲୋଙ୍କ** ଜନ୍ମ ୧୦ ଜୁନ୍ ୧୯୧୫ରେ କାନାଡ଼ାର ଲେଚିନ୍‌ରେ ଓ ପରଲୋକ ୫ ଏପ୍ରିଲ ୨୦୦୫ରେ, ଆମେରିକାର ବ୍ରୁକ୍‌ଲିନ୍‌ରେ। ପ୍ରସିଦ୍ଧ ଗ୍ରନ୍ଥ: 'ଦ ଆଡ୍‌ଭେଞ୍ଚର୍‌ସ ଅଫ୍ ଅଗି ମାର୍ଚ୍ଚ (୧୯୫୩), 'ହେଣ୍ଡରସନ୍ ଦ ରେନ୍ କିଙ୍ଗ୍ (୧୯୫୯), 'ହର୍‌ଜଗ୍' (୧୯୬୪) ଓ 'ହମ୍ ବୋଲ୍ଟ୍‌ସ ଗିଫ୍ଟ' (୧୯୭୫)। ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ 'ପୁଲିଜର୍ ପ୍ରାଇଜ୍', 'ନୋବେଲ ପୁରସ୍କାର' (୧୯୭୬) ଓ 'ଜାତୀୟ କଳା ମେଡାଲ' ପ୍ରଭୃତି ବିଶ୍ୱମାନର ପୁରସ୍କାରରେ ପୁରସ୍କୃତ। ସେ ହିଁ ଏକମାତ୍ର ଲେଖକ, ଯାହାଙ୍କୁ ତିନିଥର ମିଳିଥିଲା 'ଜାତୀୟ ପୁସ୍ତକ ପୁରସ୍କାର'। ସେ କହନ୍ତି: ''ଲକ୍ଷ୍ୟ ଯଦି ଦୂରବର୍ତ୍ତୀ, ତେବେ ଛୋଟ ଛୋଟ ପାହୁଣ୍ଡ ପକାଅ।''

# ପରିଣତି

**ବ୍ୟଙ୍ଗ ଗଳ୍ପ**

**ରତ୍ନପ୍ରଭା ନାଥ**

ଅବସରପ୍ରାପ୍ତ ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ଦାସ ନିଦ ଭାଙ୍ଗିବା ପରେ କେଉଁଠାରେ ଅଛନ୍ତି କିଛି ଜାଣିପାରିଲେ ନାହିଁ। ଏ ତ ତାଙ୍କ ବିଳାସମୟ ଶୟନକକ୍ଷର ମଖମଲି ଶଯ୍ୟା ନୁହେଁ, ଯେଉଁଠାରେ ସେ ଗତ ରାତି ନୈଶଭୋଜନ ପରେ ଶୋଇ ଯାଇଥିଲେ। ସେ ଦେଖିଲେ ସାମ୍ନାରେ ସିଂହାସନ ଉପରେ ବିଦ୍ୟମାନ ସ୍ୱୟଂ ଯମରାଜ, ଦକ୍ଷିଣ ପାର୍ଶ୍ୱରେ ବସି ପାଞ୍ଜି ଦେଖିବାରେ ବ୍ୟସ୍ତ ପକ୍ୱକେଶ ବୃଦ୍ଧ ଚିତ୍ରଗୁପ୍ତ, ଯମରାଜଙ୍କ ଅନୁଚରଗଣ ତାଙ୍କୁ ବେଢ଼ି ରହିଛନ୍ତି। ନିଜ ହାତକୁ ନିଜେ ଚିଙ୍କିଏ ଚିମୁଟି ଦେଲେ ବିଜୟାନନ୍ଦ ବାବୁ, ସେ ସ୍ୱପ୍ନ ଦେଖୁନାହାନ୍ତି ତ! ଶୋଇଥିବା ବେଳେ ଛାତିରେ ଯନ୍ତ୍ରଣା ହେବା କଥା ତାଙ୍କର ଝାପ୍‌ସା ମନେପଡ଼ିଲା। ସମ୍ଭବତଃ ସେତିକିବେଳେ ସୁଯୋଗ ଉଣ୍ଡି ଯମଦୂତମାନେ ତାଙ୍କୁ ଯମାଳୟକୁ ନେଇଆସିଛନ୍ତି।

ବିଜୟାନନ୍ଦ ବାବୁ ଡରିଯିବାର ଲୋକ ନୁହନ୍ତି। ଗୋଟିଏ ଇସାରାରେ ଆଠ ଦଶ ଚାକର ଉପସ୍ଥିତ ହୋଇ ତାଙ୍କ ଆଦେଶକୁ ଅପେକ୍ଷା କରିଥାଆନ୍ତି। ଚାକିରିରେ ଥିବାବେଳେ ତାଙ୍କ ଆଧିପତ୍ୟ ଓ ପତିଆରା ମଧ୍ୟ କମ୍ ନ ଥିଲା। ବିଜୟାନନ୍ଦ ବାବୁ ବିରକ୍ତ ହୋଇ ଯମରାଜଙ୍କୁ କହିଲେ, 'ଆପଣ ବୋଧେ ଜାଣନ୍ତି ନାହିଁ, ମୁଁ କିଏ'। ଯମଦେବ ତାଚ୍ଛଲ୍ୟ ହସି କହିଲେ, 'ଆମେ ତ ଆପଣଙ୍କୁ ଜାଣିନାହୁଁ। ତେବେ ଆପଣଙ୍କ ନାଁରେ ସଙ୍ଗିନ ଅଭିଯୋଗ ସବୁ ରହିଛି। ଆଚ୍ଛା, ଆପଣଙ୍କର ଅଚଳାଚଳ ସମ୍ପତ୍ତି, ବ୍ୟବସାୟିକ ସାମ୍ରାଜ୍ୟ, ନାମୀଦାମୀ ଗାଡ଼ି, ବ୍ୟାଙ୍କରେ କୋଟି କୋଟି ଟଙ୍କା ଜମା ରହିଛି। ଗୋଟିଏ ଜନ୍ମର ସୀମିତ ଅବଧି ପାଇଁ ଏତେ ସମ୍ପତ୍ତି ରଖିବାର ଆବଶ୍ୟକତା କ'ଣ?' ବିଜୟାନନ୍ଦ ବାବୁ କହିଲେ, 'ଆପଣ ଆଉ ମଧ୍ୟ ଜାଣି ନଥିବେ, ଆୟକର ବିଭାଗର ନଜରରୁ ବର୍ତ୍ତିବା ପାଇଁ ସୁଇସ୍ ବ୍ୟାଙ୍କରେ ମଧ୍ୟ ଟଙ୍କା ଜମା ରଖିଛି। ସ୍ୱର୍ଗରେ ସୁଖରେ ରହିବା ପାଇଁ ଯଦି ଏଠାରେ ସେମିତି କିଛି ବ୍ୟବସ୍ଥା ଥାଆନ୍ତା, ଏଠି ମଧ୍ୟ ଅନେକ ଟଙ୍କା ରଖିଦେଇଥାଆନ୍ତି। ମୋ' ପୁଅ, ନାତି, ସାତ ପୁରୁଷଙ୍କ ସୁଖ ପାଇଁ ସବୁ ରଖିଛି। ସେମାନେ ସୁଖରେ ରହିଲେ ହିଁ ମୁଁ ଏଠାରେ ଖୁସି ହେବି।'

ଯମଦେବ କହିଲେ, 'ଆପଣ ତ ଚାକିରି କାଳରେ ପୋଲ, ରାସ୍ତା, କୋଠା ତିଆରି ପାଇଁ ମଜୁରି ଟଙ୍କାର ଅର୍ଦ୍ଧେକ ଆତ୍ମସାତ୍ କରିଛନ୍ତି। ନିମ୍ନମାନର କାର୍ଯ୍ୟ ଯୋଗୁଁ ଏବେ ଯେଉଁ ପୋଲଟି ଭାଙ୍ଗିଯିବାରୁ ଶହ ଶହ ଲୋକ ମୃତ୍ୟୁମୁଖରେ ପଡ଼ିଲେ ସେମାନଙ୍କ ପରିବାର ଲୋକଙ୍କ ଲୁହ ଓ ଅଭିଶାପ ଆପଣ ଭୋଗିବେ ନା ଆପଣଙ୍କ ପୁଅ ନାତି ଭୋଗିବେ?'



ଯମଦେବ ପ୍ରସ୍ତାବ ଦେଲେ ''ଚାଲ, ଏମିତି ସୁଖକାମୀ ମୁରବିର ବିୟୋଗରେ ବର୍ତ୍ତମାନ ତୁମ ପୁଅ, ନାତି ପରିବାରବର୍ଗ କେମିତି ଶୋକପାଳନ କରୁଛନ୍ତି, ନିଜ ଆଖିରେ ଦେଖିଆସିବା। ତୁମ ଗଚ୍ଛିତ ସମ୍ପତ୍ତିରେ ସେମାନେ କେମିତି ସୁଖରେ କାଳାତିପାତ କରୁଛନ୍ତି ଦେଖିଲେ ତୁମେ ଅନ୍ତତଃ ଖୁସି ହେବ।''

ବିଜୟାନନ୍ଦଙ୍କୁ ଧରି ଯମରାଜ ତାଙ୍କ ଘର ଅଭିମୁଖେ ଯାତ୍ରା କଲେ। ଘରେ କାହାକୁ ନ ପାଇ ତାଙ୍କ ଫାର୍ମ ହାଉସ୍‌କୁ ଗଲେ। ସେଠାରେ ଦେଖିଲେ ସମ୍ପତ୍ତିକୁ ନେଇ ପୁଅ ଓ ପତ୍ନୀଙ୍କ ମଧ୍ୟରେ ଅଙ୍କକଷା ନ ଛିଣ୍ଡିବାରୁ ପାଟିତୁଣ୍ଡ, ମାର୍‌ପିଟ୍‌ରୁ କଥା କୋର୍ଟକଚେରି ପର୍ଯ୍ୟନ୍ତ ଗଲାଣି। ନାତିଟୋକାକୁ ଟିକେ ଦେଖିବାକୁ ମନ ବଳିବାରୁ ଚାକର ବୋହୂକୁ କହୁଥିବାର ଶୁଣିଲେ ''ସାନବାବୁ କାଲିରାତିରୁ ବିୟରବାର୍ ଓ ପପ୍ ଡ୍ୟାନ୍ସ ପାର୍ଟିକୁ ଯାଇ ଏ ପର୍ଯ୍ୟନ୍ତ ଫେରିନାହାନ୍ତି। ରାସ୍ତାକଡ଼ କେଉଁ ଡ୍ରେନ୍ ପାଖରେ ନିଶାସକ୍ତ ଅବସ୍ଥାରେ ପଡ଼ିଛନ୍ତି ବୋଲି ଏବେ ପୋଲିସ୍ ଖବର ଦେଇଛି।''

ଯମରାଜ ବିଜୟାନନ୍ଦଙ୍କୁ ପଚାରିଲେ 'ଏବେ ଆପଣ ଖୁସି ତ'?

ମୋ: ୮୨୪୯୯୨୯୭୬୨




# ସୁପର-୮ରେ ଆଫଗାନିସ୍ତାନ



ପ୍ଲେୟର ଅଫ୍ ଦି ମ୍ୟାଚ ଫଜଲକ୍ ଫାରୁକି।

**ତ୍ରିନିଦାଦ, ୧୪।୬**

ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଆଫଗାନିସ୍ତାନ ୭ ଉଇକେଟରେ ପପୁଆ ନ୍ୟୁ ଗିନି (ପିଏନ୍‌ଜି)କୁ ପରାସ୍ତ କରିଛି। ଫଳରେ ଗ୍ରୁପ୍ 'ସି'ରୁ ଆଫଗାନିସ୍ତାନ ସୁପର-୮ରେ ପ୍ରବେଶ କରିଛି। ଏଥିସହ ନ୍ୟୁଜିଲାଣ୍ଡର ଅଭିଯାନ ଗ୍ରୁପ୍ ପର୍ଯ୍ୟାୟରୁ ଶେଷ ହୋଇଛି। ପିଏନ୍‌ଜି ୧୯.୫ ଓଭରରେ ମାତ୍ର ୯୫ ରନରେ ଅଲ୍‌ଆଉଟ ହୋଇଥିବାବେଳେ ଆଫଗାନିସ୍ତାନ ୧୫.୧ ଓଭରରେ ୩ ଉଇକେଟ ହରାଇ ୧୦୧ ରନ ସଂଗ୍ରହ କରି ନେଇଥିଲା। ୨୯ ବଲ୍ ଥାଇ ବିଜୟ ହାସଲ କରିଥିବାରୁ ଉନ୍ନତ ରନ୍ ହାରରେ ଆଫଗାନିସ୍ତାନ ୬ ପଏଣ୍ଟ ସହ ଗ୍ରୁପ୍ 'ସି' ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ୱେଷ୍ଟଇଣ୍ଡିଜ ମଧ୍ୟ ୩ ମ୍ୟାଚରୁ ୬ ପଏଣ୍ଟ ପାଇଥିଲେ ହେଁ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଗ୍ରୁପ୍‌ରୁ ଉଭୟ ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ସୁପର-୮ରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡର ଅଭିଯାନ ଗ୍ରୁପ୍ ପର୍ଯ୍ୟାୟରୁ ଶେଷ ହେବାକୁ ଯାଉଛି। କାରଣ ଏହି ଦଳ ଏ ପର୍ଯ୍ୟନ୍ତ ଖେଳିଥିବା ୨ଟି ଯାକ ମ୍ୟାଚରେ ପରାଜିତ ହୋଇଥିବାରୁ ପଏଣ୍ଟ ଖାତା ଖୋଲିପାରିନାହିଁ। ପରବର୍ତ୍ତୀ ୨ଟି ଲିଗ୍ ମ୍ୟାଚ ଜିତିଲେ ମଧ୍ୟ ଦଳର ପଏଣ୍ଟ ୪ରେ ପହଞ୍ଚିବ, ଯାହାକି ଦଳକୁ ଆଗକୁ ନେବା ପାଇଁ ପର୍ଯ୍ୟାପ୍ତ ହେବନାହିଁ। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପିଏନ୍‌ଜି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇଥିଲା। ୭ ନମ୍ବର ବ୍ୟାଟର କିପ୍‌ଲିନ୍ ଡୋରିକା ସର୍ବାଧିକ ୨୭ ରନ କରିଥିବାବେଳେ ୭ ଜଣ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ୩ ଖେଳାଳି ଡକ୍(୦)ରେ ଆଉଟ ହୋଇଥିଲେ। ଆଫଗାନିସ୍ତାନ ବୋଲରମାନେ ଦ୍ୱିତୀୟ ସର୍ବାଧିକ ୨୫ ରନ ଅତିରିକ୍ତଭାବେ ବ୍ୟୟ କରିଥିଲେ। ତେବେ ବାମହାତୀ ଦ୍ରୁତ ବୋଲର ଫଜଲକ୍ ଫାରୁକି ଚମତ୍କାର ବୋଲିଂ କରି ନିଜ ୪ ଓଭର ସ୍ପେଲ୍‌ରେ ମାତ୍ର ୧୬ ରନ ଦେଇ ୩ଟି ଉଇକେଟ ନେଇଥିଲେ। ନଭିନ-ଉଲ-ହକ୍‌ଙ୍କ ଓଭର ମଧ୍ୟ ଆହୁରି ଚମତ୍କାର ରହିଥିଲା। ସେ ୨.୫ ଓଭର ବୋଲିଂ କରି ମାତ୍ର ୪ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ନୁର୍ ଅହମଦ ଗୋଟିଏ ଉଇକେଟ ନେଇଥିବାବେଳେ ପିଏନ୍‌ଜିର ୪ ବ୍ୟାଟର ରନ୍‌ଆଉଟ ହୋଇଥିଲେ। ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ମଧ୍ୟ ଆଫଗାନିସ୍ତାନ ୮ ରନରେ ପ୍ରଥମ ଏବଂ ୨୨ ରନରେ ଦ୍ୱିତୀୟ ଉଇକେଟ ହରାଇ ଝଟ୍‌କା ଖାଇଥିଲା। ଇବ୍ରାହିମ୍ ଜଦ୍ରାନ ଖାତା ଖୋଲିପାରି ନ ଥିବାବେଳେ ରହମାନୁଲ୍ଲା ଗୁରବାଜ ୧୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଆଜମତୁଲ୍ଲା ଓମାରଜାଇ ମଧ୍ୟ ଭଲ ଆରମ୍ଭ କରିଥିଲେ ହେଁ ୧୩ ରନରେ ଆଉଟ ହୋଇଥିଲେ। ତେବେ ଗୁଲାବଦିନ ନାଇବ ୪୯ (୩୬ ବଲ, ୪ ଚୌକା, ୨ ଛକା) ଓ ମହମ୍ମଦ ନବି ୧୬ ରନରେ ଅପରାଜିତ ରହି ଦଳକୁ ବିଜୟୀ କରିଥିଲେ। ଦୁହେଁ ଅସମାପ୍ତ ୪ର୍ଥ ଉଇକେଟରେ ୪୬ ରନର ଭାଗୀଦାରି ଗଢ଼ିଥିଲେ। ପିଏନ୍‌ଜି ପକ୍ଷରୁ ଆଲେଇ ନାଓ, ସେମୋ କାମିଆ ଓ ନର୍ମାନ ଭାନୁଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପିଏନ୍‌ଜି ୨୦ ଓଭରରେ ୯୫/ଅଲ୍‌ଆଉଟ (କିପ୍‌ଲିନ୍ ଡୋରିଗା-୨୭, ଫଜଲକ୍ ଫାରୁକି-୩/୧୬, ନଭିନ ଉଲ୍ ହକ୍-୨/୪, ନୁର୍ ଅହମଦ-୧/୧୪)। ଆଫଗାନିସ୍ତାନ ୧୫.୧ ଓଭରରେ ୧୦୧/୩ (ଗୁଲାବଦିନ ନାଇବ-୪୯*, ମହମ୍ମଦ ନବି-୧୬*, ଆଲେଇ ନାଓ-୧/୨୬, ସେମୋ କାମିଆ-୧/୧୬, ନର୍ମାନ ଭାନୁଆ-୧/୧୮)।

# ବର୍ଷା ଆଶଙ୍କାରେ ଭାରତ-କାନାଡା

**ଲୌଡରହିଲ, ୧୪।୬ (ପି.ଟି.)**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ସୁପର-୮ରେ ପ୍ରବେଶ କରିସାରିଥିବା ଭାରତ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ଶନିବାର କାନାଡାକୁ ଭେଟିବ। ପୂର୍ବ ୩ ମ୍ୟାଚରେ ଯଥାକ୍ରମେ ଆୟର୍ଲାଣ୍ଡ, ପାକିସ୍ତାନ ଓ ଆମେରିକାକୁ ହରାଇ ସାରିଥିବା ଭାରତ ଆଗାମୀ ଗେମ୍ ଜିତି ଅପରାଜେୟ ଭାବେ ସୁପର-୮ ଖେଳିବା ଲକ୍ଷ୍ୟରେ ରହିଛି। ତାରକା ବ୍ୟାଟର ବିରାଟ କୋହଲିଙ୍କ ଫର୍ମ ଦଳ ପାଇଁ ଚିନ୍ତାର କାରଣ ଥିବାବେଳେ ଆଗାମୀ ମୁକାବିଲା ବର୍ଷା ଦ୍ୱାରା ବାଧାପ୍ରାପ୍ତ ହେବାର ମଧ୍ୟ ଆଶଙ୍କା ରହିଛି। ଫ୍ଲୋରିଡାର ବିଭିନ୍ନ ସ୍ଥାନ ପ୍ରବଳ ବର୍ଷା ଦ୍ୱାରା ପ୍ରଭାବିତ ହୋଇଛି।

**ଟି୨୦ ବିଶ୍ୱକପ୍**

ପ୍ରତିଯୋଗିତାର ସୁପର-୮ ପର୍ଯ୍ୟାୟ ୱେଷ୍ଟଇଣ୍ଡିଜରେ ହେବାକୁ ଥିବାରୁ ଆଗକୁ ଭାରତ ପାଇଁ କଡ଼ା ଚ୍ୟାଲେଞ୍ଜ ଆସୁଛି। ଟି୨୦ ବିଶ୍ୱକପ୍ ପୂର୍ବରୁ କୋହଲି ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ। ୧୫୦ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକ୍ ହାରରେ ସେ ୭୦୦ରୁ ଅଧିକ ରନ ସ୍କୋର କରିଥିଲେ। ମାତ୍ର ବିଶ୍ୱକପ୍‌ରେ ତାଙ୍କ ବ୍ୟାଟ୍ ନୀରବ ରହିଛି। ୩ ମ୍ୟାଚରେ ସେ ୧.୬୬ ହାରରେ ମାତ୍ର ୫ ରନ କରିଛନ୍ତି। ଏହା ମଧ୍ୟରେ ଥରେ ଗୋଲ୍‌ଡେନ ଡକ୍ ସାମିଲ। ଦୀର୍ଘ ୧୩ ବର୍ଷ ବ୍ୟବଧାନରେ ଭାରତର ଆଇସିସି ଟ୍ରଫି ଜିତିବା ଆଶା ପୂରଣ ହେବାକୁ ହେଲେ କୋହଲିଙ୍କୁ ଫର୍ମକୁ ଫେରିବା ଜରୁରୀ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ତେବେ ନ୍ୟୁୟର୍କରୁ ୧୮୫୦ କିଲୋମିଟର ଦୂର ଫ୍ଲୋରିଡାରେ କୋହଲି ଫର୍ମକୁ ଫେରିବେ ବୋଲି ତାଙ୍କ ପ୍ରଶଂସକ ଆଶା ରଖିଛନ୍ତି।



ଶୁକ୍ରବାର ଫ୍ଲୋରିଡ଼ାରେ ପ୍ରବଳ ବର୍ଷା ସମୟର ଦୃଶ୍ୟ।

ଫ୍ଲୋରିଡାର ବ୍ରୋୱାର୍ଡ କାଉଣ୍ଟି ଷ୍ଟାଡିୟମ ପିଚ୍ ନ୍ୟୁୟର୍କ ପରି ନ ଥିବ ବୋଲି ଆଶା ରହିଛି। କ୍ରିକେଟ ଖେଳ ଅପେକ୍ଷା ନ୍ୟୁୟର୍କର ଅନ୍‌ଇଭେନ୍ ବାଉନ୍ସ ଟ୍ରାକ୍ ଏବଂ ସ୍ଲୋ ଆଉଟ୍‌ଫିଲ୍ଡ ଅଧିକ ଚର୍ଚ୍ଚାରେ ରହିଛି। ଭାରତ ବିଜୟ ଧାରାରେ ରହିଥିବାରୁ କୋହଲି ସମ୍ଭବତଃ ବିଶେଷ ଚାପରେ ରହିବେ ନାହିଁ। ଓପନରମାନେ ବଡ଼ ସ୍କୋର କରିପାରୁ ନ ଥିବାରୁ ପରବର୍ତ୍ତୀ ବ୍ୟାଟରଙ୍କ ଉପରେ ଚାପ ପଡୁଛି। ତେବେ ରିଷଭ ପନ୍ତ ଓ ସୂର୍ଯ୍ୟକୁମାର ଯାଦବ ସ୍ଥିତିକୁ ସମ୍ଭାଳି ନେଇଛନ୍ତି। ଆମେରିକା ବିପକ୍ଷ ମ୍ୟାଚରେ ଭାରତ ଖରାପ ସ୍ଥିତିରେ ରହିଥିବାବେଳେ ସୂର୍ଯ୍ୟକୁମାର ଅର୍ଦ୍ଧଶତକ ହାସଲ କରି ନିଜ ଫର୍ମର ପରିଚୟ ଦେଇଛନ୍ତି। ସେହିପରି ପୂର୍ବ ୨ ମ୍ୟାଚରେ ଖରାପ ପ୍ରଦର୍ଶନ ପରେ ଆମେରିକା ବିପକ୍ଷରେ ୩୫ ବଲ୍‌ରୁ ଉପଯୋଗୀ ୩୧ ରନକରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବାରୁ ଶିବମ୍ ଦୁବେଙ୍କୁ ଆଗାମୀ ମ୍ୟାଚରେ ମଧ୍ୟ ସୁଯୋଗ ମିଳିବା ନିଶ୍ଚିତ ହୋଇଛି। ଯଦି ଭାରତ ଯଶସ୍ୱୀ ଜୟସ୍ୱାଲଙ୍କୁ ଖେଳାଇବାକୁ ଚାହିଁବ ତେବେ କୋହଲି ନିଜ ପୂର୍ବସ୍ଥାନ ୩ ନମ୍ବରକୁ ଫେରିବେ। ନ୍ୟୁୟର୍କ ପିଚ୍‌ରୁ ଭାରତୀୟ ବୋଲରମାନେ କିନ୍ତୁ ଭରପୂର ଫାଇଦା ଉଠାଇଛନ୍ତି। ୩ ବୋଲର ଯଶପ୍ରୀତ୍ ବୁମ୍‌ରା (୫ ଉଇକେଟ), ହାର୍ଦ୍ଦିକ ପାଣ୍ଡ୍ୟା (୭ ଉଇକେଟ) ଓ ଅର୍ଶଦୀପ ସିଂ (୭ ଉଇକେଟ) ପ୍ରତିପକ୍ଷ ବ୍ୟାଟରଙ୍କ ପାଇଁ କଷ୍ଟସାଧ ସାବ୍ୟସ୍ତ ହୋଇଛନ୍ତି। ନିର୍ଭରଯୋଗ୍ୟ ବୁମ୍‌ରାଙ୍କ ବ୍ୟତୀତ ପାଣ୍ଡ୍ୟା ଓ ଅର୍ଶଦୀପଙ୍କ ପ୍ରଦର୍ଶନରେ ଟିମ୍ ମ୍ୟାନେଜମେଣ୍ଟ ଅତ୍ୟନ୍ତ ଆନନ୍ଦିତ। ମାତ୍ର ଗୋଟିଏ ଉଇକେଟ ନେଇଥିବା ମହମ୍ମଦ ସିରାଜ ଏବଂ ଆଦୌ ଉଇକେଟ ପାଇ ନ ଥିବା ରବୀନ୍ଦ୍ର ଜାଡେଜା ମଧ୍ୟ ଫର୍ମକୁ ଫେରନ୍ତୁ ବୋଲି ମ୍ୟାନେଜମେଣ୍ଟ ଆଶା ରଖିଛି। ଭାରତ ସୁପର-୮ରେ ପ୍ରବେଶ କରିସାରିଥିବାରୁ କାନାଡ଼ା ବିପକ୍ଷ ମ୍ୟାଚରେ ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣକୁ କିମ୍ବା ଦୁଇଜଣଙ୍କୁ ଚୂଡ଼ାନ୍ତ ଦଳରେ ସ୍ଥାନ ମିଳିପାରେ। ଏ କ୍ଷେତ୍ରରେ ଜାଡେଜା ଓ ଅକ୍ଷର ପଟେଲଙ୍କୁ ବାହାରେ ବସିବାକୁ ପଡ଼ିପାରେ। ୱେଷ୍ଟଇଣ୍ଡିଜ ପିଚ୍‌ରେ ସୁପର-୮ ହେବାକୁ ଯାଉଛି। ସେଠାକାର ପିଚ୍ ସ୍ପିନର ଫ୍ରେଣ୍ଡଲୀ ରହିବ। ତେଣୁ ଏହା ପୂର୍ବରୁ କୁଲଦୀପ ଓ ଚହଲଙ୍କୁ ମ୍ୟାଚ ପ୍ରାକ୍ଟିସ ଦେବାକଥା ମଧ୍ୟ ଚିନ୍ତା କରାଯାଇପାରେ। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ବିପକ୍ଷରେ ୧୨ ରନରେ ବିଜୟ ହାସଲ କରିଥିବା କାନାଡା ମଧ୍ୟ ଆଗାମୀ ମ୍ୟାଚରେ ଭଲ ପ୍ରଦର୍ଶନର ଲକ୍ଷ୍ୟ ରଖିଛି। ଓପନର ଆରୋନ ଜନସନ ବଡ଼ ଇନିଂସ ଖେଳିବାର ଦକ୍ଷତା ରଖିଛନ୍ତି। ମାତ୍ର ଭାରତକୁ ବିସ୍ମିତ କଲାଭଳି ପ୍ରଦର୍ଶନ କାନାଡା ପାଇଁ ନିଶ୍ଚିତ କଷ୍ଟସାଧ ହେବ। ବର୍ଷା ସମ୍ଭାବନା ଥିବାରୁ ଏହା ମ୍ୟାଚକୁ ପ୍ରଭାବିତ କରିବା ଆଶଙ୍କା ମଧ୍ୟ ରହିଛି।

**ଟି୨୦ ବିଶ୍ୱକପ**

**(ଆଜିର ମ୍ୟାଚ)**

**ଦକ୍ଷିଣ ଆଫ୍ରିକା ବନାମ ନେପାଳ**
ସ୍ଥାନ: ସେଣ୍ଟ ଭିନ୍‌ସେଣ୍ଟ
ସମୟ: ପ୍ରାତଃ ୫ଟା

**ନ୍ୟୁଜିଲାଣ୍ଡ ବନାମ ଉଗାଣ୍ଡା**
ସ୍ଥାନ: ତ୍ରିନିଦାଦ
ସମୟ: ସକାଳ ୬ଟା

**ଭାରତ ବନାମ କାନାଡ଼ା**
ସ୍ଥାନ: ଫ୍ଲୋରିଡ଼ା
ସମୟ: ରାତି ୮ଟା

**ନାମିବ୍ୟା ବନାମ ଇଂଲଣ୍ଡ**
ସ୍ଥାନ: ଆଣ୍ଟିଗୁଆ
ସମୟ: ରାତି ୧୦ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଓମାନକୁ ୮ ଉଇକେଟରେ ହରାଇଲା ଇଂଲଣ୍ଡ

**ନର୍ଥ ସାଉଣ୍ଡ (ଆଣ୍ଟିଗୁଆ), ୧୪।୬ (ଏପି)**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ର ଗ୍ରୁପ୍ 'ବି'ରେ ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ ଆଦିଲ ରଶିଦ୍ (୪/୧୧)ଙ୍କ ବୋଲିଂ ସଫଳତାକୁ ପାଥେୟ କରି ଇଂଲଣ୍ଡ ୮ଉଇକେଟରେ ଓମାନକୁ ପରାସ୍ତ କରି ସୁପର-୮ ପାଇଁ ଏହାର ଆଶାକୁ ଉଜ୍ଜୀବିତ ରଖିଛି। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓମାନ ୧୩.୨ ଓଭରରେ ୪୭ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ସୋଏବ ଖାନ୍ ମାତ୍ର ୧୧ ରନ କରିଥିବା ବେଳେ ଅନ୍ୟ କେହି ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ରଶିଦଙ୍କ ବ୍ୟତୀତ ଚମତ୍କାର ବୋଲିଂ କରିଥିବା ଅନ୍ୟ ଦୁଇ ବୋଲର ଜୋଫ୍ରା ଆର୍ଚର ଓ ମାର୍କ ଉଡ୍ ପ୍ରତ୍ୟେକ ୧୨ରନ ଲେଖାଏ ଦେଇ ୩ଟି ଲେଖାଏ ଉଇକେଟ ନେଇଥିଲେ। ୪୮ରନର ସହଜ ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୩.୧ ଓଭରରେ ୨ ଉଇକେଟ ବିନିମୟରେ ୫୦ ରନ କରି ବିଜୟୀ ହୋଇଥିଲା। ଅଧିନାୟକ ତଥା ଉଇକେଟକିପର ଜୋସ୍ ବଟଲର ୨୪ ରନ କରି ଅପରାଜିତ ରହିଥିଲେ। ଏହି ମ୍ୟାଚ ଇଂଲଣ୍ଡ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ମ୍ୟାଚ ପୂର୍ବରୁ ଦଳର ନେଟ୍ ରନ୍‌ରେଟ୍ ମାଇନସ ୧.୮୦୦ ରହିଥିଲା। ବର୍ତ୍ତମାନ ଏହା ୩.୦୮ରେ ପହଞ୍ଚି ଯାଇଥିବା ବେଳେ ସ୍କଟଲାଣ୍ଡ (+୨.୧୬୪)ଠାରୁ ଆଗେଇ ଯାଇଛି। ସ୍କଟଲାଣ୍ଡ ଏହାର ପରବର୍ତ୍ତୀ ମ୍ୟାଚ ୨୦୨୧ ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ। ବର୍ଷା ଯୋଗୁ ମ୍ୟାଚ ଧୋଇଯାଇଥିବାରୁ ସ୍କଟଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚରୁ ଇଂଲଣ୍ଡ ଗୋଟିଏ ପଏଣ୍ଟ ପାଇଥିଲା। ଦଳ ପରେ ଅଷ୍ଟ୍ରେଲିଆ ନିକଟରୁ ୩୬ରନରେ ହାରିଯାଇଥିଲା। ଗୁରୁବାର ମ୍ୟାଚରେ ଇଂଲଣ୍ଡ କେବଳ ସହଜ ବିଜୟ ହାସଲ କରି ନାହିଁ ରନ ରେଟ୍ ଦୃଷ୍ଟିରୁ ବେଶ୍ ଲାଭବାନ ହୋଇଛି।




ଜୋସ୍ ବଟଲର ଓ ଜନି ବେୟାରଷ୍ଟୋ।

# ସିଙ୍ଗାପୁର ଗୋଲ୍‌କିପରଙ୍କ ପ୍ରତି ଚାଇନିଜ୍ ପ୍ରୀତି




ସିଙ୍ଗାପୁର ଗୋଲ୍‌କିପରଙ୍କ ଫୁଡ୍ ଷ୍ଟଲରେ ଚାଇନିଜ୍‌ଙ୍କ ଭିଡ଼।

**ସିଙ୍ଗାପୁର ୧୪।୬ (ଏପି)**

ସିଙ୍ଗାପୁର ଜାତୀୟ ଦଳର ଗୋଲକିପର ୪୦ ବର୍ଷୀୟ ହସନ ସନ୍ନି ରାତାରାତି ଚାଇନିଜ ସୋସିଆଲ ମିଡିଆରେ ସେଲିବ୍ରିଟି ପାଲଟିଯାଇଛନ୍ତି। କାରଣ ତାଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ଯୋଗୁ ବିଶ୍ୱକପ୍ ୨୦୨୬ର ତୃତୀୟ କ୍ୱାଲିଫାଇଂ ରାଉଣ୍ଡ ପ୍ରବେଶରେ ଚାଇନା ଦଳକୁ ପରୋକ୍ଷରେ ସହାୟକ ହୋଇଛନ୍ତି। ମଙ୍ଗଳବାର ଏକ ମ୍ୟାଚରେ ହସନ ସନ୍ନିଙ୍କ ପ୍ରଭାବୀ ଗୋଲ ରକ୍ଷଣ ଯୋଗୁ ସିଙ୍ଗାପୁର ୩-୧ ଗୋଲ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଛି। ଯଦି ଥାଇଲାଣ୍ଡ ଏହି ମ୍ୟାଚ ୩ ଗୋଲ୍ ବ୍ୟବଧାନରେ ବିଜୟ ଲାଭ କରିଥାନ୍ତା ତେବେ ଚାଇନା ତୃତୀୟ କ୍ୱାଲିଫାଇଂ ରାଉଣ୍ଡରେ ପ୍ରବେଶ କରିପାରି ନ ଥାନ୍ତା। ଏହି କାରଣରୁ ହସନଙ୍କ ପ୍ରତି ଚାଇନିଜ ସମର୍ଥକମାନେ ସେମାନଙ୍କ ଖୁସି ଜାହିର କରିଛନ୍ତି। ହସନ ଦମ୍ପତିଙ୍କର ସିଙ୍ଗାପୁରରେ ଏକ ଫୁଡ୍ ଷ୍ଟଲ ରହିଛି। ସେଠାରେ ଏବେ ଚାଇନିଜ ଗରାଖମାନେ ଖାଦ୍ୟ ସାମଗ୍ରୀ କିଣିବା ପାଇଁ ଭିଡ଼ ଜମାଇଥିବା ଲକ୍ଷ୍ୟ କରାଯାଇଛି। ଯେଉଁମାନେ ଚାଇନାରେ ଅଛନ୍ତି, ସେମାନେ ଫୁଡ୍‌ଷ୍ଟଲର କ୍ୟୁଆର୍ ପେମେଣ୍ଟ କୋଡ୍ ଜରିଆରେ ଅର୍ଥ ପଠାଉଛନ୍ତି। ଅନ୍‌ଲାଇନରେ ଏହାର ବ୍ୟାପକ ଶେୟାର କରାଯାଇଛି। ଚାଇନାରେ ଫୁଟ୍‌ବଲ ହେଉଛି ସବୁଠାରୁ ଲୋକପ୍ରିୟ ଖେଳ। ଏହି ଖେଳର ଉନ୍ନତି ପାଇଁ ସରକାର ପ୍ରଚୁର ଅର୍ଥ ବ୍ୟୟ କରୁଥିଲେ ମଧ୍ୟ ସେଥିରୁ ସୁଫଳ ମିଳିପାରୁ ନାହିଁ। ଚାଇନା ପୁରୁଷ ଦଳ ୨୦ ବର୍ଷ ପୂର୍ବେ ୨୦୦୨ରେ ଥରେମାତ୍ର ବିଶ୍ୱକପ୍ ଖେଳିବାର ସୁଯୋଗ ପାଇଥିଲା। କିଛି ସମର୍ଥକ ସୋସିଆଲ ମିଡିଆରେ ହସନଙ୍କୁ ଚାଇନିଜ ଦଳର ଶ୍ରେଷ୍ଠ ଦ୍ୱାଦଶ ଖେଳାଳି ଭାବେ ଚିତ୍ରଣ କରିଛନ୍ତି। ଅନ୍ୟ କେତେକ କହିଛନ୍ତି ହସନଙ୍କ ଆକାଉଣ୍ଟକୁ ଯେତେ ପରିମାଣରେ ଅର୍ଥ ଯାଉଛି ସେ ଟିକସଗତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟ କେତେକ କହିଛନ୍ତି ଚାଇନିଜ ଦଳ ଏହାର ଖେଳାଳିଙ୍କ ପରିବର୍ତ୍ତେ ଅନ୍ୟ ସହାୟତାରେ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବା ଏକ ଦୁଃଖ ଓ ଲଜ୍ଜାଜନକ ବିଷୟ। ଡିଆଙ୍ଗପିଙ୍ଗ ନାମକ ଏକ ଚାଇନିଜ ରେସ୍ତୋରାଁ ରିଭ୍ୟୁ ଆପ୍ ସିଙ୍ଗାପୋରିଆନ୍ ସ୍ନାକ୍ସ ଆଣ୍ଡ ଫୁଡ୍ ସେକ୍ସନ ଉପରେ ଏହାର ରିପୋର୍ଟ ପ୍ରକାଶ କରି ସିଙ୍ଗାପୁର ଗୋଲକିପରଙ୍କ ଡାପୁର ଫୁଡ୍‌ଷ୍ଟଲକୁ ନମ୍ବର ୱାନ ମାନ୍ୟତା ପ୍ରଦାନ କରିଛି। ଏହି ରେସ୍ତୋରାଁ ଦ୍ୱାରା ପ୍ରସ୍ତୁତ 'ନାସି ଲେମକ' ନାମକ ଏକ ଅନ୍ନ ବ୍ୟଞ୍ଜନର ଖୁବ୍ ଚାହିଦା ରହିଛି। ଚାଇନାରେ ରହିଥିବା ସମର୍ଥକମାନେ ହସନଙ୍କ ନିକଟକୁ ଅନ୍‌ଲାଇନ ଜରିଆରେ ୧ରୁ ୧୦ ସିଙ୍ଗାପୁର ଡଲାର (ପ୍ରାୟ ୭୫ ସେଣ୍ଟରୁ ୮ ଆମେରିକୀୟ ଡଲାର) କିମ୍ବା ଏହାଠାରୁ ଅଧିକ ଅର୍ଥ ରାଶି ଗୋଟିଏ ଲେଖାଏ ବାର୍ତ୍ତା ସହ ପଠାଉଛନ୍ତି। ସେଥିରେ ହସନଙ୍କର ପ୍ରଶଂସା କରାଯିବା ସହ 'ଜଣେ ଫୁଟ୍‌ବଲପ୍ରେମୀଙ୍କଠାରୁ' ଅବା 'ଲଭ୍ ଫର୍ମ ଚାଇନା' ଭଳି ବାର୍ତ୍ତା ରହୁଛି।

# ପ୍ରଣୟଙ୍କ ପରାଜୟ ପରେ ଭାରତର ଅଭିଯାନ ଶେଷ

**ସିଡ୍‌ନୀ, ୧୪।୬ (ପି.ଟି.):** ଭାରତର ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ସିଙ୍ଗଲ୍ସ ଖେଳାଳି ଏଚ୍.ଏସ୍. ପ୍ରଣୟଙ୍କ ପରାଜୟ ପରେ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ସୁପର ୫୦୦ ଇଭେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଛି। ଦେଶର କୌଣସି ଖେଳାଳି କ୍ୱାର୍ଟରଫାଇନାଲ ଅତିକ୍ରମ କରିପାରିନାହାନ୍ତି। ପ୍ରଣୟ ତାଙ୍କଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଜାପାନର କୋଡାଇ ନାରାଓକାଙ୍କଠାରୁ ୧୯-୨୧, ୧୩-୨୧ରେ ହାରିଯାଇଛନ୍ତି। ପ୍ରଣୟଙ୍କ ବ୍ୟତୀତ ପୁରୁଷ ସିଙ୍ଗଲ୍ସରେ ସମୀର ବର୍ମା, ମିକ୍ସଡ ଡବଲ୍ସ ଯୋଡ଼ି ସିକ୍କି ରେଡ୍ଡୀ ଓ ବି. ସୁମିତ ରେଡ୍ଡୀ ଏବଂ ମହିଳା ସିଙ୍ଗଲ୍ସରେ ଆକର୍ଷୀ କାଶ୍ୟପ ପ୍ରମୁଖ ସେମାନଙ୍କ ମ୍ୟାଚ ହାରିଯାଇଛନ୍ତି।




କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ଜାତୀୟ ଫେନ୍‌ସିଂ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ପ୍ରତିଯୋଗୀମାନେ। (ଫଟୋ: ରାଜକିଶୋର ମହାନ୍ତି)

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁନ୍ ୧୫/୨୦୨୪ Bhubaneswar, Saturday, June 15/ 2024

# ଆୟୂଷ ପଟ୍ଟନାୟକଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର, ୧୪।୬ (ତପନ ସ୍ୱାଇଁ)

ପୁରୀ କ୍ଲବ ଟେନିସ କମ୍ପ୍ଲେକ୍ସରେ ୧୪ ବର୍ଷରୁ କମ୍ ଏଆଇଟିଏ-ପିଡିଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୍୭) ଶୁକ୍ରବାର ଶେଷ ହୋଇଛି। ଏଥିରେ ଓଡ଼ିଶାର ଆୟୂଷ ପଟ୍ଟନାୟକ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଜିତି ଦ୍ୱିମୁକୁଟ ହାସଲ କରିଛନ୍ତି। ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ତେଲେଙ୍ଗାନା ଆଦି ୫ ରାଜ୍ୟରୁ ୩୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୪ ବର୍ଷରୁ କମ୍ ବାଳକ ବର୍ଗ ସର୍ବଭାରତୀୟ ର୍ୟାଙ୍କ୍‌ରେ ୮୩ତମ ସ୍ଥାନରେ ଥିବା ଆୟୂଷ

**ଏଆଇଟିଏ-ପିଡିଟିଏ ଚାମ୍ପିୟନଶିପ୍ ସିରିଜ**

ପ୍ରତିଯୋଗିତାର ସିଙ୍ଗଲ୍ସ ଫାଇନାଲରେ ନିଜ ରାଜ୍ୟର ଶ୍ରେୟାନ ପଟ୍ଟନାୟକଙ୍କୁ ୬-୦, ୪-୬, ୬-୩ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଥିଲେ। ଉଭୟ ଖେଳାଳି ଏସ୍‌ବେସ୍ ଟେନିସ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ଡବଲ୍ସ ଫାଇନାଲରେ ଆୟୂଷ ଓ ତାଙ୍କ ପାର୍ଟନର ଜଗତ ଜ୍ୟୋତି ପତି ମହାରାଷ୍ଟ୍ରର ଭୀର ଚତୁର ଓ ଓଡ଼ିଶାର ସୂୟାଶ ପଟ୍ଟନାୟକଙ୍କୁ ୬-୨, ୬-୦ରେ ହରାଇ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶା ଟେନିସ ଆସୋସିଏଶନ ସହଯୋଗରେ ପୁରୀ ଜିଲା ଟେନିସ ଆସୋସିଏଶନ (ପିଡିଟିଏ) ପ୍ରତିଯୋଗିତାର ଆୟୋଜକ ରହିଥିଲା। ଉଦ୍‌ଯାପନୀ ଉତ୍ସବରେ ପିଡିଟିଏ ସମ୍ପାଦକ ସୁନୀଲ ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାର ବିଜେତା ଓ ରନରଅପ୍ ଯଥାକ୍ରମେ ୨୫ ଓ ୨୦ ଏଆଇଟିଏ ର୍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି।



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ।

# ୧୯ ବର୍ଷରୁ କମ୍ କ୍ରିକେଟ

## ଯାଜପୁର, ବଲାଙ୍ଗୀର, ଗଜପତି ବିଜୟୀ

ଭୁବନେଶ୍ୱର, ୧୪।୬ (ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ୩ଟି ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ଆନ୍ତଃଜିଲା ଦିନିକିଆ କ୍ରିକେଟ ମ୍ୟାଚରେ ଯାଜପୁର, ବଲାଙ୍ଗୀର, ଗଜପତି ବିଜୟୀ ହୋଇଛି। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଯାଜପୁର ୭ ଉଇକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। କଳାହାଣ୍ଡି ୧୩୬ ରନରେ ଅଲ୍‌ଆଉଟ ହୋଇଥିବାବେଳେ ଯାଜପୁର ୨୧.୧ ଓଭରରେ ୩ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରି ନେଇଥିଲା। ସୁଶାନ୍ତ ନାୟକ ୭୩ ରନକରି ଅପରାଜିତ ରହିଥିଲେ। ନିମପୁର ପଡ଼ିଆରେ ବଲାଙ୍ଗୀର ୬୩ ରନରେ ମାଲକାନଗିରିକୁ ହରାଇ ଦେଇଛି। ସମର୍ପିତ ପଟେଲଙ୍କ ୮୧ ଓ ସକ୍ଷମ ଅଗ୍ରୱାଲଙ୍କ ୬୩ ରନ ସହାୟତାରେ ବଲାଙ୍ଗୀର ନିର୍ଦ୍ଧାରିତ ୩୬ ଓଭରରେ ୪ ଉଇକେଟ ହରାଇ ୧୮୭ ରନ କରିଥିଲା। ମାଲଗାନଗିରି ୧୨୪ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଯୋଗେଶ୍ୱର ବାଗ୍ ୪ଟି ଉଇକେଟ ନେଇଥିଲେ। ବିଡ଼ାନାସୀ ଗ୍ରାଉଣ୍ଡରେ ଗତପତି ୮ ଉଇକେଟରେ ଗଞ୍ଜାମକୁ ପରାସ୍ତ କରିଛି। ଗଞ୍ଜାମ ମାତ୍ର ୬୨ ରନରେ ସମସ୍ତ ଉଇକେଟ ହରାଇଥିଲା। ବିପକ୍ଷ ଦଳର ସୋହନ ଜେନା ୬ ଉଇକେଟ ଅକ୍ତିଆର କରିଥିଲେ। ଗଜପତି ୧୧.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ୬୩ ରନ ସଂଗ୍ରହ କରି ନେଇଥିଲା।

# ପୁଣି ହେବ ହକି ଇଣ୍ଡିଆ ଲିଗ୍

ନୂଆଦିଲ୍ଲୀ, ୧୪।୬(ପି.ଟି.)

ଦୀର୍ଘ ୮ ବର୍ଷ ପରେ ଆୟୋଜିତ ହେବାକୁ ଯାଉଛି ହକି ଇଣ୍ଡିଆ ଲିଗ୍(ଏଚ୍‌ଆଇଏଲ୍)। ଏଥିରେ ୮ ପୁରୁଷ ଓ ୬ ମହିଳା ଦଳ ଅଂଶଗ୍ରହଣ କରିବେ। ପଞ୍ଜୀକରଣ ପାଇଁ ଅନ୍ତିମ ଦିବସ ଜୁନ୍ ୩୦ ରଖାଯାଇଛି। ଲିଗ୍‌ରେ ଭାଗ ନେବାକୁ ଆଗ୍ରହୀ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କଠାରୁ ହକି ଇଣ୍ଡିଆ ଦରଖାସ୍ତ ଆହ୍ୱାନ କରିଛି। ଏଚ୍‌ଆଇଏଲ୍ ଡିସେମ୍ବର ୨୦୨୪ ଓ ୨୦୨୫ ଫେବୃଆରୀ ମଧ୍ୟରେ ହେବ। ଲିଗ୍ ଯେଉଁ ସମୟରେ ହେବ ତାହା ଇଣ୍ଟରନ୍ୟାଶନାଲ ହକି ମହାସଂଘ (ଏଫ୍‌ଆଇଏଚ୍) ଦ୍ୱାରା ଅନୁମୋଦନ ଲାଭ କରିଛି। ଏହି ପରିପ୍ରେକ୍ଷୀରେ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି ଯେ, ଏଚଆଇଏଲ୍ ବିଶ୍ୱବ୍ୟାପୀ ହକି ଖେଳାଳି ଓ ସମର୍ଥକମାନଙ୍କ ଦ୍ୱାରା ବେଶ୍ ଆଦୃତ ଲାଭ କରିପାରିଥିଲା। ଆମେ ଏଚ୍‌ଆଇଏଲ୍‌ର ପୁନଃ ଆରମ୍ଭ କରିବାକୁ ଯାଉଛି ବୋଲି ନିଆଯାଇଥିବା ପଦକ୍ଷେପରୁ ସୂଚିତ ହେଉଛି। ଭାରତର ଉଦୀୟମାନ ଖେଳାଳିମାନେ ଏହି ଲିଗ୍‌ରେ ଅଂଶଗ୍ରହଣ କରିବା ଦ୍ୱାରା ସେମାନେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନଙ୍କ ସହ ଖେଳିବାର ସୁଯୋଗ ପାଇବେ। ଏଚ୍‌ଆଇଏଲ୍ ପ୍ରଥମେ ୨୦୧୩ରେ ଆରମ୍ଭ ହୋଇଥିଲା। ଶେଷଥର ପାଇଁ ଏହା ୨୦୧୭ରେ ଖେଳାଯାଇଥିଲା। ଏଥିରେ କଳିଙ୍ଗ ଲାନ୍‌ସର୍ସ ଟାଇଟଲ ବିଜୟୀ ହୋଇଥିଲା। ସମସ୍ତ ୫ଟି ସଂସ୍କରଣରେ ଭିନ୍ନ ଭିନ୍ନ ଦଳ ଚାମ୍ପିୟନ ହୋଇଛନ୍ତି। ରାଞ୍ଚି ଦୁଇଥର ଟାଇଟଲ ଜିତିଥିଲା। ରାଞ୍ଚି ରାଇନୋଜ ଉଦ୍‌ଘାଟନୀ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ଏହାପରେ ଦଳ ଅଂଶଗ୍ରହଣରୁ ବିରତ ରହିଥିଲା। ପରେ ଏକ ନୂଆ ରାଞ୍ଚି ଫ୍ରାଞ୍ଚାଇଜ୍ ଗଠିତ ହୋଇଥିଲା। ଏହାର ନାମ ରଖାଯାଇଥିଲା ରାଞ୍ଚି ରେଜ୍। କିମ୍ବଦନ୍ତୀ କ୍ରିକେଟର ମହେନ୍ଦ୍ର ସିଂ ଧୋନୀ ଏହାର ମାଲିକ ରହିଥିଲେ। ଏହି ଦଳ ୨୦୧୫ରେ ଏହାର ପଦାର୍ପଣ ବର୍ଷରେ ଟାଇଟଲ ବିଜୟୀ ହୋଇପାରିଥିଲା।

# ଟି୨୦ ବିଶ୍ୱକପ୍‌ରୁ ପାକିସ୍ତାନ ବିଦା

ଲୌଡରହିଲ୍, ୧୪।୬

**ଆମେରିକାକୁ ସୁପର-୮ ଯୋଗ୍ୟତା**

ପୂର୍ବତନ ଚାମ୍ପିୟନ ପାକିସ୍ତାନର ଟି୨୦ କ୍ରିକେଟ ବିଶ୍ୱକପ ଅଭିଯାନ ଏଥର ଗ୍ରୁପ୍ ପର୍ଯ୍ୟାୟରୁ ଶେଷ ହୋଇଛି। ଶୁକ୍ରବାର ଆମେରିକା-ଆୟର୍ଲାଣ୍ଡ ମ୍ୟାଚ ବର୍ଷା ଯୋଗୁ ବାତିଲ ହେବାରୁ ପାକିସ୍ତାନର ବିଦା ହେବା ସ୍ପଷ୍ଟ ହୋଇଯାଇଛି। ଗ୍ରାଉଣ୍ଡସ୍ମ୍ୟାନମାନେ ଯଥାସାଧ୍ୟ ଉଦ୍ୟମ କରିଥିଲେ ହେଁ ଖେଳ ଆରମ୍ଭ ସମ୍ଭବ ହୋଇ ନ ଥିଲା। ଅମ୍ପାୟରମାନେ ଏକାଧିକଥର ଇନ୍‌ସ୍ପେକଶନ କରିବାପରେ ମ୍ୟାଚକୁ ବାତିଲ ଘୋଷଣା କରାଯାଇଥିଲା। ଫଳରେ ପ୍ରଥମ ପଦାର୍ପଣରେ ଆମେରିକା ସୁପର-୮ରେ ପ୍ରବେଶ କରିଛି। ଆମେରିକା ୪ ମ୍ୟାଚରୁ ୨ ବିଜୟ, ୧ ପରାଜୟ ଓ ୧ ବାତିଲ ଯୋଗୁ ୫ ପଏଣ୍ଟ ପାଇଛି। ଫଳରେ ଗ୍ରୁପ୍ 'ଏ'ରୁ ଏହି ଦଳ ଭାରତ ପଛକୁ ଦ୍ୱିତୀୟ ଦଳଭାବେ ସୁପର-୮ ଯୋଗ୍ୟତା ପାଇଛି। ଅନ୍ୟପକ୍ଷରେ ପାକିସ୍ତାନ ଏପର୍ଯ୍ୟନ୍ତ ଖେଳିଥିବା ୩ ମ୍ୟାଚରୁ ମାତ୍ର ଗୋଟିଏରେ ବିଜୟୀ ହୋଇଥିବାବେଳେ ୨ଟିରେ ପରାଜିତ ହୋଇଛି। ଫଳରେ ଏହି ଦଳକୁ ୨ ପଏଣ୍ଟ ମିଳିଛି। ଆଉ ଗୋଟିଏ ମ୍ୟାଚ ଖେଳିବାକୁ ଥିଲେ ହେଁ ବିଜୟୀ ହେଲେସୁଦ୍ଧା ଦଳର ପଏଣ୍ଟ ସଂଖ୍ୟା ୪ରେ ସୀମିତ ରହିବ। ଏହା ପାକିସ୍ତାନକୁ ଆଗକୁ ଯିବାପାଇଁ କୌଣସି ପ୍ରକାରେ ସହାୟକ ହୋଇ ପାରିବ ନାହିଁ। ଭାରତ ଏବଂ ଆମେରିକା ନିକଟରୁ ପରାଜୟ ଦଳପାଇଁ ମହଙ୍ଗା ପଡ଼ିଛି। ଫଳରେ ୨୦୦୯ରେ ଚାମ୍ପିୟନ ପାକିସ୍ତାନକୁ ଏଥର ନୈରାଶ୍ୟଜନକ ଫଳ ସହ ସ୍ୱଦେଶ ଫେରିବାକୁ ପଡ଼ିବ। ଆମେରିକା ସୁପର-୮ରେ ୧୯ ତାରିଖରେ ଦକ୍ଷିଣ ଆଫ୍ରିକା ଏବଂ ୨୨ରେ ୱେଷ୍ଟଇଣ୍ଡିଜକୁ ଭେଟିବା କାର୍ଯ୍ୟସୂଚୀ ରହିଛି।

# ବଶିଷ୍ଟଙ୍କ 'ଲାଷ୍ଟ ପେନାଲ୍ଟି କିକ୍'

ଭୁବନେଶ୍ୱର, ୧୪।୬ (ବିଜୟ ରଣା)

କେରଳ କାଲିକଟ ମାଲାବାର ଖ୍ରିଷ୍ଟିଆନ କଲେଜର ପୂର୍ବତନ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ବଶିଷ୍ଟ ୟୁରୋ କପ୍ ଏବଂ କୋପା ଆମେରିକା ୨୦୨୪କୁ ସ୍ୱାଗତ ଜଣାଇବାକୁ ଯାଇ ଏକ ପୁସ୍ତକ ରଚନା କରିଛନ୍ତି, ଯାହାର ଶୀର୍ଷକ ସେ ରଖିଛନ୍ତି 'ଲାଷ୍ଟ ପେନାଲ୍‌ଟି କିକ୍'। ଏଥିରେ ତାଙ୍କର ୧୮ଟି କବିତା ସ୍ଥାନ ପାଇଛି। ଫିଫା ମାଗାଜିନ୍‌ରେ ଚାରୋଟି ଭାଷା ଯଥା ଇଂଲିଶ, ଫ୍ରେଞ୍ଚ, ଜର୍ମାନ ଓ ପର୍ତ୍ତୁଗିଜ୍ ଭାଷାରେ ଫୁଟ୍‌ବଲ ଉପରେ ତାଙ୍କର ଯେଉଁ ପଦ୍ୟଟି ପ୍ରକାଶିତ ହୋଇଥିଲା, ପ୍ରଫେସର ବଶିଷ୍ଟ ତାହାକୁ ମଧ୍ୟ ଏହି ପୁସ୍ତକରେ ମଧ୍ୟ ସ୍ଥାନିତ କରିଛନ୍ତି। ଏଥିରେ ଫୁଟ୍‌ବଲ କିମ୍ବଦନ୍ତୀ ପେଲେ, ମାରାଡୋନା, ଭୁଟିଆ, ଆଇ.ଏମ୍ ବିଜୟନ ପ୍ରମୁଖଙ୍କ ଉପରେ କବିତାମାନ ରହିଛି। କୌତୂହଳର କଥା ଏହି ପୁସ୍ତକଟିରେ କୋଲକାତା ଫୁଟ୍‌ବଲ ଉପରେ ଏକ ପଦ୍ୟ ରହିଛି। ବିଶ୍ୱର ସବୁଠାରୁ ସୁନ୍ଦର ଖେଳ ଫୁଟ୍‌ବଲ ପ୍ରତି ବଶିଷ୍ଟ ତାଙ୍କ ପୁସ୍ତକ 'ଲାଷ୍ଟ ପେନାଲ୍ଟି କିକ୍'କୁ ଉତ୍ସର୍ଗ କରିଛନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ